# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

VOLUME- 43 • ISSUE-352 • SATURDAY • 20 JUNE 2026 • PAGE-12 • ₹ 7.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୩୫୨ • ଶନିବାର • ୨୦ ଜୁନ୍ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦




ଅଡୁଆରେ 'ବାରାଣସୀ'

ପୃଷ୍ଠା ୧୧ ଦେଖନ୍ତୁ...


15001/76/2627



ବିକାଶର ଧାରା
ଓଡ଼ିଶା ସାରା



# ₹୪୭,୬୦୦ କୋଟିର
## ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଲୋକାର୍ପଣ ତଥା ଭିତ୍ତିପ୍ରସ୍ତର ସ୍ଥାପନ

**ମୁଖ୍ୟ ଅତିଥି**

**ଶ୍ରୀମତୀ ଦ୍ରୌପଦୀ ମୁର୍ମୁ**
ମାନ୍ୟବର ରାଷ୍ଟ୍ରପତି

**ଗରିମାମୟ ଉପସ୍ଥିତି**

**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଡ. ହରି ବାବୁ କମ୍ଭମପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକାଗଣ

### ଲୋକାର୍ପଣ

₹୮୧୧ କୋଟିର ରାସ୍ତା ଓ ସେତୁ

₹୫୩୦ କୋଟିର
ସୁଦୃଢ଼ ପରିବହନ ଓ ଗମନାଗମନ ବ୍ୟବସ୍ଥା

ସୁରକ୍ଷିତ ସଡ଼କ, ସ୍ମାର୍ଟ ପରିବହନ ଓ
ଉନ୍ନତ ଜନସେବା ଦିଗରେ ଆଉ ଏକ ପଦକ୍ଷେପ

**ଅନ୍ୟାନ୍ୟ ପ୍ରକଳ୍ପ ₹୩,୨୧୮ କୋଟି**

### ଭିତ୍ତିପ୍ରସ୍ତର ସ୍ଥାପନ

₹୨୫ ହଜାର କୋଟିର 'ବିସିଜିସିଏଲ୍ କୋଲ୍ ଗ୍ୟାସିଫିକେସନ ପ୍ରକଳ୍ପ'

₹୧୭,୧୧୭ କୋଟିର
ଉନ୍ନତ ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମି

ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ବୃଦ୍ଧି
ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିର ହେବ ବିକାଶ

**ଅନ୍ୟାନ୍ୟ ପ୍ରକଳ୍ପ ₹୯୨୭ କୋଟି**

### ରେଳ ପ୍ରକଳ୍ପ ଲୋକାର୍ପଣ

- ହିନ୍ଦୋଳ - ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ
- ଯଖପୁରା- ଯାଜପୁର କେନ୍ଦୁଝର ରୋଡ୍ - ବୈତରଣୀ ରୋଡ୍ ମଲ୍ଟି-ଟ୍ରାକିଂ ପ୍ରକଳ୍ପ

ରାଜ୍ୟର ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବା ସହିତ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ

**୨୦ ଜୁନ୍ ୨୦୨୬ | ମଧ୍ୟାହ୍ନ ୧୨:୧୫ | ରାଇରଙ୍ଗପୁର, ମୟୂରଭଞ୍ଜ**

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/15001/2/26-27/0076

ସକାଳ THE SAKALA



# କୁକୁଡ଼ା ଫାର୍ମର ସମସ୍ତ ଜମି ଡିଏଚ୍‌ଏଚ୍‌କୁ ହସ୍ତାନ୍ତର ଦାବି

## ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଅନୁଗୋଳ, ୧୯ ।୬(ସମିସ)



ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ନିକଟରେ ଥିବା କୁକୁଡ଼ା ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ସମସ୍ତ ଜମିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର ପାଇଁ ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି । ଡିଏଚ୍‌ଏଚ୍ ନିକଟରେ କୁକୁଡ଼ା ଫାର୍ମ ଥିବାରୁ ବାର୍ଡ ଫ୍ଲୁ, ସ୍ୱାଇନ୍ ଫ୍ଲୁ ଭଳି ସଂକ୍ରାମକ ରୋଗ ସମୟରେ ଜନସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କା ଥିବାରୁ ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ବାରମ୍ବାର ଦାବି, ଆନ୍ଦୋଳନ ଫଳରେ ଜିଲ୍ଲା ପ୍ରଶାସନ ଓ କମିଟି ସହ ବୈଠକ ହୋଇ ୨୦୧୮ ଓ ୨୦୧୯ରେ ଏହି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶନାମା ସତ୍ତ୍ୱେ ଏପର୍ଯ୍ୟନ୍ତ ଫାର୍ମର ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରାଯାଇନାହିଁ । ବର୍ତ୍ତମାନ ଜିଲ୍ଲା ପ୍ରଶାସନ ପକ୍ଷରୁ ଫାର୍ମ ନିକଟରେ ଥିବା ସରକାରୀ ଜାଗା ଜବରଦଖଲମୁକ୍ତ ପଦକ୍ଷେପକୁ ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ସ୍ୱାଗତ କରାଯାଇଛି । ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଛି ଏବଂ ତା' ସହ ଜନସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ବୃଦ୍ଧି ପାଉଛି । ଏଥିପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରି ମେଡିକାଲ କଲେଜରେ ପରିଣତ କରିବା ପାଇଁ ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଦାବି ହୋଇଆସୁଅଛି ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟକ୍ଷମ ହେବାକୁଥିବା ଆଇସିୟୁ ବର୍ଣ୍ଣ ୟୁନିଟ୍, କ୍ୟାନସର ଚିକିତ୍ସା କେନ୍ଦ୍ର, ନର୍ସିଂ କଲେଜ ପାଇଁ ଆହୁରି ଜାଗା ଆବଶ୍ୟକ ରହିଛି । ଏଥିପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ପୂର୍ବ ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା କୁକୁଡ଼ା ଫାର୍ମର ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର ପାଇଁ ଶୁକ୍ରବାର ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଏ ଦିଗରେ ପଦକ୍ଷେପ ନେବାକୁ ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । କୁକୁଡ଼ା ଫାର୍ମର ସମସ୍ତ ଜାଗା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର ନ କରି ଅନ୍ୟ କୌଣସି ସଂସ୍ଥାକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ହସ୍ତାନ୍ତର କରାଗଲେ ଜିଲ୍ଲାର ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଜନସାଧାରଣଙ୍କୁ ନେଇ ଆନ୍ଦୋଳନ କରାଯିବ ବୋଲି ପ୍ରତିନିଧି ମଣ୍ଡଳୀରେ ସାମିଲ ଥିବା କମିଟି ଆବାହକ ଅଭିମନ୍ୟୁ ସ୍ୱାଇଁ, ନିରୋଦ ପାଳ, ପଠାଣୀ ବାରିହା, ତୀର୍ଥବାସୀ ଭୋଇ, ମାନସ ପାଳ, ରବୀନ୍ଦ୍ର ବେହେରା, ଦାମୋଦର ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ସାଂଘାତିକ ! ଛେଳି ଓ କୁକୁଡ଼ା ପୋଖରୀକୁ ଛାଡୁଛନ୍ତି କଂସେଇ



ଅନୁଗୋଳ, ୧୯ ।୬(ସମିସ): ଅନୁଗୋଳ ମିଶ୍ରପଡ଼ା ଛକରୁ ହାଟଛକ ରାସ୍ତାର ବାମ ପାର୍ଶ୍ୱରେ ଜଣେ କଂସେଇ ଖୁଲମଖୁଲା ଛେଳି କାଟୁଥିବା ଅଭିଯୋଗ ହେଉଛି । ସେ ରାସ୍ତା କଡ଼ରେ ମାଂସ କାଟିବା ସହ ରକ୍ତ ଓ ଆବର୍ଜନାକୁ ନିକଟସ୍ଥ ପୋଖରୀରେ ଛାଡ଼ି ଦେଉଛନ୍ତି । ଏହାଦ୍ୱାରା ପୋଖରୀର ଜଳ ଅପରିଷ୍କାର ତଥା ବ୍ୟବହାର ଅନୁପଯୋଗୀ ହେଉଛି । ପୌରପାଳିକା ଆଇନ ସେକ୍ସନ ୩୧୪ ଏବଂ ୨୫୨କୁ ଅମାନ୍ୟ କରି ସର୍ବସାଧାରଣ ସ୍ଥାନରେ ଏଭଳି ମାଂସ କାଟିବା ଦ୍ୱାରା ରାସ୍ତାରେ ଯାଉଥିବା ସ୍କୁଲ ପିଲାଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡୁଛି । ସେହିଭଳି ସେଠାରେ ଥିବା ପାଣିପମ୍ପ ହାଉସକୁ ମାସିକ୧୦ ହଜାର ଟଙ୍କା ଭଡ଼ାରେ ଜଣେ କୁକୁଡ଼ା ଦୋକାନୀଙ୍କୁ ଦିଆଯାଇଥିବା ଅଭିଯୋଗ ହେଉଛି । କୁକୁଡ଼ା ଦୋକାନୀ ମଧ୍ୟ ଖୁଲମଖୁଲା କୁକୁଡ଼ା କାଟି ବେପାର କରୁଛନ୍ତି । ଅନୁଗୋଳ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ସ୍ୱାବଲମ୍ବୀ ଯୁବ-ସମୃଦ୍ଧ ଓଡ଼ିଶା କାର୍ଯ୍ୟକ୍ରମ




କଣିହାଁ, ୧୯ ।୬(ସମିସ): କଣିହାଁ ବ୍ଲକ ପବିତ୍ର ମୋହନ ସଭାଗୃହରେ ଶୁକ୍ରବାର ପୂର୍ବାହ୍ନରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତଥା କଣିହାଁ ବ୍ଲକ ପ୍ରଶାସନ ମିଳିତ ଆନୁକୂଲ୍ୟରେ 'ସ୍ୱାବଲମ୍ବୀ ଯୁବ-ସମୃଦ୍ଧ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା ପୌରୋହିତ୍ୟ କରିଥିଲେ । ଯୁବବର୍ଗ, ଉଦ୍ୟୋଗୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ଉଦ୍ୟମିତା ଓ ସ୍ୱାବଲମ୍ବନର ବିଭିନ୍ନ ସୁଯୋଗ ସମ୍ପର୍କରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଅବସରରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ଶିଳ୍ପ ଅଧିକାରୀ ଗଦାଧର ମିଶ୍ର ଓ ସତ୍ୟନାରାୟଣ ମହାକୁଡ଼ ତଥା ଖଦି ଓ ଗ୍ରାମୋଦ୍ୟୋଗ ବିଭାଗ ଜୋନାଲ ଉନ୍ନୟନ ଅଧିକାରୀ ରମେଶ ଚନ୍ଦ୍ର ମହାରଣା ଯୋଗଦେଇ ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଉନ୍ନତି ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱରୋଜଗାର ଯୋଜନା ସମେତ ବିଭିନ୍ନ ଶିଳ୍ପନୀତି, ସରକାରୀ ସହାୟତା ଓ ଆର୍ଥିକ ପ୍ରୋତ୍ସାହନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସଫଳ ଉଦ୍ୟୋଗୀ ନିରଞ୍ଜନ ବିଶ୍ୱାଳଙ୍କୁ ବିଡିଓ ସମ୍ମାନିତ କରିଥିଲେ । ଏବିଡିଓ ସୁତୀକ୍ଷ୍ଣା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତିରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ଅନୁଗୋଳ, ୧୯ ।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା, ଓଡ଼ିଶା ସାରା' ସ୍ଲୋଗାନ ସହ ଅନୁଗୋଳରେ ଜିଲ୍ଲାସ୍ତରୀୟ ଉତ୍ସବ ପାଳିତ ହୋଇଛି । ଏହି ଅବସରରେ ସ୍ଥାନୀୟ ସଭାଗୃହରେ ଏକ ବୈଠକ ହୋଇଥିଲା । ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନକାଳରେ ଗରିବଙ୍କ କଲ୍ୟାଣକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି ବୋଲି କହିଥିଲେ । ଏଥିସହ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ଓଡ଼ିଶାର ବିକାଶଧାରା ଏବଂ ଭବିଷ୍ୟତର ରୋଡମ୍ୟାପ୍ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ବିଷୟରେ କହିଥିଲେ । ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ଅନୁଗୋଳ ଜିଲ୍ଲା ତଥା ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ଦୁଇବର୍ଷରେ ହୋଇଥିବା ବିକାଶ ସମ୍ପର୍କରେ କହିଥିଲେ । ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଖଣି, କୃଷି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ବିଷୟରେ କହିଥିଲେ ।



ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ତିନିଦିନିଆ ପ୍ରଦର୍ଶନୀ ଶୁଭାରମ୍ଭ ହୋଇଛି । ୮ଟି ଷ୍ଟଲ୍ ଲଗାଯାଇଛି । ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତର କହିଲେ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହାୟତାରେ ଗତ ଦୁଇବର୍ଷରେ ବହୁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ଯାହାଦ୍ୱାରା ଜିଲ୍ଲାର ଜନସାଧାରଣ ବିଶେଷ ଉପକୃତ ହୋଇପାରିଛନ୍ତି । ଏହି ଅବସରରେ ବିଭିନ୍ନ ବିଭାଗ ତରଫରୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ସ୍ମାର୍ଟ ଫୋନ୍, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ, ରାସନ କାର୍ଡ, ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ଭତ୍ତା, ନିଯୁକ୍ତିପତ୍ର, ନିର୍ମାଣ ଶ୍ରମିକ ମୃତ୍ୟୁ ସହାୟତା, ଟ୍ରାଇ ସାଇକେଲ ଆଦି ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ସ୍ୱତନ୍ତ୍ର ସମନ୍ୱୟ ବୋର୍ଡ ଅଧ୍ୟକ୍ଷ ବଶିଷ୍ଠ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ଆଶା, ଅଙ୍ଗନବାଡ଼ି କର୍ମୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ସମାବେଶ

କିଶୋରନଗର, ୧୯ ।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ଧାରା ଓଡ଼ିଶା ସାରା ବାର୍ତ୍ତା ଦେଇ କିଶୋରନଗର ବ୍ଲକ ପରିସରରେ ବିକାଶ ସମାବେଶ ଅନୁଷ୍ଠିତ ହୋଇଛି । ବିଡିଓ ଶୁଭକାନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ



ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ସରୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି କୁମୁଦ ଚନ୍ଦ୍ର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ଏବିଡିଓ ହିମାଂଶୁ ନାୟକ ଯୋଗଦେଇ ସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ମତବ୍ୟକ୍ତ କରିବା ସହ ଏହାର ଫାଇଦା ହିତାଧିକାରୀମାନେ ନେବାକୁ ଆହ୍ୱାନ ଦେଇଥିଲେ । ବ୍ଲକ ଜରିଆରେ ଯୋଗାଇ ଦିଆଯାଉଥିବା ଭତ୍ତା, ଆବାସ ଗୃହ, ଅନ୍ନପୂର୍ଣ୍ଣା ଯୋଜନା, ପାଇଖାନା, ରାସନ କାର୍ଡ, ଆୟୁଷ୍ମାନ କାର୍ଡର ଫାଇଦା ନେବାକୁ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ୧୦ଟି ମହିଳା ଗୋଷ୍ଠୀଙ୍କୁ ଗ୍ରୁପ ପିଛା୧୦ ଲକ୍ଷ ଟଙ୍କା ଋଣ, ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ ଫୋନ, ରଣିଆକଟା, ନାକଚି ଓ ନୁନକାପଶି ପଞ୍ଚାୟତକୁ ଆଇଏସଓ-୯୦୦ ସାର୍ଟିଫିକେଟ, ହିତାଧିକାରୀଙ୍କୁ ଆୟୁଷ୍ମାନ ଓ ବୟୋବନ୍ଦନା କାର୍ଡ, ଉଦ୍ୟାନ କୃଷି ବିଭାଗ ତରଫରୁ ୪ ଚାଷୀଙ୍କୁ ଆମ୍ବ ବଗିଚା, ଜିଆ ଖତ ଓ ପିଜୁଳି ଚାଷ ପାଇଁ କାର୍ଯ୍ୟାଦେଶ ପ୍ରଦାନ, ହିତାଧିକାରୀଙ୍କୁ ନୂଆ ଭତ୍ତା, ଶ୍ରମିକ କାର୍ଡ ଅନ୍ତ୍ୟୋଦୟ ଗୃହ ଓ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ, ୧୦ ଗ୍ରାମକୁ ଗୋଷ୍ଠୀଜଙ୍ଗଲ ଅଧିକାର ପ୍ରଦାନ କରାଯାଇଥିଲା । ବିଭିନ୍ନ ବିଭାଗ ତରଫରୁ ୧୦ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ଜିପିଡିଓ ସୁରେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ବ୍ରାହ୍ମଣୀ ନଦୀରେ ବୁଡ଼ି ବୃଦ୍ଧ ମୃତ

କଣିହାଁ, ୧୯ ।୬(ସମିସ): କଣିହାଁ ବ୍ଲକ ସମଲ ଥାନା ସମଲ ଟିପୋ ଗ୍ରାମ ବ୍ରାହ୍ମଣୀ ନଦୀରେ ବୁଡ଼ି ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସମଲ ଟିପୋ ଗ୍ରାମର ଛବି ବେହେରା (୬୫) । ଅପରାହ୍ନ ପ୍ରାୟ ୨ଟାରେ ଛବି ଗାଧୋଇବାକୁ ନଦୀକୁ ଯାଇଥିବା ବେଳେ ପାଣିରେ ବୁଡ଼ି ନିଖୋଜ ହୋଇଥିଲେ । ଖବର ପାଇ କଣିହାଁ ଅଗ୍ନିଶମ କେନ୍ଦ୍ରର ହାବିଲଦାର ସୁଜିତ ମିଶ୍ରଙ୍କ ନେତୃତ୍ୱରେ କର୍ମଚାରୀ ବାପୁଜୀ ବିଶ୍ୱାଳ, ଅନିଲ ତରେଇ, ବିପିନ ମାଝୀ ଓ ବିବି ସାହୁ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ । ଦୀର୍ଘ ସମୟର ପରେ ଅପରାହ୍ନ ପ୍ରାୟ ୪ଟାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ପୁଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇବା ସହ ତଦନ୍ତ ଆରମ୍ଭ କରିଥିବା ଆଇଆଇସି ମୃଣାଳ କଲୋ ସୂଚନା ଦେଇଛନ୍ତି ।

# ବାମୁରରେ ଶିବ ବିବାହ ଉତ୍ସବ



କିଶୋରନଗର, ୧୯ ।୬(ସମିସ): କିଶୋରନଗର ବ୍ଲକ ବାମୁର ଶିବମନ୍ଦିରରେ ପାଳିତ ହେଉଛି ଶୀତଳଷଷ୍ଠୀ ଯାତ୍ରା । ଏହି ଅବସରରେ ଶିବ-ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି । ଢୋଲବାଦ୍ୟର ତାଳେ ତାଳେ ମହାଦେବଙ୍କୁ ମନ୍ଦିରରୁ କରମଲକଟା ଗାଁକୁ ଶୋଭାଯାତ୍ରାରେ ଅଣାଯାଇ ବରପିତା ବିଜୟ ରଥଙ୍କ ଘରକୁ ନିଆଯାଇଥିଲା । ସେଠାରେ ଯଥାରୀତି ପୂଜାର୍ଚ୍ଚନା ହୋଇଥିଲା । ପରେ ବରଯାତ୍ରୀମାନେ ବିଜୟ ରଥଙ୍କ ସହ ଶୋଭାଯାତ୍ରାରେ ବାହାରି କନ୍ୟାପିତା ବଡ଼ରୋହିଲାର ରୋହିତ ପ୍ରଧାନଙ୍କ ଘରକୁ ଯାଇଥିଲେ । ସେଠାରୁ ବାମୁର ଶିବ ମନ୍ଦିରକୁ ଆସି ପାରମ୍ପରିକ ରୀତିରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

# ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିର ଆଚାର୍ଯ୍ୟ କର୍ମଶାଳା




ନାଲକୋ ନଗର, ୧୯ ।୬(ସମିସ): ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶା ମଧ୍ୟ ସମ୍ଭାଗଙ୍କ ତତ୍ତ୍ୱାବଧାନରେ ସାମୂହିକ ଆଚାର୍ଯ୍ୟ କର୍ମଶାଳା-୨୦୨୬ ନାଲକୋନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ତିନିଦିନ ଧରି ଅନୁଷ୍ଠିତ ହେଉଛି । ଉଦଘାଟନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତଥା ନାଲକୋ ସିଜିଏମ (ଓ ଆଣ୍ଡ ଏମ) ସ୍ମେଲ୍ଟର ଭରତ ଚରଣ ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଶ୍ୱଜିତ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ନାଲକୋ ଜିଏମ (ଏଚ ଆର, ସିପିପି) ପ୍ରସନ୍ନ କୁମାର ସାହୁ, ଶିକ୍ଷା ବିକାଶ ସମିତି ସଭାପତି ଡ. କିଶୋରଚନ୍ଦ୍ର ମହାନ୍ତି, ସମ୍ପାଦକ ଡ. ସରୋଜ କୁମାର ହାତୀ, ପୂର୍ବ କ୍ଷେତ୍ର ସହମନ୍ତ୍ରୀ ହେମନ୍ତ କୁମାର ପାଣିଗ୍ରାହୀ, ମଧ୍ୟ ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ, ବିଦ୍ୟାଳୟ ସମ୍ପାଦକ ଡା. ସୁଧାକର ପାଳ, ଶିକ୍ଷା ବିକାଶ ସମିତି ଓଡ଼ିଶା ପ୍ରାନ୍ତ ନିରୀକ୍ଷକ ଅଶ୍ୱିନୀ କୁମାର ନାୟକ, ପ୍ରାନ୍ତ ବିଦ୍ୟାମନ୍ଦିର ମାଧ୍ୟମିକ ଶିକ୍ଷା ସଂଯୋଜକ କୈଳାସ ଚନ୍ଦ୍ର ମିଶ୍ର, ଜିତେନ୍ଦ୍ର କୁମାର ପଣ୍ଡା, ବିରଞ୍ଚି ନାରାୟଣ ମହାପାତ୍ର, ବିଦ୍ୟାଳୟ ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ନାୟକ ଉପସ୍ଥିତି ଥିଲେ । କଲ୍ୟାଣୀ ମହାନ୍ତି, ସୁଶାନ୍ତ ତ୍ରିପାଠୀ, ଚନ୍ଦ୍ରଶେଖର ବେହେରା, ବ୍ରହ୍ମାନନ୍ଦ ସାହୁ, ସଞ୍ଜୁକ୍ତା ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିକ୍ଷକ ଅନିଲ କୁମାର ବିଶ୍ୱାଳ ପରିଚାଳନା କରିଥିଲେ । ଶିକ୍ଷକ ସୁରେନ୍ଦ୍ର କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧର୍ମପରାୟଣା ମହିଳାଙ୍କ ପରଲୋକ



ବଅଁରପାଳ, ୧୯ ।୬(ସମିସ): ବଅଁରପାଳ ବ୍ଲକ ବୁଢ଼ାପଙ୍କ ଗ୍ରାମର ସ୍ୱର୍ଗତ ପଞ୍ଚୁ ମାଝୀଙ୍କ ଝିଅ କୁନିରାଣୀ ଗଡ଼ନାୟକ (୫୫)ଙ୍କ ଦେହାନ୍ତ ଘଟିଛି । କୁନିରାଣୀ ଏନ୍ତୁଲିଆ ଗ୍ରାମର ବିପିନ ଗଡ଼ନାୟକ (୬୫)ଙ୍କୁ ବିବାହ କରିଥିଲେ । କିଛିଦିନ ହେବ ସେ ଅସୁସ୍ଥ ଥିଲେ । ତାଙ୍କୁ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା । ସେଠାରେ ତାଙ୍କ ଦେହାନ୍ତ ଘଟିଛି । ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

● କୃଷକ-ବୈଜ୍ଞାନିକ ସଂଳାପ କର୍ମଶାଳା

# 'ଖେତ ବଞ୍ଚାଅ ଅଭିଯାନ' ଉପରେ ଗୁରୁତ୍ୱ

କଣିହାଁ, ୧୯ ।୬(ସମିସ): କଣିହାଁ ବ୍ଲକ ପବିତ୍ର ମୋହନ ସଭାଗୃହରେ ବୁଧବାର କୃଷି ବିଭାଗ ପକ୍ଷରୁ କୃଷକ-ବୈଜ୍ଞାନିକ ସଂଳାପ କର୍ମଶାଳା ଆୟୋଜିତ ହୋଇଛି । କୃଷକମାନଙ୍କ ସହ କୃଷି ଓ ଆନୁଷଙ୍ଗିକ ବିଭାଗର ଅଧିକାରୀ ତଥା ବିଶେଷଜ୍ଞମାନଙ୍କ ସିଧାସଳଖ ସଂଳାପ ସହ କୃଷି କ୍ଷେତ୍ରର ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରାଯାଇଥିଲା । ତାଳଚେର କୃଷି ଜିଲ୍ଲା ଅଧିକାରୀ ଦିଲୀପ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧୁନିକ କୃଷି ପ୍ରଯୁକ୍ତି, ସରକାରୀ ଯୋଜନାର ସଦୁପଯୋଗ ଓ ଉତ୍ପାଦନ ବୃଦ୍ଧି ସମ୍ପର୍କରେ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, ଏବିଡିଓ ସୁତୀକ୍ଷ୍ଣା ମହାପାତ୍ର ଏବଂ ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ କୃଷକଙ୍କ ସାମଗ୍ରିକ ବିକାଶ ଓ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ । ବ୍ଲକ କୃଷି ଅଧିକାରୀ ଅନ୍ନପୂର୍ଣ୍ଣା ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଭୂମିକା ମହାନ୍ତ, ଅତିରିକ୍ତ ପ୍ରାଣୀ ଚିକିତ୍ସା ସର୍ଜନ ଡା. ଅଙ୍କିତା ଆରାଧନା, ସହକାରୀ ମତ୍ସ୍ୟ ଅଧିକାରୀ ଶିବସୁନ୍ଦର ଗୁଇଁଆ ଓ ଏଡିଏସସି ସୁମିତ କୁମାର ସାହୁ ନିଜ ବିଭାଗର ଯୋଜନା, ସୁବିଧା ଓ ନୂତନ ପଦକ୍ଷେପ ସମ୍ପର୍କରେ କୃଷକମାନଙ୍କୁ ଅବଗତ କରାଇଥିଲେ । କର୍ମଶାଳାରେ ବିଶେଷ କରି 'ଖେତ ବଞ୍ଚାଅ ଅଭିଯାନ' ଅନ୍ତର୍ଗତ ଫସଲ ସୁରକ୍ଷା, ଜଳବାୟୁ ଅନୁକୂଳ




କୃଷି, ଜଳ ସଂରକ୍ଷଣ, ମୃତ୍ତିକା ସ୍ୱାସ୍ଥ୍ୟର ଉନ୍ନତି ଏବଂ ସ୍ଥାୟୀ କୃଷି ପଦ୍ଧତି ଅନୁସରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାସହ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ଏବଂ କୃଷକଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ଓ ମତବିନିମୟ କାର୍ଯ୍ୟକ୍ରମ ହୋଇଥିଲା । କୃଷକମାନେ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିବା ବେଳେ ସମ୍ପୃକ୍ତ ବିଭାଗର ଅଧିକାରୀ ସେଗୁଡ଼ିକର ସମାଧାନ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ ।

## ଜାତୀୟ ଶିକ୍ଷାନୀତି ଆଧାରରେ ପ୍ରସ୍ତୁତ ଅବୈଜ୍ଞାନିକ ପାଠ୍ୟକ୍ରମ ଓ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବି

# ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ

ଅନୁଗୋଳ, ୧୯ ।୬(ସମିସ)




ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ପ୍ରସ୍ତୁତ ଅବୈଜ୍ଞାନିକ ପାଠ୍ୟକ୍ରମ ଓ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ, ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ ଦାବିରେ ଛାତ୍ର ସଂଗଠନ ଏଆଇଡିଏସଓ ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ରାଜା ଛକରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି । ଏଥିରେ ଏଆଇଡିଏସଓ ଜିଲ୍ଲା ସମ୍ପାଦକ ନାରାୟଣ ନାୟକ, ଉପସଭାପତି ସରୋଜିନୀ ବେହେରା, ସଂଗଠିକା ନିରୁପମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରସ୍ତୁତ ପାଠ୍ୟପୁସ୍ତକରେ ମୋଟ ୧୭୦୦ ତ୍ରୁଟି ପରିଲକ୍ଷିତ ହୋଇଛି । ଏହାକୁ ନିରିଖି ଦେଖିଲେ ଆହୁରି ଅଧିକ ତ୍ରୁଟି ମଧ୍ୟ ବାହାରିପାରେ । ଅନ୍ୟପଟେ ଦୃଷ୍ଟିକୁ ଆସିଥିବା ୧୭୦୦ ଭୁଲ ମୁଖ୍ୟତଃ ତଥ୍ୟଭିତ୍ତିକ । ମାତ୍ର ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢ଼ା କାହାଣୀ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି । ଏହାଦ୍ୱାରା ଛାତ୍ରଛାତ୍ରୀ କେବଳ ତଥ୍ୟଗତ ଭାବେ ଭୁଲ ଶିକ୍ଷା ପାଇବେ ନାହିଁ ବରଂ ବିକୃତ ଶିକ୍ଷା ପାଇବେ । ଯଦ୍ୱାରା ସେମାନଙ୍କ ଚିନ୍ତା କରିବାର କ୍ଷମତା ମଧ୍ୟ ଭୟଙ୍କର ଭାବେ ବାଧାପ୍ରାପ୍ତ ହେବ । ଏହି ଭୁଲ ଶିକ୍ଷା ଗ୍ରହଣ କରି ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହେବ କେବଳ ସେତିକି ନୁହେଁ ଆହୁରି ମଧ୍ୟ ସେମାନେ ଅନ୍ଧତା, କୂପମଣ୍ଡୁକତାର ଶିକାର ହେବେ । ଅସଲରେ ଏହି ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁକରି ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା, ବିଜ୍ଞାନସମ୍ମତ ଶିକ୍ଷାଠାରୁ ଭବିଷ୍ୟତ ପିଢ଼ିକୁ ଦୂରେଇ ରଖିବା ତଥା ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣ ପାଇଁ ଏକ ସୁଦୂରପ୍ରସାରୀ ଷଡ଼ଯନ୍ତ୍ର ।

ଏଣୁ ତୁରନ୍ତ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ଦାବିରେ ସାରା ରାଜ୍ୟରେ ବ୍ୟାପକ ଗଣ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଅଭିଭାବକ ତଥା ଶିକ୍ଷାପ୍ରେମୀ ଜନସାଧାରଣ ଆଗେଇ ଆସିବାକୁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

# କଳାକାର କେ.କ୍ରିଷ୍ଣା ମୋହନ ରାଓ ସମ୍ମାନିତ



କୁନ୍ଦୁରା,୧୯।୬(ସମିସ): କୁନ୍ଦୁରାର କଳାକାର କେ.କ୍ରିଷ୍ଣା ମୋହନ ରାଓ ସମ୍ମାନିତ ହୋଇଛନ୍ତି। କଟକ ଟାଉନ ହଲ୍‌ରେ ଅନୁଷ୍ଠିତ କଳିଙ୍ଗ କଳା ପ୍ରତିଯୋଗିତା ଏକକ ଅଭିନୟରେ କୁନ୍ଦୁରା ବ୍ଲକ ସଦର ଗାଁର ବରିଷ୍ଠ କଳାକାର କେ.କ୍ରିଷ୍ଣା ମୋହନ ରାଓ ପ୍ରଥମ ହୋଇଛନ୍ତି ଓ ପବିତ୍ର ରଜ ମହୋତ୍ସବ ଅବସରରେ ଆୟୋଜିତ ରାଜ୍ୟ ସ୍ତରୀୟ 'କଳିଙ୍ଗ କଳା ପ୍ରତିଯୋଗିତା' (ରଜ କିଙ୍ଗ ଓ ରଜ କୁଇନ୍) ରେ ଅଂଶଗ୍ରହଣ କରି ଏହି ଏକକ ନାଟକ ଅଭିନୟ ବିଭାଗରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଅତିଥି ସ୍ମାର୍ଟ ଓଡ଼ିଶା ସାଧାରଣ ସମ୍ପାଦକ ନରେନ୍ଦ୍ର ନାଥ ଓଝା, ଉପଦେଷ୍ଟା ପୂର୍ବତନ ସାଂସଦ ପ୍ରସନ୍ନ କୁମାର ପାଟ୍ଟଶାଣୀ, ଉପଦେଷ୍ଟା ତଥା କ୍ଷେତ୍ରୀୟ ସଂଯୋଜକ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭାରତ ଡ.ନିହାର ରଞ୍ଜନ ରାୟ, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ, ସ୍ମାର୍ଟ ଓଡ଼ିଶା ରାଜ୍ୟ ସଭାପତି କଳା ଭୂଷଣ ଡ.ପ୍ରଶାନ୍ତ କୁମାର କରଙ୍କ ଉପସ୍ଥିତିରେ ତାଙ୍କୁ ସମ୍ମାନିତ କରାଯାଇଛି।

# ମଦ ବନ୍ଦ ପାଇଁ ମହିଳାଙ୍କ ଶୋଭାଯାତ୍ରା

## ତହସିଲ ସମ୍ମୁଖରେ ମଦ ରନ୍ଧା ସାମଗ୍ରୀ ଭାଙ୍ଗିଲେ



ତେନ୍ତୁଳିଖୁଣ୍ଟି,୧୯।୬(ସମିସ) ନବରଙ୍ଗପୁର ଜିଲ୍ଲାରେ ମଦ ବନ୍ଦ ପାଇଁ ମହିଳା ଗୋଷ୍ଠୀ ଆଗେଇ ଆସିଛନ୍ତି। ଗାଁ ଗାଁରେ ଦେଶୀ ବିଦେଶୀ ମଦ ବ୍ୟବସାୟ ବନ୍ଦ କରିବା ପାଇଁ ଦାବି ଜୋର ଧରିଛି। ପ୍ରତ୍ୟେକ ଦିନ ଶହ ଶହ ମହିଳା ମଦ ବିରୋଧରେ ସଚେତନ ରାଲି ସହ ଥାନା, ବ୍ଲକ୍ କାର୍ଯ୍ୟାଳୟ ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଉଛନ୍ତି। ଯ ଏହି କ୍ରମରେ ଗତକାଲି କାଦମ୍ବିନୀ ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକତ୍ରିତ ହୋଇ ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତ ଅନ୍ତର୍ଗତ ଖଣ୍ଡିଆଗୁଡା, କେନ୍ଦୁଗୁଡା, ଝାଡ଼ବାନ୍ଧ ଆଦି ଗ୍ରାମରେ ମହିଳାଙ୍କ ମଦ ବନ୍ଦ ସଚେତନ କରିଥିଲେ। ଏହି ସଚେତନ ରାଲି ଜରିଆରେ ମଦ ବନ୍ଦ ପାଇଁ ସଚେତନ କରାଯାଇଥିଲା। ଆଜି ତେନ୍ତୁଳିଖୁଣ୍ଟି ଗ୍ରାମର ଶତାଧିକ ମହିଳା ଜଙ୍ଗଲ ମଧ୍ୟରେ ମଦ ରନ୍ଧା ହେଉଥିବା ଖବର ପାଇ ପହଞ୍ଚିଥିଲେ। ମଦ ରନ୍ଧା ହେଉଥିବା ସ୍ଥାନରେ ପହଞ୍ଚି ମଦ ରନ୍ଧା ସାମଗ୍ରୀ ଜବତ କରି ତେନ୍ତୁଳିଖୁଣ୍ଟି ତହସିଲ କାର୍ଯ୍ୟାଳୟ ସମ୍ମୁଖକୁ ଆଣି ଭାଙ୍ଗିଥିବାର ଦେଖିବାକୁ ମିଳିଛି। ବାରମ୍ବାର ସଚେତନ ଓ ଚେତାଇ ଦେବା ସତ୍ତ୍ୱେ ମଦ ମାଫିଆ ମାନେ ଲୁଚେଇ ଛପେଇ ମଦ କାରବାରରେ ସମ୍ପୃକ୍ତ ଅଛନ୍ତି। ଅନ୍ୟପଟେ ମହିଳାଙ୍କ ଏଭଳି କାର୍ଯ୍ୟକୁ ମଦ ମାଫିଆ ମାନେ ବିରୋଧ କରି ଗାଳି ଗୁଲଜ କରୁଥିବା ଜଣାପଡିଛି। ଯାହାକୁ ନେଇ ମହିଳା ମାନେ ତାତି ଯାଇଥିବା ଜଣାପଡିଛି। ସେହିପରି ଆଜି ଦିଗୀ ପଞ୍ଚାୟତର ମହିଳା ମାନେ ଡମଗୁଡା, ମାଲତିଗୁଡା ଆଦି ଗ୍ରାମରେ ମଦ ବନ୍ଦ ପାଇଁ ବାହାରିଥିବା ସୂଚନା ମିଳିଛି।

# ଜନସମ୍ପର୍କ ପ୍ରଦର୍ଶନୀ ମେଳା ଉଦ୍‌ଘାଟିତ



କୋରାପୁଟ,୧୯।୬(ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନ ଠାରେ "ବିକାଶର ଧାରା ଓଡ଼ିଶା ସାରା' ଜିଲ୍ଲାସ୍ତରୀୟ ଜନସମ୍ପର୍କ ଓ ପ୍ରଦର୍ଶନୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ପ୍ରଦର୍ଶନୀ ଷ୍ଟଲ୍ ପରିଦର୍ଶନ କରିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ "କୋରାପୁଟର ବିକାଶ' ଶୀର୍ଷକ ଡକ୍ୟୁମେଣ୍ଟାରୀ ଦେଖିଥିଲେ। ଏହି ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରସ୍ତୁତ "ବିକାଶର ଧାରା ଓଡ଼ିଶା ସାରା' ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ୨ ବର୍ଷର ସଫଳତା ସମ୍ପର୍କିତ ପୁସ୍ତିକାକୁ ଅତିଥି ମାନଙ୍କ ଉନ୍ମୋଚନ କରିଯାଇ ଥିଲା। ମଞ୍ଚରେ ବିଭିନ୍ନ ବିଭାଗର ହିତାଧିକାରୀଙ୍କୁ ଅନୁଦାନ ବଣ୍ଟନ କରିଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଗତ ଦୁଇ ବର୍ଷରେ କୋରାପୁଟ ଜିଲ୍ଲାରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ଓ ସଫଳତା ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ନିକଟରେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ଜଣେ ଛାତ୍ରୀ "ମାଧବ ସିଂ ହାତ ଖର୍ଚ୍ଚ ଯୋଜନା'ର ପ୍ରଭାବ ସମ୍ପର୍କରେ ନିଜ ଅନୁଭୂତି ବଖାଣିଥିଲେ। ପ୍ରଦର୍ଶନୀରେ ବିଭିନ୍ନ ବିଭାଗର ୧୯ଟି ଷ୍ଟଲ୍ ଖୋଲାଯାଇଥିଲା। ସେଥିରେ ସରକାରୀ ଯୋଜନା, ଉପଲବ୍‌ଧି ଓ ବିକାଶମୂଳକ କାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ ମୁଦୁଲି, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ସୁକାନ୍ତି ମାଝୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନରେଶ ଚନ୍ଦ୍ର ଶାବର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ

କୁନ୍ଦୁରା,୧୯।୬(ସମିସ): କୁନ୍ଦୁରା ବ୍ଲକ ବାଣୁଆଗୁଡ଼ା ପଞ୍ଚାୟତ ଭାଟିଗୁଡ଼ା ଗାଁରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ଅଭିଯୋଗ ହୋଇଛି। ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ମୃତଦେହ ଉଦ୍ଧାର କରାଯାଇଥିଲା। ହତ୍ୟା ମାମଲା ରୁଜୁ କରି ମୃତଦେହ ଜବତ କରାଯାଇଥିଲା ଓ ଫୋରେନସିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା କହିଛନ୍ତି ଏଏସ୍‌ଆଇ ସ୍ୱରୂପା ମଲ୍ଲିକ। ମୃତ ଯୁବକ ହେଲେ ଜୟପୁର ବ୍ଲକ ବାଲିଆ ପଞ୍ଚାୟତ ନୂଆପୁଟର ଅବିନାଶ ପରଜା (୧୮)। ମୃତ ଅବିନାଶର ବାପା କେଶବଙ୍କ ଥାନାରେ ଲିଖିତ ଅଭିଯୋଗ ପ୍ରକାରେ, ଅବିନାଶ ଗତ ୧୩ ତାରିଖ ଦିନ ଭାଟିଗୁଡ଼ାରେ ଥିବା ତାଙ୍କ ମାମୁଁ ମଧୁ ପରଜା ଘରକୁ ଆସିଥିଲେ। ଗତ ୧୮ ତାରିଖରେ ଅବିନାଶ ଦୌଡ଼ି ଦେଇ ଆତ୍ମହତ୍ୟା କରିଥିବା କେହି ଜଣେ ଫୋନ କରି କହିଥିଲେ। ୧୮ ତାରିଖରେ ଅବିନାଶ ତାଙ୍କ ବାପା କେଶବଙ୍କ ସହ ଫୋନରେ କଥା ହୋଇ ତାକୁ ସେଠାରୁ ଘରକୁ ନେଇ ଯିବାକୁ କହିଥିଲେ। କିଛି ଘଣ୍ଟା ବ୍ୟବଧାନରେ ଦିନ ସାଢ଼େ ୧୧ ଟା ବେଳେ ଜଣେ ମହିଳା କେଶବକୁ ଫୋନ କରି ସେ ଗାଁର ଜଣେ ଯୁବତୀ ଲକ୍ଷ୍ମୀ ପରଜା ବିଷ ପିଇ ଦେଇଛି, ଆଉ ଅବିନାଶ କାଚ ଗୁଣ୍ଡ କରି ପିଇ ଦେଇଛି। ତାଙ୍କ ପୁଅକୁ ହତ୍ୟା କରି ତା ନିଜ ବେଲ୍ଟରେ ବାନ୍ଧି ଏକ ଗଛରେ ଝୁଲାଇ ଦିଆଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ଏଏସଆଇ ତଥା ତଦନ୍ତ କାରୀ ଅଧିକାରୀ ମଲ୍ଲିକ କହିଛନ୍ତି ପ୍ରାଥମିକ ତଦନ୍ତ ପ୍ରକାରେ ଏହା ପ୍ରେମ ସମ୍ପର୍କରୁ ଘଟିଥିବା ଜଣା ପଡିଛି। ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ଆଣିଛନ୍ତି। ଅଭିଯୋଗ ପ୍ରକାରେ ହତ୍ୟା ମାମଲା ରୁଜୁ କରି ତଦନ୍ତ କରାଯାଉଛି। ହତ୍ୟା କି ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ।

## ପୋଢ଼କୁ ଧକ୍କା ଦେଇ ୨ ଗୁରୁତର

କଲ୍ୟାଣସିଂହପୁର,୧୯।୬(ସମିସ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବୁଢ଼ାଗୁଡା ପଞ୍ଚାୟତର ଅଲଣ୍ଡା କଲଭଟ ଠାରେ ପୋଢ଼କୁ ଧକ୍କା ଦେଇ ଦୁଇ ଯୁବକ ଗୁରୁତର ହୋଇଛନ୍ତି। ସନ୍ଧ୍ୟା ସମୟରେ ଦୁଇ ସାଙ୍ଗ କାହ୍ନା ଦଣ୍ଡସେନା ଓ ଚରଣ ତିଆକା ଏକ ବାଇକ୍‌ରେ କ୍ରୀଷ୍ଣାପାତ୍ରଗୁଡା ବାଙ୍କକୁ ତେଲ ପକାଇବା ପାଇଁ ଆସି ଫେରୁଥିବା ବେଳେ ଅଲଣ୍ଡା ଛକ ନିକଟ କଲଭର୍ଟ ଠାରେ ଅନ୍ଧାର ଯୋଗୁଁ ଏକ ପୋଢ଼କୁ ଧକ୍କା ଦେଇ ଫିଙ୍ଗି ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡକ୍ଟର ଆଶିଷ ରଞ୍ଜନ ମେହେର ପ୍ରାଥମିକ ଚିକିତ୍ସା କରି ଚରଣ ତିଆକାଙ୍କ ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। ଗୁରୁତର ରାୟଗଡ଼ ପିତାମହଲ ପାଇକସାହିର କାହ୍ନା ଦଣ୍ଡସେନା ଓ କଲ୍ୟାଣସିଂହପୁର ବ୍ଲକ୍ ବୁଢ଼ାଗୁଡାର ଚରଣ ତିଆକା ବୋଲି ଜଣାପଡ଼ିଛି।

## ଘରୁ ଟଙ୍କା ଓ ସୁନା ଅଳଙ୍କାର ଚୋରି ଅଭିଯୋଗ

ଜୟପୁର, ୧୯।୬(ସମିସ): ଜୟପୁର ସଦରଥାନାର ଆମ୍ବାଗୁଡା ଗ୍ରାମ ଠାରେ ଗତକାଲି ବିଳମ୍ବିତ ରାତ୍ରୀରେ ଘରର ଝରକା ଭାଙ୍ଗି ଦୁର୍ବୃତ୍ତ ମାନେ ଭିତରେ ପ୍ରବେଶ କରିବା ସହିତ ଏକ କୋଠରୀରର ରହିଥିବା ଦୁଇଟି ଆଲମାରୀ ଭାଙ୍ଗି ପ୍ରାୟ ୫ ତୋଳା ଓଜନର ସୁନା ଅଳଙ୍କାର ଏବଂ ୩୦ ହଜାର ଟଙ୍କା ଚୋରିକରି ନେଇଥିବା ଅଭିଯୋଗ ହୋଇଛି। ପୁଲିସ ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ଅଭିଯୋଗକାରୀ କାର୍ତ୍ତିକ ବେହେରା ଏବଂ ତାଙ୍କର ପରିବାର ସଦସ୍ୟ ଗୃହର ଗୋଟିଏ କୋଠରୀରେ ଶୋଇଥିବା ବେଳେ ଅନ୍ୟ ଏକ କୋଠରୀରେ ଦୁଇଟି ଆଲମାରିକୁ ଭାଙ୍ଗି ଉପରୋକ୍ତ ସାମଗ୍ରୀ ଗୁଡିକ ଚୋରି ହୋଇଯାଇଛି। ଭୋର ୪ଟାରେ ପରିବାର ଲୋକ ଉଠି ଦେଖିବା ବେଳେ ଘରର ଝରକା ଭଙ୍ଗା ଯାଇଥିବା ବେଳେ କୋଠରୀର ଆଲମାରୀ ଭାଙ୍ଗି ସୁନା ଅଳଙ୍କାର ଏବଂ ଟଙ୍କା ଚୋରି ହୋଇଥିବା ଜାଣିବା ପରେ ଆଜି ପୂର୍ବାହ୍ନରେ ଥାନାରେ ଏତଲା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନ ଦେଇଛନ୍ତି।

● ତେନ୍ତୁଳିଖୁଣ୍ଟି ଓ ଡାବୁଗାଁ ବ୍ଲକରେ ସମ୍ପୂର୍ଣ୍ଣତା ଅଭିଯାନ

# ସମୀକ୍ଷା କଲେ ନୀତି ଆୟୋଗର କେନ୍ଦ୍ରୀୟ ପ୍ରଭାରୀ



ନବରଙ୍ଗପୁର,୧୯।୬(ସମିସ) : ଭାରତ ସରକାରଙ୍କ ନୀତି ଆୟୋଗର କେନ୍ଦ୍ରୀୟ ପ୍ରଭାରୀ ମୀରା ମହାନ୍ତି ଶୁକ୍ରବାର ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସି ନବରଙ୍ଗପୁର ଠାରେ ତେନ୍ତୁଳିଖୁଣ୍ଟି ଓ ଡାବୁଗାଁ ବ୍ଲକର ବିଭିନ୍ନ କ୍ଷେତ୍ର ପରିଦର୍ଶନ କରି ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ସେ ଜିଲ୍ଲା ର ଉନ୍ନତି ପାଇଁ ପରାମର୍ଶ ଦେଇଥିଲେ, ଯେଉଁଥିରେ ନବରଙ୍ଗପୁରରେ ଇଥାନଲ୍ ପ୍ଲାଣ୍ଟ ସ୍ଥାପନା ପ୍ରସ୍ତୁତି, ଆକାଂକ୍ଷୀ ବ୍ଲକ୍‌ର ସମଗ୍ର ଉନ୍ନୟନ ପରିକଳ୍ପନା, ମକା ଓ ମିଲେଟ୍ ପରି କୃଷି ଉତ୍ପାଦର ମୂଲ୍ୟ ବୃଦ୍ଧି, କ୍ଲଷ୍ଟର ଆଧାରିତ ଉନ୍ନୟନ ରଣନୀତି ଏବଂ ଶୀତଳ ଭଣ୍ଡାର (କୋଲ୍ଡ ଷ୍ଟୋରେଜ୍) ସ୍ଥାପନା ଅନ୍ତର୍ଭୁକ୍ତ ଅଛି। ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବ୍ଲକ୍ ବିକାଶ ଅଧିକାରୀଙ୍କ ସହ ନିୟମିତ ସମୀକ୍ଷା ବୈଠକ ଆୟୋଜନ କରି ସମନ୍ୱୟ ବୃଦ୍ଧି କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବିଶ୍ୱଜିତ ବର୍ମନ,ସହକାରୀ ଯୋଜନା ନିର୍ଦ୍ଦେଶକ ବ୍ରଜବନ୍ଧୁ ନାୟକ,ଡାବୁଗାମ୍ ବ୍ଲକ ଉନ୍ନୟନ ଅଧିକାରୀ ସମୀର କୁମାର ପାତ୍ର ଏବଂ ତେନ୍ତୁଳିଖୁଣ୍ଟି ବ୍ଲକ ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପରିଦର୍ଶନ ପରେ ସ୍ଥାନୀୟ ସର୍କିଟ ହାଉସ ଠାରେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ସମ୍ପୂର୍ଣ୍ଣତା ଅଭିଯାନ ଅଧୀନରେ ଆକାଂକ୍ଷୀ ବ୍ଲକ ଏବଂ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମର ବିଭିନ୍ନ ସୂଚକାଙ୍କ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

## ଦୁର୍ଘଟଣାରେ ଯୁବକ ମୃତ

ସେମିଳିଗୁଡା,୧୯।୬ (ସମିସ): ସେମିଳିଗୁଡା ସହରରେ ନନ୍ଦପୁର ରୋଡ ରେ ରିଲାଏନ୍ସ ସଫି ମଲ୍ ସାମ୍ନାରେ ବେଆଇନ ପାର୍କିଂ ହୋଇଥିବା ଟ୍ରକ୍ ସହିତ ମୋଟରସାଇକେଲ୍ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ଘଟିଛି। କୈଳାଶ ନଗର ନିବାସୀ ପୂର୍ବତନ ସୈନିକ ସୀମାଞ୍ଚଳ ସାହୁଙ୍କ ପୁଅ ଶିବାମ ସାହୁ (୨୦) ଶୁକ୍ରବାର ଅପରାହ୍ନରେ ନିଜ ମୋଟରସାଇକେଲରେ କଡିଗାଁ ପେଟ୍ରୋଲ ପମ୍ପରେ ପେଟ୍ରୋଲ ପକାଇ ନିଜ ଘରକୁ ଫେରିବା ବେଳେ ରାସ୍ତା କଡ଼ରେ ଉପଯୁକ୍ତ ସିଗନାଲ ବିନା ପାର୍କିଂ କରାଯାଇଥିବା ଏକ ଟ୍ରକ୍ ସହିତ ଧକ୍କା ହୋଇଥିଲା। ଫଳରେ ଶିବାମଙ୍କର ଘଟଣା ସ୍ଥଳରେ ମୃତ ଘଟିଥିଲା। ସେମିଳିଗୁଡ଼ା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଆଇନଜୀବୀ ସଂଘରେ ଖାଲି ପଡ଼ିଥିବା ପଦବୀ ପାଇଁ ହେବ ନିର୍ବାଚନ

ନବରଙ୍ଗପୁର,୧୯।୬(ସମିସ): ୨୦୨୬-୨୭ ବର୍ଷ ପାଇଁ ନବରଙ୍ଗପୁର ଆଇନଜୀବୀ ସଂଘର ଗୋଟିଏ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଅଛି। ନିକଟରେ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ମହିଳା ଆଇନଜୀବୀଙ୍କ ପାଇଁ ସଂରକ୍ଷିତ କାର୍ଯ୍ୟ ନିର୍ବାହୀ ସଦସ୍ୟା ପଦବୀ ଖାଲି ପଡ଼ିଥିଲା। ଏହାକୁ ଦୃଷ୍ଟିରେ ରଖି ଏହି ପଦବୀ ପୂରଣ ପାଇଁ ଚଳିତ ୨୦ ଓ ୨୧ ତାରିଖ ଧାର୍ଯ୍ୟ ହୋଇଛି। ୨୦ ତାରିଖ ଦିନ ନାମାଙ୍କନ ଦାଖଲ, ନାମାଙ୍କନ ଯାଞ୍ଚ ହେବାକୁ ଥିବା ବେଳେ ୨୧ ତାରିଖ ଦିନ ପ୍ରାର୍ଥି ପତ୍ର ପ୍ରତ୍ୟାହାର, ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ, ଭୋଟ ଗ୍ରହଣ, ଭୋଟ ଗଣତି ଓ ଫଳାଫଳ ଘୋଷଣା କରାଯିବ। ଏହି ନିର୍ବାଚନରେ କେବଳ ମହିଳା ଆଇନଜୀବୀ ମାନେ ପ୍ରତିଦ୍ୱନ୍ଦିତା କରିବେ। ଅପରପକ୍ଷେ ଏହି ପଦବୀ ଆଶାୟୀ ପ୍ରାର୍ଥୀନୀଙ୍କୁ ଚଳିତ ଆଇନଜୀବୀ ସଂଘ ନିର୍ବାଚନରେ ବିଜୟୀ ଘୋଷିତ କର୍ମକର୍ତ୍ତା ମାନେ ଭୋଟ ଦେଇ ପାରିବେ। ଏହି କ୍ରମରେ ସଭାପତି, ଉପ ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ, କୋଷାଧକ୍ଷଙ୍କ ସମେତ ୩ ଜଣ କାର୍ଯ୍ୟ ନିର୍ବାହୀ ସଦସ୍ୟ ଏପରି ମୋଟ ୮ ଜଣ ମତଦାନ କରିବେ ବୋଲି ନିର୍ବାଚନ ଅଧିକାରୀ ସରୋଜ ବେହେରା ସୂଚନା ପ୍ରଦାନ କରିଛନ୍ତି। ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ସରୋଜ ବେହେରା, ସହକାରୀ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ କିଶୋର କୁମାର ପଟ୍ଟନାୟକ ଏବଂ ପ୍ରଦୀପ କୁମାର ସାହୁ ପରିଚାଳନା କରିବେ।

# 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ



କୋଷାଗୁମୁଡ଼ା,୧୯।୬(ସମିସ):'ବିକାଶରଧାରା, ଓଡିଶାସାରା' କାର୍ଯ୍ୟକ୍ରମଅଧୀନରେନବରଙ୍ଗପୁରଜିଲ୍ଲାକୋଷାଗୁମୁଡାଠାରେ ପଞ୍ଚାୟତ ସମିତି ସ୍ତରୀୟ ସମିଳନୀର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସମ୍ମିଳନୀରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରାଯାଇଥିଲା। ଛାତ୍ର ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେଭଳି ସ୍ଥାନୀୟ ନାଟ ଗୁରୁ ମାନକୁ ମଧ୍ୟ ଉପସ୍ଥିତ ଅତିଥି ମାନେ ସମ୍ବର୍ଦ୍ଧନା ଜଣାଇବ ସହ ଆଦିବାସୀ ସଂସ୍କୃତି କୁ ଜୀବିତ ରଖିବା ପାଇଁ ଉତ୍ସାହିତ କରିଥିଲେ। ଏହି ପରିପ୍ରେକ୍ଷୀରେ କୁଞ୍ଜବିହାରି ଦାସ ମନ୍ତ୍ରୀ ପ୍ରତିନିଧି, ସୁରେଶ ପାତ୍ର ସାଂସଦ ପ୍ରତିନିଧି, ସୋମନାଥ ପୂଜାରୀ, ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ, ବିଧାୟକ ପ୍ରତିନିଧି ବିରେନ୍ଦ୍ର ପୂଜାରୀ, ସ୍ଥାନୀୟ ବିଡ଼ିଓ-ଆଶିଷ ତ୍ରିପାଠୀ, ଡବ୍ଲୁଓ ରଞ୍ଜନ ମହାନନ୍ଦ ପ୍ରମୁଖଙ୍କ ସହ ଅନ୍ୟ ଲାଇନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସେମିଳିଗୁଡାରେ ଶିବ ବିବାହ ଉତ୍ସବ



ସେମିଳିଗୁଡ଼ା,୧୯।୬ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ଜ୍ୟୋତି ସିଦ୍ଧେଶ୍ୱର ଶିବମନ୍ଦିରରେ ଶିବ ମହାଦେବଙ୍କର ବିବାହ ଉତ୍ସବ ମହା ଧୁମଧାମରେ ପାଳିତ ହୋଇ ଯାଇଛି। ସକାଳେ ମନ୍ଦିରରେ ବରପିତା ମାତା ପ୍ରେମାନନ୍ଦ ପୁଷ୍ଟି ଓ ବନଜା ପୁଷ୍ଟି ଏବଂ କନ୍ୟା ପିତାମାତା ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ସ୍ନିଗ୍ଧାରାଣୀ ମିଶ୍ର ମନ୍ଦିରରେ ଏକତ୍ରୀତ ହୋଇ ପ୍ରଥମେ ଶିବ ପ୍ରତିମାଙ୍କୁ ସ୍ନାନ କରାଇ ଥିଲେ। କନ୍ୟା ପିତାମାତା କନ୍ୟାଙ୍କୁ ଧରି ଗୃହକୁ ଆଣିଥିଲେ। ସଂଧ୍ୟାରେ ରୋଷଣୀ ବାଣ ସହିତ ବର ବରଯାତ୍ରୀ ସହିତ ବରାନୁଗମନ କରିଥିଲେ। ସତ୍ୟ ନଗରରେ କନ୍ୟା ପିତାମାତା ବରଯାତ୍ରୀ ଓ ବରଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଏହାପରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବେଦୀରେ ସମୁଦି ସମୁଦୁଣୀଙ୍କ ମିଳନ ହୃଦୟସ୍ପର୍ଶୀ ହୋଇ ଥିଲା। ବିବାହ ସଂପନ୍ନ ପରେ କନ୍ୟା ଓ ବରଙ୍କୁ ବିଦାୟ ଦିଆଯାଇଥିଲା। କଉଡି ଖେଳ, ହସ୍ତ ଗଣ୍ଠି ପ୍ରଭୃତି ଚିତାକର୍ଷକ ଥିଲା। ସମସ୍ତ ବରଯାତ୍ରୀ ଓ ଅତିଥିମାନଙ୍କୁ ମିଶ୍ର ଦମ୍ପତ୍ତି ଭବ୍ୟ ଭୋଜନରେ ଆପ୍ୟାୟିତ କରିଥିଲେ। ଆଜି ବର ପିତାଙ୍କ ତରଫରୁ ମନ୍ଦିରରେ ହୋମ ଓ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।

# କେନ୍ଦ୍ରୀୟ ପ୍ରଭାରୀଙ୍କ ତେନ୍ତୁଳିଖୁଣ୍ଟି ବ୍ଲକ ଗ୍ରସ୍ତ



ତେନ୍ତୁଳିଖୁଣ୍ଟି,୧୯।୬(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଗ୍ରସ୍ତ କରିଛନ୍ତି କେନ୍ଦ୍ରୀୟ ପ୍ରଭାରୀ ଆଇଏଏସ୍ ମୀରା ମହାନ୍ତି । ଆକାଂକ୍ଷା ବ୍ଲକ୍‌ର ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡ଼ ସମଲେଇ ପ୍ରସାଦ ପଣ୍ଡା ଏବଂ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ପର୍ଯ୍ୟାପ୍ତ ଶଯ୍ୟା ପ୍ରସ୍ତୁତ ରଖିବା ସହ ରୋଗୀଙ୍କ ଉପଯୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ସହ ଉନ୍ନତ ମାନର ଔଷଧ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରତିଦିନ ସ୍ୱାସ୍ଥ୍ୟ କେନ୍ଦ୍ର ଆସୁଥିବା ରୋଗୀଙ୍କ ସଂଖ୍ୟା ପଚାରିବୁଝିବା ସହ ସେମାନଙ୍କ ପାଇଁ ଆନୁଷ୍ଠନ ଶତ ପ୍ରତିଶତ ସ୍ୱର୍ଗୀକୃତ କରିବା ପାଇଁ ପରାମର୍ଶ ମଧ୍ୟ ଦେଇଥିଲେ । ରୋଗୀଙ୍କୁ ତୁରନ୍ତ ସେବା ପ୍ରଦାନ ସହ ଆବଶ୍ୟକ ଔଷଧ ଗଛିତ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଇନ୍ଦ୍ରାବତୀ ପ୍ରକଳ୍ପ ସ୍ଥିତ ଡ୍ୟାମ ପରିଦର୍ଶନ କରି ପଡାଗଡ଼ ବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ରୀୟ ପ୍ରଭାରୀ ଙ୍କ ଗ୍ରସ୍ତ ସମୟ ରେ ନବରଙ୍ଗପୁର ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀଙ୍କ ସମେତ ପ୍ରକଳ୍ପ କର୍ମଚାରୀ ଏବଂ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ପ୍ରଭାତୀ ଶ୍ରୀମତୀ ମହାନ୍ତି ଡ୍ୟାମ ଅଞ୍ଚଳ ପରିଦର୍ଶନ ପରେ ପର୍ଯ୍ୟଟନ ପାଇଁ ପ୍ରାକୃତିକ ଭିତ୍ତିଭୂମି ରହିଥିବା ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ।

# ଜବରଦଖଲ ପାଇଁ ଅଟିକିଛି ତାଣ୍ଡିପୁର ପୋଲ ନିର୍ମାଣ କାର୍ଯ୍ୟ



● ପ୍ରଶାସନର ହସ୍ତକ୍ଷେପ ଦାବି

ରାୟଗଡ,୧୯।୬(ସମିସ): ରାୟଗଡ଼ ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ଦୁନ୍ଦୁଲି ପଞ୍ଚାୟତର ତାଣ୍ଡିପୁର ଠାରେ ନିର୍ମାଣ ହେବାକୁ ଥିବା ନୂତନ ପୋଲ ପ୍ରକଳ୍ପ ଜବରଦଖଲ ସମସ୍ୟା ଯୋଗୁଁ ଆଗକୁ ବଢ଼ି ପାରୁନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି ଅଞ୍ଚଳବାସୀ। ସୂଚନା ଅନୁଯାୟୀ, କୁମୁଟିପେଣ୍ଟକଲ୍ୟାଣସିଂହପୁର ରାଜ୍ୟ ରାଜପଥର ତାଣ୍ଡିପୁର ନିକଟରେ ଏକ ନୂତନ ପୋଲ ନିର୍ମାଣ ପାଇଁ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିସାରିଛନ୍ତି। ମାତ୍ର ପୋଲ ନିର୍ମାଣ ସ୍ଥଳ ନିକଟରେ କିଛି ବ୍ୟକ୍ତି ସରକାରୀ ଜମିକୁ ଅବୈଧ ଭାବେ ଦଖଲ କରି ଘର ନିର୍ମାଣ କରିଥିବାରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଉକ୍ତ ବ୍ୟକ୍ତିମାନଙ୍କୁ ସରକାରଙ୍କ ପକ୍ଷରୁ ଗ୍ରାମକଣ୍ଠ ବସ୍ତି ଜମି ଯୋଗାଇ ଦିଆଯାଇଥିଲେ ମଧ୍ୟ ସେମାନେ ସରକାରୀ ଜମି ଦଖଲ କରି ରହିଛନ୍ତି। ଏପରିକି ଦଖଲ କରିଥିବା ଜମିର ପଟ୍ଟା ପାଇଁ ଉପଜିଲ୍ଲାପାଳଙ୍କ ନିକଟରେ ଆବେଦନ ମଧ୍ୟ କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଏହି ପୋଲଟି ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ପ୍ରକଳ୍ପ। ଏହା ରାୟଗଡ଼ ଜିଲ୍ଲାର ଦୁଇଟି ପ୍ରମୁଖ ବ୍ଲକକୁ ସଂଯୋଗ କରିବା ସହ ପଡ଼ୋଶୀ ଜିଲ୍ଲାଗୁଡ଼ିକ ସହ ଯାତାୟାତ ଓ ଯୋଗାଯୋଗର ଏକ ପ୍ରମୁଖ ମାଧ୍ୟମ ଭାବେ କାର୍ଯ୍ୟ କରିବ। ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱର ୨୫ ମିଟର ପରିସର ମଧ୍ୟରେ କୌଣସି ବ୍ୟକ୍ତିଗତ ନିର୍ମାଣ ନ କରିବାକୁ ନିୟମ ଥିବା ସତ୍ତ୍ୱେ ଜବରଦଖଲ ଉଚ୍ଛେଦ ନ ହେବା ପ୍ରଶାସନିକ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ସହ ଜବରଦଖଲ ଉଚ୍ଛେଦ ପାଇଁ ଦୃଢ଼ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏନେଇ ଦୁନ୍ଦୁଲି ପଞ୍ଚାୟତର ଅଧିବାସୀମାନେ ଗତ ୧୭ ତାରିଖରେ ରାୟଗଡ଼ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏବେ ପ୍ରଶାସନ ଏହି ସମସ୍ୟାର ସମାଧାନ ପାଇଁ କି ପଦକ୍ଷେପ ଗ୍ରହଣ କରୁଛି ଏବଂ କେବେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ବୁଦ୍ଧିଜୀବୀ ମହଲରେ ମଧ୍ୟ ଏହାକୁ ନେଇ ବ୍ୟାପକ ଆଲୋଚନା ହେଉଛି।

# ଛାତ୍ରଛାତ୍ରୀଙ୍କୁ ନୂତନ ପାଠ୍ୟପୁସ୍ତକ ପ୍ରଦାନ ଦାବି




ବୈପାରିଗୁଡା, ୧୯।୬(ସମିସ): ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରି ଛାତ୍ରଛାତ୍ରୀଙ୍କୁ ନୂତନ ପାଠ୍ୟପୁସ୍ତକ ପ୍ରଦାନ କରବା ପାଇଁ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଆଇଡିଏସ୍‌ଓ ପକ୍ଷରୁ ଆଜି ବୈପାରିଗୁଡା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତ ବର୍ଷ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପା ଯାଇଥିବା ସମସ୍ତ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଲୋକଲୋଚନକୁ ଆସିଛି। ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ୍ ପକ୍ଷରୁ ମଧ୍ୟ ଏହାକୁ ଦୃଢ଼ ବିରୋଧ କରାଯାଇଛି। ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ କରାଯାଇଛି। ଏଆଇଡିଏସ୍‌ଓ ଶିକ୍ଷାମନ୍ତ୍ରୀଙ୍କ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରିବା ସହ ସମସ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ନୂତନ ଜାତୀୟ ଶିକ୍ଷାନୀତି ପ୍ରଚଳନ ଦ୍ୱାରା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶକୁ ବାଧା ଦିଆଯାଉଥିବା ବେଳେ, ଅତ୍ୟନ୍ତ ବେପରୁଆ ଭାବରେ ଏହି ପାଠ୍ୟପୁସ୍ତକ ଗୁଡ଼ିକ ପ୍ରସ୍ତୁତ କରାଯାଇଛି। ସରକାର ଅବିଳମ୍ବେ ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକଗୁଡ଼ିକୁ ପ୍ରତ୍ୟାହାର କରି ଛାତ୍ରଛାତ୍ରୀଙ୍କୁ ନୂତନ ପାଠ୍ୟପୁସ୍ତକ ପ୍ରଦାନ କରନ୍ତୁ। ନଚେତ୍ ଆଗାମୀ ଦିନରେ ଦୃଢ଼ ଛାତ୍ର ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଏଆଇଡିଏସଓ ପକ୍ଷରୁ ଚେତାବନୀ ଦିଆଯାଇଛି।

# ସମ୍ବଲପୁର ଶୀତଳଷଷ୍ଠୀ | ଦେବଦମ୍ପତିଙ୍କ ନଗର ପରିକ୍ରମା

ସମ୍ବଲପୁର, ୧୯।୬ (ସମିସ)

ସମ୍ବଲପୁରର ରାସ୍ତାଘାଟରେ ପ୍ରବଳ ଗହଳି। ଚାରିଆଡ଼େ ବିବାହର ମାହୋଲ। ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା। ଲୋକାଚାରରେ ଦେବବିବାହ ହେଉଛି ଏହି ଯାତ୍ରାର ବିଶେଷତ୍ୱ। ସାଧାରଣ ପରିବାରର ଝିଅଟିଏ ଭଳି "ପତରପେଁଡ଼ି', 'ଗୁଆଗୁଁଡ଼ା' ବା ଦେବ ନିମନ୍ତ୍ରଣ, ବରାତି ବା ବରାନୁଗମନ ଏବଂ ବିଳମ୍ବିତ ରାତ୍ରି ବ୍ରାହ୍ମମୁହୂର୍ତ୍ତରେ ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ଗତେ ଷଷ୍ଠୀ ଶୁଭଲଗ୍ନରେ ବିବାହ ଓ କନ୍ୟାଦାନ କରାଯାଇଥାଏ। କନ୍ୟାପକ୍ଷ ଯାନିଯୌତୁକ ସହ ଅଶ୍ରୁଳ ପରିବେଶରେ ବିଦାୟ ଦେଇଥାନ୍ତି। ବିବାହ ପରେ ଦେବଦମ୍ପତି ବିବାହବେଦୀରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଏହାପରେ ଆରମ୍ଭ ହୁଏ ନଗର ପରିକ୍ରମା ବା ଯୁଗଳ ଦର୍ଶନ ଶୋଭାଯାତ୍ରା। ଆଜି ରାତିରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାପାଇଁ ଦେବଦମ୍ପତି ଶୋଭାଯାତ୍ରାରେ ବାହାରିଛନ୍ତି। ଏହି ନଗର ପରିକ୍ରମା ଶୋଭାଯାତ୍ରା ଶୁକ୍ରବାର ରାତିତମାମ ଚାଲିବାପରେ ସକାଳେ କେଇଘଣ୍ଟା ପାଇଁ ବିଶ୍ରାମ ହେବ। ଏହାପରେ ଶନିବାର ସକାଳ ପ୍ରାୟ ୯ଟା ବେଳକୁ ଶୋଭାଯାତ୍ରା ଜାରିରଖି ଦିନତମାମ ଚାଲିବାପରେ ଅପରାହ୍ଣରେ ଦେବ ବେଦ ମହାଦେବ ଓ ଜଗଜ୍ଜନନୀ ମାତା ପାର୍ବତୀ ସ୍ୱମନ୍ଦିରରେ ପ୍ରବେଶ କରିବେ।



## ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବା

ନନ୍ଦପଡ଼ାର ବମବରାଡ଼ ବାଲୁଙ୍କେଶ୍ୱର ବାବା (ଚନ୍ଦ୍ରଶେଖର ଚଳନ୍ତି ପ୍ରତିମା) ମାତା ପାର୍ବତୀଙ୍କ ସହ ଆଜି ରାତିରେ ଯୁଗଳ ଦର୍ଶନ ଶୋଭାଯାତ୍ରାରେ ବାହାରିଛନ୍ତି। ରାତି ପ୍ରାୟ ୧୧ଟା ସମୟରେ ମହାଆଳତୀ, ଆତସବାଜି ସହ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଶୋଭାଯାତ୍ରାରେ ପଛକୁ ପଛ ରହିଥିଲା - ମୁଖ୍ୟ ତୋରଣ, ରାଜ ଦୁଲଦୁଲି ପାର୍ଟି, ପେଟ୍ରୋଲ ବଞ୍ଚାଅ ପ୍ରଜ୍ଞାପନ ମେଢ଼, ଖଲିଆବନ୍ଧ ଦୁଲଦୁଲି, ଟମ ଆଣ୍ଡ ଜେରି ପ୍ରଜ୍ଞାପନ ମେଢ଼, ଟିହିଲୁ ଦୁଲଦୁଲି, ଗରିଲା ମୂର୍ତ୍ତି, ପଞ୍ଜାବର ଖାଲସା, ଲାଇଟ୍‌ଗାଡ଼ି, ସମ୍ଭାଜୀ ମୂର୍ତ୍ତି, ପୁରୁଲିଆ ଛଉ, ସିଂହ ମୂର୍ତ୍ତି, କାନ୍ତରା ନୃତ୍ୟ, ଲାଇଟ୍‌ଗାଡ଼ି, ଶବର ନୃତ୍ୟ, ଡାପ ନୃତ୍ୟ, ଘୁମୁରା, କେରଳ ବ୍ୟାଣ୍ଡ ଓ ନୃତ୍ୟ, ଲାଇଟ୍‌ଗାଡ଼ି, ଖାଲସା ନୃତ୍ୟ, ବାଜ ନୃତ୍ୟ, ରେକର୍ଡ ଡ୍ୟାନ୍ସର ୭ଟି ରଥ, ଅଘୋରୀ, ଘଣ୍ଟ ବାଦ୍ୟ, ନୃସିଂହ ପୀଠ, ସମ୍ପ୍ରଦା, ଘଣ୍ଟ ବାଦ୍ୟ, ପଞ୍ଚଭକ୍ତ, ଡମ୍ବରୁ ଦଳ, କିଶନ ଭଗତ ସ୍ୱତନ୍ତ୍ର ଦଳ, ଚନ୍ଦ୍ରଶେଖର ମହାପ୍ରଭୁଙ୍କ ସିଂହାସନ ମେଢ଼ ଓ ସାକ୍ଷୀ ଗୋପୀନାଥଙ୍କ ମେଢ଼ ରହିଛି।

## ଶ୍ରୀ ଲୋକନାଥ ବାବା

ଝାଡୁଆପଡ଼ାର ଶ୍ରୀ ଲୋକନାଥ ବାବା ମାତା ପାର୍ବତୀଙ୍କ ସହ ଯୁଗଳ ଦର୍ଶନ ଶୋଭାଯାତ୍ରାର ବାହାରିଛନ୍ତି। ରାତି ୧୧ଟାରେ ବାଲିବନ୍ଧା ବରଗଛସାମ୍ନା ସ୍ଥାନରେ ଭବ୍ୟ ମଙ୍ଗଳ ଆଳତୀ ପରେ ଶୋଭାଯାତ୍ରା ବାହାରିଥିଲା। ରାତି ସାଢ଼େ ୨ଟା ସମୟର ଆତସବାଜି ଏବଂ ସାଢ଼େ ୩ଟା ସମୟରେ ଝାଡୁଆପଡ଼ା ଛକରେ ମଙ୍ଗଳ ଆଳତୀ ହୋଇଥିଲା। ଶୋଭାଯାତ୍ରା ପ୍ରାରମ୍ଭରେ ମୁଖ୍ୟତୋରଣ ଥିବାବେଳେ ଶେଷରେ ଦେବଦମ୍ପତିଙ୍କ ପରଭା ରହିଥିଲା। ଶୋଭାଯାତ୍ରାରେ ପଛକୁ ପଛ - ମୁଖ୍ୟ ତୋରଣ, ଲାଇଟ୍‌ଗାଡ଼ି, ଦୁଲଦୁଲି-୧, ଲାଇଟ୍‌ଗାଡ଼ି, ଦୁଲଦୁଲି-୨ ଓ ୩, ଲୋ ବୁବୁ କାର୍ଟୁନ, ଲାଇଟ୍‌ଗାଡ଼ି, ଆଦିବାସୀ ନୃତ୍ୟ କଳାହାଣ୍ଡି, କୋଲକାତା ରଥ ନାଚ-୧, ହାତୀ ଝାଁକି, ଲାଇଟ୍‌ଗାଡ଼ି, କରମା ନୃତ୍ୟ ହିମଗିର, ଆସାମ ରଥ ନାଚ-୧, ବାଘ ନାଚ ଓ ମୁଖା ନାଚ ଭଞ୍ଜନଗର, କୋଲକାତା ରଥ ନାଚ-୨, ଉଗି ଡୁଲୁ ଡ୍ରାନ୍ସଗ୍ରୁପ୍ ତେଲେଙ୍ଗାନା, ପୁତନାବଧ ଝାଁକି, ଲାଇଟ୍‌ଗାଡ଼ି, ପଞ୍ଚମୁଖୀ ହନୁମାନ ଓ ନୃସିଂହ ମେଢ଼ ନାଚ ପୁରୀ, ରାଧାକୃଷ୍ଣ ନାଚ କୋଲକାତା ରଥ ନାଚ, ନୃସିଂହ ଝାଁକି, ଲାଇଟ୍‌ଗାଡ଼ି, କୋବରା ନାଚ ରାୟଗଡ଼ା, ଆସାମ ରଥ ନାଚ-୨, କଣ୍ଢେଇ ନାଚ ପୁରୀ, ଲାଇଟ୍‌ଗାଡ଼ି, ବାଘ ନାଚ ପୁରୀ, ମୋବାଇଲ ଝାଁକି, କୋଲକାତା ରଥ ନାଚ-୩, ଅବତାର ଡ୍ରାନ୍ସ ଗ୍ରୁପ୍ କୋରାପୁଟ, ମହାକାଳ ଝାଁକି, ଆସାମ ରଥ ନାଚ-୩, ପାଇକ ଆଖଡ଼ା ପୁରୀ, ଜଗନ୍ନାଥ ମତି ନୃତ୍ୟ ପୁରୀ ରଥ ନାଚ, ମନମଉଜି ଡ୍ୟାନ୍ସ ଗ୍ରୁପ୍ ପ୍ରୟାଗରାଜ, ଲାଇଟ୍‌ଗାଡ଼ି, ଘଣ୍ଟ ମଲମୁଣ୍ଡା ବଲାଙ୍ଗୀର, ରାଧାକୃଷ୍ଣ ମେଢ଼ (ଯୋଡ଼ି ମୟୁର ସିଂହାସନ), ସମ୍ପ୍ରଦା, ଘଣ୍ଟ ବାଦ୍ୟ ଭଇଁସା ବଲାଙ୍ଗୀର, ହନୁମାନ ମେଢ଼ (ରଘନାଥ ସିଂହାସନ. ବାବା ବଟେଶ୍ୱର କୀର୍ତ୍ତନ ସମିତି ଭୋପାଳ, ଶଙ୍ଖ ଗାଏସମା ବରଗଡ଼ ଏବଂ ଶିବ ପାର୍ବତୀଙ୍କ ମୁଖ୍ୟ ମେଢ଼ (ରୂପା ମେଢ଼) ରହିବ।

## ଶ୍ରୀଶ୍ରୀ ଜାଗେଶ୍ୱର ବାବା

ମୁଦିପଡ଼ାର ଶ୍ରୀ ଶ୍ରୀ ଜାଗେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ଯୁଗଳ ଦର୍ଶନ ଶୋଭାଯାତ୍ରା ଆଜି ରାତିରେ ଜାଗେଶ୍ୱର ମନ୍ଦିରରୁ ବାହାରି ଜଗନ୍ନାଥ ମନ୍ଦିର, ମୁଦିପଡା ଛକ, ସନ୍ତରଣାଗାର, ଲକ୍ଷ୍ମୀ ଟକିଜ୍ ଛକ ଦେଇ ଗୋଲବଜାର ଛକ ପର୍ଯ୍ୟନ୍ତ ଯାଇଥିଲା। ଶନିବାର ସକାଳ ପ୍ରାୟ ୯ଟାରେ ଶୋଭାଯାତ୍ରା ଜାରି ରହି ଗୋଲବଜାର ଛକରୁ ବାହାରି ଗେଟିଟକିଜ୍, ସାନସଡ଼କ, ରସ୍ତଲିଆଛକ, ମୁଦିପଡା ଛକ ଦେଇ ପୁଣି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବ। ଆଜି ରାତି ୧୧ଟାରେ ମହାଆଳତୀ ପରେ ଶୋଭାଯାତ୍ରା ବାହାରିଥିଲା। ଜଗନ୍ନାଥ ମନ୍ଦିର ନିକଟରେ ଭବ୍ୟ ଲାଇଟ୍ ସୋ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଶୋଭାଯାତ୍ରାରେ ପଛକୁ ପଛ-ମୁଖ୍ୟତୋରଣ, ଦୁଲଦୁଲି ଲୋଇସିଂହା, ଲାଇଟ୍‌ଗାଡ଼ି, ଦୁଲଦୁଲି ପଦମପୁର, ହନୁମାନ ରଥ, ଗରିଲା ନୃତ୍ୟ, ଆଲବମ ନୃତ୍ୟ-୧, ଗଛ ବଞ୍ଚାଅ ମୂର୍ତ୍ତି, ଲାଇଟ୍‌ଗାଡ଼ି, ଗୌରବାଡ଼ି, ସମ୍ବଲପୁରୀ ନୃତ୍ୟ, ଯମରାଜ ମୂର୍ତ୍ତି, ଧମାଲ ବ୍ୟାଣ୍ଡ ଢେଙ୍କାନାଳ, ଲାଇଟ୍‌ଗାଡ଼ି, କୋୟା ନୃତ୍ୟ ମାଲକାନଗିରି (ମହିଳା), ଆଲବମ ନୃତ୍ୟ-୨, ଘଣ୍ଟ ପାର୍ଟି ହୀରାକୁଦ, ଲାଇଟ୍‌ଗାଡ଼ି, ରାମସୀତା ରଥ, ଆଲବମ ନୃତ୍ୟ-୩, ଯୁଦ୍ଧ ମୂର୍ତ୍ତି, ରାଜସ୍ଥାନୀ ନୃତ୍ୟ, ଲାଇଟ୍‌ଗାଡ଼ି, ସିଲିଗୁଡ଼ି ଲେଡିଜ୍ ଢୋଲ୍, ଆଲବମ ନୃତ୍ୟ-୪, ଯୋଡ଼ି ଶଙ୍ଖ, ଲାଇଟ୍‌ଗାଡ଼ି, ଘଣ୍ଟ ପାର୍ଟି ଅନୁଗୁଳ, ସ୍ୱଟ୍ ଲାଇଟ୍, ଡମରୁ - ଉଜ୍ଜୟିନୀ ଏବଂ ଜାଗେଶ୍ୱର ବାବା ଓ ମାତା ପାର୍ବତୀଙ୍କ ମୁଖ୍ୟ ମେଢ଼ ରହିବ। ଦିନ ସମୟରେ ଲାଇଟ୍ ଗାଡ଼ି ବା ଟାୱାର ଲାଇଟ୍ ରହିବ ନାହିଁ।

## କୋଭିଡ୍ ସମୟରେ କାମ କରିଥିବା ଆୟୁଷ ଡାକ୍ତରଙ୍କୁ ନ୍ୟାୟ ଦାବି

ସମ୍ବଲପୁର, ୧୯।୬ (ସମିସ) : ରାଜ୍ୟରେ କୋଭିଡ୍ ପରିସ୍ଥିତି ସ୍ୱାଭାବିକ ହେବାପରେ କେନ୍ଦ୍ର ସରକାରର ଆୟୁଷ ମନ୍ତ୍ରଣାଳୟରୁ ଆସିଥିବା ନିର୍ଦ୍ଦେଶକୁ ଅବମାନନା କରି କୋଭିଡରେ କାର୍ଯ୍ୟ କରିଥିବା ଆୟୁଷ ଡାକ୍ତରଙ୍କୁ ଉଚିତ ସମ୍ମାନ ନ ଦେଇ ତାଙ୍କୁ କାର୍ଯ୍ୟରୁ ଛଟେଇ କରିଦେଲେ ଏହାକୁ ଦୃଢ଼ ନିନ୍ଦା କରିଛନ୍ତି ନିଖିଳ ଓଡିଶା କୋଭିଡ -୧୯ ଆୟୁଷ ଡାକ୍ତର ସଙ୍ଘ ରାଜ୍ୟ ସଭାପତି ଡାକ୍ତର ଦୁଷ୍ମନ୍ତ ଯାଦବ। ବର୍ତ୍ତମାନର ସରକାରଙ୍କୁ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟରୁ ସୁପାରିଶ ହୋଇଥିବା ଚିଠିକୁ ଓଡ଼ିଶାରେ କାର୍ଯ୍ୟକାରୀ କରି ଆୟୁଷ ଡାକ୍ତରଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଡା. ଯାଦବ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟ ସଭାପତି ଡା. ଯାଦବଙ୍କ ପ୍ରେସ୍ ବିବୃତି ଅନୁଯାୟୀ, କେନ୍ଦ୍ର ସରକାରର ଆୟୁଷ ମନ୍ତ୍ରଣାଳୟ ଦେଶରେ କୋଭିଡ ପରିସ୍ଥିତିକୁ ଆଖି ଆଗରେ ରଖି ଦେଶର ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କୁ ଚିଠି ପ୍ରେରଣ କରିଥିଲେ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ଚିଠି ଫାଇଲ ନଂ. ୱାଇ-୧୧୦୧୫/୨୧/୨୦୨୦-ଏଲ୍‌ପି ତା. ୭ ମେ ୨୦୨୧. ଉକ୍ତ ଚିଠି ର ହନରାରିୟମ / ରେକଗ୍‌ନିସନ୍ ଅଫ୍ ସର୍ଭିସ୍‌ରେ ଥିବା ୪ ଓ ୭ ପଏଣ୍ଟ ରେ ଉଲ୍ଲେଖ ଅଛି। ୪ ନମ୍ବର ପଏଣ୍ଟରେ ଉଲ୍ଲେଖ ରହିଛି ଯେ, ସର୍ବନିମ୍ନ ୧୦୦ ଦିନର କୋଭିଡ -୧୯ କାର୍ଯ୍ୟ ପୂରଣ କରୁଥିବା ସମସ୍ତ ଆୟୁଷ ଡାକ୍ତରଙ୍କୁ ଭାରତ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ବିଶିଷ୍ଟ କୋଭିଡ -୧୯ ଜାତୀୟ ସେବା ସମ୍ମାନ ପ୍ରଦାନ କରାଯିବ। ୭ ନମ୍ବର ପଏଣ୍ଟରେ କେନ୍ଦ୍ର ସରକାର ରାଜ୍ୟ /କେନ୍ଦ୍ର ଶାସିତ ଅଂଚଳ ସରକାରଙ୍କୁ ସୁପାରିଶ କରିଛନ୍ତି ଯେ ସେମାନେ ସମ୍ପୃକ୍ତ ଲୋକ ସେବା ଆୟୋଗ /ଅନ୍ୟାନ୍ୟ ନିଯୁକ୍ତି ସଂସ୍ଥା ମାଧ୍ୟମରେ ଆୟୁଷ ଡାକ୍ତର ଙ୍କ ନିୟମିତ ନିଯୁକ୍ତି ଏବଂ ସର୍ବନିମ୍ନ ୧୦୦ ଦିନର କୋଭିଡ -୧୯ ସମ୍ବନ୍ଧୀୟ କାର୍ଯ୍ୟପୂରଣ କରୁଥିବା ଆୟୁଷ ଡାକ୍ତର ବୃତ୍ତିଗତଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତି ଅଗ୍ରାଧିକାର ଦେବାକୁ ବିଚାର କରନ୍ତୁ। କିନ୍ତୁ ଓଡ଼ିଶା ସରକାର ଅନେକଥର ନିଯୁକ୍ତି ବିଜ୍ଞପ୍ତି ବାହାର କରିଥିଲେ ମଧ୍ୟ କୋଭିଡରେ ୧୦୦ ଦିନର କାର୍ଯ୍ୟ କରିଥିବା ଆୟୁଷ ଡାକ୍ତରଙ୍କୁ ଅଗ୍ରାଧିକାର ଦେଇନାହାନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି।

## ବ୍ରାଉନସୁଗର ଜବତ, ୫ ଗିରଫ

ସମ୍ବଲପୁର, ୧୯।୬ (ସମିସ) : ସମ୍ବଲପୁରରେ ଅବକାରୀ ବିଭାଗ ଏକ ବଡ଼ ଧରଣର ଚଢ଼ଉ କରି ୨୪୨ ଗ୍ରାମ ବ୍ରାଉନ ସୁଗର ଜବତ କରିବାସହ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁମନ୍ତ ମୁଣ୍ଡା, ରାହୁଲ ନାଗ, ସୌରଭ ଆଦବାର, ସତ୍ୟମ ମହାନଦୀ ଓ ସୁବୋଧ ଭୋଇ। ସମ୍ବଲପୁର ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ଅପରାହ୍ଣରେ ଦେହେରୀପାଲି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ସମ୍ବଲପୁର ଅବକାରୀ ଗୋଇନ୍ଦା ବିଭାଗ ଏବଂ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ଘଟଣାସ୍ଥଳରୁ ଅବକାରୀ ଦଳ ପ୍ରାୟ ୨୪୨ ଗ୍ରାମର ବ୍ରାଉନସୁଗାର ଜବତ କରିଛନ୍ତି, ଯାହାର ଆନୁମାନିକ ବଜାର ମୂଲ୍ୟ ୨୪ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି। ଚଢ଼ଉ ସମୟରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାସହ ୪ଟି ମୋବାଇଲ ଫୋନ, ନଗଦ ୬ ହଜାର ଟଙ୍କା ଏବଂ ଗୋଟିଏ ମୋଟର ସାଇକଲ ମଧ୍ୟ ଜବତ କରାଯାଇଥିବା ଜଣାପଡ଼ିଛି।

## ମନ୍ଦିର ପ୍ରତ୍ୟାବର୍ତ୍ତନ କଲେ ସୋମନାଥ ବାବା ଦେବଦମ୍ପତି

ସମ୍ବଲପୁର, ୧୯।୬ (ସମିସ) : ସମ୍ବଲପୁର ଶୀତଳଷଷ୍ଠୀର ସର୍ବପୁରାତନ ବାଲିବନ୍ଧାର ସୋମନାଥ ବାବାଙ୍କ ବିବାହ ଗତକାଲି ମଧ୍ୟରାତ୍ରରେ ବ୍ରାହ୍ମମୁହୂର୍ତ୍ତରେ ସମ୍ପନ୍ନ ହୋଇଛି। ସୋମନାଥ ବାବା ଏକ ଭବ୍ୟ ବରବେଶରେ ସଜ୍ଜିତ ହୋଇ ବାଜାଗଜା ସହିତ ଯାଇ ହାଟପଡ଼ାସ୍ଥିତ କନ୍ୟା ପିତାମାତା ସରିତା ଅଗ୍ରୱାଲ ଓ ମଣ୍ଟୁ ଝରଝରିଆଙ୍କ ବାସଭବନରେ ପହଞ୍ଚିଥିଲେ। ପଣ୍ଡିତ ମନବୋଧ ପାଢ଼ୀ, ବାବୁ ପୂଜାରୀ, ରୋନକ ପୂଜାରୀ, ବୁଲୁ ପୂଜାରୀ ପ୍ରମୁଖ ରୀତିନୀତିରେ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ଆଜି ସନ୍ଧ୍ୟାରେ ଦେବଦମ୍ପତି ଶୋଭାଯାତ୍ରାରେ ମନ୍ଦିର ଅଭିମୁଖେ ବାହାରିଥିଲେ। ସୋମନାଥ ମନ୍ଦିର ଦ୍ୱାର ଦେଶରେ ଉଭୟ ବରକନ୍ୟାଙ୍କୁ ଭବ୍ୟ ସ୍ୱାଗତ କରାଯାଇ ମହାଅଳତୀ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ଦର୍ଶନ ପରେ ଦେବଦମ୍ପତି ମନ୍ଦିର ପ୍ରବେଶ କରିଥିଲେ।

ନବବିବାହିତ ସୋମନାଥ ବାବା ଏବଂ ମାତା ପାର୍ବତୀ ଏକ ବିରାଟ ପଟୁଆରରେ କନ୍ୟା ପିତାମାତାଙ୍କ ବାସଗୃହରୁ ଆଜି ସନ୍ଧ୍ୟାରେ ବାହାରିଥିଲେ। ଏକ ଆଧ୍ୟାତ୍ମିକ ପରିବେଶରେ କନ୍ୟାପକ୍ଷ ଶୋକାକୁଳ ହୋଇ ବିଦାୟ ଦେଇଥିଲେ। ସାମାଜିକ ଚଳଣୀ ଅନୁଯାୟୀ କନ୍ୟା ପରିବାର ସହ ବହୁସଂଖ୍ୟକ ମହିଳା ପଟୁଆରରେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ଘଣ୍ଟବାଦ୍ୟ, ଶଙ୍ଖବାଦ୍ୟ, ଦୁଲଦୁଲି ସହିତ ବିଭିନ୍ନ ସାଂସ୍କୃତିକ ଦଳ ଯୋଗ ଦେଇଥିଲେ। କନ୍ୟା ବାସଗୃହରୁ ଶୋଭାଯାତ୍ରା ବାହାରି ମ୍ୟୁନିସିପାଲିଟି ଛକ ଦେଇ ପଟ୍ଟନାୟକପଡ଼ା, କୁଞ୍ଜେଲପଡ଼ା ଅତିକ୍ରମ କରି ମନ୍ଦିରରେ ପହଞ୍ଚିଥିଲା।



ଯାତ୍ରା କମିଟି ପକ୍ଷରୁ ପ୍ରଶାନ୍ତ ପ୍ରଧାନ, ଉମାପତି ତ୍ରିପାଠୀ, ରମେନ୍ଦ୍ର ସାହୁ, ଲକ୍ଷ୍ମଣ ପଟେଲ, ଲୋକନାଥ ପାଣ୍ଡେ, ମଣ୍ଟୁ ପ୍ରଧାନ, ଅରକ୍ଷିତ ନାଏକ, ଗୋକୁଳି ପଣ୍ଡା, କୈଳାସ ମିସ୍ତ୍ରୀ, ଗୋପୀନାଥ ନାୟକ, ପ୍ରଦୀପ ସାହୁ ସାମିଲ ହୋଇଥିଲେ। ପଣ୍ଡିତ ମନବୋଧ ପାଢ଼ୀଙ୍କ ସହ ସ୍ୱେଚ୍ଛାସେବୀ ସୁଦାମ ବାଗ, ସୁମନ ଖୁଣ୍ଟିଆ, ଆୟୁଷ୍ମାନ ତ୍ରିପାଠୀ, ଶିବା ପଟ୍ଟନାୟକ, ଦେବପ୍ରସାଦ ବାବୁ, ସବ୍ୟସାଚୀ ପଣ୍ଡା, ଶ୍ୟାମ ସ୍ୱାଇଁ, ବିରାଜ ପାରମାର ପ୍ରମୁଖ ଉପସ୍ଥିତ ଥିଲେ।

## ବାବା ଭୂତନାଥଙ୍କ ବିବାହ ସମ୍ପନ୍ନ

ସମ୍ବଲପୁର, ୧୯।୬ (ସମିସ) : ଭୂତାପଡ଼ାସ୍ଥିତ ବାବା ଭୂତନାଥ ଓ ମାତା ପାର୍ବତୀଙ୍କ ବିବାହ ଗୁରୁବାର ବିଳମ୍ବିତ ରାତ୍ରି ବାହ୍ମମୁହୂର୍ତ୍ତରେ ସମ୍ପନ୍ନ ହୋଇଛି। ଗତକାଲି ଗଣ୍ଡାଳଫିଟା, ଗନ୍ଧକ୍ଷଣ ଓ ରୁଦ୍ରାଭିଷେକ ପରେ ଶୃଙ୍ଗାର କରାଯାଇଥିଲା। ରାତି ୯ଟାରେ ମହାଆଳତୀ କରାଯାଇ ବରବେଶରେ ସଜ୍ଜିତ ଭୂତନାଥ ବାବା ଦୁଲଦୁଲି ବାଜା, ଶଙ୍ଖ, ଘଣ୍ଟ ବାଦ୍ୟ, ସମ୍ପ୍ରଦା ଆଦି ସହ ଭବ୍ୟ ଶୋଭାଯାତ୍ରାରେ ବାହାରି ଚାରଭାଟି ଶାଶ୍ୱତ କଲୋନୀସ୍ଥିତ କନ୍ୟାଳୟରେ ପହଞ୍ଚିଥିଲେ। କନ୍ୟା ପିତାମାତା ସୁମିତ ମୁଣ୍ଡା ଓ ରାକ୍ଷୀ ମୁଣ୍ଡା ମହାଦେବଙ୍କୁ ବାଟବରଣ କରି ବରଯାତ୍ରୀଙ୍କୁ ପାଛୋଟି ନେଇଥିଲେ। ପରେ ପଣ୍ଡିତ ଗୋପାଳ ସୁଆର ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ବରପିତା ମହେନ୍ଦ୍ର ଭୋଇ ଓ ମାତା ପ୍ରେମଶିଳା ଭୋଇଙ୍କ ସହ ଶୀତଳଷଷ୍ଠୀ କମିଟିର ନରେନ୍ଦ୍ର ରାୟଗୁରୁ, ବ୍ରଜକିଶୋର ମହାନ୍ତି, ବିଭୂତି ଭୂଷଣ ଦାଶ, ସଞ୍ଜୟ ସାହୁ, ଦିଲ୍ଲୀପ ଦେବତା, ରାଜୀବ ଶତପଥୀ, ସୁଶାନ୍ତ ମହାପାତ୍ର, ସୁବୋଧ ଦାଶ, ଦିଲ୍ଲୀପ ନନ୍ଦ, ବାବୁଲୁ ଶତପଥୀ, ରଥ ସିଂ, ଦିଲ୍ଲୀପ ମହାପାତ୍ର, ମୁରଲୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ରାଷ୍ଟ୍ରପତି ଭବନରେ ସମ୍ବଲପୁରୀ ସଂସ୍କୃତିର ଝଲକ ଦେଖାଇଲା 'ଲହରି'




ସମ୍ବଲପୁର, ୧୯।୬ (ସମିସ) : ରାଷ୍ଟ୍ରପତି ଭବନରେ ଗତ ୧୫ ଓ ୧୬ ତାରିଖ ଓଡ଼ିଶାର ନିଆରା ପର୍ବ 'ରଜ' ପାଳନ କରାଯାଇଥିଲା। ଏହି ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଥିଲେ। ଏହି ଦୁଇଦିନିଆ ଉତ୍ସବ ପାଳନରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ, ସାଂସଦ ମନମୋହନ ସାମଲ, ସମ୍ବିତ ପାତ୍ର, ଅପରାଜିତା ଷଡ଼ଙ୍ଗୀ ଏବଂ ଅନେକ ବରିଷ୍ଠ ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିଲେ। ଉକ୍ତ ଉତ୍ସବରେ ଗୁରୁ ଡ. ମୋହିତ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶନାରେ 'ଲହରି' ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ସମ୍ବଲପୁରୀ ଲୋକ ନୃତ୍ୟ ଏବଂ ବରିଷ୍ଠ ସମ୍ବଲପୁରୀ ଲୋକଗାୟିକା ପଦ୍ମିନୀ ଦୋରା ସମ୍ବଲପୁରୀ ଲୋକସଂଗୀତ ପରିବେଷଣ କରିଥିଲେ। ରାଷ୍ଟ୍ରପତି ଏବଂ ରଜକୁ ନେଇ ଗୁରୁ ରତନ ପୁଜାହାରୀଙ୍କ ରଚନାରୁ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ ଶ୍ରୀମତୀ ଦୋରା। ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁ ସମ୍ବଲପୁରୀ ନୃତ୍ୟ ଏବଂ ପଦ୍ମିନୀ ଦୋରାଙ୍କୁ ଖୁବ ପ୍ରଶଂସା କରିଥିଲେ। ଡ. ସ୍ୱାଇଁ ଏବଂ ପଦ୍ମିନୀ ଦୋରା ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ବାନ୍ଧକଳାରେ ନିର୍ମିତ ଛବି ଉପହାର ଭାବେ ପ୍ରଦାନ କରିଥିଲେ।



ଲହରି ସାଂସ୍କୃତିକ ଅନୁଷ୍ଠାନର କଳାକାର ସଂଗୀତା ଭୋଇ, ମାନସୀ ସେଠ, ଶ୍ରୀୟାନ୍ସୀ ଶୁଭଦର୍ଶିନୀ, ଅଙ୍କିତା ବହିଦାର, ବ୍ରହ୍ମା କୁମ୍ଭାର, ଅମିତ ଡୁଙ୍ଗୁରି, ଅଜିତ ଡୁଙ୍ଗୁରି, ସୁମିତ ପଧାନ, ଆଲୋକ ପାଞ୍ଚବିହାର, ଅଜୟ ସୁନା ପ୍ରମୁଖ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ।

## ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲା କ୍ଷିପ୍ରଲିପି ଲେଖକ ସଂଘ

ସମ୍ବଲପୁର, ୧୯।୬ (ସମିସ) : ଓଡ଼ିଶା କ୍ଷିପ୍ରଲିପି ଲେଖକ ସଂଘ ବିଭିନ୍ନ ଦାବି ସମ୍ବିଳିତ ଏକ ଦାବିପତ୍ର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ପଦକୁ ପଦୋନ୍ନତି ମାଧ୍ୟମରେ ଶୀଘ୍ର ପୂରଣ କରିବା, ଦୀର୍ଘବର୍ଷ ଧରି କାର୍ଯ୍ୟରତ ଥିଲେ ମଧ୍ୟ ପଦୋନ୍ନତି ପାଇପାରୁ ନ ଥିବା କନିଷ୍ଠ କ୍ଷିପ୍ରଲେଖକମାନଙ୍କ ପାଇଁ ପଦୋନ୍ନତି ନିୟମର ସଂଶୋଧନ, ପୂର୍ବରୁ ବରିଷ୍ଠ ରାଜସ୍ୱ ସହାୟକଙ୍କ ସହ ସମକକ୍ଷ ଦରମା ପାଉଥିବା କନିଷ୍ଠ କ୍ଷିପ୍ରଲେଖକମାନଙ୍କ ବେତନ ବୈଷମ୍ୟ ଦୂରୀକରଣ, ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ପଦକୁ ଉନ୍ନୀତ କରି ବ୍ୟକ୍ତିଗତ ସଚିବ ପଦରେ ପରିଣତ କରିବା ଏବଂ ବିଭାଗୀୟ ମୁଖ୍ୟଙ୍କ ଦପ୍ତରରେ କାର୍ଯ୍ୟରତ କ୍ଷିପ୍ରଲେଖକଙ୍କୁ ଯଥାସମୟରେ ପଦୋନ୍ନତି ପ୍ରଦାନ କରିବା ଆଦି ରହିଥିଲା। ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରତିନିଧି ଦଳର ଦାବିଗୁଡ଼ିକୁ ଧ୍ୟାନପୂର୍ବକ ଶୁଣିଥିଲେ ଏବଂ ସକାରାତ୍ମକ ଭାବେ ବିଚାର କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ପ୍ରତିନିଧି ଦଳରେ ଓଡ଼ିଶା କ୍ଷିପ୍ରଲିପି ଲେଖକ ସଂଘର ନବନିର୍ବାଚିତ ସଭାପତି ସଞ୍ଜୀବ ମଲ୍ଲିକଙ୍କ ସହ ସଦସ୍ୟ ବିଚିତ୍ର ସେଠୀ, ସରୋଜିନୀ ଜେନା, ମାନସ ନନ୍ଦ, ସୁଜୟ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଏହି ସମୟରେ ଜାତୀୟ ମହିଳା ପରିଷଦ ସଦସ୍ୟା ସବିତା ନନ୍ଦ ମଧ୍ୟ ଉପସ୍ଥିତ ଥିଲେ।



## ବନ ଅଧିକାରୀ ସୁରେଶ ମିଶ୍ରଙ୍କ ପରଲୋକ

ସମ୍ବଲପୁର, ୧୯।୬ (ସମିସ): ଧନୁପାଲି ମହାବୀରପଡା ବାସିନ୍ଦା ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ପୂର୍ବତନ ଡିଏଫଓ ସୁରେଶ ଚନ୍ଦ୍ର ମିଶ୍ର (୮୨)ଙ୍କ ଶୁକ୍ରବାର ସକାଳେ ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି। ତାଙ୍କ ପଛରେ ପତ୍ନୀ ସନ୍ଧ୍ୟାରାଣୀ, ଝିଅ ସୁସ୍ମିତା, ସରିତା ଓ ସୁମିତା, ଜ୍ୱାଇଁ ଆଲୋକ, ସତ୍ୟଜିତ ଓ ଅନୁପ ତଥା ନାତୁଣୀ ଅନ୍ୱେଷା, ନାତି ସ୍ପନ୍ଦନ ଓ ଅରହାନ ଅଛନ୍ତି। ସ୍ୱର୍ଗତ ମିଶ୍ରଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ସମେତ ସହର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଶନିବାର ଅପରାହ୍ଣରେ ମନ୍ଦଲିଆସ୍ଥିତ ରାଜଘାଟଠାରେ ଶେଷକୃତ୍ୟ କରାଯିବ। ତାଙ୍କ କାର୍ଯ୍ୟକାଳରେ ଡେବ୍ରିଗଡ ଅଭୟାରଣ୍ୟ ଓ ମୋତିଝରନସ୍ଥିତ ଚିଡିଆଖାନାର ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଥିଲା।

## ଦନ୍ତା ଆକ୍ରମଣରେ ମହିଳା ଗୁରୁତର

ରେଢାଖୋଲ, ୧୯।୬(ସମିସ): ସମ୍ବଲପୁର ଜିଲ୍ଲା ରେଢାଖୋଲ ବନଖଣ୍ଡ ଅଧୀନ ବଡ଼ବାହାଳ ରେଞ୍ଜ ଅଧୀନ କଦଳୀଗଡ଼ ପଞ୍ଚାୟତ ଗ୍ରାମ ମୁଣ୍ଡରେ ଶୁକ୍ରବାର ଜାଣେ ମହିଳାଙ୍କୁ ଏକ ଦନ୍ତା ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ମହିଳା ଜଣଙ୍କ ହେଲେ କଦଳିଗଡ ଗ୍ରାମ ବାସିନ୍ଦା ଜୟନ୍ତୀ ନାଗ। ସୂଚନା ଯୋଗ୍ୟ ଯେ ଉକ୍ତ ମହିଳା ଜଣଙ୍କ ସକାଳୁ ଟୋଲ ସଂଗ୍ରହ କରିବା ପାଇଁ ଗ୍ରାମନିକଟ ଟୋଲଗଛ ମୂଳକୁ ଯାଇଥିବା ବେଳେ ଏକ ଦନ୍ତା ହାତୀ ହାବୁଡରେ ପଡ଼ି ଯାଇଥିଲେ। ମହିଳାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରିଥିଲେ।

## ଶିଶୁ ଶ୍ରମକ ବିରୋଧୀ ସଚେତନତା ପଦଯାତ୍ରା

କୁଚିଣ୍ଡା,୧୯।୬(ସମିସ): କୁଚିଣ୍ଡାରେ ଶିଶୁ ଶ୍ରମକ ବିରୋଧୀ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗମୋହନ କିଷାନ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କାନ୍ତି କୌଶୁକୀ ହେମ୍ବ୍ରମ ଦଯାତ୍ରାର ଶୁଭାରମ୍ଭ କରିଥିଲେ। ପଦଯାତ୍ରା ପୂର୍ବରୁ ଏଡ୍.ଏଟ୍.ଆକ୍ସନର ଜିଲ୍ଲା ସଂଯୋଜିକା ସୁନୀତା ତ୍ରିପାଠୀ ଉପସ୍ଥିତ ସମସ୍ତଙ୍କୁ ଶିଶୁ ଶ୍ରମ ନିରାକରଣ ପାଇଁ ଶପଥ ପାଠ କରାଇଥିଲେ। ଦୋଲେଶ୍ୱରୀ ନାଗ ପରିଚାଳନା କରିଥିବା ବେଳେ ସହକାରୀ ଶ୍ରମଅଧିକାରୀ ତାନିଆ ଠାକୁର ଏବଂ ସରକାରୀ ଶ୍ରମ ଅଧିକାରୀ ବାମରା ସହ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ସକ୍ରିୟ ସହଯୋଗ କରିଥିଲେ।

## ଭିମ୍‌ସାର୍‌ରେ ସିକିଲ୍ ସେଲ୍ ଦିବସ

ସମ୍ବଲପୁର, ୧୯।୬ (ସମିସ) : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର) ର ସିକିଲ ସେଲ୍ ପ୍ରତିଷ୍ଠାନ, ଓଡ଼ିଶା ସିକିଲ ସେଲ ପ୍ରକଳ୍ପ ଆନୁକୂଲ୍ୟରେ ଆଜି ବିଶ୍ୱ ସିକିଲ ସେଲ୍ ଦିବସ ପାଳିତ ହୋଇଯାଇଛି। ପ୍ରକଳ୍ପର ସଂଯୋଜକ ତଥା ଭିମସାର ମେଡିକାଲ କଲେଜର ଡିନ୍ ଏବଂ ଅଧ୍ୟକ୍ଷ ପ୍ରଫେସର ଡା. ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ନିର୍ଦ୍ଦେଶକ ପ୍ରଫେସର ଲାଲମୋହନ ନାୟକ ଯୋଗ ଦେଇଥିଲେ। ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ବିମଳକୃଷ୍ଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ପ୍ରଫେସର ନାୟକ ସଚେତନତା ମାଧ୍ୟମରେ ରୋଗର ଭୟାବହତାକୁ କିଭଳି ରୋକାଯାଇପାରିବ ଏବଂ ରୋଗୀମାନେ ଡାକ୍ତରଙ୍କ ପରାମର୍ଶ ଏବଂ ଔଷଧ ସେବନ ଦ୍ୱାରା ସୁସ୍ଥ ଜୀବନଯାପନ କରିପାରିବେ ସେନେଇ ଆଲୋକପାତ କରିଥିଲେ। ପ୍ରକଳ୍ପ ବରିଷ୍ଠ ମ୍ୟାନେଜର ବିଜୟାନନ୍ଦ ନାୟକ ସଭା ସଂଚାଳନ କରିଥିଲେ।



## ଶୀତଳଷଷ୍ଠୀରେ ଆରାଧ୍ୟା ଫିଲ୍ମସ୍‌ର ପ୍ରଥମ ଚଳଚ୍ଚିତ୍ର ଟାଇଟଲ ଘୋଷଣା

ସମ୍ବଲପୁର,୧୯।୬(ସମିସ)

ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଛି ପ୍ରଯୋଜନା ସଂସ୍ଥା "ଆରାଧ୍ୟା ଫିଲ୍ମସ୍'। ଶୀତଳଷଷ୍ଠୀ ତିଥି ଅବସରରେ, ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ସଂସ୍ଥାର ପ୍ରଥମ ଚଳଚ୍ଚିତ୍ରର ଶିରୋନାମା 'କଥା ଚିତ୍ର' ଉନ୍ମୋଚନ ହୋଇଯାଇଛି। ଚଳଚ୍ଚିତ୍ରର ସମ୍ପୂର୍ଣ୍ଣ ସଦସ୍ୟ ଓ କଳାକାରମାନେ ଉପସ୍ଥିତ ରହି ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ସିନେମାର ଶୁଭାରମ୍ଭ କରିଛନ୍ତି।ଏହି ଚଳଚ୍ଚିତ୍ରର ମଙ୍ଗ ଧରିଛନ୍ତି ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଳ। ପ୍ରଯୋଜିକା ରଶ୍ମୀତା ଜେନା, କାର୍ଯ୍ୟନିର୍ବାହୀ ପ୍ରଯୋଜକ ଆଶୁତୋଷ ଜିଲୁ, ଚିତ୍ରନାଟ୍ୟ ଓ କାହାଣୀ ବ୍ରଜବନ୍ଧୁ ଜେନା, ସଂଳାପ ଲେଖକ ବିଜୟ ରାଉତ, ଚିତ୍ରଗ୍ରହଣ ବିଶ୍ୱଭୂଷଣ ମହାପାତ୍ର ଓସଙ୍ଗୀତ ନିର୍ଦ୍ଦେଶନା ଭାବେ ବିରଜା ପ୍ରସାଦ ଦାୟିତ୍ୱ ବହନ କରୁଛନ୍ତି। ଉନ୍ମୋଚନ ବେଳେ ଲୁସି ଖଡିରତ୍ନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଟି ଚିତ୍ର କିଛି କାହାଣୀ କହେ ଆଉ ପ୍ରତିଟି କାହାଣୀ ସିନେମା ପାଲଟିଯାଏ। ଓଡ଼ିଆ ଦର୍ଶକଙ୍କୁ ଏକ ସମ୍ପୂର୍ଣ୍ଣ ନିଆରା ଏବଂ ମନୋରଞ୍ଜନଧର୍ମୀ କଥାଚିତ୍ର ଭେଟିଦେବାକୁ "ଆରାଧ୍ୟା ଫିଲ୍ମସ' ସଂକଳ୍ପବଦ୍ଧ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଛି। 'କଥା ଚିତ୍ର'ରେ ଭିନ୍ନ ଧରର କାହାଣୀ ଲୋକେ ଦେଖିବାକୁ ପାଇବେ। ଖୁବ୍ ଶୀଘ୍ର ଏହି ଚଳଚ୍ଚିତ୍ରର ସୁଟିଂ ଆରମ୍ଭ ହେବାକୁ ଯାଉଥିବାବେଳେ ଏହାକୁ ନେଇ ଓଲିଉଡ୍ ପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।




### ଭିନ୍ନଧରଣର କାହାଣୀ 'କଥା ଚିତ୍ର'

## ମାଙ୍କଡ଼ ବନ ବିଭାଗକୁ ହସ୍ତାନ୍ତର

ଚମ୍ପୁଆ,୧୯।୬ (ସମିସ): ଚମ୍ପୁଆ ଏନଏସି ଅନ୍ତର୍ଗତ ଗୋଧୂଳି ଗାଁରେ ପ୍ରବେଶ କରିଥିବା ଏକ ମାଈ ମାଙ୍କଡ଼କୁ ଗ୍ରାମବାସୀମାନଙ୍କ ଦ୍ୱାରା ଉଦ୍ଧାର କରି ବନାଞ୍ଚଳ କାର୍ଯ୍ୟାଳୟରେ ବନପାଳ ଜ୍ୟୋତିରୂପା ପାଣିଙ୍କ ନିକଟରେ ହସ୍ତାନ୍ତର କରାଯାଇଛି। ଦୁଇଦିନ ତଳେ ଏକ ମାଈ ମାଙ୍କଡ ଗୋଧୂଳି ଗ୍ରାମ ଭିତରକୁ ପ୍ରବେଶ କରି ଗ୍ରାମର ଦୁଇ ଜଣଙ୍କୁ କାମୁଡି ଆହାତ କରିବା ପରେ ଗ୍ରାମବାସୀଙ୍କୁ ଚିନ୍ତାରେ ପକାଇ ଦେଇଥିଲା। ପରେ ଉକ୍ତ ଗ୍ରାମର ଦଶରଥ ନାଏକ ଖାଦ୍ୟ ଲୋଭ ଦେଖାଇ ମାଙ୍କଡ଼ଟିକୁ କାବୁ କରିବା ସହିତ କାଉନସିଲର ଛତ୍ରପତି ନାଏକ, ଶରତ ପ୍ରଧାନ ଓ ବସନ୍ତ ମହାନ୍ତଙ୍କ ସହଯୋଗରେ ବନପାଳଙ୍କୁ ହସ୍ତାନ୍ତର କରିଥିଲେ। ବନ ବିଭାଗ ପକ୍ଷରୁ ମାଈ ମାଙ୍କଡ଼କୁ ସୁରକ୍ଷିତ ଭାବେ କାଳିକାପ୍ରସାଦ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ବନପାଳ ଶ୍ରୀମତୀ ପାଣି ସୂଚନା ଦେଇଛନ୍ତି।

## ଚୋରା ଚାଲାଣ ବେଳେ ଗାଡ଼ି ସହ କାଠ ଜବତ



ଆନନ୍ଦପୁର, ୧୯।୬(ସମିସ): ଫିଲ୍ମ ଷ୍ଟାଇଲରେ ଗୋଡ଼ାଇ ଗୋଡ଼ାଇ ଚୋରା କାଠ ଗାଡିକୁ ଧରିଲା ପୁଲିସ। ଗାଡ଼ି ଚେକିଂ ବେଳେ ପୁଲିସ ଆଖିରେ ଧୂଳି ଦେଇ ଖସିଯିବାକୁ ଉଦ୍ୟମ ବେଳେ ମାଡ଼ି ବସିଲା ଘସିପୁରା ପୁଲିସ। ଆନନ୍ଦପୁର ବନଖଣ୍ଡ ପଞ୍ଚୁପଲିରୁ ଚୋରା କାଠ ଭଦ୍ରକ ଜିଲ୍ଲାକୁ ଚାଲାଣ ହେଉଥିବା ବେଳେ ଆନନ୍ଦପୁର ବ୍ରିଜ ନିକଟରେ ପୁଲିସ ଗାଡ଼ି ଚେକିଂ କରୁଥିଲା। ପୁଲିସକୁ ଦେଖି କାଠ ମାଫିଆ ଗାଡିକୁ ଜଅଁରା ଗ୍ରାମ ମଧ୍ୟରେ ପୁରାଇ ଦେଇଥିଲେ। ପୁଲିସ ଉକ୍ତ ଗାଡିକୁ ସନ୍ଦେହ କରି ପଛେ ପଛେ ଗୋଡ଼ାଇଥିଲା। ଘଷିପୁରା ପୁଲିସ କାଠ ଗାଡିଟିକୁ ଧରିବାରେ ସଫଳ ହୋଇଥିଲା। ପୁଲିସକୁ ଜାଲ୍ କାଗଜପତ୍ର ଦେଖାଇବାରୁ ଗାଡ଼ିରେ ବସିଥିବା ତିନିଜଣ ମାଫିଆ ଓ କାଠ ଗାଡ଼ିକୁ ଆନନ୍ଦପୁର ବନବିଭାଗକୁ ହସ୍ତାନ୍ତର କରାଯାଇଛି। ଘଷିପୁରା ପୁଲିସ କାଗଜପତ୍ର ଯାଞ୍ଚ କରିବା ବେଳେ କେଉଁଠାରୁ କାଠ ଆସିଲା ତାହାର କୌଣସି ପ୍ରମାଣପତ୍ର ନଥିଲା। ଏହିଭଳି ପ୍ରତିଦିନ ପଞ୍ଚୁପଲି ଗ୍ରାମରୁ ଭଦ୍ରକ ଓ ବିଭିନ୍ନ ଜାଗାକୁ ଚୋରା କାଠ ଚାଲାଣ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ୬୬

## ତାଇକ୍ୱୋଣ୍ଡୋରେ ଆର୍ଯ୍ୟନଙ୍କ ସଫଳତା



କେନ୍ଦୁଝର,୧୯।୬(ସମିସ): କଟକ ଜିଲ୍ଲା ଜବାହାରଲାଲ ନେହରୁ ଷ୍ଟାଡ଼ିୟମଠାରେ ୨୦୨୬ ଜୁନ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ କ୍ୟୁରୋଗୀ ଓ ପୁମସେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲାର ଆରିୟନ ରାଜ ୧୨ ବର୍ଷରୁ କମ ସବଜୁନିୟର ବିଭାଗରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି। ଏଥିରେ କ୍ୟୁରୋଗୀ ୨୭ କିଗ୍ରା ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ଓ ସେ କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦୁଝରରେ ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ ସହ ପାସନ ତାଇକ୍ୱୋଣ୍ଡ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ପାଇଁ ପିତା ପ୍ରତାପଚନ୍ଦ୍ର ରାଜ, ମାତା ସସ୍ମିତା ଦେଓ, ପରିବାର ବର୍ଗ ଓ କୋଚ ମୋଉଲେନ୍ଦୁ ମହାନ୍ତ, ରୋହିତ ପ୍ରସାଦ, ରାଜ୍ୟ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ଶ୍ରୀ ଉତ୍ତରେଶ୍ୱର ମହାଦେବଙ୍କ ଶୀତଳଷଷ୍ଠୀ



ଆନନ୍ଦପୁର, ୧୯।୬ (ସମିସ): ଆନନ୍ଦପୁର ଶ୍ରୀ ଉତ୍ତରେଶ୍ୱର ମହାଦେବ ମନ୍ଦିରରେ ଅଷ୍ଟମ ବାର୍ଷିକ ଶୀତଳଷଷ୍ଠୀ ଓ ଶିବ ବିବାହଉତ୍ସବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ବିବାହ ଉତ୍ସବରେ ମହାଦେବଙ୍କ ପିତା ଭାବେ ଦୁଃଖବନ୍ଧୁ ମିଶ୍ର ଏବଂ ମାତା ପାର୍ବତୀଙ୍କ ପିତା ରୂପେ ଚିନ୍ତାମଣି ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। କୌଳିକ ରୀତିନୀତି ଅନୁସାରେ ବରଯାତ୍ରୀଙ୍କୁ ଧରି ମହାଦେବ ମନ୍ଦିର ମଧ୍ୟକୁ ପ୍ରବେଶ କରିବା ପରେ କନ୍ୟା ପକ୍ଷ ପକ୍ଷରୁ ଯଥାବିଧି ପୂଜାର୍ଚ୍ଚନା କରାଯାଇ ପାଛୋଟି ଆଣିଥିଲେ। ପୂର୍ବାହ୍ନରେ ପୁରୋହିତ ଅଶୋକ ଶତପଥୀ ଏବଂ ଅଜିତ କୁମାର ପଣ୍ଡା ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଆଜି ଶ୍ରୀ ମହେଶ ନଗର ପରିକ୍ରମା କରିବା ପରେ ମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ। କମିଟି ସଭାପତି ଦିଲୀପ ସିଂ, ସମ୍ପାଦକ ଅନନ୍ତ ସିଂ, ଉପସଭାପତି ଗୌରାଙ୍ଗ ଚରଣ ନାୟକ, କୋଷାଧ୍ୟକ୍ଷ ଶ୍ରୀଧର ରଣା, ଅକ୍ଷୟ ସାମଲ, ଦିଲ୍ଲୀପ ଧଳ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।

## ବିନା ଅନୁମତିରେ ଲଘୁ ଖଣିଜ ଚୋରି

# ୬ ମାସହେଲା ଚାଲିଛି କୋଟି କୋଟି ଟଙ୍କାର ଲୁଟ୍

କେନ୍ଦୁଝର, ୧୯।୬(ସମିସ)





ପ୍ରଶାସନ କାଠଗଡ଼ାରେ

କେନ୍ଦୁଝର ଜିଲ୍ଲା ଘଟଗାଁ ତହସିଲ ଅଞ୍ଚଳରେ ଗୋଟିଏ ବେଆଇନ କ୍ରସର ଏବଂ ଗୋଟିଏ ପଥର କ୍ୱାରୀରେ ଗତ ୬ ମାସହେଲା ଅନ୍ୟୂନ କୋଟି କୋଟି ଟଙ୍କାର ଲଘୁ ଖଣିଜ ଚୋରି ହୋଇଥିବା ଜଣାପଡ଼ିଛି। ଏସବୁ ଅନୁମତି ପାଇଁ ଆବେଦନ ପ୍ରକ୍ରିୟା ଚାଲିଥିବାବେଳେ କ୍ରସର ଚାଲିବା ପାଇଁ ଅନୁମତି ନାହିଁ। ବିନା ଅନୁମତିରେ ୬ ମାସ ହେଲା କିପରି କ୍ରସର ଚାଲିଛି ଏବଂ ପଥର କ୍ୱାରୀରୁ କୋଟି କୋଟି ଟଙ୍କା ମୂଲ୍ୟର ଲଘୁ ଖଣିଜ ଚୋରି ହେଉଛି ତାକୁ ନେଇ ପ୍ରଶ୍ନ ହେଉଛି।

ମନୋହରପୁର-ପୀଠଗୋଳ ରାସ୍ତା କାମରେ ବ୍ୟବହାର ନିମନ୍ତେ ଘଟଗାଁ ତହସିଲ ଅନ୍ତର୍ଗତ ଖଜୁରୀଜୁଆଣି ମୌଜାରେ ମେସର୍ସ ଶିବମ କଣ୍ଷ୍ଟ୍ରେବ ନାମରେ ଆବେଦନ ହୋଇଛି। ଆବେଦନ ପ୍ରକ୍ରିୟା ସମାପ୍ତ ହୋଇନାହିଁ। ଅନ୍ୟପକ୍ଷରେ ଆବେଦନ ହୋଇଥିବା ଉକ୍ତ କ୍ୱାରୀରୁ ପଥର ଆଣି ଘଟଗାଁ ତହସିଲ ଖଣ୍ଡଘର ମୌଜାର ଖାତା ନମ୍ବର ୫୦, ପ୍ଲଟ ନମ୍ବର ୩୬୮ (ଘରବାରି)ରୁ ୨.୯୦ ଏକର ଜମି ଶେଖର ମିଶ୍ର ନାମକ ବ୍ୟକ୍ତି ଉପରୋକ୍ତ ସଂସ୍ଥା ନାମରେ ଜିଲ୍ଲା ପ୍ରଶାସନକୁ ଆବେଦନ କରିଥିଲେ। ଆବେଦନ ଭିତ୍ତିକରି ଘଟଗାଁ ତହସିଲଦାରଙ୍କ ରିପୋର୍ଟ ଆଧାରରେ ଅସ୍ଥାୟୀ ଭାବେ ବର୍ଷକ ପାଇଁ ୭ ଗୋଟି ଟର୍ମ କଣ୍ଡିସନ ପୂରଣ କରିବା ପରେ କ୍ରସର ପରିଚାଳନା କରିବାକୁ ଜିଲ୍ଲାପାଳ କାର୍ଯ୍ୟାଳୟ ଅର୍ଡର ନମ୍ବର ୨୩୭/୨୦.୧.୨୦୨୬ରେ ଅନୁମତି ଦେଇଛନ୍ତି। ଜିଲ୍ଲାପାଳଙ୍କର ନିର୍ଦ୍ଦେଶପତ୍ରକୁ ଅନୁପାଳନ କରାଯାଇ ନଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଅନୁମତି ମଧ୍ୟ ନାହିଁ। ଗତ ୬ମାସ ହେବ ଖଜୁରୀଜୁଆଣି ପଥର କ୍ୱାରୀରୁ ବେଆଇନ ଭାବେ କୋଟି କୋଟି ଟଙ୍କାର ଲଘୁ ଖଣିଜ ଉତ୍ତୋଳନ କରିଚାଲିଛନ୍ତି। ଏଠାରୁ ଉତ୍ତୋଳିତ ଶହ ଶହ ଟ୍ରିପ ପଥରନେଇ ଖଣ୍ଡଘର ସ୍ଥିତ ଉପରୋକ୍ତ ପଥର କ୍ରସର ଚଲାଇ ମେଟାଲ, ଚିପ୍ସ, ବଜରୀ, ଡଷ୍ଟ କରି ନିଜେ ନେଇଥିବା ମନୋହରପୁର-ପୀଠଗୋଳ ରାସ୍ତାରେ ବ୍ୟବହାର କରନ୍ତୁ ନକରନ୍ତୁ ବାହାରେ ବିକ୍ରୟକରି କୋଟି କୋଟି ଟଙ୍କାର ମୁନଫା କମାଇ ଚାଲିଥିବା ଅଭିଯୋଗ ହେଉଛି। ରାସ୍ତା ନାମରେ ପଥର କ୍ୱାରୀ ଆବେଦନକରି, ସମସ୍ତ ଅନୁମତି ନପାଇ କ୍ରଶର ଚଲାଇ ଏଭଳି ବେଆଇନ କାମ ୬ ମାସ ହେବ ଚାଲିଥିଲେ ମଧ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବିଭାଗ, ଲଘୁ ଖଣିଜ ବିଭାଗ, ରାଜସ୍ୱ ବିଭାଗ କିପରି ଜାଣି ପାରୁନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠୁଛି। ନିୟମିତ ଯାଞ୍ଚ ସହିତ ପ୍ରଶାସନର ବିଭିନ୍ନ ବିଭାଗ ଦ୍ୱାରା ପ୍ରଦତ୍ତ ଗାଇଡଲାଇନକୁ ଖୋଲାଖୋଲି ଉଲଘଂନ ହେଉଥିଲେ ମଧ୍ୟ ଏତେବଡ ବେଆଇନ କାମ ହେଉଛି କିପରି ତାହା ବୁଝା ପଡୁନାହିଁ। ଏବେ ବର୍ଷା ଋତୁ ହେବାକୁ ଯାଉଥିବାବେଳେ ପଥର କ୍ୱାରୀ ଅଞ୍ଚଳରୁ ବ୍ୟାପକ ବେଆଇନ ପଥର ଖନନ ଯୋଗୁଁ ଜଙ୍ଗଲ ମଝିରେ ୧୦୦ ମିଟରରୁ ଅଧିକ ଖାତ ହୋଇସାରିଲାଣି; ଯାହାକି ସେ ଅଞ୍ଚଳରେ ଚଳପ୍ରଚଳ କରୁଥିବା ହାତୀଙ୍କ ପାଇଁ ବିପଦ ସୃଷ୍ଟି ହେଲାଣି। ଏଠାରେ ବନ ବିଭାଗ ମଧ୍ୟ ଆଖିବୁଜି ବସିଛି। ଏଥିପାଇଁ କେଉଁ ବିଭାଗକୁ ଦାୟୀ କରାଯିବ ରାଜ୍ୟ ସରକାରଙ୍କ ଦ୍ୱାରା ଉଚ୍ଚସ୍ତରୀୟ ତଦନ୍ତ ହେଲେ ପ୍ରକୃତ ସତ୍ୟତା ଲୋକଲୋଚନକୁ ଆସିବା ସହ ଦୋଷୀ ଆଇନ ଅନୁସାରେ ଦଣ୍ଡ ପାଆନ୍ତେ ବୋଲି ଦାବି ହେଉଛି। ଏ ବାବଦରେ କ୍ରସର କର୍ତ୍ତୃପକ୍ଷ ଫୋନ ଉଠାଇ ନଥିବାରୁ ତାଙ୍କର ସ୍ପଷ୍ଟୀକରଣ ମିଳିନାହିଁ। ଜିଲ୍ଲା ଲଘୁ ଖଣିଜ ବିଭାଗୀୟ ଅଧିକାରୀଙ୍କୁ ଏବାବଦରେ ପଚାରିବାରୁ ଆବେଦନକାରୀଙ୍କୁ ଅନୁମତି ମିଳିନାହିଁ, ଯଦି ସେ ଏଭଳି ବେଆଇନ କାମ କରୁଛନ୍ତି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗରୁ ମଧ୍ୟ ଆବଶ୍ୟକ ଅନୁମତି ପାଇ ନଥିବାରୁ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।

### ଖୁଣ୍ଟାପଡ଼ା ରଜ ମହୋତ୍ସବ ଉଦ୍‌ଯାପିତ

## ‘ପର୍ବପର୍ବାଣୀ ଓ ପରମ୍ପରା ସମାଜକୁ ଜାଗ୍ରତ ରଖେ’



ତେଲକୋଇ,୧୯।୬(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଖୁଣ୍ଟାପଡା ମକର ମେଳା ପଡ଼ିଆରେ ଓମ୍ ଶକ୍ତି ସଂଗଠନ ପକ୍ଷରୁ ଦ୍ୱିତୀୟ ବାର୍ଷିକ ରଜ ମହୋତ୍ସବ ଧୁମଧାମରେ ପାଳନ କରାଯାଇଛି। ୩ ଦିନ ଧରି କାର୍ଯ୍ୟକ୍ରମରେ ଅତିଥିମାନେ କୃଷିଭିତ୍ତିକ ରଜ ପର୍ବ ଓ ଏହାର ପରମ୍ପରାକୁ ମନେ ପକାଇବା ସହ ପର୍ବପର୍ବାଣୀ ତଥା ଲୋକକଳା ସମାଜକୁ ଜାଗ୍ରତ କରେ ବୋଲି କହିଥିଲେ। ରଜ ମହୋତ୍ସବ କମିଟି ସଭାପତି ବ୍ରଜକିଶୋର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖୁଣ୍ଟାପଡ଼ା ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା, ସମାଜସେବୀ ବଳଭଦ୍ର ପ୍ରଧାନ, ପ୍ରେସ କ୍ଲବ ସଭାପତି କୈଳାସଚନ୍ଦ୍ର ପ୍ରଧାନ, ସାମ୍ବାଦିକ ଅନୁକୂଳ ବିଶ୍ୱାଳ, ବିଭୁତି ପ୍ରଧାନ, ଭୋଳେଶ୍ୱର ପାତ୍ର ଯୋଗ ଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ତଥା ବିଜେଡ଼ି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ମୁଖ୍ୟବକ୍ତା ଅବସରପ୍ରାପ୍ତ ରାଜ୍ୟ ସରକାର ପୁରସ୍କାରପ୍ରାପ୍ତ ଶିକ୍ଷକ ବସୁଦେବ ମହାନ୍ତ, ସମ୍ମାନିତ ଅତିଥି ବାଂଶପାଳ ବ୍ଲକ୍ ଅଧ୍ୟକ୍ଷ ମାନସ କୁମାର ଦେହୁରୀ, ତେଲକୋଇ ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ, ୧୯ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ଛଇଳବାଳା ନାୟକ, ୨୫ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଅରୁଣ ବାରିକ ଯୋଗ ଦେଇଥିଲେ। ସେହିପରି ଗତକାଲି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ମାନସ କୁମାର ନାଏକ, ମୁଖ୍ୟବକ୍ତା ଚାରିଗଡ କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ମାନଗୋବିନ୍ଦ ସାହୁ, ସମ୍ମାନିତ ଅତିଥି ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଷ୍ଠିତ ନୃତ୍ୟ ଓ ସଙ୍ଗୀତ ଦଳ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରଜ ମହୋତ୍ସବ କମିଟି ସମ୍ପାଦକ ବିରଞ୍ଚି କୁମାର ବେହେରା ସଭା ସଂଯୋଜନା କରିଥିବା ବେଳେ ଉପସଭାପତି ହଟକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଓମ୍ ଶକ୍ତି ସଂଗଠନ ସଭାପତି ଜିତେନ୍ଦ୍ର ସାହୁ, ସମ୍ପାଦକ ଶ୍ରୀଧର ପତି, ସଦସ୍ୟ ନାରାୟଣ ସାହୁ, ଜଗଦିଶ ପତି, ମଳୟ ସାହୁ, ବଳରାମ ସାହୁ, ଗୋବର୍ଦ୍ଧନ ଥପା, ସୁଶାନ୍ତ ଦେହୁରୀ, ମାନସ ମହାକୁଡ, ରାଜୁ ଦାସ, ଟିଟୁ ସାହୁ, ବିନୟ ଥପା ପରିଚାଳନା କରିଥିଲେ।

## ଅନ୍ତର୍ଜାତୀୟ ଯୋଗ ଦିବସ ପୂର୍ବରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

କେନ୍ଦୁଝର, ୧୯।୬(ସମିସ): ଆସନ୍ତା ଜୁନ ୨୧ ତାରିଖ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଶୁକ୍ରବାର ମୋଚିବନ୍ଧ ଉଚ୍ଚ ବିଦ୍ୟାଳୟଠାରେ ସମଗ୍ର ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। “ନିରୋଗ ଓ ସୁସ୍ଥ ରହିବା ପାଇଁ ଯୋଗ’ ଶୀର୍ଷକରେ ବକ୍ତୃତା, ରଚନା, ଚିତ୍ରାଙ୍କନ ଓ ସ୍ଲୋଗାନ ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଚୟନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ସାଇସଙ୍କଳ୍ପ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ ମୁଖ୍ୟଅତିଥି ଭାବେ ନିୟମିତ ବ୍ୟାୟାମ କରିବା ସହ ଜଙ୍କ ଫୁଡ଼ ନଖାଇବା ପାଇଁ ସେ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦ୍ୱିତୀକ୍ରିଷ୍ଣ ବେହେରା ଓ



ମଧୁସୂଦନ ମିଶ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଶାନ୍ତନୁ ମହାପାତ୍ର, ଫକୀର ମୋହନ ମହାନ୍ତ, ଘନଶ୍ୟାମ ମହାନ୍ତ, ପ୍ରଶାନ୍ତ ସେନାପତି ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ତେଜସ୍ୱିନୀ ପାତ୍ର ଧନ୍ୟବାଦ ଦେଇଥିଲେ।

## ବିଧାୟକଙ୍କ ଜନ୍ମଦିନରେ ସେବାକାର୍ଯ୍ୟ



ହାଟଡ଼ିହୀ,୧୯।୬(ସମିସ): ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ଜନ୍ମଦିନ ଉତ୍ସବ ପାଳନ ହୋଇଛି। ଯୁବ ବିଜେଡ଼ି ସମ୍ପାଦକ ଦୀପ୍ତିରଞ୍ଜନ ଦାସ ଓ ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଅମରେନ୍ଦ୍ର ଧଳଙ୍କ ସଂଯୋଜନାରେ ହାଟଡ଼ିହୀସ୍ଥିତ ବିଜେଡ଼ି କାର୍ଯ୍ୟାଳୟଠାରେ ଶୁକ୍ରବାର ପୂର୍ବାହ୍ନରେ ବିଜେଡ଼ି କର୍ମକର୍ତ୍ତା ଓ ନେତୃମଣ୍ଡଳୀଙ୍କ ଗହଣରେ ଦୀପ ଜାଳି ଶୁଭ ମନାସିବା ସହ କେକ୍ କାଟି ବିଧାୟକ ଅଭିମନ୍ୟୁ ସେଠୀଙ୍କ ୫୨ତମ ଜନ୍ମଦିନ ପାଳନ କରାଯାଇଛି। ବିଧାୟକ ଶ୍ରୀ ସେଠୀ ଚାରାରୋପଣ କରିବା ସହ ଗୋରୁଗାଈଙ୍କୁ ଖାଦ୍ୟ ଖୁଆଇ ନିଆରା ଢ଼ଙ୍ଗରେ ଜନ୍ମଦିନ ପାଳନ କରି ସମଗ୍ର ନିର୍ବାଚନ ମଣ୍ଡଳୀର ଶୁଭକାମନା ମନାସିଛନ୍ତି। ବିଜେଡ଼ି ରାଜ୍ୟ ସମ୍ପାଦକ ରତିକାନ୍ତ ରାଉତଙ୍କ ସମେତ ବିଜେଡ଼ି କର୍ମୀ କାମପାଳ ନାୟକ, ସୁଦାମଚନ୍ଦ୍ର ରଣା, ଶଙ୍କର୍ଷଣ ନାୟକ, କୁଳମଣି ରାଉତ, ରୁଦ୍ରନାରାୟଣ ଜେନା, ଗୌରାଙ୍ଗ ରଣା, ଜିଲ୍ଲା ବିଜେଡ଼ି ସମ୍ପାଦକ ବୀରେନ୍ଦ୍ର ବିଶ୍ୱାଳ, ସୁଲଣ ସରପଞ୍ଚ ପ୍ରତିନିଧି ଦିଲ୍ଲୀପ୍ ମଲ୍ଲିକ, ସମିତି ସଭ୍ୟ କୈଳାସ ରାଉତ, ଶ୍ରୀକାନ୍ତ ନାୟକ, ବାବନ ସେଠୀ, ସମଣା ସରପଞ୍ଚ ଜଗବନ୍ଧୁ କାଣ୍ଡି, ଉଦୟନାଥ ସା, ପ୍ରଶାନ୍ତ ଆୟଚ, ବିମଳ ଜେନା, ମଣ୍ଟୁ ନାୟକ, ନରେନ୍ଦ୍ର ସା, ମନୋରଞ୍ଜନ ପଣ୍ଡା, ଦୁଃଶାସନ ସାହୁ, ସନ୍ତୋଷ ଚକ୍ର, ତ୍ରୈଲୋକ୍ୟ ସାହୁ, ପ୍ରଶାନ୍ତ ନାୟକ, ରାଜେନ୍ଦ୍ର ଜେନା, ବିଜୟ ଦାସ, ସୁଶାନ୍ତ ମହାପାତ୍ର, ସତ୍ୟନାରାୟଣ ସେଠୀ, ଶମ୍ଭୁନାଥ ନାୟକଙ୍କ ସମେତ ଶତାଧିକ ବିଜେଡ଼ି କର୍ମକର୍ତ୍ତା ଯୋଗ ଦେଇଥିଲେ।

## ରଜିଆରେ ‘ଦୁଆର ମୁହଁରେ ରାଜସ୍ୱ ସେବା’ ଶିବିର

ଚମ୍ପୁଆ, ୧୯।୬(ସମିସ): ଚମ୍ପୁଆ ତହସିଲ ଅନ୍ତର୍ଗତ ରଜିଆ ପଞ୍ଚାୟତରେ ‘ମୋ ଗାଁ ମୋ ତହସିଲ’ ଅଧୀନରେ ‘ଦୁଆର ମୁହଁରେ ରାଜସ୍ୱ ସେବା’ କାର୍ଯ୍ୟକ୍ରମ ଚମ୍ପୁଆ ତହସିଲଦାର ସତ୍ୟବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ଲଗାଣ ବର୍ଷା ଓ ପବନ ସତ୍ତ୍ୱେ ଜନସାଧାରଣଙ୍କୁ ସରକାରୀ ରାଜସ୍ୱ ସେବା ପହଞ୍ଚାଇବା ପାଇଁ ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାର ସହ କାର୍ଯ୍ୟ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। କେନ୍ଦୁଝର ସାଂସଦ ଅନନ୍ତ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ୨୦ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଥିଲେ। ଶିବିରରେ ୨୦ଟି କଲମ-୨ ସର୍ଭେ, ୮୭ଟି କଲମ-୨ ମାମଲାର ଶୁଣାଣି, ୩୦ଟି ଚିହ୍ନଟ ସମ୍ବନ୍ଧୀୟ ମାମଲାର ଶୁଣାଣି, ୪ଟି କିସମ ପରିବର୍ତ୍ତନ ମାମଲା ଓ ୪ଟି ମ୍ୟୁଟେସନ ପିଟିସନର ଶୁଣାଣି କରାଯାଇଥିଲା। ସେହିପରି ୨ଟି ବସୁନ୍ଧରା ଯୋଜନା ସମ୍ବନ୍ଧୀୟ ଅଭିଯୋଗ ଓ ୧୨ଟି ସାଧାରଣ ଅଭିଯୋଗ ଗ୍ରହଣ କରାଯାଇଥିଲା। ମୋଟ ୭୭ଟି ବିଭିନ୍ନ ପ୍ରକାରର ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ଇ-ପାଉତି ମାଧ୍ୟମରେ ୨,୪୪୬ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ତହସିଲଦାର ଶ୍ରୀ ସାହୁ ସୂଚନା ଦେଇଛନ୍ତି। ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀଙ୍କ ସହ ରାଜସ୍ୱ ନିରୀକ୍ଷକ ସମ୍ପଦ କୁମାର ପ୍ରଧାନ, ସାର୍ଥକ ସାରଥୀ ବାରିକ, ଅଲେଖ ମାଝି, ଦେବାଶିଷ ପ୍ରସାଦ ମହାକୁଡ଼, ଚିନ୍ମୟୀ ମହାନ୍ତ, ରାମେଶ୍ୱର ମାଝି ଓ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।




# ନିଟ୍ (ୟୁଜି) ପରୀକ୍ଷା ପାଇଁ ମାଗଣା ବସ୍ ସେବା

କେନ୍ଦୁଝର, ୧୯।୬(ସମିସ): ଆସନ୍ତା ଜୁନ୍ ୨୧ ତାରିଖରେ ହେବାକୁ ଥିବା ନିଟ୍ (ୟୁଜି) ୨୦୨୬ ପୁନଃପରୀକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ପରୀକ୍ଷାକୁ ସ୍ୱଚ୍ଛ, ନିରପେକ୍ଷ ଏବଂ ସୁରକ୍ଷିତ ଭାବେ ପରିଚାଳନା କରିବା ପାଇଁ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ତଥା ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କ୍ଷୁଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ କ୍ଷେତ୍ରସ୍ତରୀୟ ବିଭାଗୀୟ ସମନ୍ୱୟ ଉପରେ ପ୍ରଶାସନ ଗୁରୁତ୍ୱାରୋପ କରିଥିବା ବେଳେ ପରୀକ୍ଷାର୍ଥୀଙ୍କ ଯାତାୟାତ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକରୁ କେନ୍ଦୁଝର ସହରକୁ ମୁଖ୍ୟମନ୍ତ୍ରୀ ବସ ସେବା ଅଧୀନରେ ଚଳାଚଳ କରୁଥିବା ବସ୍ ମାଧ୍ୟମରେ ମାଗଣା ପରିବହନ ବ୍ୟବସ୍ଥା କରାଯାଇଛି। ବସରେ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ସହ ଜଣେ ଅଭିଭାବକ ମଧ୍ୟ ନିଶୁଳ୍କ ଯାଇପାରିବେ। ଜିଲ୍ଲାର ସମସ୍ତ ବ୍ଲକକୁ ଅନ୍ତର୍ଭୁକ୍ତ କରି ମୋଟ ୩୧ଟି ବସ୍ ନିୟୋଜିତ କରାଯାଇଛି। ଏହି ବସ୍‌ଗୁଡ଼ିକ ସକାଳେ ପରୀକ୍ଷାର୍ଥୀମାନଙ୍କୁ କେନ୍ଦୁଝର ଆଣିବେ ଏବଂ ପରୀକ୍ଷା ଶେଷ ହେବା ପରେ ନିଜ ନିଜ ବ୍ଲକକୁ ଫେରାଇ ନେବେ।

### ବସ୍ ଚଳାଚଳ ସମ୍ପର୍କିତ ସମୟସୂଚୀ

**ଆନନ୍ଦପୁର ବ୍ଲକ:** ୬ଟି ବସ୍ ସକାଳ ୬:୪୫ ରୁ ୭:୫୦ ମଧ୍ୟରେ ଆନନ୍ଦପୁରରୁ ବାହାରି ସକାଳ ୯:୦୦ ରୁ ୧୦:୦୫ ମଧ୍ୟରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ଯାତ୍ରା ସନ୍ଧ୍ୟା ୬:୦୦ ରୁ ୬:୪୫ ମଧ୍ୟରେ ଗୋହିରା, କୋଳିମାଟି, ଘଟଗାଁ, ଢେଙ୍କିକୋଟ, ପିପିଲିଆ, ନରଣପୁର, ସିରିସପାଳ, ଶାଳପଡା ଏବଂ ଘସିପୁରା ଦେଇ ଗତି କରିବ।

**ବାଂଶପାଳ ବ୍ଲକ:** ୨ଟି ବସ୍ ରଙ୍ଗାଡିହି, ସୁଆକାଟି, ଠାକୁରଡିହି ଏବଂ ଅଞ୍ଜାର ଦେଇ ସକାଳ ୮:୦୦ ଏବଂ ୮:୩୦ ରେ ବାହାରି ଯଥାକ୍ରମେ ୯:୧୫ ଏବଂ ୯:୪୫ ମିନିଟରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ବସ୍ ସନ୍ଧ୍ୟା ୬:୦୦ ଏବଂ ୬:୧୫ରେ କେନ୍ଦୁଝରରୁ ଛାଡ଼ିବ।

**ଚମ୍ପୁଆ ବ୍ଲକ:** ୩ଟି ବସ୍ ସକାଳ ୭:୦୦ ରୁ ୭:୪୫ ମଧ୍ୟରେ କାଳିକାପ୍ରସାଦ, ପର୍ଶଳା, କଟଲପସି, ଝୁମ୍ପୁରା ଏବଂ ପଦ୍ମପୁର ଦେଇ ବାହାରି ସକାଳ ୯:୧୫ ରୁ ୧୦:୦୦ ମଧ୍ୟରେ ପହଞ୍ଚିବ। ଫେରନ୍ତା ବସ୍ ସନ୍ଧ୍ୟା ୬:୦୦ ରୁ ୬:୩୦ ମଧ୍ୟରେ ବାହାରିବ।

**ଘସିପୁରା ବ୍ଲକ:** ୨ଟି ବସ୍ ସକାଳ ୬:୩୦ ଏବଂ ୬:୪୫ ରେ ବାହାରି ଦେଓଗାଁ, ନାରଙ୍ଗପୁର, ରେମାଳଡାମ, ହରିଚନ୍ଦନପୁର, କୋଳିମାଟି ଏବଂ ଘଟଗାଁ ଦେଇ ସକାଳ ୯:୪୫ ଏବଂ ୧୦:୦୦ରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ସେବା ସନ୍ଧ୍ୟା ୬:୦୫ ଏବଂ ୬:୧୫ରେ ଆରମ୍ଭ ହେବ।

**ଘଟଗାଁ ବ୍ଲକ:** ୩ଟି ବସ୍ ସକାଳ ୮:୦୦ରୁ ୮:୪୫ ମଧ୍ୟରେ ବାହାରି ଢେଙ୍କିକୋଟ, କାତରାବେଡା, ପିପିଲିଆ ଏବଂ ଚାନ୍ଦିପାସି ଦେଇ ସକାଳ ୯:୧୫ରୁ ୧୦:୦୦ ମଧ୍ୟରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ଯାତ୍ରା ସନ୍ଧ୍ୟା ୬:୩୦ରୁ ୬:୫୦ ମଧ୍ୟରେ ନିର୍ଦ୍ଧାରିତ ହୋଇଛି।

**ହରିଚନ୍ଦନପୁର ବ୍ଲକ:** ୩ଟି ବସ୍ ପିଟାପିଟି, ଅଡ଼ାକାତା, ଦେଓବନ୍ଧ ଛକ, ପଣ୍ଡାପଡ଼ା ଏବଂ ନୁଦୁରୁପଡ଼ା ଦେଇ ସକାଳ ୮:୦୦ ରୁ ୮:୩୦ ମଧ୍ୟରେ ବାହାରି ସକାଳ ୯:୩୦ ରୁ ୧୦:୦୦ ମଧ୍ୟରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ଯାତ୍ରା ସନ୍ଧ୍ୟା ୬:୩୫ ରୁ ୬:୫୫ ମଧ୍ୟରେ ଆରମ୍ଭ ହେବ।

**ହାଟଡିହି ବ୍ଲକ:** ୨ଟି ବସ୍ ସକାଳ ୬:୪୫ ଏବଂ ୭:୦୦ ରେ ଆନନ୍ଦପୁର ବ୍ରିଜ୍ ଛକ, ଘସିପୁରା, ଗୋହିରା, ଘଟଗାଁ ଏବଂ ଢେଙ୍କିକୋଟ ଦେଇ ସକାଳ ୯:୪୫ ଏବଂ ୧୦:୦୦ରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ବସ୍ ସନ୍ଧ୍ୟା ୬:୦୦ ଏବଂ ୬:୧୫ରେ ଛାଡ଼ିବ।

**ଝୁମ୍ପୁରା ବ୍ଲକ:** ୩ଟି ବସ୍ ପଲାସପଙ୍ଗା, ପଦ୍ମପୁର ଏବଂ ରାଇସୁଆଁ ଦେଇ ସକାଳ ୮:୦୦ ରୁ ୮:୪୫ ମଧ୍ୟରେ ବାହାରି ସକାଳ ୯:୦୦ ରୁ ୯:୪୫ ମଧ୍ୟରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ବସ୍ ସନ୍ଧ୍ୟା ୬:୦୫ରୁ ୬:୩୦ ମଧ୍ୟରେ ବାହାରିବ।

**ଯୋଡା ବ୍ଲକ:** ୨ଟି ବସ୍ ବୋଲାନୀ, ବଡ଼ବିଲ, ଜୋଡ଼ା, ଝୁମ୍ପୁରା, ପଦ୍ମପୁର ଏବଂ ରାଇସୁଆଁକୁ ଅନ୍ତର୍ଭୁକ୍ତ କରି ସକାଳ ୬:୩୦ ଏବଂ ୭:୦୦ ରେ ବାହାରି ସକାଳ ୯:୩୦ ଏବଂ ୧୦:୦୦ରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ସେବା ସନ୍ଧ୍ୟା ୬:୦୦ ଏବଂ ୬:୧୦ରେ ଛାଡ଼ିବ।

**ପାଟଣା ବ୍ଲକ:** ୨ଟି ବସ୍ ସକାଳ ୭:୩୦ ଏବଂ ୮:୦୦ ରେ ଟଙ୍ଗରପଡ଼ା, କେନ୍ଦେଇପାସି, ଶରଧାପୁର ଏବଂ ମଇଦାନକେଲ ଦେଇ ସକାଳ ୯:୧୫ ଏବଂ ୯:୪୫ରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ଯାତ୍ରା ସନ୍ଧ୍ୟା ୬:୧୫ ଏବଂ ୬:୨୫ ରେ ନିର୍ଦ୍ଧାରିତ ହୋଇଛି।

**ସାହାରରପଡ଼ା ବ୍ଲକ:** ୨ଟି ବସ୍ ସକାଳ ୭:୦୦ ଏବଂ ୭:୩୦ ରେ ବଡ଼ବିଲ, ପାଟଣା, ଟଙ୍ଗରପଡ଼ା, କେନ୍ଦେଇପାସି ଏବଂ ମଇଦାନକେଲ ଦେଇ ସକାଳ ୯:୦୦ ଏବଂ ୯:୩୦ ରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ବସ୍ ସନ୍ଧ୍ୟା ୬:୧୦ ଏବଂ ୬:୨୦ ରେ ପ୍ରସ୍ଥାନ କରିବ।

**ତେଲକୋଇ ବ୍ଲକ:** ୨ଟି ବସ୍ ଜଗମୋହନପୁର, କଞ୍ଜିପାଣି, କୁଆଁର ଛକ ଏବଂ ଅଞ୍ଜାର ଦେଇ ଚାଲିବ। ଗୋଟିଏ ବସ୍ ସକାଳ ୭:୦୦ ରେ ବାହାରି ୯:୪୫ ରେ କେନ୍ଦୁଝରରେ ପହଞ୍ଚିବ, ଅନ୍ୟଟି ସକାଳ ୬:୧୫ ରେ ବାହାରି ୧୦:୧୫ ରେ ପହଞ୍ଚିବ। ଫେରନ୍ତା ଯାତ୍ରା ଯଥାକ୍ରମେ ସନ୍ଧ୍ୟା ୬:୦୦ ଏବଂ ୬:୧୫ ରେ ନିର୍ଦ୍ଧାରିତ ହୋଇଛି। ଏହି ସମସ୍ତ ବସ ବ୍ଲକ ମୁଖ୍ୟାଳୟସ୍ଥିତ ବସଷ୍ଟାଣ୍ଡରୁ ବାହାରିବ। ସୁବିଧା ପାଇଁ ପ୍ରତ୍ୟେକ ବ୍ଲକ ନିମନ୍ତେ ଜଣେ ଲେଖାଏଁ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ମଧ୍ୟ ଦିଆଯାଇଛି। ଆନନ୍ଦପୁର ବ୍ଲକ ପାଇଁ ବିଜୟ କୁମାର ନାୟକ-୬୩୭୨୨୩୧୦୭୧, ବାଂଶପାଳ ବ୍ଲକ ନିମନ୍ତେ ଅଭିଜିତ ସା- ୯୯୩୭୮୦୬୧୧୩, ଚମ୍ପୁଆ ବ୍ଲକ ନିମନ୍ତେ ନମୀତା ମଞ୍ଜରି ମହାନ୍ତ – ୯୧୭୮୪୨୮୧୫୪, ଘଷିପୁରା ନିମନ୍ତେ- ଲକ୍ଷ୍ମୀପ୍ରିୟା ଦାସ- ୭୩୨୫୮୬୪୨୦୯, ଘଟଗାଁ ବ୍ଲକ ନିମନ୍ତେ ସୁରେନ୍ଦ୍ର କୁମାର ମହାନ୍ତ- ୯୭୭୭୮୪୮୬୪୬, ହରିଚନ୍ଦନପୁର ବ୍ଲକ ନିମନ୍ତେ ଦିନେଶ କୁଆମର ନାୟକ -୮୦୧୮୨୯୮୬୩୯, ହାଟଡିହି ନିମନ୍ତେ ରାଜକିଶୋର ନାୟକ – ୯୭୭୭୨୦୨୭୬୯, ଝୁମ୍ପୁରା ନିମନ୍ତେ ରଶ୍ମିରଞ୍ଜନ ସେଠୀ-୬୩୭୦୫୮୧୪୫୬, ଯୋଡା ନିମନ୍ତେ ଦୀପକ କୁମାର ନାୟକ-୭୬୮୪୦୬୬୭୨୯, ପାଟଣା ଓ ସାହାରପଡା ନିମନ୍ତେ ସ୍ମୃତିରଞ୍ଜନ ସେଠୀ – ୭୮୪୬୮୨୦୬୨୯, ତେଲକୋଇ ନିମନ୍ତେ ଦିନେଶ କୁମାର ମହାପାତ୍ର – ୮୮୬୬୦୭୮୭୮୮ଙ୍କୁ ଯୋଗାଯୋଗ କରିପାରିବେ। ଅତିରିକ୍ତ ଜିଲ୍ଲାପାଳ ସମସ୍ତ ପରୀକ୍ଷାର୍ଥୀଙ୍କୁ ଏହି ମାଗଣା ପରିବହନ ସେବାର ସଦୁପଯୋଗ କରିବାକୁ ଅନୁରୋଧ କରିବା ସହ ନିର୍ଦ୍ଧାରିତ ବୋର୍ଡିଂ ପଏଣ୍ଟରେ ସମୟ ପୂର୍ବରୁ ପହଞ୍ଚିବାକୁ ପରାମର୍ଶ ଦେଇଛନ୍ତି।

# ପରୀକ୍ଷଣ ଭିତ୍ତିଭୂମିର ଉନ୍ନତୀକରଣ ଓ ଉନ୍ନତ ଷ୍ଟିଲ୍‌ଗ୍ରେଡ୍ ବିକଶିତ

ରାଉରକେଲା, ୧୯।୬(ସମିସ): ରାଉରକେଲା ଇସ୍ପାତ କାରଖାନାସ୍ଥିତ ରିସର୍ଚ୍ଚ ଆଣ୍ଡ କଣ୍ଟ୍ରୋଲ୍ ଲାବୋରେଟୋରୀ, ଇସ୍ପାତ କାରଖାନାର ଗୁଣବତ୍ତା ଏବଂ ଉତ୍ପାଦ-ନବୋନ୍ମେଷ ପ୍ରୟାସରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ବିଶେଷ ଭାବରେ, ଏସ.ବି.କ୍ୟୁ-ଗ୍ରେଡ୍ ଷ୍ଟିଲ୍ ପ୍ଲେଟ୍ ପାଇଁ ଡିଏନ୍‌ଭି ଏବଂ ଆଇଆର୍‌ଏସ୍‌ଠାରୁ ଏକସଙ୍ଗେ ପ୍ରମାଣପତ୍ର ଏବଂ ଏକ ବି.ଆଇ.ଏସ୍ ଲାଇସେନ୍ସ ହାସଲ କରିବାରେ ଆର୍‌ଏସ୍‌ପି ହେଉଛି ପ୍ରଥମ 'ସେଲ୍‌ଫ' ୟୁନିଟ୍। ଏହି ଲାବୋରେଟୋରୀର ପରୀକ୍ଷଣ ଏବଂ ବିକାଶ କ୍ଷମତାର ଉପଯୋଗ କରି, ଆର.ଏସ.



ପି ପକ୍ଷରୁ ୪୦ ମିଲିମିଟର ପର୍ଯ୍ୟନ୍ତ ଏ.ଏସ.ଟି.ଏମ - ଏ ୩୮୭ କ୍ଲାସ୍ ୨ (ଗ୍ରେଡ୍ ୧୧ ଏବଂ ୧୨) ଏନ୍‌ଆଣ୍ଡ ଟି ପ୍ଲେଟ୍, ୦.୫୦ ମିଲିମିଟର ବିଶିଷ୍ଟ ଉଚ୍ଚ-ଗ୍ରେଡ୍ ସି.ଆର.ଏନ.ଓ କଏଲ୍ (୫୦ସି୪୦୦ ଏବଂ ୫୦ସି୪୭୦)ର ବ୍ୟାବସାୟିକରଣ କରାଯାଇଛି ଏବଂ ୭୦ ମିଲିମିଟର ପର୍ଯ୍ୟନ୍ତ ଇ-୪୧୦ ବି.ଆର୍ ପ୍ଲେଟ୍‌ର ନର୍ମାଲାଇଜ୍‌ଡ ରୋଲିଂ ବିକଶିତ ହୋଇଛି। ଭାରତୀୟ ନୌସେନା ପାଇଁ ଏଚ୍‌ଏସ୍‌ଏମ୍ ରୁଟ୍ ମାଧ୍ୟମରେ ଡି.ଏମ୍.ଆର୍ ୨୪୯ଏ-ଏଚ୍.ଆର୍ ପ୍ଲେଟ୍, ଷ୍ଟାମ୍ପିଂ ପାଇଁ ଏସ୍‌ଆଇକେ ଗ୍ରେଡ୍-୧ ଏଚ୍.ଆର୍ କଏଲ୍, ସାର୍ପ ବେଣ୍ଡିଂ ପାଇଁ ଆଇ.ଏସ ୧୦୭୪୮ ଗ୍ରେଡ୍ ୫ଉଚ୍ଚ-ଶକ୍ତି ସମ୍ପନ୍ନ ଏଚ୍.ଆର୍ କଏଲ୍, ଏବଂ ଡାଉନ୍‌ଷ୍ଟ୍ରିମ୍ କୋଲ୍ଡ-ରୋଲିଂ ପାଇଁ ଆର୍.ଏଚ୍. ରୁଟ୍ ମାଧ୍ୟମରେ ନିମ୍ନ-କାର୍ବନ ବିଶିଷ୍ଟ ଇଡିଡି.ଷ୍ଟିଲ୍ ବିକଶିତ କରାଯାଇଛି। ଏଥି ସହିତ କ୍ୟାଲସିୟମ୍ ସିଲିକନ୍ ଏବଂ ଫେରୋମାଙ୍ଗାନିଜ୍ ପରୀକ୍ଷା କରିବାର ସୁବିଧାକୁ ଅଧିକ ଉନ୍ନତ କରାଯାଇଥିବାବେଳେ କନଭର୍ଟର-ଫ୍ଲୋର୍ କଣ୍ଟେନର୍-ଲ୍ୟାବ୍‌କୁ ରୋବୋଟିକ୍ ସିଷ୍ଟମ୍‌କୁ ଉନ୍ନୀତ କରିବାର ଯୋଜନା କରାଯାଇଛି। ଏହି ସମସ୍ତ ଅଗ୍ରଗତି ନବୋନ୍ମେଷ, ବ୍ୟୟ-ଅନୁକୂଳ ଉତ୍ପାଦନ ଏବଂ କଠୋର ଗୁଣବତ୍ତାମାନ ପ୍ରତି ଆର୍.ଏସ୍.ପିର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ସଭା



ରାଉରକେଲା, ୧୯।୬(ସମିସ): ସୁନ୍ଦରଗଡ଼ ଜିଲ୍ଲାରେ ଚାଲିଥିବା ୧୫ ଦିନିଆ ଶିଶୁ ଶ୍ରମିକ ନିରାକରଣ ଅଭିଯାନର ଅଂଶ ସ୍ୱରୂପ ଏକ ଶିଶୁ ଶ୍ରମିକ ନିରାକରଣ ସଚେତନତା ସଭା ଗୁରୁବାର ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆର୍‌ଏମ୍‌ସିର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମିକ ନିରାକରଣ ସହିତ ସେମାନଙ୍କର ପୁନଃଥ ଇଥାନ ଓ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ମିଳିତ ସହଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି) ଅଧ୍ୟକ୍ଷା ସୁମି ଓରାମ, ଚାମ୍ବର ଅଫ୍ କମର୍ସ ଜନସମ୍ପର୍କ ଅଧିକାରୀ ସନ୍ଦୀପ ଗୌତମ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଜିଲ୍ଲା ସମନ୍ୱୟକ ଆକାଶ ପାତ୍ର, ଯୁଗ୍ମ ଶ୍ରମଆୟୁକ୍ତ ପ୍ରଣବ ଜେନା, ପ୍ରଭାଗୀୟ ଶ୍ରମଆୟୁକ୍ତ ସୁନିତା କିସାନ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଦର୍ଶନୀ ଏକ୍କା ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ଖେଲୋ ଇଣ୍ଡିଆ ମହିଳା ଅସ୍ମିତା ସାଇକେଲିଂ ଲିଗ୍




ରାଉରକେଲା, ୧୯।୬(ସମିସ): ବିଶ୍ୱ ବାଇସାଇକେଲ ଦିବସ ପାଳନ ପରିପ୍ରେକ୍ଷୀରେ ଖେଲୋ ଇଣ୍ଡିଆ ଅନ୍ତର୍ଗତ ସିଟିସ୍ତରୀୟ ମହିଳା ଅସ୍ମିତା ସାଇକେଲିଂ ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସଂଗଠନର ମହିଳା ସଦସ୍ୟଙ୍କ ସହ ସ୍କୁଲ ଓ କଲେଜର ଯୁବତୀମାନେ ଅଂଶଗ୍ରହଣ କରିଥିଲେ। ସାଇକେଲ ଶୋଭାଯାତ୍ରା ସେକ୍ଟର - ୧୩ ମେଳଣ ପଡ଼ିଆରୁ ବାହାରି ସେକ୍ଟର - ୭/୧୭ ଛକ ହୋଇ ପୁଣି ସେକ୍ଟର - ୩ ମେଳଣ ପଡ଼ିଆକୁ ପ୍ରତ୍ୟାବର୍ତ୍ତନ କରିଥିଲା। ମୁଖ୍ୟଅତିଥି ଭାବେ ପୁଲିସ ଇନିସ୍ପେକ୍ଟର କ୍ଷିତୀଶ ଚନ୍ଦ୍ର ପାତ୍ର, ସୁନ୍ଦରଗଡ଼ ଡ଼ିଏଏର ଉପସଭାପତି ରାଧା ମୋହନ ନାୟକ ଓ ଓଡ଼ିଶା ସାଇକ୍ଲିଂ ଆସୋସିଏସନର ଯୁଗ୍ମ ସମ୍ପାଦକ ଗୋପୀନାଥ ପଣ୍ଡା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଡିଏଏର ବରିଷ୍ଠ ସଦସ୍ୟ ଆରବିନ୍ଦ ପାତ୍ର, ବିବୁଦତ୍ତ ବେହେରା, ଇସ୍ପାତ କଲେଜର ପିଇଟି ଅଧ୍ୟାପକ ସୁବ୍ରତ ଭଞ୍ଜ, ଉଦିତ ନଗର ହାଇସ୍କୁଲର ପିଇଟି ଶିକ୍ଷକ ଆଶିଷ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଗୋପୀନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଆରତୀ ଚୌଧୁରୀ ସଂଯୋଜନା କରିଥିଲେ। ଏଥିରେ ସାଇକ୍ଲିଷ୍ଟ ରଶ୍ମିତା କର, ବର୍ଷା ବାନେର୍ଜୀ, ପ୍ରମୋଦ କୁମାର ବେହେରା, ରିୟା କୁମାରୀ, ଶିବାନୀ, ସୁରେନ ପାଲ, ସଚି ପଣ୍ଡା, ଗୀତା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶୀତଳ ଷଷ୍ଠୀ: ପଡ଼ିଲା ଦେବ ଦମ୍ପତିଙ୍କ ହାତଗଣ୍ଠି







ଲହୁଣୀପଡ଼ା, ୧୯ ।୬(ସମିସ)

ଲହୁଣୀପଡ଼ା ବ୍ଲକ କଲୋନୀସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିର ପକ୍ଷରୁ ଶୀତଳ ଷଷ୍ଠୀ ଅବସରରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବର ମାତାପିତା ଭାବେ ସଞ୍ଜୁକ୍ତା ଭୂୟାଁ ଓ ସନ୍ତୋଷ ଭୂୟାଁ ଏବଂ କନ୍ୟା ମାତାପିତା ଭାବେ ଆରତୀ ଜୟସ୍ୱାଲ ଓ ବିନୟ ଜୟସ୍ୱାଲ ଦାୟିତ୍ୱ ତୁଲାଇଥିଲେ। ପୂଜକ ତାରଣୀ ପତି ସିପୁନ ପତି ବିବାହ କାର୍ଯ୍ୟ ସଞ୍ଚାଳନ କରିଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚି ଅନୁସାରେ ନିର୍ବନ୍ଧ, ମଙ୍ଗଳପାକ, ବରାନୁଗମନ, ବିବାହ, ପାଣିଗ୍ରହଣ, କାର୍ଯ୍ୟ କରାଯାଇଥିଲା। ସନ୍ଧ୍ୟାରେ ଦେବ ଦମ୍ପତ୍ତିଙ୍କୁ ସୁସଜ୍ଜିତ ପାଲିଙ୍କିରେ ବସାଇ ବାଦ୍ୟନୃତ୍ୟର ତାଳେତାଳେ ଲହୁଣୀପଡ଼ା ସହର ପରିକ୍ରମା କରାଯାଇଥିଲା। ବିଜୟ କୁମାର ମହାପାତ୍ର, ରାଜେଶ ଜୟସ୍ୱାଲ, ଇନ୍ଦ୍ରମଣି ସାହୁ, ଦୁର୍ଯ୍ୟୋଧନ ବେହେରା, ବାପି ଖଟୁଆ, ବିନୋଦ ସା, ଚୈତନ୍ୟ ମାରାଣ୍ଡି, ପ୍ରଦୀପ ଜୟସ୍ୱାଲ ପ୍ରମୁଖ ଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ଶୀତଳଷଷ୍ଠୀ ଉପଲକ୍ଷେ ଲହୁଣୀପଡ଼ା ସମେତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ● ବାବା ବାଣେଶ୍ୱରଙ୍କ ବାହାଘର

ବଣାଇଁ : ବଣାଇଁ ଶୀତଳଷଷ୍ଠୀ ମହୋତ୍ସବ ଅବସରରେ ବାବା ବାଣେଶ୍ୱରଙ୍କ ଭବ୍ୟ ବରଯାତ୍ରା ଓ ସାଂସ୍କୃତିକ ଶୋଭାଯାତ୍ରା ବଣାଇଁ ସହରକୁ ଉତ୍ସବ ମୁଖର କରି ଦେଇଥିଲା। ଶାସ୍ତ୍ରାନୁସାରେ ଦେବ, ମାନବ, ଦାନବ ସଭିଏଁ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି। ଏହି ପାରମ୍ପରିକ ଧାରାକୁ ବଜାୟ ରଖିବା ପାଇଁ କାହିଁ କେଉଁ କାଳରୁ ପାଳିତ ହୋଇ ଆସୁଛି ପବିତ୍ର ଶୀତଳ ଷଷ୍ଠୀ। ଏହି ପବିତ୍ର ଦିବସରେ ଦେବ ଦେବ ମହାଦେବ ମାତା ସତୀଙ୍କୁ ବିବାହ କରିଥାନ୍ତି। ବଣାଇଁ ସହରସ୍ଥିତ କୋପେଶ୍ୱର ମନ୍ଦିରରେ ଗୁରୁବାର ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି ଦେବ ଦେବ ମହାଦେବଙ୍କ ଶିବ ବିବାହ ନୀତି। ଏହି ଅବସରରେ ସନ୍ଧ୍ୟାରେ ନିତିକାନ୍ତି ମୁତାବକ ପୂଜାର୍ଚ୍ଚନା ପରେ ବାବା ବାଣେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରୁ ବରଯାତ୍ରୀ ବାହାରି କୋପେଶ୍ୱର ମନ୍ଦିରକୁ ଯାଇଥିବା ବେଳେ ଉପରପଡ଼ାର ସପନ କୁମାର ଦାଶ ଓ ନିତୁରାଣୀ ଦାଶଙ୍କ ମାନସ ପୁତ୍ର ଶିବ ଓ କବିତା ସାହୁ ଓ ରାଜୁ ପୃଷେଠ ଙ୍କ ମାନସୀ କନ୍ୟା ମାତା ପାର୍ବତୀ ଦେବୀଙ୍କ ସହ ରୀତିନୀତି ଅନୁଯାୟୀ ବ୍ରାହ୍ମଣ ଗୁଣନିଧି ମିଶ୍ର ଓ ଦିଲୀପ ଦାସ ବୈଦିକ ରୀତିରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ବଣାଇଁ ସହର ପରିକ୍ରମା କରି ଦେବ ଦେବ ମହାଦେବ ଓ ମାତା ପାର୍ବତୀ ମନ୍ଦିର ପ୍ରବେଶ କରିଅଛନ୍ତି। ଫଳରେ ପବିତ୍ର ଶୀତଳଷଷ୍ଠୀ ରେ ଉତ୍ସବ ମୁଖର ହୋଇଉଠିଛି ବଣାଇଁ ଅଞ୍ଚଳ। ରବିବାର ଦିନ ଚତୁର୍ଥୀ ହୋମ ସହିତ, ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବାବେଳେ ସମସ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ପ୍ରଭୁ କୃପା ଲାଭ କରିବା ନିମନ୍ତେ ବାବା ବାଣେଶ୍ୱର ମନ୍ଦିର ଉନ୍ନୟନ କମିଟି ଓ ଶୀତଳଷଷ୍ଠୀ ପାଳନ କମିଟି ପକ୍ଷରୁ ବଣାଇଁର ସମସ୍ତ ଭକ୍ତ ଓ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

● ଉପଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ଦେଲା ଲୋକମୁକ୍ତି ସଂଗଠନ

# ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରିତା ଦାବି



ବଣାଇଁ, ୧୯ ।୬(ସମିସ): ବଣାଇଁ ଉପଖଣ୍ଡରେ କିଲ୍ଲା ଅଧିକାରଆଇନ (ଜଙ୍ଗଲଅଧିକାରଆଇନ)ର ସଠିକ୍ କାର୍ଯ୍ୟକାରିତା, ଯୋଗ୍ୟ ହିତାଧିକାରୀଙ୍କୁ ଅଧିକାର ପ୍ରଦାନ ଏବଂ ବିଭିନ୍ନ ଅନିୟମିତତାର ପ୍ରତିବାଦରେ ଲୋକମୁକ୍ତି ସଂଗଠନ ପକ୍ଷରୁ ବଣାଇଁ ଉପଜିଲ୍ଲାପାଳ ଅଶୋକ କୁମାର ଦାସଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଝାରସୁଗୁଡ଼ା ଲୋକମୁକ୍ତି ସଂଗଠନର ଉପଦେଷ୍ଟା ଅନନ୍ତ, ଗୁରୁଣ୍ଡିଆ ଲୋକମୁକ୍ତି ସଂଗଠନର ପ୍ରେମସୋରେଙ୍ଗ, ଲହୁଣୀପଡ଼ା ଲୋକମୁକ୍ତି ସଂଗଠନର କେଦାରନାଥ ମୁଣ୍ଡାରୀ ଏବଂ ବଣାଇଁ ଲୋକମୁକ୍ତି ସଂଗଠନର ଜିତବାହାନ କାଣ୍ଡାଇବୁରୁ ଓ କାଣ୍ଡେ ମୁଣ୍ଡାଙ୍କ ନେତୃତ୍ୱରେ ଏହି ଅଭିଯୋଗପତ୍ର ଦାଖଲ କରାଯାଇଥିଲା। ଅନେକ ଗ୍ରାମର ଦାବିପତ୍ର ଦୀର୍ଘଦିନ ଧରି ବିଚାରାଧୀନ ରହିଥିବାବେଳେ କିଛି ସ୍ଥାନରେ ଯୋଗ୍ୟ ହିତାଧିକାରୀଙ୍କ ଦାବି ଖାରଜ ହୋଇଥିବା ନେଇ ସଂଗଠନ ଉଦବେଗ ପ୍ରକାଶ କରିଛି। ସଂଗଠନ ପକ୍ଷରୁ ବ୍ୟକ୍ତିଗତ ଓ ସାମୁହିକ କିଲ୍ଲା ଅଧିକାର ଦାବିର ଶୀଘ୍ର ସମାଧାନ, ଅପେକ୍ଷାରତ ଦାବିପତ୍ରର ନିଷ୍ପତ୍ତି, ଯୋଗ୍ୟ ପରିବାରମାନଙ୍କୁ ପଟ୍ଟା ପ୍ରଦାନ, ଗ୍ରାମସଭାର କ୍ଷମତା ସୁଦୃଢ଼ କରିବା ଏବଂ ଆଇନର ସଠିକ୍ ପାଳନ ନିଶ୍ଚିତ କରିବା ପାଇଁ ପ୍ରଶାସନକୁ ଦାବି ଜଣାଯାଇଛି। ଉପଜିଲ୍ଲାପାଳ ଶ୍ରୀ ଦାସ ଅଭିଯୋଗପତ୍ର ଗ୍ରହଣକରି ଏହାକୁ ଯଥାଯଥ ଭାବେ ବିଚାର କରାଯିବ ବୋଲି ପ୍ରତିନିଧି ଦଳକୁ ଆଶ୍ୱାସନ ଦେଇଥିବା ଜଣାପଡ଼ିଛି। ଏହି ଅଭିଯୋଗପତ୍ର ଦାଖଲ ଅବସରରେ ସଂଗଠନର ଅନ୍ୟାନ୍ୟ ସଦସ୍ୟ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ବିଶ୍ୱ ରକ୍ତ ଶିକୁଳି ଦିବସ

ରାଉରକେଲା, ୧୯।୬(ସମିସ): ସୁନ୍ଦରଗଡ଼ ସଦ୍‌ଭାବନା ଭବନ ସଭାଗାର ଠାରେ ଆଜି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସୁନ୍ଦରଗଡ଼ ତରଫରୁ ବିଶ୍ୱ ରକ୍ତଶିକୁଳି ଦିବସ ପାଳନ କରାଯାଇଛି। ଜିଲ୍ଲାପାଳ ଡ. ଶୁଭଂକର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସହ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁରେଶ ଚନ୍ଦ୍ର ମହାନ୍ତି, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାସିଶ୍ ମହାରଣା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ପ୍ରସାଦ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଶିଳା ରିତାପ୍ରଭା କୁଜୁର, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ସମଗ୍ର ଜିଲ୍ଲାରେ ସିକଲ୍ ସେଲର ସ୍କ୍ରୀନିଂ ବା ପରୀକ୍ଷା, ସିକଲ୍ ସେଲ ରୋଗୀ ମାନଙ୍କର ଉଚିତ ଚିକିତ୍ସା ଉପରେ ବିଶେଷ ଦୃଷ୍ଟି ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ସମସ୍ତ ସ୍କୁଲ, କଲେଜ ଏବଂ ଅଙ୍ଗନବାଡି ସ୍ତରରେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କର ସିକଲ୍ ସେଲର ସ୍କ୍ରୀନିଂ ବା ପରୀକ୍ଷା ଅଗ୍ରିମଭିତିରେ କରାଇବା ପାଇଁ ଉଭୟ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର




ସମସ୍ତ ଯୋଗ୍ୟ, ବିଶେଷକରି ୦-୪୦ ବର୍ଷର ସମସ୍ତ ବ୍ୟକ୍ତିଙ୍କର ସିକଲ୍ ସେଲ ଓ ଥାଲାସେମିଆ ରକ୍ତ ପରୀକ୍ଷା କରିବା ନିମନ୍ତେ ଯୋଜନା କରାଯାଇଥିଲା। ଏଥିରେ ବିଶ୍ୱମ୍ବର ବେହେରା, ଜିଲ୍ଲାରେ ଜାତୀୟ ସିକଲ୍ ସେଲ ଆନିମିଆ ନିରାକରଣ ମିସନର ଲକ୍ଷ୍ୟ, ଉପଲବ୍ଧ ସେବା ଏବଂ ବର୍ତ୍ତମାନର ସ୍ଥିତି ଉପରେ ଏକ ରିପୋର୍ଟ ପ୍ରଦାନ କରିଥିଲେ। ଏହି ଅବସରରେ ସିକଲ୍ ସେଲ ବାହକମାନଙ୍କୁ ସିକଲ୍ ସେଲ ଷ୍ଟାଟସ୍ କାର୍ଡ ଏବଂ ସିକଲ୍ ସେଲ ରୋଗୀମାନଙ୍କୁ ଚିକିତ୍ସା ପୁସ୍ତିକା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ସ୍ୱପ୍ନଜିତ ମହାନ୍ତି, ଆସିଷ୍ଟାଣ୍ଟ ମ୍ୟାନେଜର ଅନସଂକ୍ରମଣ ବିଭାଗ, ଅଜୟ ଜେନା, ଅମ୍ରିତା ପଟେଲ, ଅଞ୍ଜନ କୁମାର ପଟେଲ ଓ ଅନ୍ୟାନ ସ୍ୱାସ୍ଥ୍ୟ କର୍ମୀମାନେ ସହଯୋଗ କରିଥିଲେ।

# ଏଆଇ-ସକ୍ଷମ ପରବର୍ତ୍ତୀ ପିଢ଼ି ସଂଯୋଗ ଉପରେ ପ୍ରଶିକ୍ଷଣ

ରାଉରକେଲା, ୧୯।୬(ସମିସ): ଏନ୍‌ଆଇଟି ରାଉରକେଲାରେ କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଆୟୋଜିତ ଏଏନ୍‌ଆରଏଫ ପ୍ରାୟୋଜିତ ଏକ ମାସିଆ ଇଣ୍ଟର୍ନସିପ୍ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ଏଆଇ-ସକ୍ଷମ ପରବର୍ତ୍ତୀ ପିଢି ସଂଯୋଗ' ଶେଷ ହୋଇଛି। କୃତ୍ରିମ ବୁଦ୍ଧିମତା, ୱାୟରଲେସ୍ ନେଟୱର୍କ ଓ ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ ଭଳି ଉଦୀୟମାନ ପ୍ରଯୁକ୍ତି ଉପରେ କେନ୍ଦ୍ରିତ ଏହି କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ଛାତ୍ରଛାତ୍ରୀ, ଗବେଷକ ଓ ଅଧ୍ୟାପକଙ୍କୁ ମିଶାଇ ପ୍ରାୟ ୧୩୦ ଜଣ ପ୍ରତିଭାଗୀ ହାଇବ୍ରିଡ୍ ମୋଡ୍‌ରେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ବିଶେଷଜ୍ଞ ବକ୍ତୃତା, ହାଣ୍ଡସ୍-ଅନ୍ ଟ୍ରେନିଂ, ସିମ୍ୟୁଲେସନ୍ ଆଧାରିତ ଶିକ୍ଷା, ପ୍ରଯୁକ୍ତିଗତ ଆଲୋଚନା ଓ ପ୍ରକଳ୍ପ ଭିତ୍ତିକ କାର୍ଯ୍ୟକଳାପରେ ସାମିଲ ହୋଇଥିଲେ। ବିଶେଷକରି ପ୍ରକଳ୍ପ ବିକାଶ ପର୍ଯ୍ୟାୟରେ ପ୍ରତିଭାଗୀମାନେ ଏଆଇ, ୱାୟରଲେସ୍ ଯୋଗାଯୋଗ, ଏଲଓଟି, ସ୍ମାର୍ଟ କୃଷି, ସାଇବର ସୁରକ୍ଷା ଓ ସ୍ମାର୍ଟ ପରିବେଶ ଭଳି କ୍ଷେତ୍ରର ବାସ୍ତବ ସମସ୍ୟା ସମାଧାନ ପାଇଁ ନବୀନ ପ୍ରକଳ୍ପ ବିକଶିତ କରିଥିଲେ। କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ବିଭୁଦତ୍ତ ସାହୁ ଓ କୋର୍ସ କୋ-ଅର୍ଡିନେଟର ପ୍ରଫେସର ଅରୁଣ କୁମାର ଉତ୍କୃଷ୍ଟ ପ୍ରକଳ୍ପଗୁଡ଼ିକୁ ସମ୍ମାନିତ କରିଥିଲେ। ଅନଲାଇନ୍ ପ୍ରକଳ୍ପ ପ୍ରତିଯୋଗିତାରେ ଅଶ୍ମା ଜୋଶୀଙ୍କ' ନେଟସ୍ଲାଇସ - ଏଆଇ' ପ୍ରଥମ, ଇନୁଗାଣ୍ଟି ଅଖିଳେଶଙ୍କ' ଫେଡସିକ୍ୟୁର - ଭାନେଟ' ଦ୍ୱିତୀୟ ଏବଂ ଅବିନାଶ ବିଶ୍ୱାଳଙ୍କ ' ଏଆଇ ଏନେବେଲ୍ଡ ସ୍ମାର୍ଟ ଟ୍ରାଫିକ ଡେନସିଟୀ ପ୍ରେଡିକସନ୍ ଏଣ୍ଡ ମନିଟରିଂ ସିସଟେମ' ତୃତୀୟ ସ୍ଥାନ ହାସଲ କରିଥିଲା। ସେହିପରି ଅଫଲାଇନ୍ ପ୍ରକଳ୍ପ ପ୍ରତିଯୋଗିତାରେ ଦିଶା ରାଣୀ ଦାଶ ଓ ସହଯୋଗୀଙ୍କ 'ସ୍ମାର୍ଟ ଏଗ୍ରିକଲ୍‌ଚର ମନିଟରିଂ ଆଣ୍ଡ ଇରିଗେସନ୍ ରେକମେଣ୍ଡେସନ ସିଷ୍ଟମ' ପ୍ରଥମ, ମନିଦୀପ ମୁକ୍କାଙ୍କ 'ସୁମୋ ଏଇଜିସ୍ 'ଦ୍ୱିତୀୟ ଏବଂ ଏମିଲ ବିମଲ ଲୁଗୁନ୍ ଓ ଦଳର' ଏଆଇ ଡ୍ରିଭେନ ସ୍ମାର୍ଟ ରୁମ୍ ଅକ୍ୟୁପେନ୍ସି ଡିଟେକ୍ସନ ଆଣ୍ଡ ଏନେର୍ଜି ମ୍ୟାନେଜମେଣ୍ଟ ୟୁଜିଂ ୱାଇଫାଇ ସିଗନାଲ ସେନ୍ସିଂ' ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି।

## ୯ମ ସର୍ବଭାରତୀୟ ଆଦିବାସୀ ଥିଏଟର ଓ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ

# ନାଟକ 'ସ୍ୱାଧୀନତା' ଓ 'ଆମ୍‌କୋ ସିମ୍‌କୋ' ମଞ୍ଚସ୍ଥ

ରାଉରକେଲା, ୧୯।୬(ସମିସ)

ଓଡ଼ିଶାରେ ବସବାସ କରୁଥିବା ଜନଜାତିମାନଙ୍କ ପ୍ରାଚୀନ ଓ ନିଆରା ସଂସ୍କୃତି, ସେମାନଙ୍କ ଦୈନନ୍ଦିନ ଜୀବନ, ପୂଜା ପର୍ବାଣୀ, ଭାଷା ଓ ଲୋକ ପରମ୍ପରା ଜୀବନଶୈଳୀ ଉପରେ ଆଧାରିତ ବିଷୟ ଭିତ୍ତିକ ନାଟକକୁ ନେଇ ରାଉରକେଲା ସହରର ଜଣାଶୁଣା 'ସ୍ପନ୍ଦନ' ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ସିଭିକ୍ ସେଣ୍ଟର୍ ଠାରେ ଗୁରୁବାର ସନ୍ଧ୍ୟାରେ ୯ମ ସର୍ବଭାରତୀୟ ଆଦିବାସୀ ଥିଏଟର ଓ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ତଥା ରାଜ୍ୟ ସଂସ୍କୃତି ବିଭାଗ ଓ ଏମସିଏଲ ସହଯୋଗରେ 'ସ୍ପନ୍ଦନ' ପକ୍ଷରୁ ଆୟୋଜିତ ଏହି ମହୋତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଚମନ ଫାଉଣ୍ଡେସନର ଅଧ୍ୟକ୍ଷ ଦୁର୍ଗା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। 'ସ୍ପନ୍ଦନ'ର ସାଧାରଣ ସମ୍ପାଦକ



ପ୍ରଫେସର ସମର ମୁଦାଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଝିଲିମା ମହାନ୍ତି ସଂଯୋଜନା କରିଥିଲା ବେଳେ ସମ୍ପାଦକ ଡକ୍ଟର ସତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଉଦଯାପନୀ ସନ୍ଧ୍ୟାରେ ମଧୁସୂଦନ ଶିକ୍ଷା ନିବାସ ସେକ୍ଟର -୧୭ର କଳାକାରମାନେ ଆକର୍ଷଣୀୟ ସାଦ୍ରୀ ଭାଷାର ନାଟକ 'ସ୍ୱାଧୀନ' ପରିବେଷଣ କରିଥିଲେ। ଗୌତମ ମହାନନ୍ଦଙ୍କ ମୂଳ ରଚନା ତଥା ଶିବରାଜ ଟପ୍ପୋଙ୍କ ଦ୍ୱାରା ଭାଷାନ୍ତର ହୋଇଥିବା ଏହି ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ସୌରଭ ମହାନନ୍ଦ। ଦୀର୍ଘବର୍ଷ ହେବ ଦେଶ ସ୍ୱାଧୀନ ପରେ ବି ଆଦିବାସୀଙ୍କ ସ୍ୱାଧୀନତା ପ୍ରାପ୍ତି ହୋଇନାହିଁ। ନିର୍ବାଚିତ ଲୋକ ପ୍ରତିନିଧିମାନେ ଜନତାଙ୍କୁ ନ୍ୟାୟ ପ୍ରଦାନ ପରିବର୍ତ୍ତେ ଅଧିକାରକୁ ଛଡାଇ ନେଉଥିବାରୁ ସମାଜରେ ଆଦିବାସୀମାନେ ଏବେ ବି ଅବହେଳିତ ଓ ସ୍ୱାଧୀନତାର ପ୍ରକୃତ ଅର୍ଥ ବୁଝିନାହାନ୍ତି। ଏହାହିଁ ଥିଲା ନାଟକର ସାରମର୍ମ। ନାଟକରେ ଝିଲିମା ମହାନ୍ତି ସଙ୍ଗୀତ ପରିବେଷଣ କରିଥିବା ବେଳେ ସୁଦଲ ମହାନନ୍ଦ ମଞ୍ଚ ସଜ୍ଜା କରିଥିଲେ।

ଏହି ସଂଧ୍ୟାରେ ରାଉରକେଲା 'ଓଜସ୍କର' ଅନୁଷ୍ଠାନ ପକ୍ଷରୁ କଳାକାରମାନେ ଦ୍ୱିତୀୟ ସାଦ୍ରୀ ଭାଷାର ନାଟକ 'ଆମକୋ ସିମକୋ' ପରିବେଷଣ କରିଥିଲେ। ନିର୍ମଳ ମୁଣ୍ଡାଙ୍କ ସଂଗ୍ରାମୀ ଜୀବନ ଉପରେ ଆଧାରିତ ଏହି ନାଟକରେ ସୁନ୍ଦରଗଡ଼ ଜିଲ୍ଲାର ବୀରମିତ୍ରପୁର ଠାରୁ ୧୫ କିଲୋମିଟର ଦୂର 'ଆମକୋ ସିମକୋ' ଠାରେ କିପରି ଇଂରେଜମାନଙ୍କ ଖୁଟଖାଟି ଜାରିକୁ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ଇଂରେଜମାନଙ୍କୁ ବିରୋଧ ହୋଇଥିଲା ଏବଂ ଇଂରେଜମାନଙ୍କ ଗୁଳିରେ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସହିଦ ହୋଇଥିଲେ, ସେହି ଲୋମହର୍ଷଣକାରୀ ଘଟଣାକୁ ନିଚ୍ଛକ ଭାବେ କଳାକାରମାନେ ଏହି ନାଟକରେ ପ୍ରତିଫଳନ କରିଥିଲେ। ଉଦଘାଟନୀ ସନ୍ଧ୍ୟାକୁ ସଫଳ କରିବାରେ କ୍ଷୀରୋଦ ବାଡତ୍ୟା, ରମେଶ ଗୌଡ, ମିହିର ପରିଜା, ସୁଦୀଷ ମିଶ୍ର, ଶିଶିର ମୁଦାଲି, ନରୋତ୍ତମ ସାମଲ, ପାୟଲ ପାଣି, କ୍ରିଷ୍ଣା ସିଂ, ଅମୂଲ୍ୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।

● ବସ୍ ଧକ୍କାରେ ରେଳବାଇ କର୍ମଚାରୀଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ଉତ୍ତେଜନା



ରାଉରକେଲା, ୧୯।୬(ସମିସ): ରାଉରକେଲାର ରିଙ୍ଗ ରୋଡରେ ଆରଏସ୍‌ପିର ସାତତାଲା ପ୍ରଶାସନିକ ବିଲ୍ଡିଂ ସମ୍ମୁଖରେ ଗୁରୁବାର ରାତିରେ ଜେବିଏସ ବସ୍ ଓ ବାଇକ୍ ଆରୋହୀଙ୍କ ମଧ୍ୟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ରେଳବାଇ କର୍ମଚାରୀ ଅନନ୍ତ ଦାସଙ୍କ ମୃତ୍ୟୁ ଘଟଣାରେ କ୍ଷତିପୂରଣ ଦାବିକରି ଶୁକ୍ରବାର ଉତ୍ତେଜନା ଦେଖାଦେଇଥିଲା। ଆର୍‌ଏସ୍‌ପି କଣ୍ଟ୍ରାକ୍ଟର ଆସୋସିଏସନର ସଭାପତି ସମାଜସେବୀ ଅଶୋକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ମୃତକଙ୍କ ପରିବାର ସଦସ୍ୟ ଏବଂ ସମ୍ପର୍କୀୟମାନେ ଆଜି ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ବିଭସ୍ୱ ପ୍ରଧାନଙ୍କ ସହ ଆଲୋଚନା କରି ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ। ସେହିପରି ମୃତ ଅନନ୍ତ ଦାସ ଚାକିରି କରୁଥିବା ବନ୍ଧମୁଣ୍ଡା ରେଳବାଇର କର୍ମଚାରୀମାନେ ମଧ୍ୟ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ପ୍ଲାଣ୍ଟସାଇଟ୍ ଥାନାର ଅଧିକାରୀ ଶ୍ରୀ ପ୍ରଧାନ ପ୍ରତିବାଦକାରୀମାନଙ୍କ ସହ ଆଲୋଚନା କରି ମାମଲାର ତଦନ୍ତ କରାଯାଇ କ୍ଷତିପୂରଣ ପ୍ରଦାନ ପାଇଁ ଆଶ୍ୱାସନା ଦେଇଥିଲେ। ଗତକାଲି ରାତିରେ ଦୁର୍ଘଟଣା ପରେ ପ୍ଲାଣ୍ଟ ସାଇଟ୍ ଥାନା ପୁଲିସ ମୃତଦେହକୁ ରାଉରକେଲା ସରକାରୀ ହସ୍ପିଟାଲର ଶବବ୍ୟବଚ୍ଛେଦ ଗୃହକୁ ପଠାଇଥିଲା। ଶୁକ୍ରବାର ଶବ ବ୍ୟବଚ୍ଛେଦ ସମ୍ପନ୍ନ ହେବା ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

ସୂଚନାଯୋଗ୍ୟଯେ ମୃତକ ସାରନଗରୀ ଅନ୍ତର୍ଗତ କନଷ୍ଟ୍ରକ୍ସନ କଲୋନୀ ନିବାସୀ ଅନନ୍ତ ଦାସ ବନ୍ଧମୁଣ୍ଡାସ୍ଥିତ ରେଳବାଇ ବିଭାଗରେ କାମ କରନ୍ତି। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିବାରୁ ଦୁର୍ଘଟଣାରେ ତାଙ୍କର ଅକାଳ ବିୟୋଗ ପରିବାରକୁ ଗଭୀର ଆର୍ଥିକସଙ୍କଟ ମଧ୍ୟରେ ପକାଇ ଦେଇଛି। ବୁଧବାର ରାତି ପ୍ରାୟ ୮ଟା ବେଳେ ଜେବିଏସ ବସ୍‌ଟି ହଠାତ୍ ରାସ୍ତାର ପ୍ଲାଣ୍ଟ ପାର୍ଶ୍ୱକୁ ମୋଡ଼ ନେଇଥିବାବେଳେ ଡ୍ୟୁଟି ସାରି ବାଇକରେ ଫେରୁଥିବା ଅନନ୍ତ ଦାସଙ୍କୁ ଧକ୍କା ଦେଇଥିଲା। ପୁଲିସ ସମ୍ପୃକ୍ତ ବସ୍‌କୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।





# ବଡ଼ ବର୍ଷାରେ ବୁଡ଼ିଲା କଟକ









**କଟକ,୧୯ ।୬(ସମିସ)**

ଦେଢ଼ ଘଣ୍ଟା କାଳ ନିର୍ଘୁମ୍ ଛେଚିଲା। ରାସ୍ତାଘାଟ, ଡ୍ରେନ୍ ବୁଡ଼ାଇଦେଲା। ତଳିଆ ଅଞ୍ଚଳ ଜଳାର୍ଣ୍ଣବ ହେଲା। ଏକାଧିକ ଡ୍ରେନ୍ ଓ ସବ୍-ଡ୍ରେନ୍ ଜାମ୍ ହୋଇ ରାସ୍ତା ଉପରେ ପାଣି ସୁଅ ଛୁଟିଲା। ଏଭଳି ଭାବେ ଆଜି ସନ୍ଧ୍ୟାରେ କଟକ ସହରକୁ ପ୍ରାକ୍ ମୌସୁମୀ ବର୍ଷା ଭିଜାଇ ଦେଇଛି। କିଛି ସପ୍ତାହ ହେବ କଟକରେ ପାରଦ ଉପରମୁହାଁ ରହିଥିବା ବେଳେ ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ଥିବାରୁ ଲୋକେ ଝାଳନାଳ ହୋଇ ଅସ୍ତବ୍ୟସ୍ତ ହେଉଥିଲେ। ରଜରେ ଟୋପାଏ ବର୍ଷା ନଥିଲା। ମାତ୍ର ଆଜିର ଏହି ଆଶ୍ୱସ୍ତିକର ବର୍ଷା ପରିବେଶକୁ ସମ୍ପୂର୍ଣ୍ଣ ଥଣ୍ଡା କରିଦେଇଛି ଏବଂ ସହରର ତାପମାତ୍ରାରେ ବଡ଼ ଧରଣର ହ୍ରାସ ଘଟିଛି। ଆଜି ମଧ୍ୟାହ୍ନ ପର୍ଯ୍ୟନ୍ତ ଗରମର ପ୍ରକୋପ ଅତି ଅସହ୍ୟ ଥିଲା। ପାଗ କୋହଲା ରଖିଥିଲା। ମାତ୍ର ଅପରାହ୍ନ ପ୍ରାୟ ୪ଟା ପରେ ହଠାତ୍ ପାଣିପାଗରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ପୁରା ଆକାଶ ମେଘାଛନ୍ନ ରହିବା ସହ କଟକର ସାହି ଏବଂ ବସ୍ତି ଅଞ୍ଚଳଗୁଡ଼ିକରେ ଜୋରଦାର୍ ବର୍ଷା ହୋଇଥିଲା। ସହରର ଚୌଧୁରୀ ବଜାର, ବାଲୁବଜାର, ଶେଖ୍ ବଜାର, ଚାନ୍ଦିନୀ ଚୌକ, ମଙ୍ଗଳାବାଗ, କଲେଜ ଛକ ଏବଂ ରାଣୀହାଟ ଅଞ୍ଚଳରେ ଝିପିଝିପିରୁ ବଡ଼ଧରଣର ବର୍ଷା ହୋଇଥିଲା। ସେହିପରି ଖପୁରିଆ, ମଧୁପାଟଣା, ବାଦାମବାଡ଼ି ଏବଂ ଜନଗହଳିପୂର୍ଣ୍ଣ ତୁଳସୀପୁର, ବିଡ଼ାନାସୀ ଓ ସିଡିଏ ଅଞ୍ଚଳ ପ୍ରାକ୍-ମୌସୁମୀ ବର୍ଷାରେ ବେହାଲ୍ ହୋଇପଡ଼ିଥିଲା। ପ୍ରବଳ ବର୍ଷା ଯୋଗୁଁ ପଟ୍ଟାପୋଲ, ପୀଠାପୁର, ସୂତାହାଟ ଏବଂ କେତେକ ଖାଲୁଆ ସାହିର ରାସ୍ତାରେ ସାମାନ୍ୟ ପାଣି ଜମି ରହିଥିଲା। ଅଫିସ ଓ ବଜାର ସମୟ ହୋଇଥିବାରୁ ମୋଟରସାଇକେଲ ଆରୋହୀମାନେ ବର୍ଷା ଆଶ୍ରୟ ପାଇଁ ବିଭିନ୍ନ ଦୋକାନ ବାରଣ୍ଡା ଏବଂ ଓଭରବ୍ରିଜ୍ ତଳେ ଅଟକି ରହିଥିଲେ। କେତେକ ପ୍ରମୁଖ ଛକରେ ଯାନବାହନ ଚଳାଚଳ କିଛି ସମୟ ପାଇଁ ଧିମା ହୋଇଥିଲା।

**ସହରର ତଳିଆ ଅଞ୍ଚଳ ଜଳାର୍ଣ୍ଣବ**
**ଏକାଧିକ ସବ୍‌ଡ୍ରେନ୍ ଜାମ୍**

ପ୍ରବଳ ବର୍ଷା ଯୋଗୁଁ ସମଗ୍ର କଟକ ସହର ଏକ ପ୍ରକାର ଜଳମଗ୍ନ ହୋଇପଡ଼ିଛି। ସହରର ବିଭିନ୍ନ ତଳିଆ ଅଞ୍ଚଳରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିବା ବେଳେ ବଡ଼ ଡ୍ରେନ୍‌ଗୁଡ଼ିକ ଜାମ୍ ହୋଇଯିବା ଯୋଗୁଁ ନାଳର ଅଳିଆ ଆବର୍ଜନା ଓ ଦୂଷିତ ପାଣି ଲୋକଙ୍କ ଘର ଭିତରକୁ ପଶିଯାଇଛି। ବିଶେଷ କରି ବାଲୁବଜାର, କାଜିବଜାର, ଓଡ଼ିଆ ବଜାର, ସୁତାହାଟ, ମେରିଆ ବଜାର, ପିଠାପୁର, ଝୋଲାସାହି, ଏବଂ କେଶରପୁର ଭଳି ପ୍ରମୁଖ ଅଞ୍ଚଳରେ ସ୍ଥିତି ସଂଗୀନ ହୋଇପଡ଼ିଛି। ଅନେକ ସ୍ଥାନରେ ଘର ଓ ଦୋକାନ ବଜାର ଭିତରେ ପାଣି ପଶିଯିବା ଫଳରେ ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦା ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ରାସ୍ତାରେ ପାଣି ଜମି ରହିଥିବାରୁ ଗାଡ଼ି ମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କଟକ ମହାନଗର ନିଗମ ପକ୍ଷରୁ ବର୍ଷା ପୂର୍ବରୁ ଡ୍ରେନ୍ ସଫା ଏବଂ ପଙ୍କୋଦ୍ଧାର କାର୍ଯ୍ୟ ଠିକ୍ ଭାବେ କରାଯାଇ ନାହିଁ। ବ୍ରାଞ୍ଚ ଡ୍ରେନ୍‌ଗୁଡ଼ିକରେ ପ୍ଲାଷ୍ଟିକ ଏବଂ କଠିନ ବର୍ଜ୍ୟବସ୍ତୁ ଜମି ରହି ସମ୍ପୂର୍ଣ୍ଣ ଜାମ୍ ହୋଇଯାଇଛି। ଫଳରେ ବର୍ଷା ପାଣି ନିଷ୍କାସନ ହୋଇ ନପାରି ଓଭରଫ୍ଲୋ ହେଉଛି। ପ୍ରତିବର୍ଷ ବର୍ଷା ଦିନେ ଏଭଳି ସମସ୍ୟା ଉପୁଜୁଥିଲେ ମଧ୍ୟ ପ୍ରଶାସନର ଆନ୍ତରିକତା ଅଭାବରୁ ଏହାର କୌଣସି ସ୍ଥାୟୀ ସମାଧାନ ହୋଇପାରୁ ନାହିଁ ବୋଲି ସହରବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସ୍ଥିତିକୁ ନଜରରେ ରଖି କଟକ ମହାନଗର ନିଗମ ତତ୍ପରତା ପ୍ରକାଶ କରିଛି। ସହରର ବିଭିନ୍ନ ତଳିଆ ଅଞ୍ଚଳରୁ ବର୍ଷା ଜଳ ନିଷ୍କାସନ ପାଇଁ ହାଇ-ପାୱାର୍ ମୋଟର ପମ୍ପ ବ୍ୟବହାର କରାଯାଉଛି। କେତେକ ସ୍ଥାନରେ ଜେସିବି ସାହାଯ୍ୟରେ ଜାମ୍ ହୋଇଥିବା ଡ୍ରେନକୁ ସଫା କରାଯାଉଛି।







**ଟ୍ରାକ୍ ସଜାଡ଼ିବା ବେଳେ ଅଘଟଣ**

## ରେଳ କର୍ମଚାରୀଙ୍କ ମୃତ୍ୟୁ

**କଟକ,୧୯ ।୬(ସମିସ):** କାଠଯୋଡ଼ି ରେଳ ଧାରଣାରେ ଆଜି ଏକ ଅଘଟଣ ଘଟିଛି। ଟ୍ରାକ୍ ମେଣ୍ଟନାନ୍ସର ଡ୍ୟୁଟିରେ ଥିବା ଜଣେ କର୍ମଚାରୀଙ୍କ ରେଳ ଧାରଣାରେ ଗୋଡ଼ ଖସିଯିବାରୁ ସେ ନଦୀ ମଧ୍ୟକୁ ଖସିପଡ଼ିଥିଲେ। ନଦୀ ବାଲିରେ ଥିବା ପଥରରେ ମୁଣ୍ଡ ମାଡ଼ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାଲେଶ୍ୱରର ସୁବାସଚନ୍ଦ୍ର ରାଉଳ(୪୦)। କଟକ ରେଳବାଇ ଥାନା ମୃତ ସୁବାସଙ୍କ ଶବ ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ରେଲୱେ ପୁଲିସ ସୂଚନା ଅନୁଯାୟୀ, କଟକ ରେଳବାଇ ଇଞ୍ଜିନିୟରିଂ ବିଭାଗରେ ଚାକିରି କରୁଥିବା ସୁବାସ ଆଜି ସକାଳ ପ୍ରାୟ ୯ଟା ବେଳେ ବାଲିକୁଦା ପଟେ କାଠଯୋଡ଼ି ବ୍ରିଜରେ ରେଳ ଧାରଣାରେ ମରାମତି ପାଇଁ ପ୍ରାୟ ୫ ଜଣ ଟ୍ରାକ୍ ମେଣ୍ଟନର ଯାଇଥିଲେ। ଏହି ସମୟରେ କାଠଯୋଡ଼ି ବ୍ରିଜ ଉପରେ କାମ ଚାଲିଥିବା ବେଳେ ସୁବାଷଙ୍କ ହଠାତ୍ ଗୋଡ଼ ଖସିଯାଇଥିଲା। ସେ ନଦୀକୁ ଖସିପଡ଼ିଥିଲେ। ନଦୀରେ ଥିବା ଏକ ପଥରରେ ମାଡ଼ ହୋଇ ତଳେ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ପଡ଼ିଯାଇଥିଲେ। ଏ ସଂକ୍ରାନ୍ତରେ କଟକ ରେଳବାଇ ଥାନାକୁ ଖବର ଦିଆଯାଇଥିଲା। ପୁଲିସ ଘଟଣା ସମ୍ପର୍କରେ ଖବର ପାଇ ସେଠାରେ ପହଞ୍ଚିଥିଲେ। ଶବ ବ୍ୟବଚ୍ଛେଦ ପରେ ତାଙ୍କ ଭାଇଙ୍କୁ ଶବ ହସ୍ତାନ୍ତର କରାଯାଇଥିବା କଟକ ରେଳବାଇ ଥାନା ପକ୍ଷରୁ ସୂଚନା ମିଳିଛି।

## ଶିକ୍ଷକଙ୍କୁ ଆକ୍ରମଣ; ଯୁବକ ଗିରଫ

**କଟକ,୧୯ ।୬(ସମିସ):** ଶିକ୍ଷକଙ୍କୁ ଆକ୍ରମଣ ଘଟଣାରେ ବାଦାମବାଡ଼ି ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ବାଦାମବାଡ଼ି ଥାନା ଅନ୍ତର୍ଗତ ଶଙ୍କରପୁର ନୂଆସାହି ଅଞ୍ଚଳର ଲକି ଓରଫ ଜଗନ୍ନାଥ ଜେନା (୨୮)। ପୁଲିସ ଅଭିଯୁକ୍ତ ନିକଟରୁ ଏକ ସ୍କୁଟର ସହ ସେ ଲୁଟି ନେଇଥିବା ମୋବାଇଲ୍ ଫୋନ୍ ଜବତ କରିଛି।



ପୁଲିସ ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ରେକୁଟିଆ ଗ୍ରାମର ପ୍ରଦୀପ କୁମାର ଜେନା (୨୯) ଜଣେ ସରକାରୀ ଶିକ୍ଷକ। ସେ ବାଦାମବାଡ଼ି ଥାନା ଅନ୍ତର୍ଗତ ବିଶିନାବର ଅଞ୍ଚଳରେ ବିଏଲ୍‌ଓ ଭାବେ ଏକ ସରକାରୀ କାର୍ଯ୍ୟରେ ନିୟୋଜିତ ଥିଲେ। ଆଜି ସେ ସେଠାରେ ନିଜର ସରକାରୀ ଦାୟିତ୍ୱ ତୁଲାଉଥିବା ସମୟରେ ଅଭିଯୁକ୍ତ ଜଗନ୍ନାଥ ଜେନା ଏକ ହୋଣ୍ଡା ଆକ୍ଟିଭା ସ୍କୁଟରରେ ସେଠାରେ ପହଞ୍ଚିଥିଲା। ଅଭିଯୁକ୍ତ ଜଣକ ଶିକ୍ଷକଙ୍କ ଫର୍ମ ଚିରିବା ସହିତ ମୋବାଇଲ୍ ଲୁଟି ଚମ୍ପଟ ମାରିଥିଲା। ଶିକ୍ଷକ ପ୍ରଦୀପଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଧାରୁଆ ଅସ୍ତ୍ରରେ ହଠାତ୍ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ପ୍ରଦୀପଙ୍କ ମୁଣ୍ଡ, କାନ ଏବଂ ହାତ ପାପୁଲିରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏହାପରେ ଶିକ୍ଷକ ପ୍ରଦୀପ ଥାନାରେ ଏତଲା ଦେବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

**ପାଠ୍ୟପୁସ୍ତକରେ ଅସଂଖ୍ୟ ତ୍ରୁଟି**

## ‘ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରୁଫ୍-ସଂଶୋଧନ ପାଠ୍ୟକ୍ରମ ପ୍ରଚଳନ ହେଉ’

**କଟକ,୧୯ ।୬(ସମିସ):** ପ୍ରୁଫ୍-ସଂଶୋଧନ ପୁସ୍ତକ ପ୍ରକାଶନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ। ଏଥିପାଇଁ ଉନ୍ନତ ଦେଶଗୁଡ଼ିକରେ ଏହାଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ। ମାତ୍ର ପ୍ରକାଶନର ଏହି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅବହେଳା କରୁଥିବା ଯୋଗୁଁ ଆମର ପ୍ରକାଶିତ ପୁସ୍ତକଗୁଡ଼ିକରେ ତ୍ରୁଟି ଭରିଯାଉଛି। ସମ୍ପ୍ରତି ଏସ୍‌ସିଇଆର୍‌ଟି ପ୍ରକାଶ କରିଥିବା ପାଠ୍ୟପୁସ୍ତକଗୁଡ଼ିକର ଆଦୌ ପ୍ରୁଫ୍-ସଂଶୋଧନ କରାଯାଇ ନ ଥିବା ଅଭିଯୋଗ କରି ସେ ସବୁରେ ଅସଂଖ୍ୟ ତ୍ରୁଟି ରହିଥିବା ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାରେ ପ୍ରୁଫ୍-ସଂଶୋଧନ ପାଠ୍ୟକ୍ରମ ଖୋଲିବା ପାଇଁ ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ଦାବି କରାଯାଇଛି। ନ୍ୟାସର ଆବାହକ ଦୀପକ କୁମାର ମହାନ୍ତ ଏକ ବିବୃତ୍ତିରେ କହିଛନ୍ତି ଯେ ଦିନକୁ ଦିନ ଓଡ଼ିଆ ଭାଷାରେ ଦକ୍ଷ ପ୍ରୁଫ୍-ସଂଶୋଧକଙ୍କ ସଂଖ୍ୟା କମିଯାଉଛି। ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ପ୍ରୁଫ୍-ସଂଶୋଧନକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିସାରିଛନ୍ତି। ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକ ଓଡ଼ିଆ ଭାଷାରେ ପ୍ରୁଫ୍-ସଂଶୋଧନର ସାର୍ଟିଫିକେଟ୍ ପାଠ୍ୟକ୍ରମ ପ୍ରଚଳନ କରିବା ପାଇଁ ସେ ଦାବି କରିଛନ୍ତି। ସୂଚନାଥାଉକି, ବିଗତ ଦୁଇବର୍ଷ ଧରି ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକଙ୍କୁ ପୁରସ୍କୃତ କରିଆସୁଛି ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ।

## ସିଆର୍‌ଆର୍‌ଆଇରେ ସ୍ଥାୟୀ କୃଷି ପାଇଁ ଶିଳ୍ପ ଉପ୍ାଦର ପରିବେଶ ଅନୁକୂଳ ବ୍ୟବହାର ଉପରେ ଜାତୀୟ କର୍ମଶାଳା

**କଟକ,୧୯ ।୬(ସମିସ):** ଆଇସିଏଆର-ସିଆରଆରଆଇରେ ସ୍ଥାୟୀ କୃଷି ପାଇଁ ଶିଳ୍ପ ଉପଉତ୍ପାଦର ପରିବେଶ ଅନୁକୂଳ ବ୍ୟବହାର ଉପରେ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟଅତିଥି ଭାବେ ଆଇଏଏସ୍ ପ୍ରଧାନ ସଚିବ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିନ ରାମଚନ୍ଦ୍ର ଯାଦବ, ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ଉଦ୍‌ବୋଧନ ଦେଇଥିଲେ। ଏଥିରେ ଆଇସିଏଆର-ସିଆରଆରଆଇର ନିର୍ଦ୍ଦେଶକ ଡଃ ଜି.ଏ.କେ. କୁମାର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଯାଦବ ମୃତ୍ତିକା ଅମ୍ଳତା ନିୟନ୍ତ୍ରଣ, ଫସଲ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଡ. ପ୍ରତାପ ଭଟ୍ଟାଚାର୍ଯ୍ୟ, ଏସ୍‌ଏଏଫ୍‌ଏଆର୍ ମୁଖ୍ୟ ଅନୁସନ୍ଧାନକାରୀ, ପ୍ରକଳ୍ପର ପ୍ରମୁଖ ସଫଳତା ଉପସ୍ଥାପନ କରି କହିଥିଲେ। ଏହି କର୍ମଶାଳାରେ ବୈଜ୍ଞାନିକ, ନୀତି ନିର୍ଦ୍ଧାରକ, ଶିଳ୍ପ ପ୍ରତିନିଧି, ପ୍ରଗତିଶୀଳ ଚାଷୀ, ଉଦ୍ୟୋଗୀ ପରି ଅଗ୍ରଣୀ ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ସମେତ ୧୦୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। କର୍ମଶାଳାର ଆୟୋଜକ ସଚିବ ଡ. ରୁବିନା ଖାନମ ଏବଂ ସହଆୟୋଜକ ସଚିବ ଡଃ ପ୍ରକାଶଚନ୍ଦ୍ର ଜେନା ଓ ଡଃ ଦିଲ୍ଲୀପ ରଞ୍ଜନ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଡ. ଦେବରତୀ ଭାଦୁରୀ ସହ ସଂଚାଳନ କରିଥିଲେ। ଡଃ ରୁବିନା ଖାନମ ଧନ୍ୟବାଦ ଦେଇଥିଲେ।

**ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା**

## ସାଇନ୍‌ବୋର୍ଡରେ ରେଭେନ୍ସା କଲେଜ ଓ ଶୈଳବାଳାକୁ ବିଶ୍ୱବିଦ୍ୟାଳୟର ପରିଚୟ

**କଟକ,୧୯ ।୬(ସମିସ)**

ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଯାଇଥିବା ମାର୍ଗଦର୍ଶିକା ସୂଚନା ଫଳକ ବା ସାଇନବୋର୍ଡରେ ଏକ ବଡ଼ଧରଣର ବିଭ୍ରାଟ ଦେଖିବାକୁ ମିଳିଛି। କୌଣସି ସରକାରୀ ବିଜ୍ଞପ୍ତି ବା ନୋଟିଫିକେସନ ବିନା ହିଁ କଟକ ସହରର ଦୁଇଟି ପ୍ରମୁଖ ଐତିହାସିକ ଶିକ୍ଷାନୁଷ୍ଠାନର ମାନ୍ୟତାକୁ ସାଇନବୋର୍ଡରେ ଓଲଟପାଲଟ କରି ଦିଆଯାଇଛି। କଟକ ବକ୍ସି ବଜାର ଏବଂ ମଙ୍ଗଳାବାଗ ପୁରୁଣା ଥାନା ନିକଟରେ ଲଗାଯାଇଥିବା ଏହି ସାଇନବୋର୍ଡଗୁଡ଼ିକ ଏବେ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଶୈଳବାଳା ମହିଳା କଲେଜକୁ ଏ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିନାହିଁ ହେଲେ ପୂର୍ତ୍ତ ବିଭାଗର ସୂଚନା ଫଳକରେ ଓଡିଆରେ ‘ଶୈଳବାଳା ମହିଳା ବିଶ୍ୱବିଦ୍ୟାଳୟ’ ବୋଲି ଉଲ୍ଲେଖ କରାଯାଇଛି; ଅଥଚ ଏହା ତଳେ ଇଂରାଜୀରେ ଶୈଳବାଳା ଓମେନ୍ସ କଲେଜ ବୋଲି ଲେଖାଯାଇଛି। ଅପରପକ୍ଷରେ, ଦୀର୍ଘ ବର୍ଷ ହେବ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇସାରିଥିବା ଗୌରବମୟ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ସାଇନବୋର୍ଡରେ ‘ରେଭେନ୍ସା ମହାବିଦ୍ୟାଳୟ’ (ରେଭେନ୍ସା କଲେଜ) ବୋଲି ଦର୍ଶାଯାଇଛି। ସରକାରୀ ସ୍ତରରେ ଏଭଳି ଦାୟିତ୍ୱହୀନତାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କୌଣସି ଯାଞ୍ଚ ନକରି କିଭଳି ଏତେ ବଡ଼ ଭୁଲ୍ ଥିବା ସାଇନବୋର୍ଡ ରାସ୍ତାକଡ଼ରେ ଲଗାଗଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବିଭ୍ରାଟକୁ ତୁରନ୍ତ ସୁଧାରିବା ପାଇଁ ଦାବି ହେଉଛି।




## ଶିଶୁ ଓ କିଶୋର ଶ୍ରମିକ ଆଇନ ସମ୍ପର୍କିତ ସଚେତନତା କର୍ମଶାଳା

**କଟକ,୧୯ ।୬(ସମିସ):** ଶିଶୁ ଓ କିଶୋର ଶ୍ରମିକ ନିଯୁକ୍ତିକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରିବା ସହ ଏ ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ଆଇନ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଯୁଗ୍ମ ଶ୍ରମାୟୁକ୍ତ କଳ୍ପନା ମିଶ୍ର, ଡେପୁଟି କଲେକ୍ଟର ସୁଶ୍ରୀ ଶତରୂପା ଶତପଥୀ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ମାନସ ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରୀତିବନ୍ଧନ ଘଡାଇ, ଶ୍ରମିକ ନେତା ବସନ୍ତ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟ ସଦସ୍ୟା ଆଲୋଚନା କରିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାବ୍ୟାପୀ ସଚେତନତା ସୃଷ୍ଟି ନିମନ୍ତେ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହି ରଥ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ସହରାଞ୍ଚଳ ପରିକ୍ରମା କରି ଶିଶୁ ଶ୍ରମିକ ନିରାକରଣ, ଶିକ୍ଷାର ଗୁରୁତ୍ୱ ଏବଂ ଶିଶୁ ଅଧିକାର ସମ୍ପର୍କରେ ସାଧାରଣ ଜନତାଙ୍କୁ ସଚେତନ କରିବ।

## ଥମୁନି ଯାଜପୁର ମଡେଲ ଜେଲ ନିର୍ମାଣ ବିବାଦ

# ଗ୍ରାମବାସୀ ଓ ପ୍ରଶାସନ ମୁହାଁମୁହିଁ

**ଯାଜପୁର,୧୯।୬(ସମିସ)**

ଯାଜପୁର ସଦର ଥାନା ଅନ୍ତର୍ଗତ ଏରବାଙ୍କ ଠାରେ ପ୍ରସ୍ତାବିତ ମଡେଲ ଜେଲ ବିବାଦ ଥମିବାର ନାଁ ନେଉନି । ବାରମ୍ବାର ପ୍ରଶାସନ ସହିତ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ହେଉଥିବା ଆଲୋଚନା ବିଫଳ ହେଉଛି । ଆଜି ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହେବାରୁ ଉଭୟ ଗ୍ରାମବାସୀ ଓ ପ୍ରଶାସନ ମୁହାଁମୁହିଁ ସିତିକୁ ଆସିଥିଲେ । ଗତ ୧୧ ତାରିଖରୁ ପୁଲିସ ଛାଉଣି ମଧ୍ୟରେ ଜେସିବି ମେସିନ ଦ୍ୱାରା ଜେଲ ନିର୍ମାଣର ଖନନ କାର୍ଯ୍ୟ ଜିଲ୍ଲା ପ୍ରଶାସନ ଆରମ୍ଭ କରିଥିଲେ । ମାତ୍ର କାର୍ଯ୍ୟ ଆରମ୍ଭ ହେବାର ୨୪ ଘଣ୍ଟା ପରେ କାର୍ଯ୍ୟବନ୍ଦ କରିଥିଲେ ଗ୍ରାମବାସୀ । ଆଜି ପୁଣି ସେହି କାମ ଆରମ୍ଭ ହେବା ପରେ ଏହାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରି ନିର୍ମାଣ କାର୍ଯ୍ୟ କରିବାକୁ ଆସିଥିବା କର୍ମଚାରୀଙ୍କୁ ଘଉଡ଼ାଇଦେଇଥିଲେ । ଖବର ପାଇ ସ୍ଥାନୀୟ



ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ନେଇ ଏକ କମିଟି ଗଠନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏ ସମ୍ପର୍କିତ ଏକ ରିପୋର୍ଟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହା ସହିତ ଜେଲ୍ ନିର୍ମାଣ କାର୍ଯ୍ୟ ନ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପୁନର୍ବାର ଜିଲ୍ଲା

### ଗ୍ରାମବାସୀଙ୍କ ଦାବିକୁ ବିଧାୟକଙ୍କ ସମର୍ଥନ

ପ୍ରଶାସନ ନିକଟରେ ଦାବି ଜଣାଇଥିଲେ । ଏହି କାର୍ଯ୍ୟ ଦୀର୍ଘ ୨ ବର୍ଷ ହେବ ବନ୍ଦ ଥିଲା । ଗ୍ରାମବାସୀଙ୍କ ଅଭିଯୋଗକୁ ଜିଲ୍ଲା ପ୍ରଶାସନ ଗ୍ରହଣ ନ କରି ଜବରଦସ୍ତି ନିର୍ମାଣ କାର୍ଯ୍ୟ ଚାଲୁ ରଖିବାକୁ ଚେଷ୍ଟା ଚଳାଇବା ଏକ ବୃଥା ପ୍ରୟାସ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ପ୍ରକାଶ ଥାଉକି ଏରବାଙ୍କ ପଞ୍ଚାୟତରେ ଥିବା ବିସ୍ତୃତ ଗୋଚର ଜମି ମଧ୍ୟରୁ ୨୦ ଏକର ଜମି ଉପରେ ପ୍ରାୟ ୭୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ଏକ ମଡେଲ୍ ଜେଲ୍ ନିର୍ମାଣ କରିବା ପାଇଁ ସରକାରୀ ସ୍ତରରେ ନିଷ୍ପତି ହୋଇଥିଲା । ଜେଲ ନିର୍ମାଣକୁ ବିରୋଧ କରି ଗ୍ରାମବାସୀ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଥିଲେ । ହେଲେ ରାଜ୍ୟ ସରକାର କି ଜିଲ୍ଲା ପ୍ରଶାସନ ଏହାକୁ ଆଦୌ କର୍ଣ୍ଣପାତ କରିନଥିଲେ । ଗତ ୧୧ ତାରିଖ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା । କାଳେ କୌଣସି ପ୍ରତିରୋଧ ହେବ, ସେଥିପାଇଁ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା । ଅଭିଯୋଗ ନଶୁଣିବାରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଛତରିଆ ପଡ଼ିଆ ନିକଟସ୍ଥ ମହାପୁରୁଷଙ୍କ ସମାଧି ପୀଠ ଓ ଗ୍ରାମଦେବତୀ ମା' ବନଦୁର୍ଗାଙ୍କ ନିକଟରେ ମିଳିତ ହୋଇ ପ୍ରତିବାଦ ଜଣାଇଥିଲେ । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି ।

## ବଜ୍ରପାତରେ ଫାଟିଲା କାର୍ ଚକ




**କବାଟବନ୍ଧ,୧୯।୬(ସମିସ):** ଶୁକ୍ରବାର ଅପରାହ୍ନରେ ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ପ୍ରବଳ ବଜ୍ରପାତ ଯୋଗୁଁ ଏକ କାର କ୍ଷତିଗ୍ରସ୍ତ ହୋଇଛି । ସୌଭାଗ୍ୟ ବଶତଃ ଉକ୍ତ କାରରେ ଥିବା ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ମିଳିଥିବା ସୂଚନା ଅନୁସାରେ ଅପରାହ୍ନ ପ୍ରାୟ ୫ଟା ସମୟରେ ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଜଣେ ଯାତ୍ରୀ ଓଡି୩୩ଏଏମ୍ ୩୭୫୦ ନମ୍ବର ବିଶିଷ୍ଟ ଏକ କାର୍ ଯୋଗେ ଡୁବୁରୀରୁ ଚଣ୍ଡିଖୋଲ ଆଡ଼କୁ ଯାଉଥିଲେ । ଜେନାପୁର ଥାନା ଅଧୀନ କନ୍ତପଡ଼ା ଛକ ନିକଟରେ ହଠାତ ବଜ୍ରପାତ ହୋଇଥିଲା । ଫଳରେ କାର ଗାଡ଼ିର ପଛ କାଚ ସମେତ ୩ଟି ଚକ ଫାଟି ଯାଇଥିଲା ଏବଂ ଗାଡ଼ିର ଇଞ୍ଜିନରୁ ଧୂଆଁ ବାହାରି ଥିଲା । ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ପକ୍ଷରୁ ସତ୍ୟବ୍ରତ ପୁହାଣ ଏବଂ ଅନ୍ୟ କର୍ମଚାରୀ ମାନେ ପହଞ୍ଚିଥିଲେ । ଗାଡ଼ିର ଚାଳକ ଆତିପ ଆଲମ ସୁରକ୍ଷିତ ଥିବା ଜଣାପଡ଼ିଛି ।

### ବଜ୍ରପାତରେ ବ୍ୟାଙ୍କ କମ୍ପ୍ୟୁଟର ନଷ୍ଟ

## ୫ ଦିନ ଧରି ସେବା ବନ୍ଦ

**କୁୟାଁଗୋଲା,୧୯।୬(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଛତ୍ରପଡ଼ା ଛକ ସ୍ଥିତ ପଞ୍ଜାବ ନେସନାଲ ବ୍ୟାଙ୍କ ଶାଖାରେ ବଜ୍ରପାତ ଯୋଗୁଁ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ଓ ଅନ୍ୟାନ୍ୟ ଉପକରଣ ପୋଡ଼ି ନଷ୍ଟ ହୋଇଯାଇଛି । ଏହି କାରଣରୁ ବ୍ୟାଙ୍କର କାର୍ଯ୍ୟ ୫ ଦିନ ଧରି ସମ୍ପୂର୍ଣ୍ଣ ବନ୍ଦ ରହିଛି । ପ୍ରାୟ ଏକ ସପ୍ତାହ ତଳେ ହୋଇଥିବା ପ୍ରବଳ ବର୍ଷା ସହ ବଜ୍ରପାତ ସମୟରେ ବ୍ୟାଙ୍କର ବିଦ୍ୟୁତ୍ ସୁଇଚ୍ ବନ୍ଦ କରାଯାଇ ନଥିବାରୁ ଏପରି ଘଟିଛି ବୋଲି ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି । ବଜ୍ରପାତରେ ବ୍ୟାଙ୍କର ୪ଟି କମ୍ପ୍ୟୁଟର, ୟୁପିଏସ୍ ଓ ନେଟ୍ୱର୍କ ବ୍ୟବସ୍ଥା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ଫଳରେ ପ୍ରତିଦିନ ଶହ ଶହ ଉପଭୋକ୍ତା ନିଜର କାର୍ଯ୍ୟ କରି ନ ପାରି ନିରାଶ ହୋଇ ଫେରୁଛନ୍ତି । ଉପଭୋକ୍ତା ମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ, ଖୁବ୍‌ଶୀଘ୍ର ମରାମତି କରାଯାଇ ଆସନ୍ତା ସୋମବାର ସୁଦ୍ଧା ସେବା ସ୍ୱାଭାବିକ ହେବ । ବଜ୍ରପାତ ସମୟରେ ବୈଦ୍ୟୁତିକ ଉପକରଣ ସୁରକ୍ଷା ପ୍ରତି ଧ୍ୟାନ ନ ଦିଆଯିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି ।

## ସୁକିନ୍ଦାରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ



**ସୁକିନ୍ଦା,୧୯।୬(ସମିସ):** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ ଅବସରରେ ସୁକିନ୍ଦା ବ୍ଲକ ପରିସରରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୁକିନ୍ଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଜ୍ଞାପରମିତା ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଯାଜପୁର ଜିଲ୍ଲା କର୍ମ ନିଯୋଜନ ସଂସ୍ଥାନ, ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ମୁଖ୍ୟ ସୁଶାନ୍ତ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀଙ୍କୁ ରାସନକାର୍ଡ ବଣ୍ଟନ, ଅନ୍ତ୍ୟୋଦୟ ଆବାସ ଯୋଜନା ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟ, ୩ ଜଣ ଲକ୍ଷପତି ଦିଦି ଓ ୨ଜଣ ସୁଭଦ୍ରା ଦିଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହିଳା ଶିଶୁ ବିକାଶ ବିଭାଗ ଅଧୀନସ୍ଥ ଅଙ୍ଗନବାଡ଼ି କର୍ମୀଙ୍କୁ ସରକାରଙ୍କ ପକ୍ଷରୁ ମୋବାଇଲ ପ୍ରଦାନ କରାଯାଇଥିଲା । ଓଡ଼ିଶା ଜୀବିକା ମିଶନ ପକ୍ଷରୁ ୨ ଜଣ ହିତାଧିକାରୀଙ୍କୁ ୨ଟି ୩ ଚକିଆ ଯାତ୍ରୀବାହୀ ଅଟୋ ଓ ୨ଜଣ ହିତାଧିକାରୀଙ୍କୁ ୨ ଗୋଟି ୪ ଚକିଆ ଯାତ୍ରବାହୀ ଛୋଟ ଗାଡ଼ି ପ୍ରଦାନ କରାଯାଇଥିଲା । ପରିଶେଷରେ ମନ୍ତ୍ରୀ ସୁକିନ୍ଦା ବ୍ଲକ ସ୍ୱତନ୍ତ୍ର ସଘନ ଭୋଟର ସଂଶୋଧନ କାର୍ଯ୍ୟକ୍ରମର ସଚେତନ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମକୁ ବ୍ଲକ ମଙ୍ଗଳ ଅଧିକାରୀ ଶ୍ୱେତାଲିନା ରଥ ପରିଚାଳନା କରିବାସହ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଟ୍ ପୁନଃପରୀକ୍ଷା ପାଇଁ ସ୍ୱତନ୍ତ୍ର ବସ୍ ସେବା

**ଯାଜପୁର,୧୯।୬(ସମିସ):** ଆସନ୍ତା ଜୁନ୍ ୨୧ ତାରିଖରେ ନିଟ୍ (ୟୁଜି) ପୁନଃ ପରୀକ୍ଷା ଥିବାରୁ ଯାଜପୁର ଜିଲ୍ଲାରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବସ୍ ସେବା ନିୟୋଜିତ କରାଯାଇଛି । ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ଅନ୍ତର୍ଗତ ବିଭିନ୍ନ ବସ୍‌ଗୁଡିକର ରୁଟ୍ ମ୍ୟାପ୍ ଜାରି କରାଯାଇଛି । ପ୍ରଥମ ବସ୍ ଯାଜପୁର ଟାଉନ୍ ବସ୍‌ଷ୍ଟାଣ୍ଡରୁ ସକାଳ ୮.୩୦ରେ ବାହାରି ଭାୟା ପାଣିକୋଇଲି ଦେଇ ବ୍ୟାସନଗର କଲେଜ ନିକଟରେ ୧୦.୧୫ରେ ପହଞ୍ଚିବ । ଦ୍ୱିତୀୟ ବସ୍ ଯାଜପୁର ଟାଉନ୍ ବସ୍‌ଷ୍ଟାଣ୍ଡରୁ ସକାଳ ୮.୪୫ରେ ବାହାରି ବ୍ୟାସନଗର କଲେଜରେ ୧୦.୩୦ରେ ପହଞ୍ଚିବ । ନରସିଂହ ଚୌଧୁରୀ ମହାବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ ପାଣିକୋଇଲି, ସରକାରୀ ପଲିଟେକ୍ନିକ୍ କଲେଜ, ରଗଡ଼ି, ବ୍ୟାସନଗର କଲେଜ ପରୀକ୍ଷା କେନ୍ଦ୍ରର ପରୀକ୍ଷାର୍ଥୀ ପ୍ରଥମ ଦୁଇଟି ବସରେ ଯାଇପାରିବେ । ତୃତୀୟ ବସ୍ ସକାଳ ୮.୩୦ ରେ ଯାଜପୁର ରୋଡ ରେଳଷ୍ଟେସନରୁ ବାହାରି ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ୧୦ ଘଟିକାରେ ପହଞ୍ଚିବ । ଚତୁର୍ଥ ବସ୍ ସକାଳ ୮.୪୫ରେ ଯାଜପୁର ରୋଡ ରେଳ ଷ୍ଟେସନରୁ ବାହାରି ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ୧୦.୧୫ ଘଟିକାରେ ପହଞ୍ଚିବ । ବ୍ୟାସନଗର କଲେଜ, ସରକାରୀ ପଲିଟେକ୍ନିକ୍ କଲେଜ, ରଗଡ଼ି, ଜବାହର ନବୋଦୟ ବିଦ୍ୟାଳୟ ପାଣିକୋଇଲି, ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ପରୀକ୍ଷାର୍ଥୀ ତୃତୀୟ ଏବଂ ଚତୁର୍ଥ ବସରେ ଯାଇପାରିବେ । ପଞ୍ଚମ ବସ୍ ଛତିଆରୁ ସକାଳ ୮.୧୫ରେ ବାହାରି ଚଣ୍ଡିଖୋଲ, କୁଆଖିଆ, ପାଣିକୋଇଲି ଦେଇ ବ୍ୟାସନଗର କଲେଜରେ ୧୦.୧୫ରେ ପହଞ୍ଚିବ । ଜବାହାର ନବୋଦୟ ବିଦ୍ୟାଳୟ ପାଣିକୋଇଲି, ସରକାରୀ ପଲିଟେକ୍ନିକ୍ କଲେଜ, ରଗଡ଼ି, ବ୍ୟାସନଗର କଲେଜ ପରୀକ୍ଷା କେନ୍ଦ୍ରର ପରୀକ୍ଷାର୍ଥୀ ପଞ୍ଚମ ବସ୍‌ରେ ଯାଇପାରିବେ । ଷଷ୍ଠ ବସ୍ ଛତିଆରୁ ୮.୩୦ରେ ବାହାରି ପାଣିକୋଇଲି, ଏନ୍‌ସି କଲେଜ ଦେଇ କେନ୍ଦ୍ରୀୟ ବିଦ୍ୟାଳୟ ଅକରପଡ଼ାରେ ୧୦.୩୪ରେ ପହଞ୍ଚିବ । ଜବାହାର ନବୋଦୟ ବିଦ୍ୟାଳୟ ପାଣିକୋଇଲି, ସରକାରୀ ପଲିଟେକ୍ନିକ୍ କଲେଜ, ରଗଡ଼ି, ନରସିଂହ ଚୌଧୁରୀ ମହାବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଅକରପଡ଼ା ପରୀକ୍ଷା କେନ୍ଦ୍ରର ପରୀକ୍ଷାର୍ଥୀ ଷଷ୍ଠ ବସରେ ଯାଇପାରିବେ । ସେହିଭଳି ସପ୍ତମ ବସ୍ ଯାଜପୁର ଟାଉନ ବସଷ୍ଟାଣ୍ଡରୁ ୯.୩୦ରୁ ବାହାରି କେନ୍ଦ୍ରୀୟ ବିଦ୍ୟାଳୟ ଅକରପଡ଼ାରେ ୯.୪୫ରେ ପହଞ୍ଚିବ । ଅଷ୍ଟମ ବସ୍ ବ୍ୟାସନଗର କଲେଜରୁ ୯ଟାରେ ବାହାରି ଯାଜପୁର ଟାଉନ୍ ବସ୍ ଷ୍ଟାଣ୍ଡରେ ୧୦.୩୩ ରେ ପହଞ୍ଚିବ । ବ୍ୟାସନଗର କଲେଜ, ପଲିଟେକ୍ନିକ୍ କଲେଜ, ରଗଡ଼ି, ପାଣିକୋଇଲି, ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ପରୀକ୍ଷାର୍ଥୀ ଅଷ୍ଟମ ବସରେ ଯାଇପାରିବେ । ପରୀକ୍ଷାର୍ଥୀ ନିଟ୍ ପୁନଃପରୀକ୍ଷାର ଆଡମିଟ କାର୍ଡ ସାଙ୍ଗରେ ନେଇଯିବେ । ପରୀକ୍ଷା ସରିବାର ୩୦ ମିନିଟ ପରେ ପ୍ରତ୍ୟେକ ବସ୍ ପ୍ରତ୍ୟାବର୍ତ୍ତନ କରିବେ । ଜନସାଧାରଣ ଏବଂ ପରୀକ୍ଷାର୍ଥୀଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

## ଖଣି ଓ ପୁଲିସର ଚଢ଼ଉ; ଏକ୍ସାଭେଟର ଜବତ

**ପାଣିକୋଇଲି,୧୯।୬(ସମିସ):** ଖଣି ପୁଲିସର ମିଳିତ ଚଢ଼ଉ କରାଯାଇ ପାଣିକୋଇଲି ତାନା ତଥା ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତ ନୁରୁଙ୍ଗା ଗ୍ରାମରୁ ଗୁରୁବାର ବିଳମ୍ବିତ ରାତ୍ରୀରେ ଏକ ଏକ୍ସାଭେଟର ଜବତ କରାଯାଇଛି । ପ୍ରକାଶଯେ ପାଣିକୋଇଲି ଥନାରେ ଖଣି ବିଭାଗର ଖଣି ଅଧିକାରୀ ବିଶାଳ ଠାକୁରଙ୍କ ଅଭିଯୋଗ କ୍ରମେ ଏକ ମାମଲା ଥାନାରେ ଗୁରୁବାର ରୁଜୁ କରାଯାଇଥିଲା । ଅଭିଯୋଗ ମୁତାବକ ଜୁନିୟର କଣି ଅଧିକାରୀ ଛାୟାକାନ୍ତ ମହନ୍ତ ଗତ ୯ତାରିଖ ବେଆଇନ ବାଲି ଉତୋଳନ ହେଉଥିବାର ଖବର ପାଇ ଚଢ଼ଉ କରିଥିଲେ । ବୈତରଣୀ ନଦୀର ଶାଖା ନଦୀ ବୁଢା ନଦୀର ନୁରୁଙ୍ଗା ଠାରେ ବେଆଇନ ବାଲି ଉତ୍ତୋଳନ କରାଯାଉଥିଲା ଖଣି ବିଭାଗ ସେଠାରେ ପହଞ୍ଚିବାରୁ ଏକ୍ସାଭେଟର ଚାଳକ ଗାଡ଼ି ଛାଡ଼ି ପଳାଇଥିଲା । ଗାଡିଟିକୁ ବିନା ଚାଳକ ଓ ଗାଡି ଅଭାବ ଯୋଗୁ ସେଠାରୁ ଆଣିବା ସମ୍ଭବ ହୋଇନଥିଲା । ଏନେଇ ଥାନାରେ ଅଭିଯୋଗ ପରେ ଖଣି ଅଧିକାରୀ ମହେଶ ଚନ୍ଦ୍ର ନାଥ, ଜୁନିଅର ଖଣି ଅଧିକାରୀ ଛାୟାକାନ୍ତ ମହନ୍ତ, ପାଣିକୋଇଲି ଥାନା ସବଇନ୍ସପେକ୍ଟର ସୁମିତ କୁଜୁର ପ୍ରମୁଖ ନୁରୁଙ୍ଗା ଗ୍ରାମରେ ମେସିନ ଥିବା ଖବର ପାଇ ଚଢାଉ କରିଥିଲେ । ଉକ୍ତ ମେସିନକୁ ଜବତ କରି ଟ୍ରଲର ସାହାଯ୍ୟରେ ପାଣିକୋଇଲି ଥାନା ଜିମା ଦିଆଯାଇ ତଦନ୍ତ ଜାରି ରହିଛି ।

### ଯାଜପୁରରେ ସ୍କୁଲ ଖୋଲିବାକୁ ନେଇ ବିଭ୍ରାନ୍ତ

## ଅଧା ଖୋଲିଛି, ଅଧିକ ବନ୍ଦ

ଯାଜପୁର,୧୯।୬(ସମିସ): ରାଜ୍ୟରେ ସାଧାରଣତଃ ଗ୍ରୀଷ୍ମ ଅବକାଶ ଛୁଟି ରଜ ପର୍ଯ୍ୟନ୍ତ ରହିଥାଏ । ଅର୍ଥାତ ରଜ ପରେ ରାଜ୍ୟର ସମସ୍ତ ସ୍କୁଲ ଓ କଲେଜ ଖୋଲିଯାଇଥାଏ । ଚଳିତ ବର୍ଷ ରଜ ପୂର୍ବରୁ ହେଉଥିବା ପ୍ରବଳ ଖରା ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଏ ପର୍ଯ୍ୟନ୍ତ କେତେ ତାରିଖରେ ସ୍କୁଲ ଖୋଲିବ ତାକୁ ସ୍ଥିର କରିପାରିନାହାଁନ୍ତି ସରକାର । ଫଳରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ ଚିତ୍ର ଦେଖିବାକୁ ମିଳୁଛି । ଯାଜପୁର ଜିଲ୍ଲାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି । ସ୍କୁଲ କେବେ ଖୋଲିବ ଏ ପର୍ଯ୍ୟନ୍ତ ଜିଲ୍ଲାପାଳ କିମ୍ବା ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନଥିବାରୁ ସ୍କୁଲ କର୍ତ୍ତୃପକ୍ଷ ମାନେ ନାନା ଦ୍ୱନ୍ଦ ଭିତରେ ରହିଛନ୍ତି । ଫଳରେ ଜିଲ୍ଲାରେ ଥିବା ଅନେକ ବେସରକାରୀ ବିଦ୍ୟାଳୟ ଦ୍ୱନ୍ଦରେ ଖୋଲିଥିବା ବେଳେ ଅଧିକ ବିଦ୍ୟାଳୟ ବନ୍ଦ ରହିଛି । ପ୍ରତିଦିନ ଜିଲ୍ଲାରେ ଅଳ୍ପ ବହୁତ ବର୍ଷା ହୋଇ ପାଗ ସାମାନ୍ୟ ରହିଥିବା ବେଳେ ସ୍କୁଲ ଖୋଲିବା ପାଇଁ କାହିଁକି ବିଳମ୍ବ ହେଉଛି ତାର ଉତ୍ତର କାହାରି ପାଖରେ ନାହିଁ । ସୂଚନା ମୁତାବକ ଯାଜପୁର ସହରରେ ଥିବା କେତେକ ପ୍ରମୁଖ ଘରୋଇ ସ୍କୁଲ ଗତ ଦୁଇ ଦିନ ହେଲା ଖୋଲିଥିବା ବେଳେ ଅର୍ଦ୍ଧାଧିକ ଘରୋଇ ବିଦ୍ୟାଳୟ ଏ ପର୍ଯ୍ୟନ୍ତ ଖୋଲି ନଥିବା ଜଣାପଡିଛି । ଯାଜପୁରର କେନ୍ଦ୍ରୀୟ ବିଦ୍ୟାଳୟ, ଆପେକ୍ସ ଇଂରାଜୀ ମିଡ଼ିୟମ ସ୍କୁଲ ଭଳି ବିଦ୍ୟାଳୟ ଖୋଲିନାହିଁ । ଚଳିତ ବର୍ଷ ବିଦ୍ୟାଳୟ ଖୋଲିବାରେ ବିଳମ୍ବ ହେଉଥିବାରୁ ଛାତ୍ର ଛାତ୍ରୀଙ୍କ ପାଠ ପଢ଼ା ଠିକଣା ସମୟରେ ସରିବା ନେଇ ନାନା ଆଶଙ୍କା ଦେଖାଦେଇଛି ।

## କଦମ ପାଳରେ ରଜପର୍ବ

**ଧର୍ମଶାଳା,୧୯।୬(ସମିସ):** ଧର୍ମଶାଳା ବ୍ଲକର କଦମପାଳ ହାଇସ୍କୁଲ ପଡ଼ିଆରେ ମା' ମଙ୍ଗଳା ଷ୍ଟାର କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୧୧ତମ ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ମୁଖ୍ୟବକ୍ତା ଭାବେ ଡ. ଅଜୟ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରଭାରୀ ଆଲୋକ ଲେଙ୍କା ଓ ସମ୍ମାନିତ ବକ୍ତା ପଞ୍ଚାୟତ ପ୍ରଭାରୀ ଶରତ ଚନ୍ଦ୍ର ପରିଡା, ଅବସରପ୍ରାପ୍ତ ଶିକ୍ଷକ ନିର୍ମଳ ଚନ୍ଦ୍ର ମହାନ୍ତି, ବିଶିଷ୍ଟ ଯାତ୍ରା ଅଭିନେତା ଭୀକାରି ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇଥିଲେ । ଉପଦେଷ୍ଟା କମିଟି ର ସଦସ୍ୟ ପ୍ରଭାକର ଶାନ୍ତି ଓ କେଶବ ଚନ୍ଦ୍ର ପ୍ରଧାନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲା ବେଳେ ମଞ୍ଚକୁ ଅତିଥିମାନଙ୍କୁ ଚନ୍ଦ୍ରକାନ୍ତ ଏବଂ ରାକେଶ ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିଲେ । ଅମିତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## କର୍କଟ ପୀଡ଼ିତା ଆଶାକର୍ମୀଙ୍କ ପରଲୋକ

**କବାଟବନ୍ଧ,୧୯।୬(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ ଗ୍ରାମର ଆଶା କର୍ମୀ ବିଜୁଳିବତୀ ସାହୁ (୫୫) ଙ୍କ ଶୁକ୍ରବାର ଅପରାହ୍ନରେ ମୃତ୍ୟୁ ହୋଇଯାଇଛି । ସେ ବିଶ୍ୱରଞ୍ଜନ ସାହୁଙ୍କ ଧର୍ମପତ୍ନୀ ଅଟନ୍ତି । ସେ ଦୀର୍ଘ ୩/୪ ବର୍ଷ ଧରି କ୍ୟାନସର ରୋଗରେ



ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ଗତ ପ୍ରାୟ ୫ ମାସ ହେବ ସେ ଶଯ୍ୟାଶାୟୀ ହୋଇ ଚାକିରିରେ ଯୋଗ ଦେଉ ନ ଥିଲେ । ଶୁକ୍ରବାର ଅପରାହ୍ନରେ ସେ ନିଜ ବାସଭବନରେ ରହିଥିବା ବେଳେ ମୃତ୍ୟୁ ହୋଇଥିଲା । ତାଙ୍କ ମୃତ୍ୟୁ ଖବର ପାଇଁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବହୁ ବ୍ୟକ୍ତି ଏବଂ ସହକର୍ମୀ ତାଙ୍କର ଶେଷ ଦର୍ଶନ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପୁଅ ସଂଗ୍ରାମ ସାହୁ ଏବଂ ଝିଅ ସ୍ୱରୂପା ସାହୁଙ୍କ ସମେତ ପରିବାର ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ବ୍ରାହ୍ମଣୀ ନଦୀ ଶଯ୍ୟାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

### ବିଞ୍ଝାରପୁରରେ ଶୀତଳଷଷ୍ଠୀ ଉତ୍ସବ

## ଦେବଦମ୍ପତିଙ୍କ ବିବାହ

**ବିଞ୍ଝାରପୁର,୧୯।୬(ସମିସ):** ବିଞ୍ଝାରପୁର ବ୍ଲକର ବିଭିନ୍ନ ଶୈବପୀଠରେ ଶୀତଳଷଷ୍ଠୀ ଶୁଭଲଗ୍ନ ଅବସରରେ ଦେବାଧିଦେବ ମହାଦେବ ଓ ମାତା ପାର୍ବତୀଙ୍କ ପବିତ୍ର ବିବାହ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲ୍ଲାର ପ୍ରସିଦ୍ଧ ଅରେଇସ୍ଥିତ ବାବା ବରୁଣେଶ୍ୱର ପୀଠରେ ଶୁକ୍ରବାର ପ୍ରାତଃକାଳରୁ ସୂର୍ଯ୍ୟପୂଜା, ପାଶ୍ୱର୍ ଦେବତା ପୂଜା, ମାତା ପାର୍ବତୀଙ୍କ ମଙ୍ଗନ କାର୍ଯ୍ୟ ଓ ମହାଦେବଙ୍କ ରୁଦ୍ରାଭିଷେକ ଆଦି ନୀତିକାନ୍ତି ସମ୍ପନ୍ନ ହୋଇଥିଲା । ସନ୍ଧ୍ୟାରେ ମହାଦେବଙ୍କ ଜାକଜମକପୂର୍ଣ୍ଣ ବରାନୁଗମନ ଶୋଭାଯାତ୍ରା ବାହାରିଥିଲା । ଶୋଭାଯାତ୍ରାରେ ହଜାର ହଜାର ଶିବଭକ୍ତ ଯୋଗଦେଇଥିବା ବେଳେ ଆତସବାଜିର ଝଲକରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା ।

ଏହି ଶୁଭ ଅବସରରେ ଶୈଳପୁତ୍ରୀ ମାତା ପାର୍ବତୀଙ୍କ ପିତା ଭାବେ ମିହିର ପଣ୍ଡା ଏବଂ ମହାଦେବଙ୍କ ପିତା ଭାବେ ନିରଞ୍ଜନ ରାଉତ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରତିକୂଳ ପାଗ ସତ୍ତ୍ୱେ ଭକ୍ତମାନଙ୍କ ହୁଳହୁଳି, ଶଙ୍ଖଧ୍ୱନି ଓ ଭକ୍ତିମୟ ପରିବେଶ ମଧ୍ୟରେ ଦେବଦମ୍ପତଙ୍କ ଶୁଭ ବିବାହ ସମ୍ପନ୍ନ ହୋଇଥିଲା ।

ଉତ୍ସବ ପରିଚାଳନାରେ ଜିତେନ୍ଦ୍ର ପ୍ରଧାନ, ରୋମିଓ ରୋପନ ରାଉତ, ଦୀପକ ସାହୁ, ତାରାକାନ୍ତ ମଲ୍ଲିକ, ବଟକୃଷ୍ଣ ନାୟକ, ଗୌରାଙ୍ଗ ପରିଡ଼ା, ଉଦୟ ଭାନୁ ନାୟକ, ଶୁଭ୍ରାଂସୁ ଶେଖର ବିଶ୍ୱାଳ, ବାବୁନି ରାଉତ, ଜଗନ୍ନାଥ ବରାଳ, ରବୀନ୍ଦ୍ର ପରିଡ଼ା, ହେମେନ୍ଦ୍ର କୁମାର ସାମଲ, ଅରେଇ ସରପଞ୍ଚ ପ୍ରତିନିଧି ରାଧାଶ୍ୟାମ ନାୟକ, ପୂର୍ବତନ ସରପଞ୍ଚ ଦେବାନନ୍ଦ ମଲ୍ଲିକ, ଘଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ, ସଞ୍ଜିବ ଧଳ ଓ ଗୋବିନ୍ଦ ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

ସେହିପରି ମାଁସଡ଼ାର ଖରେଶ୍ୱର ପୀଠ, କଲ୍ୟାଣେଶ୍ୱର ପୀଠ ଏବଂ କଲ୍ୟାଣପୁର ସମେତ ବ୍ଲକର ବିଭିନ୍ନ ଶୈବପୀଠରେ ମଧ୍ୟ ଶୀତଳଷଷ୍ଠୀ ଅବସରରେ ମହାଦେବ ଓ ମାତା ପାର୍ବତୀଙ୍କ ଦିବ୍ୟ ବିବାହ ଉତ୍ସବ ମହାସମାରୋହରେ ପାଳିତ ହୋଇଥିଲା ।

## ବାବା ସିଦ୍ଧେଶ୍ୱର ମନ୍ଦିରରେ ଶୀତଳ ଷଷ୍ଠୀ

**ଦାନଗଦି,୧୯।୬(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ବାଇରକୋଟା ପଞ୍ଚାୟତ ଅଧୀନସ୍ଥ ଆଙ୍ଗୋର ଗ୍ରାମରେ ଥିବା ବାବାସିଦ୍ଧେଶ୍ୱର ମନ୍ଦିରରେ ଶୀତଳ ଷଷ୍ଠୀ ଉପଲକ୍ଷେ ଶିବପାର୍ବତୀଙ୍କ ବିବାହ ଉତ୍ସବ ଯଥାବିଧି ଅନୁଷ୍ଠିତ ହେଇଯାଇଛି । କନ୍ୟାପକ୍ଷରୁ ପିତା ଶରତ ବଳ ହୋଇଥିବା ବେଳେ ବରପକ୍ଷରୁ ପିତା ଜିତେନ୍ଦ୍ର ପୁହାଣ ଦାୟିତ୍ୱ ନିଭାଉଛନ୍ତି । ପଣ୍ଡିତ ଶରତ ମହାପାତ୍ର ଓ ନୀଳମଣି ପଣ୍ଡାଙ୍କ ମନ୍ତ୍ର ଧ୍ୱନିରେ ସ୍ଥାନୀୟ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହେଇଥିଲା । ଅପରାହ୍ନରେ ଆଙ୍ଗୋର ଯୁବକ ସଂଘର ସଦସ୍ୟଙ୍କ ସହଯୋଗରେ ବିମାନରେ ଶିବ ପାର୍ବତୀଙ୍କୁ ଶତାଧିକ ମହିଳାମାନଙ୍କ ଶଙ୍ଖ ହୁଳହୁଳି, ବାଜା ବାଣ ସହ ଗ୍ରାମ ପରିଭ୍ରମଣ କରାଇ ମନ୍ଦିରରେ ପ୍ରବେଶ କରାଇଥିଲେ । ଏହି ପବିତ୍ର କାର୍ଯ୍ୟରେ ମନ୍ଦିର କମିଟିର ସମସ୍ତ ସଭ୍ୟ ଓ ଯୁବକ ସଂଘର ସଭ୍ୟମାନେ ସହଯୋଗ କରିଥିଲେ ।

## ଚନ୍ଦନେଶ୍ୱର ପୀଠରେ ହରପାର୍ବତୀଙ୍କ ବିବାହ



**ସିଂହପୁର,୧୯।୬(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାର ସ୍ଥିତ ବାବା ଚନ୍ଦନେଶ୍ୱର ମନ୍ଦିର ପୀଠରେ ଶୀତଳ ଷଷ୍ଠୀ ଉପଲକ୍ଷେ ହରପାର୍ବତୀଙ୍କ ବିବାହ ଉତ୍ସବ ପାଳିତ ହୋଇଛି । ବାଜା, ବାଣ ରୋଷଣିରେ ମନ୍ଦିର ପରିସର ଅଞ୍ଚଳ ପ୍ରକମ୍ପିତ ହୋଇଥଲା । କନ୍ୟା କର୍ତ୍ତା ଭାବେ ନିରଞ୍ଜନ ସାମଲ ଓ ନିରୋଦବାଳା ସାମଲ, ବରକର୍ତ୍ତା ଭାବେ ପ୍ରଶାନ୍ତ କୁମାର ସାମଲ, ନିରୁପମା ସାମଲ ଦାୟିତ୍ୱ ନିର୍ବାହ କରିଥିଲେ । ପୂଜକ ରବୀନ୍ଦ୍ର କୁମାର ପତି ବିବାହ କାର୍ଯ୍ୟ ସଂପନ୍ନ କରିଥିଲେ । ବିବାହ ଉତ୍ସବ ସମ୍ପୂର୍ଣ୍ଣ ରିତି ନୀତିରେ ପାଳନ କରଯାଇଥିଲା । ନରୋତ୍ତମ ନାୟକ , ନୀଳ ପଢ଼ିହାରି, ସୁଦର୍ଶନ ସାମଲ ପ୍ରମୁଖ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସୋତି ଈଶାନେଶ୍ୱର ମହାଦେବଙ୍କ ବିବାହ ଉତ୍ସବ

**ପାଣିକୋଇଲି,୧୯।୬(ସମିସ):** ପବିତ୍ର ଶୀତଳ ଷଷ୍ଠୀ ଅବସରରେ ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଈଶାନେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଦୀର୍ଘ ୨୦ ବର୍ଷ ଧରି ଉକ୍ତ ଉତ୍ସବକୁ ସୋତି ଗ୍ରାମବାସୀ ପାଳନ କରିଆସୁଛନ୍ତି । ଚଳିତ ବର୍ଷ କନ୍ୟା ପିତା ଭାବେ ଅଦୈତ୍ୟ ଚରଣ ଦାଶ ଓ ପଦ୍ମାବତୀ ଦାଶ କନ୍ୟା ଦାନ କରିଥିବା ବେଳେ ବର ପିତା ଭାବେ ଦାମୋଦର ପଣ୍ଡା ଓ ବାସନ୍ତୀ ପଣ୍ଡା ଯୋଗ ଦେଇଥିଲେ । ପୂଜକ ଭାବେ ନୀଳମଣୀ ପଣ୍ଡା, ବଳରାମ ପଣ୍ଡା, ପୂର୍ଣ୍ଣାନନ୍ଦ ପଣ୍ଡା, ବାବୁଲି ପଣ୍ଡା, ରମାକାନ୍ତ ପଣ୍ଡା ମନ୍ତ୍ରପାଠ ଓ ବିବାହ ଉତ୍ସବକୁ ସମ୍ପନ୍ନ କରିଥିବା ବେଳେ ଗ୍ରାମର ଉମାକାନ୍ତ ଖଣ୍ଡାଇ,ଶାନ୍ତନୁ ପଣ୍ଡା, ବଟକୃଷ୍ଣ ମହାପାତ୍ର, ନାରାୟଣ ଦଳାଇ, ସୁର୍ଯ୍ୟମଣୀ ସାହୁ, ନବଘନ ଦଳାଇ, ବାବୁଲି ପାଳ, ନାରାୟଣ କରଣ, ଶିବ ବାରିକ, ମାନସ ଦାସ, ତ୍ରିଲୋଚନ ଦାଶ, ଗୋପାଳ ଦାଶ, ବିବେକାନନ୍ଦ ଦାଶ, କାଳନ୍ଦୀ ଭୂୟାଁ, ଜିତେନ୍ଦ୍ର ଗନ୍ତାୟତଙ୍କ ସମେତ ସମସ୍ତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ ।



## ଉପମୁଖ୍ୟମନ୍ତ୍ରୀଙ୍କ ଜଗତସିଂହପୁର ଗସ୍ତ

# ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦାନ

ଜଗତସିଂହପୁର,୧୯।୬(ସମିସ)




ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଦିନିକିଆ ଜଗତସିଂହପୁର ଗସ୍ତରେ ଆସି ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ବୈଠକରେ ଯୋଗ ଦେଇଛନ୍ତି। ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସିଂଦେଓ ଜଗତସିଂହପୁର ଜିଲ୍ଲାର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିବା ସହିତ ରାଜ୍ୟ ସରକାରଙ୍କ ୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଜିଲ୍ଲାରେ ହୋଇଥିବା ବିକାଶ ଧାରା ବିଷୟରେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ସମୟରେ ହିଁ ଅନ୍‌ଲାଇନ୍ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଜିଲ୍ଲାପାଳଙ୍କୁ ଶ୍ରୀ ସିଂଦେଓ ପରାମର୍ଶ ଦେଇଥିଲେ। "ବିକାଶର ଧାରା, ଓଡ଼ିଶା ସାରା' ଅଭିମୁଖ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ସରକାରଙ୍କ ବିଭିନ୍ନ ଉଲ୍ଲେଖନୀୟ ତଥା ସଫଳ ଯୋଜନା ସଂପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ବିଧାୟକ ଅମରେନ୍ଦ୍ର ଦାସ ରାଜ୍ୟ ସରକାର ବିଗତ ୨ ବର୍ଷରେ ଜିଲ୍ଲା ପାଇଁ କରିଥିବା ବିଭିନ୍ନ ପ୍ରକଳ୍ପ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ସେହିପରି ସାଂସଦ ବିଭୁପ୍ରସାଦ ତରାଇ ଏଥିରେ ଯୋଗଦେଇ କୃଷକ, ମହିଳା, ଯୁବ ଗୋଷ୍ଠୀଙ୍କ ଉନ୍ନତିରେ ରାଜ୍ୟ ଓ ଦେଶର ବିକାଶ ହେବ ବୋଲି କହିଥିଲେ। ଏଥିରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଏଥିରେ ଯୋଗଦେଇ କେବଳ ଯୋଜନା କରିଦେଇ ବସିଗଲେ ହେବନାହିଁ ବରଂ ସରକାରଙ୍କ ବିକାଶମୂଳକ ଯୋଜନା ପଛ ଧାଡ଼ିର ପ୍ରତ୍ୟେକ ବର୍ଗ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଚେଷ୍ଟା କରିବାର ଆବଶ୍ୟକତା ରହିଛି ଏବଂ ଆମେ ଏଥିପ୍ରତି ଚେଷ୍ଟିତ ହେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାପାଳ ଜେ.ସୋନାଲ ବିଗତ ୨ ବର୍ଷରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଜିଲ୍ଲା ପାଇଁ ବିଭିନ୍ନ ଯୋଜନା ସଂପର୍କରେ ମତ ଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷା ପୌର ପରିଷଦ ଜଗତସିଂହପୁର ଅର୍ଚ୍ଚନା ସିଂହ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଯୋଜନାର ହିତାଧୀକାରୀମାନଙ୍କୁ ସ୍ମାର୍ଟ ଫୋନ, ସହାୟତା ରାଶି, କାର୍ଯ୍ୟାଦେଶ, ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିଲା। ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଜନସାଧାରଣ, ବୁଦ୍ଧିଜୀବୀ, ଜିଲ୍ଲାସ୍ତରୀୟ ଅଧିକାରୀ, ହିତାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମୁଖ୍ୟ ଅତିଥି ଓ ଅନ୍ୟ ସମ୍ମାନିତ ଅତିଥିମାନେ ସଂସ୍କୃତି ଭବନ ସମ୍ମୁଖରେ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ବସ୍ ସେବା

ଜଗତସିଂହପୁର,୧୯।୬(ସମିସ): ଆସନ୍ତା ୨୧ ତାରିଖରେ ହେଉଥିବା ନିଟ୍ ପରୀକ୍ଷା ପାଇଁ ଜଗତସିଂହପୁର ଜିଲ୍ଲାରେ ଚାଲୁଥିବା ସମସ୍ତ ବସ୍‌ରେ ଜଗତସିଂହପୁର ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପରୀକ୍ଷାର୍ଥୀଙ୍କୁ ମାଗଣା ସେବା ପ୍ରଦାନ ପାଇଁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷାର୍ଥୀଙ୍କ ସହ ଜଣେ ଅବିଭାବକ ମାଗଣାରେ ବସ୍‌ରେ ଯିବା ଏବଂ ଆସିବା ବ୍ୟବସ୍ଥା କରାଯାଇଛି। ତତସହିତ ପ୍ରଶାସନ ତରଫରୁ ଜଗତସିଂହପୁର ବସଷ୍ଟାଣ୍ଡରୁ ସ୍ୱତନ୍ତ୍ର ବସ୍ ସେବା ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଜଗତସିଂହପୁର ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ କୁମାର ସେଠୀ ସମସ୍ତ ବସ୍ ମାଲିକଙ୍କୁ ପତ୍ର ସଂଖ୍ୟା ୧୮୧୭ ଅନୁଯାୟୀ ଅବଗତ କରିବା ସହ ପରୀକ୍ଷାର୍ଥୀମାନେ ସରକାରଙ୍କ ମାଗଣା ବସ୍ ସେବାର ସୁବିଧା ନେବାକୁ ପରାମର୍ଶ ଦେଇଛନ୍ତି।

## ବାତ୍ୟା ଆଶ୍ରୟ ସ୍ଥଳରେ ମକ୍‌ଡ୍ରିଲ୍



ପାରାଦୀପ,୧୯।୬(ସମିସ): ପାରାଦୀପ ଗଡ଼ ଗ୍ରାମପଞ୍ଚାୟତର ନିମିଢ଼ି ଓ ପାରାଦୀପ ଗଡ଼ରେ ଥିବା ଦୁଇ ଗୋଟି ବହୁମୁଖି ବାତ୍ୟା ଆଶ୍ରୟ ସ୍ଥଳରେ ମକ୍‌ଡ୍ରିଲ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା, ବନ୍ୟା ଓ କୃତ୍ରିମ ବିଷାକ୍ତ ଗ୍ୟାସ୍ ବିପର୍ଯ୍ୟୟ ସମୟରେ କିପରି ଭବେ ପୀଡ଼ିତ/ପୀଡ଼ିତାମାନଙ୍କୁ ଆଶୁ ଚିକିତ୍ସା ପ୍ରଦାନ ଓ ସୁରକ୍ଷିତ ସ୍ଥାନ କିମ୍ବା ବାତ୍ୟା ଆଶ୍ରୟସ୍ଥଳକୁ ଅଣାଯାଇ ସେମାନଙ୍କୁ ସୁରକ୍ଷା ଓ ସମସ୍ତ ସୁବିଧା ପ୍ରଦାନ କରାଯାଇ ପାରିବ ସେ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଶ୍ରଦ୍ଧା ଏନ୍‌ଜିଓର କର୍ମକର୍ତ୍ତା, ସିଏଚଓ, ଏଏନ୍‌ଏମ୍, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ପାରାଦୀପ ଗଡ଼ ବାତ୍ୟା ଆଶ୍ରୟସ୍ଥଳର ସମ୍ପାଦକ ସତ୍ୟନାରାୟଣ ମହାପାତ୍ର ଓ ନୀମିଢ଼ି ବାତ୍ୟା ଆଶ୍ରୟ ସ୍ଥଳର ସମ୍ପାଦକ ମନୋଜ ରାଉତ, ଜୟନ୍ତ ସେନାପତି, ପ୍ରଭାତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

## ବଜ୍ରପାତରେ ବୃଦ୍ଧ ମୃତ



ବାଲିକୁଦା,୧୯।୬(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ବୋରିକିନା ପଞ୍ଚାୟତ ବରଗୁଡ଼ିପଡା ଗ୍ରାମର କରୁଣ ଦାସ (୬୩)ଙ୍କ ଆଜି ସକାଳେ ବଜ୍ରପାତରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଦିନ ପ୍ରାୟ ୧୦ଟା ସମୟରେ କରୁଣ ଓ ତାଙ୍କ ପତ୍ନୀ ଚାରୁଲତା ବାରି ପଛ ଜମିକୁ ଟ୍ରାକ୍ଟର ଜରିଆରେ ହଳ କରିଥିଲେ। ହଳ ସରିବା ପରେ ଉଭୟ ଧାନ ବିହନ ପକାଉଥିବା ବେଳେ ଅଚାନକ ବର୍ଷା ସହ ଘଡ଼ଘଡ଼ି ଆରମ୍ଭ ହୋଇଥିଲା। ଏହି ସମୟରେ ହୋଇଥିବା ବଜ୍ରପାତରେ ସେହି ଜମି ଉପରେ ହିଁ ଟଳି ପଡ଼ିଥିଲେ କରୁଣ। ହେଲେ ପତ୍ନୀ ସୁରକ୍ଷିତ ଥିଲେ। ଏହି ଘଟଣା ଘଟିବା ପରେ ବାଲିକୁଦା ମେଡିକାଲ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ଗ୍ରାମବାସୀଙ୍କ ସମେତ କୃଷକ ସଂଗଠନ ଦାବି କରିଛନ୍ତି।

▶▶ କୁଜଙ୍ଗ ପରିଦର୍ଶନ କଲେ ଅତିରିକ୍ତ ଜିଲ୍ଲାପାଳ

## ୧୪ ବିଏଲ୍‌ଓ, ୩ ବିଏଲ୍‌ଓ ସୁପରଭାଇଜର ସମ୍ବର୍ଦ୍ଧିତ




ପାରାଦୀପ,୧୯।୬(ସମିସ): ଜଗତସିଂହପୁରରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହେବା ସହ ବୁଥସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଏହି କ୍ରମରେ ପାରାଦୀପ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରା ଆଜି ପାରାଦୀପ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁଜଙ୍ଗ ବ୍ଲକ ପରିଦର୍ଶନ କରି ଶହେ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ ଶେଷ ହୋଇଥିବା ଯୋଗୁଁ ୧୪ ଜଣ ବିଏଲଓ ଏବଂ ୩ ବିଏଲଓ ସୁପରଭାଇଜରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର କୁଜଙ୍ଗ ସ୍ୱରୂପ ନନ୍ଦନ ବେହେରା ଉପସ୍ଥିତ ଥିଲେ। ଜୁନ୍ ୨୮ ଯାଏଁ ଏହି ପ୍ରକ୍ରିୟା ଚାଲିବ। ପୂରଣ ହୋଇଥିବା ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ। ବିଏଲ୍‌ଓ ମାନେ ହେଲେ ବୁଥ ନମ୍ବର ୨୯ର ଶୁକଲତା ବେହେରା, ବୁଥ ନମ୍ବର ୨୬ର ରାଜଲକ୍ଷ୍ମୀ ସେନାପତି, ବୁଥ ନମ୍ବର ୪୦ର ଅନୁପମା ଦାସ, ବୁଥ ନମ୍ବର ୭୧ର ପାର୍ବତୀ ମହାନ୍ତି, ବୁଥ ନମ୍ବର ୨୨ର ମଞ୍ଜୁଲତା ସୁତାର, ବୁଥ ନମ୍ବର ୩୮ର ରୀତାବାଳା ସ୍ୱାଇଁ, ବୁଥ ନମ୍ବର ୨୫ର ସଙ୍ଗୀତା ଶତପଥୀ, ବୁଥ ନମ୍ବର ୬୮ର ରଶ୍ମି ନାୟକ, ବୁଥ ନମ୍ବର ୨୦ର କଳ୍ପନା ବେହେରା, ବୁଥ ନମ୍ବର ୨୧ର ଅନ୍ନପୂର୍ଣ୍ଣା ସେଠୀ, ବୁଥ ନମ୍ବର ୭୩ର ରୀନାରାଣୀ ଦାସ, ବୁଥ ନମ୍ବର ୧୧୫ର ଜ୍ୟୋସ୍ନାବାଳା ମହାନ୍ତି, ବୁଥ ନମ୍ବର ୯୭ର ମନୋରମା ଦାସ, ବୁଥ ନମ୍ବର ୯୮ର ଇନ୍ଦୁବ୍ରଜ ଲେଙ୍କା। ବି ଏଲ ଓ ସୁପରଭାଇଜର ହେଲେ ସହଦେବ ଗୁରୁ, ସଚଳା ମହାନ୍ତି ଓ ଲୋକନାଥ ବେହେରା।

## ନଗର କଂଗ୍ରେସ ପାଳିଲା ରାହୁଲଙ୍କ ଜନ୍ମଦିନ

ପାରାଦୀପ,୧୯।୬(ସମିସ): ପାରାଦୀପ ନଗର କଂଗ୍ରେସ ପକ୍ଷରୁ ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ୫୬ତମ ଜନ୍ମ ଦିବସ ପାଳିତ ହୋଇ ଯାଇଛି। ସନ୍ଧ୍ୟାରେ ବଡ଼ପଡ଼ିଆ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ନଗର ସଭାପତି କେଦାର ବିଶ୍ୱାଳ କେକ୍ କାଟି ରାହୁଲ ଗାନ୍ଧୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏହି ଉତ୍ସବରେ ସରୋଜ ପ୍ରଧାନ, ଚନ୍ଦ୍ରଶେଖର ମହାପାତ୍ର, ତ୍ରିନାଥ ମହାନ୍ତି, ବିଜୟ କୁମାର ସେଠୀ, କୃପାସିନ୍ଧୁ ଦାସ, ଜ୍ୟୋତି ରଞ୍ଜନ ଦାସ, ଜଗନ୍ନାଥ ଶତପଥୀ, କୈଳାସ ଚନ୍ଦ୍ର ବାରିକ, ସଞ୍ଜୟ କୁମାର ମୁଦୁଲି, ରମେଶ ପ୍ରଧାନ, ଶୁଭେନ୍ଦୁ ପରିଡ଼ା, ବିନତୀ ପଢ଼ିଆରୀ, ଧରିତ୍ରୀ ସାମଲ ,ପୁଷ୍ପା ଦାସ, ନଳିନୀ ରଣସିଂହ, ସସ୍ମିତା ମହାନ୍ତି, ସୁକାନ୍ତି ପରିଡ଼ା, ସୁଜାତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## 'ପ୍ରଶାସନିକ ସେବା ସଂଘର କାର୍ଯ୍ୟାବଳୀ ଓ ସଂପାଦନ' ପୁସ୍ତକ ଉନ୍ମୋଚିତ



ତିର୍ତ୍ତୋଲ,୧୯।୬(ସମିସ): ଓଡ଼ିଶା ପ୍ରଶାସନିକ ସେବା ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏକ ସମାରୋହରେ ପ୍ରାକ୍ତନ ଓଡ଼ିଶା ପ୍ରଶାସନିକ ସେବା ସଂଘର ସଭାପତି ତଥା ତିର୍ତ୍ତୋଲ ଅରିଲୋ ମାଟିର ପୁଅ କିଶୋର କୁମାର ମହାନ୍ତିଙ୍କ ଦ୍ୱାରା ସଙ୍କଳିତ 'ଓଡ଼ିଶା ପ୍ରଶାସନିକ ସେବା ସଂଘର କାର୍ଯ୍ୟାବଳୀ ଓ ସଂପାଦନ' ଶୀର୍ଷକ ଏକ ପୁସ୍ତକ ଅନୁଷ୍ଠାନର ପୂର୍ବତନ ସଭାପତି ନରେନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ସଂଘର ବିଭିନ୍ନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ଉଲ୍ଲେଖନୀୟ କାର୍ଯ୍ୟାବଳୀ ଓ ସଫଳତାର କାହାଣୀକୁ ଏକ ଐତିହାସିକ ତଥ୍ୟ ଭାବରେ ଏହି ପୁସ୍ତକ ମାଧ୍ୟମରେ ପରିପ୍ରକାଶ କରିଛନ୍ତି। ଏହି ଉନ୍ମୋଚନ ଉତ୍ସବରେ ପୂର୍ବତନ ସଭାପତି ଦିଲ୍ଲୀପ ମହାନ୍ତି, ରବିନାରାୟଣ ନନ୍ଦ, ନିର୍ମଳ ମିଶ୍ର, ସରୋଜ ସାମଲ ଏବଂ ବର୍ତ୍ତମାନର ସଭାପତି ଜ୍ୟୋତି ମିଶ୍ର, ସମ୍ପାଦକ ବିଜୟ ସ୍ୱାଇଁ ଉପସ୍ଥିତ ଥିଲେ। ରବି ନାରାୟଣ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲେଖକ ଶ୍ରୀ ମହାନ୍ତି ପୁସ୍ତକ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ଅବସରପ୍ରାପ୍ତ ସଦସ୍ୟ ରଘୁନାଥ ମିଶ୍ର, ସୁରେଶ ମନ୍ତ୍ରୀ, ବିନୟ ପାତ୍ର, ସୁରେଶ ପଟ୍ଟନାୟକ, ଶ୍ରୀବତ୍ସ ସାମଲ ଓ ଶଶୀଭୂଷଣ ମିଶ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆୟୋଜିତ ଉତ୍ସବରେ ରବି ନାରାୟଣ ନନ୍ଦ ସଭା ପରିଚାଳନା କରିଥିଲା ବେଳେ ମନୋରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଟିଂ ରେ ଅଚେତ ହୋଇପଡ଼ିଲେ ବିଏଲ୍‌ଓ

ବିରିଡ଼ି,୧୯।୬(ସମିସ): ବିରିଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ବିଏଲ୍‌ଓ, ସୁପରଭାଇଜର ଓ ସମ୍ପୃକ୍ତ ଅଧିକାରୀମାନଙ୍କୁ ନେଇ ଏସ୍‌ଆଇଆର୍ ଅଗ୍ରଗତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ବେଳେ ଅଘଟଣ ଘଟିଛି। ନୂଆଡ଼ଣା ଗ୍ରାମର ବିଏଲ୍‌ଓ ଥିବା ଅଙ୍ଗନବାଡ଼ି କର୍ମୀ ଚନ୍ଦ୍ରପ୍ରଭା ଓଝା ହଠାତ ଅସୁସ୍ଥ ହୋଇପଡ଼ିବା ସହ ସେଠାରେ ଚେତା ହରାଇ ବସିଥିଲେ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ତାଙ୍କୁ ସେଠାରୁ ତୁରନ୍ତ ଡାକ୍ତରଖାନାକୁ ନେବାକୁ କେହିହେଲେ ଜଣେ ଉଦ୍ୟମ କରିନଥିଲେ। କିଛି ସମୟ ପରେ ଖବର ପାଇ ସ୍ଥାନୀୟ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ଲୋକନାଥ ସାହୁଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ଷ୍ଟ୍ରେଚର ଯୋଗେ ତୁରନ୍ତ ଡାକ୍ତରଖାନାକୁ ଆଣି ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ। ସେ ପୂର୍ବରୁ ଅସୁସ୍ଥ ଥିଲେ କିମ୍ବା ଏସ୍‌ଆଇଆର୍ ଚାପ ଯୋଗୁଁ ଏପରି ଅସୁସ୍ଥ ହୋଇପଡ଼ିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସ୍‌ଆଇଆର୍ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରାଯିବ ଉପରେ ଆଜି ବିରିଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ ହେଉଥିଲା। ଏଥିରେ ସମସ୍ତ ବିଏଲ୍‌ଓ, ସୁପର ଭାଇଜର, ସମ୍ପୃକ୍ତ ଅଧିକାରୀ ମାନନେ ଯୋଗଦେଇଥିଲେ।

**ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ନୀତି**

## ଅଭିଯୋଗ ଆଣିଲା ବିଜେଡି

କୁଜଙ୍ଗ,୧୯।୬(ସମିସ): ଆଜି କୁଜଙ୍ଗ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ କୋଟି ଦୁର୍ନୀତି ହୋଇଥିବା ଗୁରୁତର ଅଭିଯୋଗ ହୋଇଛି। ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ଦେବାରେ କୋଟିକୋଟି ଟଙ୍କାର କିକ୍‌ବ୍ୟାକ ହୋଇଥିବା ନେଇ ବିସ୍ଫୋରକ ଅଭିଯୋଗ କରାଯାଇଛି। ସେହିପରି ସିକ୍ୟୁରିଟି ଗାର୍ଡ ନିଯୁକ୍ତିରେ ମଧ୍ୟ ଲାଞ୍ଚ କାରବାର ହୋଇଥିବା ଅଭିଯୋଗ କରାଯାଇଛି। ଏଥି ସହିତ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଅନିୟମିତତା ହୋଇଥିବା କୁଜଙ୍ଗ ବ୍ଲକ୍ ବିଜେଡି ସଭାପତି ମନିନ୍ଦ୍ର ଗୁରୁ ଅଭିଯୋଗ କରିବା ସହିତ ଏହାର ଭିଜିଲାନ୍ସ ବିଭାଗୀୟ ତଦନ୍ତ ଦାବି କରିଛନ୍ତି।



ପ୍ରକାଶ ଯେ, ଅଭିଯୋଗ ଅନୁଯାୟୀ ବାଙ୍ଗଲାଦେଶ, ଦୁବାଇ, ମୁମ୍ବାଇ, ଦିଲ୍ଲୀରେ ପିଲା ଜନ୍ମ ହୋଇଥିବା ବେଳେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ସେମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି ବୋଲି ଶ୍ରୀ ଗୁରୁ ପ୍ରାମାଣିକ କାଗଜ ପାଇଛନ୍ତି ବୋଲି କହିଛନ୍ତି। ଯେଉଁଥି ପାଇଁ ୫୦ ହଜାର ପର୍ଯ୍ୟନ୍ତ ଲାଞ୍ଚ କାରବାର ହୋଇଛି। ଏହିପରି ୭ ଶହରୁ ହଜାରେ ପର୍ଯ୍ୟନ୍ତ ଜନ୍ମମୃତ୍ୟୁ ପ୍ରମାଣପତ୍ର ଦିଆଯାଇଛି। ପ୍ରାୟ ବହୁ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କାରବାର ହୋଇଥିବା ବ୍ଲକ ବିଜେଡି ସଭାପତି ଅଭିଯୋଗ କରିବା ସହିତ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ସେହିପରି ଭାବେ ମେଡିକାଲରେ ସିକ୍ୟୁରିଟି ଗାର୍ଡ ନିଯୁକ୍ତିରେ ୪୦ରୁ ୫୦ ହଜାର ପର୍ଯ୍ୟନ୍ତ ଅର୍ଥ କାରବାର ହୋଇଛି। ଆଶା କର୍ମୀ ନିଯୁକ୍ତିରେ, ସେମାନଙ୍କୁ ଅବସରକାଳିନ ଭତ୍ତା ପ୍ରଦାନରେ ଲାଞ୍ଚ କାରବାର ଅଭିଯୋଗ କରାଯାଇଛି। ଆଶା କର୍ମୀ ମାନଙ୍କ ପ୍ରଶିକ୍ଷଣରେ ମିଲ୍ସ ବ୍ୟବସ୍ଥା ରହିଥିଲେ ମଧ୍ୟ ସେମାନଙ୍କୁ ଟିଫିନ ଦେଇ ସନ୍ତୁଷ୍ଟ କରାଯାଉଛି। କୁଜଙ୍ଗ ଷଣ୍ଢପୁର ସ୍ଥିତ ବିଜେଡି ଜନସମ୍ପର୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କୋଠୀ ପଞ୍ଚାୟତ ସମିତିସଭ୍ୟ ପ୍ରତିନିଧି ସୁରେନ୍ଦ୍ର କୁମାର ତରାଇ, ବରିଷ୍ଠ ବିଜେଡି କର୍ମୀ ନୃସିଂହ ଚରଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଙ୍ଗିନ ଅଭିଯୋଗକୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖଣ୍ଡନ କରାଯାଇଛି। ଅଭିଯୋଗ ସମ୍ପର୍କରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ଚେତନା ପୂରୋହିତ ଏହି ଅଭିଯୋଗକୁ ମିଥ୍ୟା ଏବଂ କପୋଳକଳ୍ପିତ ବୋଲି କହିଛନ୍ତି। ସେ ନିଜେ ଜନ୍ମମୃତ୍ୟ ପ୍ରମାଣ ପତ୍ରକୁ କଡ଼ାକଡ଼ି ଭାବେ ଯାଞ୍ଚ କରୁଛନ୍ତି। ଯାହା ହେଉଛି ନିୟମ ଆଧାରରେ ହେଉଛି। କେହି ଅନିୟମିତତା କରିବାକୁ ଚେଷ୍ଟାକରି ବିଫଳ ହୋଇଥିବାରୁ ଏହିପରି ମିଥ୍ୟା ଅଭିଯୋଗ କରିଥିବା କହିଛନ୍ତି। ସେହିପରି ଆଗତ ସମସ୍ତ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଉପରେ ପର୍ଯ୍ୟବେଶିତ ବୋଲି ଡାକ୍ତର ପୂରୋହିତ କହିଛନ୍ତି।

## ଆଜାଦ୍ ହିନ୍ଦ୍ କ୍ଲବ୍ ପକ୍ଷରୁ ଚାରାରୋପଣ

ବିରିଡ଼ି,୧୯।୬(ସମିସ): ସ୍ଥାନୀୟ ତଳଫାଟକ ଆଜାଦ୍ ହିନ୍ଦ୍ କ୍ଲବ୍ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିରିଡି ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ସାମାଜିକ କର୍ମୀ ମାନସ ରଞ୍ଜନ ବେହେରା,

ସୁନାକର ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତୃପ୍ତିରଞ୍ଜନ ରାୟ ଓ ଜଗତସିଂହପୁର ଜିଲ୍ଲା ବିଜେଡି ଉପସଭାପତି ପବିତ୍ର ପଶାୟତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ନେତାଜୀ ପଡ଼ିଆରେ ଚାରାରୋପଣ କରିଥିଲେ। ଆୟୋଜକ କ୍ଲବ ପକ୍ଷରୁ ସମସୁଲ୍ ଜମା, ଇସ୍ତେୟାକ୍ ଆଲ୍ଲୀ ଖାନ୍, ଜହୁର୍ ଆଲ୍ଲୀ ଖାନ୍, ସଲାଉଦ୍ଦିନ୍ ବାବର୍, ତବରେଜ୍ ଆଲମ୍, ସରଫୁଦ୍ଦିନ୍ ବାବର୍, ଅଫଜଲ୍ ଆଲ୍ଲୀ ଖାନ୍, ଲୁନା ଭୋଇ, ନାଗର ସାହୁ, ସମୀର ଭୋଇ, ପ୍ରିନ୍ସ, ଓସାମା, ସୁଲତାନ୍, ଆହାଦ୍, ଜୁନେଦ୍ ପ୍ରମୁଖ ସହଯୋଗ କରିଥିଲେ।

## ବିର୍ତ୍ତୋଲରେ ବହୁମୁଖୀ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ

ତିର୍ତ୍ତୋଲ,୧୯।୬(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ବିର୍ତ୍ତୋଲ ପଞ୍ଚାୟତ ବିର୍ତ୍ତୋଲ୍ ଠାରେ ଏକ ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ପାରାଦୀପ ତୈଳ ବିଶୋଧନାଗାର ଭାରତୀୟ ତୈଳ ନିଗମ ସିଏସ୍‌ଆର ପାଣ୍ଠିରୁ ୩୦ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନରେ ଏହି ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଯାଇଛି। ଏ ନେଇ ଆଜି ଅପରାହ୍ନରେ ଜିଲ୍ଲା ଭିଜିଲାନ୍ସ ମନିଟରିଂ କମିଟି ସଦସ୍ୟ ଦେବେନ୍ଦ୍ର କୁମାର ମଲ୍ଲିକ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି ଗୋଷ୍ଠୀ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସେ ଏହି ଗୋଷ୍ଠୀ କେନ୍ଦ୍ର ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ବିଭିନ୍ନ ସାମାଜିକ, ମାଙ୍ଗଳିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସଭା ସମିତି ଆଦି ଅନୁଷ୍ଠିତ ହେବାରେ ସହାୟକ ହେବ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଜିଲ୍ଲାପରିଷଦ ସଭାପତି ମନୋଜ କୁମାର ଭୋଇ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତିର୍ତ୍ତୋଲ ଅତିରିକ୍ତ ତହସିଲଦାର କଳ୍ପନା ତପସ୍ୱିନୀ ନାୟକ, ସ୍ଥାନୀୟ ଜିଲ୍ଲାପରିଷଦ ସୁନୀଲ ବେହେରା, ସ୍ଥାନୀୟ ସରପଞ୍ଚ ରମାମଣୀ ଦାସ, ଗୋପାଳପୁର ସରପଞ୍ଚ ପ୍ରକାଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସମାଜସେବୀ ବିବେକାନନ୍ଦ ହୋତା ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଜୈବିକ କୃଷି ଏବଂ ପ୍ରାକୃତିକ କୃଷି କର୍ମଶାଳା




ଜଗତସିଂହପୁର,୧୯।୬(ସମିସ): ଜଗତସିଂହପୁର ଜିଲ୍ଲା କୃଷି ବିଭାଗ ତରଫରୁ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଜୈବିକ କୃଷି ଏବଂ ପ୍ରାକୃତିକ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଭୁଦତ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ପ୍ରଦୀପ୍ତ ମାଝୀ, ବୈଜ୍ଞାନିକ ଦେବାଶିଷ ପଣ୍ଡା, ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସକ, ସହାୟକ ନିର୍ଦ୍ଦେଶକ ଉଦ୍ୟାନକୃଷି ଅନିଲ୍ କୁମାର ସେଠୀ, ସହାୟକ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ଏବଂ ସହାୟକ ମତ୍ସ୍ୟ ଅଧିକାରୀ ତିର୍ତ୍ତୋଲ ପ୍ରମୁଖ ଯୋଗଦାନ କରି ଏଭଳି କର୍ମଶାଳା ଆୟୋଜନର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ କୃଷି ଅଧିକାରୀ, ଜିଲ୍ଲା ସ୍ତରୀୟ କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ ସମସ୍ତ କ୍ଷେତ୍ର କର୍ମଚାରୀଙ୍କ ସହିତ ଜିଲ୍ଲାର ମୋଟ ୧୫୦ ଜଣ ଚାଷୀ ଯୋଗ ଦେଇଥିଲେ। ଏହି ଅବସରରେ ମୃର୍ତ୍ତିକା ପରୀକ୍ଷା ଓ ମୃର୍ତ୍ତିକା ସ୍ୱାସ୍ଥ୍ୟ କାର୍ଡର ବ୍ୟବହାର, ସମନ୍ୱିତ ଖାଦ୍ୟସାର ପରିଚାଳନା, ସବୁଜ ଖତ ଚାଷ, ପ୍ରାକୃତିକ କୃଷି, ଜୈବିକ ସାର ପରିଚାଳନା, ଏହି ବର୍ଷର ଖରିଫ ଋତୁର ଫସଲ ଏବଂ କ୍ଷେତ ବଚାଓ ଏବଂ କୃଷି ଆନୁସଙ୍ଗିକ ବିଭାଗ ଲର ସମସ୍ତ ଯୋଜନା ଉପରେ ଆଲୋକପାତ କରାଯାଇଥିଲା ।

# ଇଫ୍‌କୋ ଛକରୁ ଦିନ ଦ୍ୱିପ୍ରହରରେ ପାଣି ଚୋରି






ପାରାଦୀପ,୧୯।୬(ସମିସ): ପାରାଦୀପରେ ଏବେ ପାଣି ସଙ୍କଟ ଧୀରେ ଧୀରେ ଆରମ୍ଭ ହୋଇଗଲାଣି। ଏପରିକି ଟୋପେ ସ୍ୱଚ୍ଛ ପାନୀୟ ଜଳ ମିଳିବା ମୁସ୍କିଲ ହୋଇପଡିଛି। ତେବେ ଏହାର ବହୁ ପ୍ରମୁଖ କାରଣ ରହିଥିବା ବେଳେ ତାଳଦଣ୍ଡା କେନାଲରୁ ଦିନ ଦ୍ୱିପ୍ରହରରେ ବେଧଡ଼କ ପାଣି ଚୋରି ଏବେ ସାମ୍ନାକୁ ଆସିଛି। ଏହା ଆଜି ନୁହେଁ, ବର୍ଷ ବର୍ଷ ଧରି ଚାଲିଛି। ସମସ୍ତଙ୍କ ଆଖି ଆଗରେ ଚାଲିଛି। କିନ୍ତୁ କେହି ବି ଏହା ଉପରେ ନଜର ପକାଉ ନାହାନ୍ତି। ଗଣମାଧ୍ୟମରେ ମଧ୍ୟ ଏ ସମ୍ପର୍କରେ ବାରମ୍ବାର ଖବର ପ୍ରସାରଣ କରାଗଲାଣି, କିନ୍ତୁ ପ୍ରଶାସନର ଚେତା ପଶୁନି। ସମ୍ପୃକ୍ତ ମାଫିଆ ଗଣମାଧ୍ୟମ ରେ ଖବର ପ୍ରସାରଣ ପରେ ଗୋଟିଏ ସପ୍ତାହ ପାଣି ନେବା ବନ୍ଦ କରି ଦେଇଥାଏ। ପୁଣି ସପ୍ତାହ ପରେ ଯେଉଁ କଥାକୁ ସେହି କଥା। ଗୋଟେ ପଟେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଆଉଟୁପାଉଟୁ ହେଉଛି ସାରା ରାଜ୍ୟ। ଜଳାଭାବ ପାଇଁ ହାହାକାର ପରିସ୍ଥିତି। ଅନ୍ୟପଟେ କିନ୍ତୁ ଜଳ ସମ୍ପଦ ବିଭାଗ ଆଖିରେ ଧୂଳିଦେଇ ଦିନ ଦ୍ୱିପ୍ରହରରେ ଚାଲିଛି ଭୂତଳ ଜଳ ଚୋରି। ଏଭଳି ଏକ ସାଙ୍ଘାତିକ ଚିତ୍ର ସାମ୍ନାକୁ ଆସିଛି ବନ୍ଦର ନଗରୀ ପାରାଦୀପରୁ। ପାରାଦୀପ ଇଫ୍‌କୋ ଛକ ନିକଟସ୍ଥ ତାଳଦଣ୍ଡା କେନାଲରୁ ବେଆଇନ ଭାବେ ପାଣି ଶୋଷି ନେଉଛନ୍ତି ଜଳ ମାଫିଆ। ଖରା ଦିନେ ଭୂତଳ ଜଳସ୍ତର ହ୍ରାସ ପାଉଥିବା ବେଳେ ଏଠାରେ ବେଧଡ଼କ ଭାବେ ଟ୍ୟାଙ୍କର ଯୋଗେ ପାଣି ଚୋରି କରାଯାଉଛି। ଚୋରି କରୁଥିବା ଏହି ବଡ଼ ଗାଡ଼ି ଉପରେ ସ୍ପଷ୍ଟ ଭାବେ ଲେଖାଅଛି ବିପି କନଷ୍ଟ୍ରକ୍ସନ ଆଣ୍ଡ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ଼। କୌଣସି ନିୟମ କିମ୍ବା ଆଇନର ଭୟ ନାହିଁ, ଜଳ ମାଫିଆଙ୍କ ଦାଦାଗିରି ଏଭଳି ବଢିଛି ଯେ ସେମାନେ ଦିନ ଆଲୁଅରେ କେନାଲରୁ ଭୂତଳ ଜଳ ଶୋଷି ନେଉଛନ୍ତି। ଅଧିକାରୀଙ୍କ କହିବା କଥା- "ଏଭଳି ପାଣି ଉଠାଇବା ପାଇଁ କାହାକୁ ବି ଅନୁମତି ଦିଆଯାଇନାହିଁ।' ଏବେ ପ୍ରଶ୍ନ ଉଠୁଛି, ଯଦି ଅନୁମତି ନାହିଁ, ତେବେ କାହା ଛତ୍ରଛାୟାରେ ଏବଂ କେଉଁ ସାହସରେ ଏହି ବେଆଇନ କାର୍ଯ୍ୟ ଚାଲିଛି।

# ଚୋରି ଟଙ୍କା ଓ ସାମଗ୍ରୀ ଜବତ

## ଦୁଇ ଅଭିଯୁକ୍ତଙ୍କୁ କାବୁ କଲା ପୁଲିସ

ଯାଜପୁର,୧୯।୬(ସମିସ)



ଯାଜପୁର ସହରର ବିଭିନ୍ନ ସ୍ଥାନରୁ ଚୋରି ମାମଲାରେ ଯାଜପୁର ଟାଉନ ପୁଲିସ ୨ଜଣ ଅଭିଯୁକ୍ତ ଓ ଜଣେ କ୍ରେତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶୁକ୍ରବାର ଅପରାହ୍ନରେ ଟାଉନ ଥାନା ପରିସରରେ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋ ଏହି ସୂଚନା ଦେଇଛନ୍ତି। ଚଳିତ ବର୍ଷ ଏପ୍ରିଲ ମାସ ୧୭ତାରିଖରେ ଯାଜପୁର ଲଳିତେଶ୍ୱର ନଗରର ରଶ୍ମିରଞ୍ଜନ ନାୟକ ଘରେ ନଥିବାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ତାଙ୍କ ଘରର ଗ୍ରୀଲ୍ ଭାଙ୍ଗି ସୁନା ଗହଣା ଓ ଟଙ୍କା ଚୋରି କରି ନେଇଯାଇଥିଲେ। ଏ ନେଇ ରଶ୍ମି ରଞ୍ଜନ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ କେଶ ନଂ୧୫୨/୨୬ରେ ଏକ ଚୋରି ମାମଲା ରୁଜୁ କରି ଥାନାଧିକାରୀ ଶରତ କୁମାର ନାୟକ ଘଟଣାର ତଦନ୍ତ କରିଥିଲେ। ଏହି ଚୋରି ଘଟଣାରେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ମାଟିଆ (ମାଟିଆପାଳ ଗ୍ରାମ) ଲକ୍ଷ୍ମଣ ଦାସ(୨୧) ଓ ସୁରଜ ଦାସ(୨୨)କୁ ପୁଲିସ ଗିରଫ କରି ପଚରାଉଚରା କରିଥିଲେ। ପୁଲିସର ପଚରାଉଚରାରେ ଏହି ଦୁଇଜଣ ଚୋରି କରି ଜିନିଷ ବିକ୍ରି କରିଛନ୍ତି ବୋଲି ପୁଲିସ ନିକଟରେ ମାନିଥିଲେ। ପୁଲିସ ଜେନାପୁର ଥାନା କବାଟବନ୍ଧ ଗ୍ରାମର ଶିଶିର ମହାରଣା(୫୧) ଓ ବଡ଼ଚଣା ଧାନମଣ୍ଡଳ ଅଞ୍ଚଳର ଅଭିନ ସାହୁ(୪୨)କୁ ଆଣି ପଚରାଉଚରା କରିବା ସହ ତାଙ୍କ ନିକଟରୁ ଚୋରି ସାମଗ୍ରୀ ଉଦ୍ଧାର କରିଥିଲେ। ସୁନା ଅଳଙ୍କାର, ରୂପା ସାମଗ୍ରୀ, ନଗଦ ଅର୍ଥ ଦୋକାନୀଙ୍କ ଠାରୁ ଜବତ କରିବା ସହ ବ୍ୟାଙ୍କରେ ସୁନା ବନ୍ଧକ ରଖି ୧ଲକ୍ଷ ୭୫ହଜାର ଟଙ୍କା ଆଣିଥିବା ପୁଲିସ ଜାଣିବାକୁ ପାଇଥିଲା। ଏହି ସମସ୍ତ ଦସ୍ତାବିଜ୍ ଓ ଅଳଙ୍କାରକୁ ପୁଲିସ ଜବତ କରିଛି। ଏହି ଚୋରି ଘଟଣାରେ ପୁଲିସ ଲକ୍ଷ୍ମଣ ଦାସ, ସୁରଜ ଦାସକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ଶିଶିର ମହାରଣାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଶିଶିର ପୂର୍ବରୁ ଚୋରି ସାମଗ୍ରୀ କିଣିବାର ନଜିର ରହିଛି। ଅନ୍ୟ ପକ୍ଷରେ ଚୋରି ସାମଗ୍ରୀ କିଣିଥିବା ଅଭିନ ସାହୁକୁ କୋର୍ଟରୁ ନୋଟିସ୍‌ରେ ଛଡ଼ା ଯାଇଛି। ଏହି ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ଯାଜପୁର ଥାନା ଅକରପଡ଼ା ଗ୍ରାମର ରାଜା ଦାସ ଫେରାର ହୋଇଯାଇଥିବା ପୁଲିସ ସୂଚନା ଦେଇଛି। ଏହି ଅଭିଯୁକ୍ତଙ୍କ ନାମରେ ଯାଜପୁର, ଯାଜପୁର ସଦର, ବାଲିଚନ୍ଦ୍ରପୁର, ବ୍ରହ୍ମବରଦା, ବରୀ ରାମଚନ୍ଦ୍ରପୁର, କଳିଙ୍ଗନଗର, ଅଳକୁଣ୍ଡ, ମଙ୍ଗଳପୁର, ଦଶରଥପୁର, ବଡ଼ଚଣା ଥାନାରେ ଏକାଧିକ ମାମଲା ରହିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଥାନାଧିକାରୀ ଶରତ କୁମାର ନାୟକ, ଅତିରିକ୍ତ ଥାନାଧିକାରୀ ଭୁବନ ମୋହନ ସେଠୀ ଉପସ୍ଥିତ ଥିଲେ।

## ଶ୍ରୀହନୁମାନ ବିଗ୍ରହ ପ୍ରତିଷ୍ଠା



**ଯାଜପୁର,୧୯।୬(ସମିସ):** ବିରଜାକ୍ଷେତ୍ର ନିକଟସ୍ଥ ଛତିଶରତନପାଳ ଶ୍ରୀଧରପୁର ଗ୍ରାମରେ ବୀର ବଜରଙ୍ଗବାଲିଙ୍କ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟରେ କ୍ରମାନ୍ୱୟରେ ଶ୍ରଦ୍ଧାଳୁଙ୍କ ପବିତ୍ର ବୈତରଣୀ ଜଳ ଆଣିବା ଯାତ୍ରା, ସୂର୍ଯ୍ୟ ପୂଜା, ଗୋ-ପୂଜା, ଭୂମି ପୂଜା, ହୋମଯଜ୍ଞ, ହନୁମାନଙ୍କ ବିଗ୍ରହ ପୂଜା, ହୋଇଥିଲା। ମୁଖ୍ୟ ପୂଜକ ପଣ୍ଡିତ ପ୍ରମୋଦ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସହଯୋଗୀ ପଣ୍ଡିତ ହରିହର ପଣ୍ଡା, ରାମଚନ୍ଦ୍ର ପଣ୍ଡା, ହରଶ୍ଚନ୍ଦ୍ର ଦାଶ, ପ୍ରଶନ୍ନ କୁମାର ପତିଙ୍କ ଦ୍ୱାରା ପ୍ରତିଷ୍ଠା ଉତ୍ସବର ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା। ପ୍ରତିଷ୍ଠା ଉତ୍ସବର ସଂକଳ୍ପ ଶ୍ରଦ୍ଧାଳୁମାନେ ମନୋରଞ୍ଜନ ସାହୁ, ଧର୍ମପତ୍ନୀ ପୂର୍ଣ୍ଣିମା ସାହୁ ଏବଂ ରଶ୍ମିକାନ୍ତ ସାହୁ ଓ ଧର୍ମପତ୍ନୀ ପ୍ରମିଳା ସାହୁ ଉପସ୍ଥିତ ଥିବା ବେଳେ ପୂଜାକାର୍ଯ୍ୟରେ ନାରାୟଣ ରାଉତ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଭାପତି ରମାକାନ୍ତ ସାହୁ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବା ବେଳେ ଦଶରଥପୁର ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ଆଦିକନ୍ଦ ସନ୍ଧିବିଗ୍ରହ, ଚିତାଳୋ ସରପଞ୍ଚ, ସମିତିସଭ୍ୟ ଓ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ପ୍ରଭୁ ହନୁମାନଙ୍କ ଆଶିଷ ପ୍ରାର୍ଥନା କରିଥିଲେ। ଯାଜପୁର ସହରର ବିକାଶର କର୍ଣ୍ଣଧାରଙ୍କୁ ଗ୍ରାମବାସୀ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପ୍ରତ୍ୟହ ପ୍ରସାଦ ସେବନ, ଭଜନ କୀର୍ତ୍ତନ, ଶଙ୍ଖ, ଘଣ୍ଟ ବାଦ୍ୟ, ହରିବୋଲ ହୁଳହୁଳିରେ ପବିତ୍ର ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି।

## ଲାଲମୋହନ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ



**ଦୋବଲ,୧୯।୬(ସମିସ):** ଧାମନଗର ବ୍ଲକ୍ ଭଟସାହି ପଞ୍ଚାୟତର ଫଳପୁର ଗ୍ରାମର ସ୍ୱର୍ଗତ ଲାଲମୋହନ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଶୁକ୍ରବାର ତାଙ୍କ ବାସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମାଜସେବୀ ସଞ୍ଜୟ ଦାସ, ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ, ସରପଞ୍ଚ ସୀତାକାନ୍ତ ମିଶ୍ର, ସ୍ତମ୍ଭକାର ହୃଦାନନ୍ଦ କର, ରାମଚନ୍ଦ୍ର ସାହୁ, ବିପିନ ବିହାରୀ ରାଉତ, ସଞ୍ଜୀବ ସାହୁ, ନିତ୍ୟାନନ୍ଦ ଘଡ଼ାଇ, ରବୀନ୍ଦ୍ର ସାହୁ, ନୟରଞ୍ଜନ ନାୟକ, କୀର୍ତ୍ତନ ପଣ୍ଡା, ବିରଞ୍ଚି ମହାପାତ୍ର, ଅଚ୍ୟୁତାନନ୍ଦ ବାରିକ ଓ ବିଶ୍ୱନାଥ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ।

## ଶିକ୍ଷାବିତ୍ ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧନା



**ବନ୍ତ/ଆଗରପଡ଼ା,୧୯।୬(ସମିସ):** ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତ ଛୟାଳସିଂହ ଗ୍ରାମର ଶିକ୍ଷାବିତ୍ ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ନିମାପଡ଼ାସ୍ଥିତ ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବରେ ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଛି। ଶ୍ରୀ ପଣ୍ଡା ଛୟାଳସିଂହ ଖଗେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦବୀ ଦାୟିତ୍ୱ ତୁଲାଇଥିଲେ। ପ୍ରାୟ ଏକ ବର୍ଷ ପୂର୍ବେ ଅବସର ଗ୍ରହଣ କରିଥିଲେ। ଏହା ସହିତ ୧୦୦ ରୁ ଉର୍ଦ୍ଧ୍ୱ ପ୍ରଜାତିର ଆମ୍ବ ଗଛ ସହିତ ବିଭିନ୍ନ ଗଛ ଲଗାଇ ଭଦ୍ରକ ଜିଲ୍ଲାର ଗଛ ମଣିଷ ଭାବରେ ପରିଚିତ ସୁବାଷ ଚନ୍ଦ୍ର ପଣ୍ଡା। ବଜ୍ରପାତରୁ ରକ୍ଷା ପାଇଁ ରାସ୍ତା ପାର୍ଶ୍ୱରେ ତାଳ ଗଛ ଓ ପରିବେଶ ସୁରକ୍ଷା ନିମନ୍ତେ ବିଭିନ୍ନ ପ୍ରଜାତିର ଗଛ ଲଗାଇଛନ୍ତି। ବନ୍ତ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ନିମାପଡ଼ା କପାଳୀକ୍ଷେତ୍ରରେ ଆୟୋଜିତ ହେଉଥିବା ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବରେ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଦାବି

**ଧର୍ମଶାଳା,୧୯।୬(ସମିସ):** ଛାତ୍ରଛାତ୍ରୀଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନୂତନ ପାଠ୍ୟ ପୁସ୍ତକରେ ବ୍ୟାପକ ଭୁଲ ରହିଥିବାରୁ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରିବାକୁ ଦାବି ହୋଇଛି। ଏହା ସହିତ ଛାତ୍ରଛାତ୍ରୀଙ୍କୁ ନୂତନ ପାଠ୍ୟ ପୁସ୍ତକ ପ୍ରଦାନ କରିବାକୁ ଏଆଇଡିଏସ୍‌ଓ ଧର୍ମଶାଳା ଆଞ୍ଚଳିକ ସଙ୍ଗଠନ ପକ୍ଷରୁ ଦାବି କରି ଜାରକା ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପାଠ୍ୟପୁସ୍ତକ ଗୁଡିକରେ ଶତାଧିକ ଭୁଲ ସହିତ ଅନେକ ବୈଜ୍ଞାନିକ ଅଯୌକ୍ତିକ ତଥା ମନଗଢା କାହାଣୀକୁ ଭର୍ତ୍ତି କରାଯାଇ ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି। ଫଳରେ ଓଡିଶାର ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଇଛି। ତେଣୁ ଜାତୀୟ ଶିକ୍ଷାନୀତି ୨୦୨୦କୁ ବାତିଲ କରିବା, ବିଜ୍ଞାନ ସମ୍ମତ ପାଠ୍ୟକ୍ରମ ପ୍ରଚଳନ କରିବା ସହ ଗଣଶିକ୍ଷା ମନ୍ତ୍ରୀ ସମେତ ପାଠ୍ୟପୁସ୍ତକରେ ଭୁଲ ବିଷୟ ଛାପିବାରେ ସଂପୃକ୍ତ ସମସ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡବିଧାନ କରିବା ପାଇଁ ଏଆଇଡିଏସଓ ଦୃଢ଼ଦାବି କରିଛି। ଉକ୍ତ ସଭାରେ ପ୍ରଭାତୀ ମଲ୍ଲିକ, ଦମୟନ୍ତୀ ମୁଦୁଲି, ବିଚିତ୍ର ଦାସ, ଜ୍ୟୋତିର୍ମୟୀ ବେହେରା, ବୈଷ୍ଣବୀ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଦଉପୁର ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ

**ମଙ୍ଗଳପୁର,୧୯।୬(ସମିସ):** ଦଶରଥପୁର ବ୍ଲକ ଦଉପୁର ଗ୍ରାମରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀରେ ଶୁକ୍ରବାର ପ୍ରଶାସନ ପକ୍ଷରୁ ବାତ୍ୟା ବିପର୍ଯ୍ୟୟ ପରିଚାଳନା ସକାଶେ ଦଶରଥପୁର ଦମକଳ ବାହିନୀର ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ୟା ଓ ବାତ୍ୟାର କିପରି ମୁକାବିଲା କରାଯିବା, ଗୃହ ପାଳିତ ପଶୁ ପକ୍ଷୀ ଓ ବିପନ୍ନ ଲୋକ ମାନଙ୍କୁ କିପରି ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ନେବା, ବିଷାକ୍ତ ଜନ୍ତୁଙ୍କ ପାଖରୁ କିପରି ଉଦ୍ଧାର କରାଯିବ ଏହି ବାବଦରେ ଏକ ସଚେତନତା କରାଯାଇ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରାଯାଇ ଥିଲା। ଏଥିରେ ଦଶରଥପୁର ଦମକଳ କେନ୍ଦ୍ର ବାହିନୀର ଅଧିକାରୀ ପର୍ଶୁରାମ ଜେନା, ମୁଖ୍ୟ ଅଗ୍ନି ଯୋଦ୍ଧା ବିଭୁତି ଭୂଷଣ ନାୟକ ଏହି କଳା କୌଶଳ ବାବଦରେ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦଶରଥପୁର ତହସିଲଦାର ଶୁଭ୍ରାଂଶୁ ସାହୁ, ଦଉପୁର ସରପଞ୍ଚ ଶୁଚିସ୍ମିତା ମହାନ୍ତି, ପିଜେଜେପି ଏନଜିଓ ପକ୍ଷରୁ ଶୈଳେନ୍ଦ୍ର ସାମଲଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଗଣଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଆଶା, ଅଙ୍ଗନବାଡି କର୍ମୀ, ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର ଯୁବକମାନଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ।

## ଆଦର୍ଶ ପ୍ରଧାନଶିକ୍ଷକ ଅନାମ ଚରଣ ପହିଙ୍କ ପରଲୋକ



**ଭଦ୍ରକ,୧୯।୬(ସମିସ):** ମଙ୍ଗଳବାର ଭଦ୍ରକ ଜିଲ୍ଲା ମଞ୍ଜୁରୀରୋଡ଼ ବାହାଦୁଲନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଅନାମ ଚରଣ ପହିଙ୍କ ପରଲୋକ ହୋଇଯାଇଛି। ବନ୍ତ ଉଚ୍ଚ ବିଦ୍ୟାଳୟ, ଜନାର୍ଦ୍ଦନ ଉଚ୍ଚ ବିଦ୍ୟାପୀଠ ସେଣ୍ଠତୀରାରେ ସେ ଶିକ୍ଷକତା କରିଥିଲେ। ସେ ୧୯୭୮ରୁ ବାହାଦୁଲନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଯୋଗଦାନ କରି ୨୦୦୧ ମସିହାରେ ସେବା ନିବୃତ୍ତ ହୋଇଥିଲେ। ବିଶେଷତଃ ଇଂରାଜୀ ସାହିତ୍ୟରେ ସେ ଜଣେ ସୁନାମଧନ୍ୟ ଶିକ୍ଷକ ଭାବେ ପରିଚୟ ସୃଷ୍ଟି କରିପାରିଥିଲେ। ସ୍ୱର୍ଗତ ଅନାମ ଚରଣ ପହି ମଞ୍ଜୁରୀରୋଡ଼ ଅଞ୍ଚଳରେ ଅନନ୍ୟ କୃତୀ ଶିକ୍ଷକ ଭାବେ ବହୁ ପ୍ରତିଭାବାନ ଛାତ୍ର ସୃଷ୍ଟି କରିଛନ୍ତି। ତାଙ୍କ ଜନ୍ମମାଟି ସୁନାଗଡ଼ିଆ ଗ୍ରାମରେ ମାନବସେବାରେ ବ୍ରତୀ ଥିଲେ।

### ଜାରକା ସୁଧାର ଗୃହରେ ସନ୍ଦେହ ଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ




**ଧର୍ମଶାଳା, ୧୯।୬( ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ଜରକାସ୍ଥିତ ସୁଧାରପଥ ମଦ ଓ ନିଶାନିବାରଣ କେନ୍ଦ୍ରରେ ଜଣେ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ଏହି ଥାନା ଭଗବାନପୁର ଗ୍ରାମର ବାବାଜୀ ବାରିକଙ୍କ ପୁଅ ରାଜୀବ ଲୋଚନ ବାରିକ (୩୮) ବୋଲି ଜଣାପଡିଛି। ସେ କିଛି ମାସ ହେଲା ଅତ୍ୟଧିକ ମଦ୍ୟପାନ କରୁଥିବା ବେଳେ ପରିବାର ଲୋକେ ତାକୁ ଆଣି ଜାରକାସ୍ଥିତ ନିଶା ନିବାରଣ କେନ୍ଦ୍ରରେ ଛାଡିଥିଲେ। ଜାରକା ନିଶା ନିବାରଣ କେନ୍ଦ୍ରରେ ରାଜୀବ କିଛି ମାସ ରହିବା ପରେ ୧୫ ଦିନ ହେଲା ସୁସ୍ଥ ହୋଇ ଘରକୁ ଫେରିଥିଲା। ତେବେ ଆଜି ନିଶା ନିବାରଣ କେନ୍ଦ୍ର ପକ୍ଷରୁ ଅନ୍ତେବାସୀମାନଙ୍କ ଚୁଟି କାଟିବା ଲାଗି ରାଜୀବକୁ ଡକାଯାଇଥିଲା। ରାଜୀବ ନିଜ ପୁଅ ସହ ଏକ ସ୍କୁଟରରେ ଆଜି ସେଠାକୁ ଆସି ଅନ୍ତେବାସୀଙ୍କ ଚୁଟି କାଟିଥିଲା। ତେବେ ଚୁଟିକଟା ବିଳମ୍ବ ହେବ କହି ନିଶା ନିବାରଣ କେନ୍ଦ୍ରର କର୍ମଚାରୀମନେ ତା' ପୁଅକୁ ଘରକୁ ପଠାଇ ଦେଇଥିଲେ। ଚୁଟି କଟା ବାବଦକୁ ୧୬୦୦ ଟଙ୍କା ହୋଇଥିବା ବେଳେ ସମ୍ପୃକ୍ତ ନିଶା ନିବାରଣ କେନ୍ଦ୍ରର କର୍ମଚାରୀ ତାକୁ ମାତ୍ର ୬୦୦ ଟଙ୍କା ଦେଇଥିଲେ। ରାଜୀବ ଏତେ କମ ପଇସା ନେବାକୁ ଅରାଜି ହେବାରୁ ତାକୁ କର୍ମଚାରୀମାନେ ମାଡ଼ ମାରି ହତ୍ୟା କରିଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଜାରକାସ୍ଥିତ ନିଶାନିବାରଣ କେନ୍ଦ୍ରରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ରାଜୀବକୁ ଅଜି ଗୁରୁତର ଅବସ୍ଥାରେ ଧର୍ମଶାଳା ମେଡିକାଲରେ ଭର୍ତ୍ତୀ କରାଯାଇଥିବା ବେଳେ ସେଠାରେ ଡକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜୀବ ମେଡିକାଲରେ ଚିକିତ୍ସିତ ହେଉଛି ବୋଲି ତାର ପତ୍ନୀକୁ ନିଶା ନିବାରଣ କେନ୍ଦ୍ରର କର୍ମଚାରୀମାନେ ଫୋନ କରି ଜଣାଇଥିଲେ। ହେଲେ ମେଡିକାଲରେ ପହଞ୍ଚିବା ପରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିବା ପତ୍ନୀ ଓ ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏନେଇ ରାଜୀବଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି।

## ଖରିଫ ଚାଷ ଓ ରୋଗପୋକ ନିୟନ୍ତ୍ରଣ ଉପରେ ସଚେତନତା କାର୍ଯ୍ୟକ୍ରମ




**ବନ୍ତ/ଆଗରପଡ଼ା,୧୯।୬(ସମିସ):** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ର ଚାଷୀ ଓ ରିଟେଲର (ଖୁଚୁରା ବ୍ୟବସାୟୀ)ଙ୍କୁ ନେଇ ଦେଶର ଅଗ୍ରଣୀ ଆଗ୍ରୋକେମିକାଲ୍ କମ୍ପାନୀ 'ସାଫେକ୍ସ କେମିକାଲ୍ସ ଇଣ୍ଡିଆ ଲିମିଟେଡ୍' ଓ 'ଅନ୍ନପୂର୍ଣ୍ଣା ଫର୍ଟିଲାଇଜର୍ସ'ପକ୍ଷରୁ ପ୍ରସିଦ୍ଧ ଗଡ଼ଚଣ୍ଡୀ ପୀଠରେ ଏକ ସ୍ୱତନ୍ତ୍ର କୃଷକ ସମାବେଶ ଓ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଖରିଫ ଋତୁକୁ ଦୃଷ୍ଟିରେ ରଖି ଆୟୋଜିତ ଏହି ବୈଠକରେ କୃଷକମାନଙ୍କୁ ଆଧୁନିକ ଚାଷ ପ୍ରଣାଳୀ ଏବଂ ଫସଲ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ଏହି ସମାବେଶରେ ବନ୍ତ ବ୍ଲକ୍‌ର ୩୦ରୁ ଅଧିକ ପ୍ରଗତିଶୀଳ କୃଷକ ଅଂଶଗ୍ରହଣ କରି ଚଳିତ ବର୍ଷର ଖରିଫ ଚାଷ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ସାଫେକ୍ସ କେମିକାଲ୍ସର କ୍ଷେତ୍ରୀୟ ପରିଚାଳକ ପ୍ରସନ୍ନ କୁମାର ବରାଳ ଏବଂ ସେଲ୍ସ ଏକଜିକ୍ୟୁଟିଭ୍ ଗୌରାଙ୍ଗ ଚରଣ ଓଝା ଚାଷୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। କମ୍ପାନୀର ଅଧିକାରୀଙ୍କ ଦ୍ୱାରା ଚାଷୀମାନଙ୍କୁ କମ୍ ଖର୍ଚ୍ଚରେ କିଭଳି ଅଧିକ ଏବଂ ଗୁଣବତ୍ତା ସମ୍ପନ୍ନ ଅମଳ କରାଯାଇପାରିବ, ସେ ନେଇ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦିଆଯାଇଥିଲା। ଏଥିସହିତ ଫସଲକୁ ବିଭିନ୍ନ କ୍ଷତିକାରକ ରୋଗପୋକ ଦାଉରୁ ରକ୍ଷା କରିବା ପାଇଁ ଉପଯୁକ୍ତ ପଦ୍ଧତି ଏବଂ ସଠିକ୍ କୀଟନାଶକର ପ୍ରୟୋଗ ସମ୍ପର୍କରେ ସେମାନଙ୍କୁ ସଚେତନ କରାଯାଇଥିଲା। ଚାଷୀମାନଙ୍କୁ ଚାଷ କାର୍ଯ୍ୟରେ କମ୍ପାନୀ ପକ୍ଷରୁ ସବୁ ପ୍ରକାରର ବୈଷୟିକ ଏବଂ ପ୍ରାକ୍ଟିକାଲ୍ ସହଯୋଗ ଯୋଗାଇ ଦିଆଯିବ ବୋଲି ଏହି ଅବସରରେ ବୁଝାଯାଇଥିଲା।

## ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର



**ବନ୍ତ/ଆଗରପଡ଼ା,୧୯।୬(ସମିସ):** ବନ୍ତ ବ୍ଲକ୍ ଆଗରପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପତଞ୍ଜଳି ଯୋଗ ସମିତି ଓ ଭାରତ ସ୍ୱାଭିମାନ ଆନୁକୂଲ୍ୟରେ ସହଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ ହୋଇଯାଇଛି, ଭାରତ ସ୍ୱାଭିମାନ ଜିଲ୍ଲା ସଂଯୋଜକ ତଥା ଯୋଗ ଗୁରୁ ଧରଣୀଧର କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଆଗରପଡା ଥାନା ଅଧିକାରୀ ରାଜେଶ କୁମାର ସେଠୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ନିୟମିତ ଯୋଗ ଅଭ୍ୟାସ ମନ ଓ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିବ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ଜନତା ପାର୍ଟି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ଅଶୋକ କୁମାର ପରିଡ଼ା, ରାମକୃଷ୍ଣ ସ, ପ୍ରତାପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ଆରମ୍ଭରେ ୪୫ଜଣ ସାଧକ ଅଂଶଗ୍ରହଣ କରିଥିଲେ। ପତଞ୍ଜଳି ଯୋଗ ପୀଠର ପ୍ରତିଷ୍ଠାତା ବିଶ୍ୱ ଯୋଗ ବୋର୍ଡର ସଭାପତି ବିଶ୍ୱ ଯୋଗ ଗୁରୁ ବାବା ରାମଦେବଙ୍କ ଲକ୍ଷ୍ୟକୁ ପୂରଣ କରିବା ନିମନ୍ତେ ଏହି ସାଧକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସେମାନେ ଯୋଗ ଶିକ୍ଷା ଗ୍ରହଣ ପରେ ଶିକ୍ଷକ ଭାବରେ ଡାକ୍ତରଖାନା, ବିଦ୍ୟାଳୟ, ମହାବିଦ୍ୟାଳୟ ଆଦିରେ ସରକାରଙ୍କ ଦ୍ୱାରା ଦିଆଯାଉଥିବା ନିଯୁକ୍ତିରେ ଅଂଶଗ୍ରହଣ କରିବା ସହିତ ଗାଁ ଗାଁ ରେ ଯୋଗ ଶିକ୍ଷା ପ୍ରଦାନ କରିବେ। ଯାହା ଦ୍ୱାରା ସୁସ୍ଥ ଭାରତ ଗଠନ ହୋଇପାରିବ। ଯୋଗ ଶିକ୍ଷକ ବୃନ୍ଦାବନ ବେହେରା ପ୍ରାଣାୟମ ଶିକ୍ଷା ପ୍ରଦାନ କରିଥିବା ବେଳେ ଯୋଗ ଶିକ୍ଷକ ମଳୟ ରାଉଳ, କାଳନ୍ଦୀ ପାତ୍ର, ପର୍ଶୁରାମ ପୁହାଣ, ଆରତୀ ପାଣିଗ୍ରାହୀ, ଗଦାଧର ଦାସ, ଆଶାରାଣୀ ମୁଦୁଲି, ଯଶୋଦା ଯେନା, ନର୍ମଦା ମଲ୍ଲିକ ପ୍ରମୁଖ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଜେନାପୁର,୧୯।୬(ସମିସ):** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ପୂର୍ବରୁ ପ୍ରଧାନ ଶିକ୍ଷକ ନିରାକର ମହାନ୍ତିଙ୍କ ଅବସର ପରେ ତାଙ୍କ ସ୍ଥାନରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ଶ୍ରୀ ନାୟକ ଦାୟିତ୍ୱ ସମ୍ଭାଳିଥିଲେ। ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ତାଙ୍କର ପଦୋନ୍ନିତ କରିବା ସହ ପ୍ରଧାନ ଶିକ୍ଷକ ଭାବେ ଜେନାପୁର ଉଚ୍ଚ ବିଦ୍ୟାଳୟରେ ଗତକାଲି ଭାର ସମ୍ଭାଳିଛନ୍ତି। ଏହି ପରିପ୍ରେକ୍ଷିରେ ପଞ୍ଚସଖା ଶିକ୍ଷା ସେତୁ ସଭାପତି ପ୍ରଫୁଲ୍ଲ କୁମାର ଦାସ, ଶିକ୍ଷାବିତ ଅଜୟ କୁମାର ଦାସ, ଶିଶିର କୁମାର ଦାସ, ସାମାଜିକ କର୍ମୀ ଅଶୋକ କୁମାର ସାହୁ, ଶିକ୍ଷାବିତ୍ ମନ୍ମଥ କୁମାର ପଣ୍ଡା ଏବଂ ଉତ୍କଳମଣି ସେବା ସଙ୍ଗଠନର ଉପଦେଷ୍ଟା କ୍ଷେତ୍ରବାସୀ ରାଉତ, ଉପସଭାପତି ମାନସ କୁମାର ମହାନ୍ତି, ସମ୍ପାଦକ ମହେଶ୍ୱର ଖଟୁଆ, ସଂଯୋଜକ ନିଷ୍କାନ୍ତ ଖଟୁଆ, ସଭ୍ୟ ଦଶରଥ ତରାଇ, ଆନନ୍ଦ ଭୂୟାଁ ପ୍ରମୁଖ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ମଙ୍ଗଳପୁର- ଦାଣ୍ଡିସାହି ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ କାର୍ଯ୍ୟ ନିମ୍ନମାନର

# ମାଟିମିଶା ଫିଲିଂ ବାଲିରେ କରାଯାଉଛି ଢଳେଇ କାର୍ଯ୍ୟ

ମଙ୍ଗଳପୁର,୧୯।୬(ସମିସ)



ଦଶରଥପୁର ବ୍ଲକ ମଙ୍ଗଳପୁର ଦାଣ୍ଡିସାହି ଭାୟା କର୍ଣ୍ଣଦାଣ୍ଡି ମୁଖ୍ୟମନ୍ତ୍ରୀ ସଡ଼କ ରାସ୍ତା ସଂପ୍ରସାରଣ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଛି।

ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନ ଯାଜପୁର-୧ଙ୍କ ଅଧୀନରେ ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଛି। ବର୍ତ୍ତମାନ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ନିୟମ ଅନୁଯାଇ ଜିରୋ ପଏଣ୍ଟରୁ କାର୍ଯ୍ୟ ଆରମ୍ଭ କରିବା କଥା; ମାତ୍ର ଠିକାଦାର ଜଣକ ନିୟମ ଉଲ୍ଲଙ୍ଘନ କରି ରାସ୍ତା ମଝିରୁ କାର୍ଯ୍ୟ ଆରମ୍ଭ କରିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ପୂର୍ବରୁ ଥିବା ରାସ୍ତାର ୨ ପାଶ୍ୱର୍ରେ ୩ ଫୁଟ ଚଉଡ଼ାରେ ରାସ୍ତା ବର୍ଦ୍ଧିତ କରାଯାଉଥିବା ବେଳେ ନିୟମ ଅନୁଯାଇ ଏହି ବର୍ଦ୍ଧିତ ରାସ୍ତା କାର୍ଯ୍ୟ କରାଯାଉନଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାଇ ପ୍ରଥମେ ୩ ଫୁଟ ରାସ୍ତାରୁ ମାଟି କାଟି ବାଲି ଡଷ୍ଟ ଫର୍ଟି ମେଟାଲ ଦେବା ପରେ ପାଣି ଦେଇ ରୋଲିଂ କରାଯିବା ପରେ ଢଳେଇ କରାଯିବା କଥା। ଏହାପରେ ମୋଟ ରାସ୍ତା ଉପରେ ଆଉ ଥରେ ନୂଆକରି ଢଳେଇ କରାଯିବାର ନିୟମ ଥିବା ବେଳେ ଠିକାଦାର ଜଣକ କେବଳ ମାଟି କାଟି ବାଲି ଫିଲିଂ କରି ବାଲି ଉପରେ ପ୍ରଥମ ଢଳେଇ କରି ତା' ଉପରେ ତରବରିଆ ଭାବେ ଢଳେଇ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଉଥିବାରୁ କେତେକ ସ୍ଥାନରେ ସାଇଡ ଢଳେଇ ଗୁଡିକ ଭାଙ୍ଗି ଯାଉଥିବା ଦେଖିବାକୁ ମିଳିଛି। ଏ ବିଷୟରେ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ ଜେଇଙ୍କୁ ଜଣେଇଲେ ମଧ୍ୟ ଜେଇ ଜଣକ କାର୍ଯ୍ୟ ସ୍ଥଳକୁ ଆଦୌ ଆସୁନଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫିଲିଂ ବାଲିରେ ଢଳେଇ କାର୍ଯ୍ୟ କରାଯାଉଥିବା ବେଳେ ଏଷ୍ଟିମେଟ ଅନୁଯାଇ ସିମେଣ୍ଟ ଦିଆଯାଉ ନଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି କାର୍ଯ୍ୟ ସ୍ଥଳକୁ ଠିକାଦାର ଆଦୌ ଆସୁନଥିବା ବେଳେ ସୁପର ଭାଇଜରମାନେ ନିଜର ଇଚ୍ଛା ମୁତାବକ କାର୍ଯ୍ୟ କରୁଛନ୍ତି ବୋଲି ସ୍ଥାନୀୟ ଲୋକ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ବିଭାଗୀୟ ଜେଇ ମୋଟା ଅଙ୍କର ପିସି ନେଇ ଠିକାଦାରଙ୍କୁ ଅଧିକ ଲାଭ ଦେବା ଭଳି କାର୍ଯ୍ୟ କରୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି। ଏହି ରାସ୍ତା କାର୍ଯ୍ୟରେ ହେଉଥିବା ଅନିୟମିତତାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଜେଇ, ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

ସକାଳ
THE SAKALA



# ସରିଲା ଶୀତଳଷଷ୍ଠୀ ଯାତ୍ରା

# ମା' ପାର୍ବତୀଙ୍କ ସହ ମନ୍ଦିର ଫେରିଲେ ମହାଦେବ





କଣ୍ଟାମାଲ/ଶଗଡ଼ା,୧୯ ।୬(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ୍ ଖଟଖଟିଆରେ ଶୀତଳଷଷ୍ଠୀ ଯାତ୍ରା ଶେଷ ହୋଇଯାଇଛି । ଏହି ଅବସରରେ ଶିବ-ପାର୍ବତୀ ବିବାହ ଅନୁଷ୍ଠିତ ହୋଇଥିଲା । ଖଟଖଟିଆ ଗ୍ରାମରେ ଥିବା ବାବା ଗୁପ୍ତେଶ୍ୱର ବର ବେଶରେ ସଜେ ଇ ହୋଇ ଖଟଖଟିଆ ପଞ୍ଚାୟତ ରେଙ୍ଗାଲି ଗ୍ରାମରେ ଥିବା ପାର୍ବତୀ ମନ୍ଦିରକୁ ବିବାହ ପାଇଁ ବାଜା ରୋଷଣୀ ସହ ବହୁ ଆଡମ୍ବରରେ ବାହାରିଥିଲେ । ବରଯାତ୍ରୀ ଖଟଖଟିଆ ଗ୍ରାମରୁ ବାହାରି ସିନ୍ଦୁରପୁର, ସିମିଳିପଦର, ପତରାପାଲି ଛକ, ପଥରଖଣ୍ଡି ଘିକୁଣ୍ଡି ଛକ ଆଦି ଦେଇ ରେଙ୍ଗାଲି ଗ୍ରାମରେ ପହଞ୍ଚିଥିଲେ । ସେଠାରେ ଗ୍ରାମ ପରିକ୍ରମା କରି ପ୍ରଭୁ ପାର୍ବତୀ ମନ୍ଦିର ପରିସରରେ ମା ପାର୍ବତୀଙ୍କ ସହିତ ବୈଦିକ ରୀତି ନୀତି ଅନୁସାରେ ବିବାହ ସମ୍ପୂର୍ଣ୍ଣ ହୋଇଥିଲା । ଆଜି ମାତା ପାର୍ବତୀଙ୍କୁ ଧରି ବାବା ଗୁପ୍ତେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ । ଖଟଖଟିଆ ଗ୍ରାମର ବିରଞ୍ଚି ନାରାୟଣ ମିଶ୍ର ଓ ମମତା ମିଶ୍ର ବର ପିତା ମାତା ଭାବେ କାର୍ଯ୍ୟ ତୁଲାଇଥିବା ବେଳେ କନ୍ୟା ପିତା ମାତା ଭାବେ ରେଙ୍ଗାଲି ଗ୍ରାମର ଗୌନ୍ତିଆ ପ୍ରଦୀପ ଚାନ୍ଦ ଏବଂ ସୁଜାତା ଚାନ୍ଦ କାର୍ଯ୍ୟ ତୁଲାଇଥିଲେ ।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିରେ ଦ୍ୱିତୀୟ ବର୍ଷ ଶୀତଳଷଷ୍ଠୀ ଯାତ୍ରା ସମ୍ପନ୍ନ ହୋଇଛି । ଶ୍ରୀ ଶ୍ରୀ କପିଳେଶ୍ୱର ବାବାଙ୍କ ସହ ଜଗତ ଜନନୀ ମାତା ପାର୍ବତୀଙ୍କ ବିବାହ ଶେଷ ହୋଇଛି । ଦେବବିବାହ ସକାଶେ ଗତ ୧୭ ତାରିଖରେ ପତରପେଁଡ଼ି ଓ ୧୮ ତାରିଖରେ ଦେବନିମନ୍ତ୍ରଣ ବା ଗୁଆଗୁଁଡ଼ା ନୀତି ହୋଇଥିଲା । ଆଜି ସକାଳେ ଚଣ୍ଡୀ ପାଠ, ଗଣ୍ଡାଳଫିଟା ନୀତି ହୋଇଥିଲା । କନ୍ୟା ପିତା ଜ୍ୟୋତି ପ୍ରକାଶ ମିଶ୍ର ଓ ମାତା ବନ୍ଦନା ମିଶ୍ର କନ୍ୟା ଜଗତ ଜନନୀ ମାତା ପାର୍ବତୀଙ୍କୁ ସ୍ୱଗୃହକୁ ନେଇଯାଇଥିଲେ । କନ୍ୟାଳୟରେ ମାତା ପାର୍ବତୀଙ୍କ ହଳଦୀମଖା ନୀତି ହୋଇଥିଲା । ଅନ୍ୟପକ୍ଷରେ ଶିବାଳୟରେ ଶ୍ରୀ କପିଳେଶ୍ୱର ବାବାଙ୍କ ତୈଳାଭିଷେକ ଓ ହଳଦୀ ନୀତି ଅନୁଷ୍ଠିତ ହୋଇଥିଲା । ମହିଳାମାନଙ୍କ ମଧ୍ୟରେ ହଳଦୀ ଖେଳ ହୋଇଥିଲା । ଏହାସହ କପିଳେଶ୍ୱରର ବାବାଙ୍କ ଗୌରୀପୂଜା ନୀତି ଅନୁଷ୍ଠିତ ହୋଇଥିଲା । ରାତିରେ ଶ୍ରୀ ଶ୍ରୀ କପିଳେଶ୍ୱର ବାବା ବରବେଶରେ ସଜ୍ଜିତ ହୋଇ ବାଜାଗଜା ଓ ରୋଷଣୀ ସହ କନ୍ୟା ଘର ଅଭିମୁଖେ ବାହାରିଥିଲେ । ଏହି ଶୋଭାଯାତ୍ରା ମନ୍ଦିରରୁ ବାହାରି ସହର ପରିକ୍ରମା କରିବା ପୂର୍ବକ କନ୍ୟା ଘରେ ପହଞ୍ଚିଥିଲା । ବରଯାତ୍ରୀ ଦଳ ଶିବାନନ୍ଦପଡା ହିମାଦ୍ରୀ ନଗରରେ ପହଞ୍ଚିଥିଲେ । କନ୍ୟା ପିତା ଜ୍ୟୋତି ପ୍ରକାଶ ମିଶ୍ର ଓ ମାତା ବନ୍ଦନା ମିଶ୍ରଙ୍କ ସହ ପରିବାରବର୍ଗ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଶୁଭଲଗ୍ନରେ ବୈଦିକ ରୀତିନୀତିରେ ବିବାହ ହୋଇଥିଲା । ପୂଜକ ପଣ୍ଡିତ ଶତ୍ରୁଘନ ପୁରହିତ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ବରପିତା ହରେଶ ସାହୁ ଓ ମାତା ଜ୍ୟୋତିର୍ମୟୀ ସାହୁ, ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ପ୍ରଦୀପ ମିଶ୍ର, ସମ୍ପାଦକ ରୁଦ୍ରକିଶୋର ମହଲା, ଉପସଭାପତି ହୃଷୀକେଶ ସାହୁ, କୋଷାଧ୍ୟକ୍ଷ ହରିହର ଦନ୍ତା, ଗୋପାଳ ବାରିକ, ଭୋଜରାଜ ଦଣ୍ଡସେନା, ନରସିଂହ ଶର୍ମା, ସୁନୀଲ ମିଉଲ, ଲକ୍ଷ୍ମଣ ମେହେର, ଉମାଶଙ୍କର ଭରାସଗ୍ରିଆ, ଥବୀର ବିଶ୍ୱାଳ, ରାଧେଶ୍ୟାମ ମେହେର, ବନମାଳୀ ମେହେରଙ୍କ ସହ ସମସ୍ତ ସଭ୍ୟ ତଥା ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

**ତରଭା:** ତରଭାସ୍ଥିତ ବାବା ନିଳକଣ୍ଠେଶ୍ୱରଙ୍କ ବିବାହ ଉତ୍ସବ ମଧ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ପୂର୍ବାହ୍ନରେ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ମଙ୍ଗଳନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ପ୍ରମୋଦ ମହାପାତ୍ର, କିଶୋର ମିଶ୍ର ପୂଜାର୍ଚ୍ଚନା କରିଥିଲେ । ବିଘ୍ନରାଜ ସାହୁ ଓ ସାଗରିକା ସାହୁ ବର ପିତାମାତା ଦାୟିତ୍ୱ ତୁଲାଇଥିଲେ । ସେହିଭଳି ପାର୍ବତୀଙ୍କ ପିତାମାତା ଭାବେ ନିକଟସ୍ଥ ଅନ୍ତର୍ଦା ଗ୍ରାମର ପ୍ରଫୁଲ୍ଲ ମିଶ୍ର ଓ ତାଙ୍କ ପତ୍ନୀ ବିଦ୍ୟୁଲତା ମିଶ୍ର ଦାୟିତ୍ୱ ତୁଲାଇଛନ୍ତି । ନୀଳକଣ୍ଠେଶ୍ୱର ବାବା ଘଣ୍ଟଶଙ୍ଖ ଆଦି ବାଦ୍ୟ ସହ ମନ୍ଦିରରୁ ବରଯାତ୍ରୀ ଧରି କନ୍ୟା ଘର ଅନ୍ତର୍ଦା ଅଭିମୁଖେ ବାହାରି ଥିଲେ । ମାରୱଡିପଡା, ସୁନାରୀପଡା, ରଥପଡା, ନୂଆଁପଡା, ଧର୍ମଶାଳା ଦୁର୍ଗା ମଣ୍ଡପ ଛକ ଦେଇ ବରଯାତ୍ରୀ ଦଳ ଅତିକ୍ରମ କରିଥିଲେ । ଅନ୍ତର୍ଦାରେ ବରଯାତ୍ରୀ ଦଳ ପହଞ୍ଚିବା ପରେ କନ୍ୟା ପକ୍ଷରୁ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା ।



ବାଟ ବରଣୀ କରାଯାଇ ଦେବ ଦେବ ମହାଦେବଙ୍କୁ ପାଛୋଟି ନିଆଯାଇଥିଲା । ଏହାପରେ ପଣ୍ଡିତ ପ୍ରମୋଦ ମହାପାତ୍ରଙ୍କ ଦ୍ୱାରା ରୀତିନୀତିରେ ବାବା ନୀଳକଣ୍ଠେଶ୍ୱର ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ ହୋଇଥିଲା । ମନ୍ଦିର କମିଟି ସଭାପତି ସନ୍ତୋଷ ସାହୁ, ଗୁଞ୍ଜୁରୁ ଗୁରୁ, ଶଙ୍କର ସାହୁଙ୍କ ସମେତ ଅନ୍ତର୍ଦାର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଦେଓଗାଁ ଯୋଗୀ ସାଗରକୂଳ ଯୋଗେଶ୍ୱର ବାବାଙ୍କ ମନ୍ଦିରରେ ଚଳିତବର୍ଷ ପବିତ୍ର ୧୬ତମ ଶୀତଳଷଷ୍ଠୀ ଉତ୍ସବ ଶୁକ୍ରବାର ମହାସମାରୋହରେ ସମ୍ପନ୍ନ ହୋଇଯାଇଛି । ସ୍ଥାନୀୟ ଶୀତଳଷଷ୍ଠୀ ଉତ୍ସବ ପରିଚାଳନା କମିଟି ଆନୁକୂଲ୍ୟରେ ମାଟିପକା, ମାଙ୍ଗଳିକ ଶ୍ରାଦ୍ଧ, ବରାନୁଗମନ, ଅଳଙ୍କାରଧାରଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବର ପିତାମାତା ଭାବେ ଚନ୍ଦ୍ରଚୂଡ ବେହେରା ଓ ତାଙ୍କ ପତ୍ନୀ ପୁଷ୍ପା ବେହେରା ଓ କନ୍ୟା ପିତାମାତା ଭାବେ ଶୁଭ୍ରାଂଶୁ ନାଏକ ଓ ବିଳାସିନୀ ନାଏକ ଦାୟିତ୍ୱ ନିର୍ବାହ କରିଥଲେ । ପୂଜକ ଭାବେ ସାଧୁଚରଣ ନାୟକ, ଦେବାଶିଷ ମିଶ୍ର, ରବି ନାରାୟଣ ଥନାପତି ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ । ସଭାପତି ଘନଶ୍ୟାମ ବାରିକ, ଆଜେନ୍ଦ୍ର ସାହୁ, ଗୋବର୍ଦ୍ଧନ ଦଲାଇ, ହନକ ବାରିକ, ରଶ୍ମିରଞ୍ଜନ ସାହୁ, ବିରେନ୍ଦ୍ର ଜୁଏଡ, ପ୍ରଦୀପ ସାହୁ, କୁନା ସାହୁ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ଜରାସିଂହା ଧବଳେଶ୍ୱର ମନ୍ଦିର, ସିକୁଆଁ ସିଦ୍ଧେଶ୍ୱର ବାବାଙ୍କ ମନ୍ଦିର ସମେତ ବିଭିନ୍ନ ଶିବାଳୟରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ପାଳିତ ହୋଇଛି ।

**ବୌଦ୍ଧ:** ପବିତ୍ର ଶୀତଳ ଷଷ୍ଠୀ ଅବସରରେ ବୌଦ୍ଧ ସହରରେ ବିରାଜିତ ବାବା ରାମେଶ୍ୱର ମହାଦେବ ଏବଂ ବାବା ମାତଙ୍ଗେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଭୟଠାକୁର ନିଜ ନିଜ ମନ୍ଦିରରୁ ବରଯାତ୍ରୀରେ ବାହାରି ବାଜାବାଣ, ରୋଷଣୀ ସହ ସହର ପରିକ୍ରମା କରି କନ୍ୟାଘରକୁ ଯାଇଥିଲେ । ଏହାପରେ ଦେବୀ ପାର୍ବତୀଙ୍କ ସହ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବୌଦ୍ଧ ସହରର ପ୍ରାଚୀନ ଶୈବ ପୀଠ ରାମେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସମ୍ପୂର୍ଣ୍ଣ ମାନବୀୟ ରୀତିନୀତି ଅନୁସାରେ ବାବା ଭୋଳାନାଥ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସେହିପରି ମାତଙ୍ଗେଶ୍ୱର ମନ୍ଦିରରେ ଶୀତଳ ଷଷ୍ଠୀ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବାବା ମାତଙ୍ଗେଶ୍ୱରଙ୍କୁ ବରବେଶରେ ସଜ୍ଜିତ କରି ବରଯାତ୍ରୀଦଳ କନ୍ୟାଘରକୁ ଯାଇଥିଲେ । ଚଳିତବର୍ଷ ବାବା ମାତଙ୍ଗେଶ୍ୱରଙ୍କ ପିତାମାତା ଭାବେ ସନ୍ତୋଷ ଜେନା ଓ ଉମାରାଣୀ ମହାନ୍ତି ଦାୟିତ୍ୱ ତୁଲାଇଥିଲେ । କନ୍ୟା ପିତାମାତା ଭାବେ କେଶବ ରାମାନୁଜ ପୁରୋହିତ ଓ ମମତା ପାଣିଗ୍ରାହୀ ଦାୟିତ୍ୱ ତୁଲାଇଛନ୍ତି । ଅନ୍ୟପକ୍ଷେ ସିଦ୍ଧପୁର ଗ୍ରାମରେ ବିରାଜିତ ଶ୍ରୀ ସିଦ୍ଧେଶ୍ୱର ବାବାଙ୍କ ବରଯାତ୍ରୀ ଦଳ ବୁଟୁପାଲି, ଜାମୁ ଛକ ଦେଇ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ । ସେଠାରେ ଶିବ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା । ଜ୍ଞାନରଞ୍ଜନ ଯୋଶୀ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ । ବାବା ସିଦ୍ଧେଶ୍ୱରଙ୍କ ପିତାମାତା ଭାବେ ଗ୍ରାମର ତେଜରାଜ୍ ପ୍ରଧାନ ଓ ନୀଳେନ୍ଦ୍ରୀ ପ୍ରଧାନ ଭୂମିକା ନିର୍ବାହ କରିଥିଲେ ।

## ଏସ୍ଆଇଆର୍ କାମ ଚାପରେ ପ୍ରଧାନଶିକ୍ଷକଙ୍କ ଆତ୍ମହତ୍ୟା

ମନମୁଣ୍ଡା,୧୯ ।୬(ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) କାମରେ ଅବହେଳା ଯୋଗୁଁ ତାଗିଦ ହେତୁ ମାନସିକ ଚାପରେ ବିଷାଦଗ୍ରସ୍ତ ହୋଇ ଜଣେ ବିଏଲ୍ଓ ଆତ୍ମହତ୍ୟା କରିଛନ୍ତି । ବୌଦ୍ଧ ବ୍ଲକ୍ ଗୁନ୍ଦୁଲିଆ କ୍ଲଷ୍ଟର ଅଧୀନ ଡିମିରିଖୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବିଏଲ୍ ଓ ସୟନ ସାହୁ (୫୬) ଜୀବନ ହାରିବାକୁ ବାଧ ହୋଇଛନ୍ତି । ତାଙ୍କ ଘର ଗୋଛାପଡା ଗାଁରେ । ବିଷ ପିଇ ସେ ଆତ୍ମହତ୍ୟା କରିଥିବା ତାଙ୍କ ପୁଅ କୃଷ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି । ଗୁରୁବାର ବୌଦ୍ଧରୁ କେତେଜଣ ଅଧିକାରୀ ଆସି ଏସ୍ଆଇଆର୍ କାମରେ ବହୁତ ପଛରେ ପଡ଼ିଥିବା ତଥା



କର୍ତ୍ତବ୍ୟରେ ଅବହେଳା କରିଥିବା କହି ବିଏଲ୍ଓ ଶ୍ରୀ ସାହୁଙ୍କୁ ତାଗିଦ କରିଥିଲେ । ଏପରି ଅବହେଳା ପାଇଁ ୨ ଜଣ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି । ତାଙ୍କୁ ମଧ ନିଲମ୍ବନ କରାଯିବ ବୋଲି ଧମକ ଦେଇଥିଲେ । ଗଲାବେଳେ ତାଙ୍କଠାରୁ କାଗଜପତ୍ର ଓ ମୋବାଇଲ ନେଇଯାଇ ବୌଦ୍ଧ ଅଫିସକୁ ଆସିବାକୁ କହି ଚାଲିଯାଇଥିଲେ । ଏହାପରେ ବିଏଲ୍ଓ ଶ୍ରୀ ସାହୁ ବୌଦ୍ଧ ଅଭିମୁଖେ ଯାଇଥିବାବେଳେ ବାଉଁଶୁଣୀରୁ ଫେରି ଆସି ବିଷ ପିଇ ଦେଇଥିଲେ । ଗୁରୁତର ଶ୍ରୀ ସାହୁଙ୍କୁ ଘର ଲୋକେ ପ୍ରଥମେ ବାଉଁଶୁଣୀ ଓ ପରେ ସୋନପୁର ମୁଖ୍ୟ ଡାକ୍ତରଖାନରେ ଭର୍ତ୍ତି କରିଥଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୋନପୁର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ଯେଉଁ ଅଧିକାରୀଙ୍କ ତାଗିଦ ଓ ଧମକ ଯୋଗୁଁ ତାଙ୍କ ବାପା ଚାପଗ୍ରସ୍ତ ତଥା ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟା କଲେ ତାଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ତାଙ୍କ ପୁଅ ଅଭିଯୋଗ କରିଛନ୍ତି । ଏନେଇ ବୌଦ୍ଧ ଉପ ଜିଲ୍ଲାପାଳ ବିନୟ ଭୋଇଙ୍କୁ ପଚାରିବାରୁ ନିର୍ବାଚନ ସଂକ୍ରାନ୍ତୀୟ ଏସ୍ଆଇଆର୍ ଟାଇମ ବାଉଣ୍ଡ କାମ । ନିର୍ଦ୍ଧାରିତ ସମୟରେ ଏହା ସାରିବାକୁ ପଡିବ । ବିଏଲ୍ଓ ଶ୍ରୀ ସାହୁ ସେହି କାମରେ ଜିଲ୍ଲାରେ ସବୁଠୁ ପଛରେ ଥିଲେ ବୋଲି କହିଛନ୍ତି ।

## ନିର୍ଭର ପ୍ରତିଶ୍ରୁତି ପରେ ଅନଶନ ଭାଙ୍ଗିଲେ ଶ୍ରମିକ

ଇବଥର୍ମାଲ,୧୯ ।୬(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର କୋଇଲା କ୍ଷେତ୍ର ଲଖନପୁର ଖୋଲା ମୁହଁ କୋଇଲାଖଣି (ଆଇଏଲବିଏଲ)ରେ ବିଭିନ୍ନ ଠିକା କମ୍ପାନୀରେ କାମ କରୁଥିବା ଶ୍ରମିକ ସେମାନଙ୍କ ୭ ଦଫା ଦାବି ନେଇ କରୁଥିବା ଅନଶନ ଆଜି ସ୍ଥଗିତ ହୋଇଛି । ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଏହି ଅନଶନ ଗତ ୭ ତାରିଖରୁ ଆରମ୍ଭ ହୋଇଥିଲା । ଅନଶନକାରୀ ଶ୍ରମିକଙ୍କୁ ନେଇ ମହାପ୍ରବନ୍ଧକ କାର୍ଯ୍ୟାଳୟଠାରେ ସନ୍ଧ୍ୟାରେ ଏକ ବୈଠକ ବସିଥିଲା । ବୈଠକରେ ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡା, ବନହରପାଲି ଆଇଆଇସି ବିନୋଦ ରାଓ ଉପସ୍ଥିତ ଥିଲେ । ବହୁ ଯୁକ୍ତିତର୍କ ପରେ ଶ୍ରମିକଙ୍କ ଦାବି ପୂରଣ କରିବାକୁ ମହାପ୍ରବନ୍ଧକ ଶ୍ରୀ ପାଣ୍ଡେ ଶ୍ରମିକଙ୍କୁ ୧୫ ଦିନ ସମୟ ମାଗିଥିଲେ । ସମସ୍ତ ଦାବି ପୂରଣ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ଶ୍ରମିକମାନେ ମହାପ୍ରବନ୍ଧକଙ୍କ ପ୍ରସ୍ତାବରେ ରାଜି ହୋଇଥିଲେ । ମହାପ୍ରବନ୍ଧକ ତାଙ୍କ ପ୍ରତିଶ୍ରୁତି ପାଳନ ନ କଲେ ଶ୍ରମିକମାନେ ପୁଣି ଥରେ ଅନଶନ କରିବେ ବୋଲି ଚେତାବନୀ ଦିଆଯାଇଥିଲା ।

## ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

କଣ୍ଟାମାଳ,୧୯ ।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ନାରାୟଣପସାଦ ପଞ୍ଚାୟତ ଅଧୀନ ରିଙ୍ଗାପଡ଼ାରେ ମାଁ ଖମ୍ବେଶ୍ୱରୀ ଦେବୀ ମନ୍ଦିର ପ୍ରତିଷ୍ଠା ଅବସରରେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ନିକଟସ୍ଥ ନାଳରୁ ପୂଜା ପାଠ କରି କଳସ ଶୋଭାଯାତ୍ରା ବାହାରିଥିଲା । ରାଧାମୋହନ ପଣ୍ଡା ପୂଜାପାଠ କରିଥିଲେ । ସତ୍ୟନାରାୟଣ ମାଝି ଓ ତାରାକାନ୍ତି ମାଝି କର୍ତ୍ତା ଦାୟିତ୍ୱ ତୁଇଥିଲେ ।

## ୬ ଅତିଥି ଅଧ୍ୟାପକଙ୍କୁ ସ୍ୱାଗତ

କଣ୍ଟାମାଳ,୧୯ ।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଆମ୍ବଗାଁ ଜନତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ, ଇଂରାଜୀ, ଅର୍ଥଶାସ୍ତ୍ର, ରାଜନୀତି ବିଜ୍ଞାନ, ଇତିହାସ, ସାମାଜିକ ବିଜ୍ଞାନରେ ଜଣେ ଲେଖାଏ ଅତିଥି ଅଧ୍ୟାପକ ନିଯୁକ୍ତି ପାଇଛନ୍ତି । ସ୍କୁଲ ତରଫରୁ ପ୍ରକାଶିତ ବିଜ୍ଞାପନ ଆଧାରରେ ପ୍ରାୟ ୭୦ରୁ ଆଶାୟୀ ପ୍ରାର୍ଥୀ ଆବେଦନ କରିଥିଲେ । ଏହି ଅତିଥି ଅଧ୍ୟାପକମାନଙ୍କୁ ସ୍କୁଲ ପରିଚାଳନା କମିଟି, କର୍ମଚାରୀ ସ୍ୱାଗତ କରିଛନ୍ତି । ଅଧ୍ୟକ୍ଷ ଶୁକଦେବ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ସଂଜୟ ବିଶ୍ୱାଳ, ଦେବାଶିଷ ଥନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜମି ବିବାଦରୁ ଜାଳିଦେଲେ ୨ ଟ୍ରାକ୍ଟର ଓ ଜେସିବି

କଣ୍ଟାବାଞ୍ଜି,୧୯ ।୬(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଛତରଙ୍ଗ ଗାଁରେ ଜମି ବିବାଦକୁ ନେଇ ୨ଟି ଟ୍ରାକ୍ଟର ସମେତ ଗୋଟିଏ ଜେସିବିକୁ ପୋଡି ଦିଆଯାଇଛି । ୨ ଟ୍ରାକ୍ଟର ସମ୍ପୂର୍ଣ୍ଣ ଭାବେ ପୋଡିଯାଇଥିବା ବେଳେ ଜେସିବିଟି ଅଳ୍ପ ଜଳିଛି । ଛତରଙ୍ଗ ଗାଁର ଜଗତ ପରିବାର ଓ ବାଗ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ଥାନାରେ ମାମଲା ରହିଛି । ଏଣୁ ଜମିବାଡ଼ି ବିବାଦକୁ ନେଇ ଏହି ଘଟଣା ଘଟିଥିବା ଜଣା ପଡିଛି । ବଙ୍ଗୋମୁଣ୍ଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି ।

## ଫଲ୍ସ ବିଦ୍ୟୁତ୍ ବିଲ୍ ନେଇ ଜିଲ୍ଲାପାଳଙ୍କୁ ଗୁହାରି

ଶଗଡ଼ା,୧୯ ।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଲମ୍ବସରୀ ପଞ୍ଚାୟତର ଉପାନ୍ତ ଖଇରମାଳ ଗାଁରେ ବସବାସ କରୁଥିବା ଗରିବ ଲୋକଙ୍କ ଘରକୁ ଏବେ ବି ବିଦ୍ୟୁତ୍ ସଂଯୋଗ ହୋଇ ପାରିନାହିଁ । ନୂତନ ସଂଯୋଗ ନେବା ପାଇଁ ଏମାନେ ଆବେଦନ କରିଥିଲେ । ମନମୁଣ୍ଡା ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଏମାନଙ୍କ ନାମରେ ପୁରୁଣା ବିଦ୍ୟୁତ୍ ସଂଯୋଗ ଦେଖାଉଛି କହି ପ୍ରତ୍ୟେକଙ୍କ ନାଁରେ ୧ ହଜାର ଟଙ୍କାର ବକେୟା ବିଲ୍ ରହିଥିବା କହଛନ୍ତି । ଏହା ଶୁଣି ଏମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି । ଶେଷରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟିଛନ୍ତି । ସୁରେନ୍ଦ୍ର ପ୍ରଧାନ, ପ୍ରହ୍ଲାଦ ମଲ୍ଲିକ, ସନ୍ତୋଷ ପ୍ରଧାନ, ସଂଜୀବ ପ୍ରଧାନ, ବୁଲୁ ଦେହୁରୀ, ଦଶରଥ କର୍ଣ୍ଣ, କାର୍ତ୍ତିକ କର୍ଣ୍ଣ, ତ୍ରିନାଥ ସାହୁ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି ।

## ସରକାରଙ୍କ ସଫଳତା ବଖାଣିଲେ ମନ୍ତ୍ରୀ ବିଭୁତି ଜେନା

ବୌଦ୍ଧ,୧୯ ।୬(ସମିସ): ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଆଜି ଦିନିକିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଛନ୍ତ । ରାଜ୍ୟରେ ମୋହନ ମାଝୀ ସରକାରକୁ ଦୁଇ ବର୍ଷ ପୂରଣ ହୋଇଛି । ପ୍ରତ୍ୟେକ ଜିଲ୍ଲାରେ ବିକାଶର ଧାରା, ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବୋଲି କହି କ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା ବଖାଣିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ଜେନାଙ୍କ ସହ କଣ୍ଟାମାଳ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ

ବୌଦ୍ଧ,୧୯ ।୬(ସମିସ): ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡିଶା ସମାବେଶ ଉଦ୍‌ଘାଟିତ ହୋଇଯାଇଛି । କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବିଡିଓ ଯୁଗଳ କିଶୋର ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ଇଂ ରାକେଶ ତ୍ରିପାଠୀ ମଞ୍ଚାସୀନ ଥିଲେ ।

## ଦେବୋତ୍ତର ବିଭାଗର ପ୍ରିୟାପ୍ରୀତି

ମନମୁଣ୍ଡା,୧୯ ।୬(ସମିସ): ଓଡ଼ିଶାରେ ଦେବୋତ୍ତର ବିଭାଗ ଅଧୀନରେ ଥିବା ଜଗନ୍ନାଥ ମନ୍ଦିରର ରଥଯାତ୍ରା ପାଇଁ ଦେବୋତ୍ତର ବିଭାଗ ପାଣ୍ଠି ପ୍ରଦାନ ସହ ପରିଚାଳନା ସଂକ୍ରାନ୍ତରେ ଆଲୋଚନା, ବୈଠକ କରିଥାଏ; କିନ୍ତୁ ବୌଦ୍ଧ ଜିଲ୍ଲାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ପାଣ୍ଠି ଅଭାବରୁ ପ୍ରାୟ ୨୦୦ ବର୍ଷର ପୁରାତନ ଦେବୋତ୍ତର ବିଭାଗ ଅଧିନରେ ଥିବା ମନମୁଣ୍ଡାର ଶ୍ରୀ ଦଧିବାମନ ମନ୍ଦିର ସମେତ ଜିଲ୍ଲାର ଆହୁରି ଅନେକ ଦେବୋତ୍ତର ବିଭାଗ ଅଧୀନରେ ଥିବା ମନ୍ଦିରର ରଥଯାତ୍ରା ବହୁତ ଅସୁବିଧାର ସମ୍ମୁଖୀନ ହୋଇ କରିବାକୁ ପଡୁଛି । ବୌଦ୍ଧ ଦେବୋତ୍ତର ବିଭାଗ କେବଳ ସଦରମହକୁମା ମନ୍ଦିର ଓ ରଥଯାତ୍ରାକୁ ପ୍ରାଧାନ୍ୟ ଦେଉଛି । ଅନ୍ୟ ମନ୍ଦିର ତଥା ରଥଯାତ୍ରାକୁ ସେତେ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ବୌଦ୍ଧ ଦେବୋତ୍ତର ବିଭାଗର ଚିଠି ନଂ ୫୦୭୭/୨୬ରୁ ପ୍ରତୀୟମାନ ହେଉଛି । ଏହି ଚିଠିରେ ବୌଦ୍ଧ ଜିଲ୍ଲାର ରଥଯାତ୍ରା ପାଳନ ଉପଲକ୍ଷେ ପ୍ରଥମ ପ୍ରସ୍ତୁତି ବୈଠକ ୨୦ରେ ଅନୁଷ୍ଠିତ ହେବ । ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ ବିନୟ ଭୋଇ ବୈଠକରେ କେବଳ ବୌଦ୍ଧ ସଦରମହକୁମାର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ତଥା ଅଧିକାରୀଙ୍କୁ ନିମନ୍ତ୍ରଣ କରିଛନ୍ତି । ଚିଠିରେ ବୌଦ୍ଧ ସଦରମହକୁମା ରଥଯାତ୍ରା ପାଇଁ ଉଲ୍ଲେଖ ନାହିଁ । ଅନ୍ୟପକ୍ଷରେ ଜିଲ୍ଲା ଦେବୋତ୍ତର ବିଭାଗ ଚିଠି ଦେଇଛି ମାନେ ତାହା ସମଗ୍ର ଜିଲ୍ଲାକୁ ବୁଝାଇଥାଏ । ଏହିପରିପ୍ରେକ୍ଷୀରେ ଦେବୋତ୍ତର ନିର୍ବାହୀ ଅଧିକାରୀ କେବଳ ସଦରମହକୁମାକୁ ଗୁରୁତ୍ୱ ଦେଇ ନିମନ୍ତ୍ରଣ କରିଛନ୍ତି । ଦେବୋତ୍ତର ବିଭାଗ ଅଧୀନରେ ଥିବା ଜିଲ୍ଲାର ଅନ୍ୟ ରଥଯାତ୍ରା କମିଟିକୁ କାହିଁକି ଅଣଦେଖା ତଥା ପାତରଅନ୍ତର କରାଯାଇଛି ବୋଲି ଅଭିଯୋଗ ହୋଇଛି । ବୁଦ୍ଧିଜୀବୀ ମହଲରେ ପ୍ରଶାସନର ଏପରି କାର୍ଯ୍ୟକୁ ନେଇ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ଶ୍ରୀ ଜଗନ୍ନାଥପ୍ରେମୀ ତଥା ଭକ୍ତଗଣ କ୍ଷୋଭ ପ୍ରକାଶ ମଧ୍ୟ କରିଛନ୍ତି । ଜିଲ୍ଲାର ଦେବୋତ୍ତର ବିଭାଗ ଅଧୀନରେ ଥିବା ସମସ୍ତ ରଥଯାତ୍ରା କମିଟିକୁ ନେଇ ଦେବୋତ୍ତର ବିଭାଗ ତରଫରୁ ଏକ ବୈଠକ କରାଯାଉ । ସେମାନଙ୍କ ସୁବିଧା, ଅସୁବିଧା ବୁଝାଯାଉ । ଯାତ୍ରା ପାଇଁ ଯଥା ସମ୍ଭବ ଆବଶ୍ୟକ ପାଣ୍ଠି ପ୍ରଦାନ କରାଯାଉ । ଯାତ୍ରା ପରିଚାଳନା ପାଇଁ ପ୍ରଶାସନ ମାର୍ଗଦର୍ଶନ କରୁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଯୋଗିନ୍ଦ୍ରପୁର ମଣ୍ଡିରେ ପଡିଛି ଧାନ

ଶଗଡା,୧୯ ।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଯୋଗିନ୍ଦ୍ରପୁର ଧାନ ମଣ୍ଡିରେ ଦୀର୍ଘ ଦିନ ହେବ ଧାନ ଉଠୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି । ଟାର୍ଗେଟ ଆସୁ ନ ଥିବା କହି ପ୍ୟାକ୍ସ ସମ୍ପାଦକ ଦିନ ପରେ ଦିନ ଗଡ଼ାଇ ଚାଲିଛନ୍ତି । ମଣ୍ଡିରେ ମେ ୩୦ ତାରିଖରୁ ଧାନ କ୍ରୟ ଆରମ୍ଭ ହୋଇଛି । ମଣ୍ଡି ଆରମ୍ଭରୁ ହିଁ ଟାର୍ଗେଟକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ କାଳବୈଶାଖୀ ବର୍ଷା ଚାଷୀଙ୍କ ଚିନ୍ତା ବଢାଇ ଦେଇଛି । ଟୋକନ ପାଇଥିବା ଚାଷୀ ଦୀର୍ଘ ଦିନ ହେବ ମଣ୍ଡିରେ ଧାନ ଗଦା କରି ଖରାବର୍ଷାରେ ଧାନକୁ ଜଗି ରହିଛନ୍ତି । ଅନ୍ୟପଟେ ଗତ ଦୁଇ ଦିନ ହେଲା ପବନ ସହ ଲଗାତାର ପ୍ରବଳ ବର୍ଷା ହେବା ଫଳରେ ଚାଷୀଙ୍କ ଧାନ ଭିଜିଯିବା ସହ ଧାନର ମାନ ପ୍ରଭାବିତ ହେବାର ଆଶଙ୍କା ଦେଖା ଦେଇଛି । ଚାଷୀ ଦିନରେ ଖରା ଓ ସନ୍ଧ୍ୟାରେ ବର୍ଷା ପବନରେ ଧାନକୁ ଜଗି ରହିଥିବା ବେଳେ କେବେ ଧାନ ଉଠିବ ତାହା ଭଗବାନଙ୍କୁ ଜଣା ବୋଲି ଚାଷୀ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି । ନିଜର କଷ୍ଟ ଅର୍ଜିତ ଧାନ ବିକ୍ରି କରି ପରିବାର ପ୍ରତିପୋଷଣ କରିବା ଉଦ୍ଦେଶ୍ୟରେ ମଣ୍ଡିକୁ ଆଣିଥିବା ବେଳେ ସବୁ ଆଶା ମଉଳି ଗଲାଣି । କେବେ ଧାନ ଉଠିବ ସେହି ଚିନ୍ତାରେ ଚାଷୀ ଅନାଇ ବସିଛନ୍ତି । ଧାନ ଉଠାଣ ନ ହେଲେ ଚାଷୀ ଆନ୍ଦୋଳନ କରିବେ ବୋଲି କଡା ଚେତାବନୀ ଦେଇଛନ୍ତି ।

## ପଞ୍ଚାୟତ ଅଫିସରେ ତାଲା ପକାଇଦେଲେ ଗ୍ରାମବାସୀ

ପାଟଣାଗଡ଼,୧୯ ।୬ (ସମିସ): ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ୍‌ରେ ପାନୀୟ ଜଳ ସମସ୍ୟା ପିଛା ଛାଡୁନି । ବେଲପଡା ବ୍ଲକ୍ ଧୁମାଭଟା ପଞ୍ଚାୟତ କଲଛିକଛା ଗାଁର ବିଭିନ୍ନ ସମସ୍ୟା ସହ ପୋଖରୀର ପୁନଉଦ୍ଧାର ପାଇଁ ଗ୍ରାମବାସୀ ଦୀର୍ଘଦିନରୁ ଦାବି କରିଆସୁଛନ୍ତି; କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗକୁ ପ୍ରଶାସନ କର୍ଣ୍ଣପାତ କରୁନି । ଏହାଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି । ଶୁକ୍ରବାର କଲଛିକଛା ଗାଁ ଲୋକେ ପୋଖରୀରୁ ପଙ୍କ ଉଦ୍ଧାର ସହ ବିଭିନ୍ନ ସମସ୍ୟା ସମାଧାନ ଦାବି ନେଇ ଧୁମାଭଟା ପଞ୍ଚାୟତ ଅଫିସରେ ତାଲା ପକାଇ ଧାରଣାରେ ବସିଥିଲେ । ଗାଁ ପୋଖରୀର ପୁନଃ ଉଦ୍ଧାର କାମ ଚାଲୁ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଥିଲେ ।

## ଇଭିଏମ୍ ଓ ଭିଭିପାଟ ଗୋଦାମ ଯାଞ୍ଚ

ବୌଦ୍ଧ,୧୯ ।୬(ସମିସ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ବୌଦ୍ଧ ଜିଲ୍ଲାର ଇଭିଏମ୍ ଏବଂ ଭିଭିପ୍ୟାଟ୍ ଗୋଦାମର ତ୍ରୈମାସିକ ଯାଞ୍ଚ କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ଏହି ଯାଞ୍ଚ ହୋଇଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ ଭୋଇ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ଉପସ୍ଥିତ ରହି ଗୋଦାମର ସୁରକ୍ଷା, ସଂରକ୍ଷଣ ଓ ଯନ୍ତ୍ରପାତିର ଅବସ୍ଥା ପରିଦର୍ଶନ କରିଥିଲେ ।

ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ପାଇଁ ବିଜୁ ଜନତା ଦଳ, ଭାରତୀୟ ଜନତା ପାର୍ଟି ଏବଂ କଂଗ୍ରେସର ପ୍ରତିନିଧି ଉପସ୍ଥିତ ଥିଲେ । ଗୋଦାମର ମୁଖ୍ୟ ସିଲ୍ ଓ ତାଲା ଯାଞ୍ଚ କରାଯାଇ ଭିଡିଓଗ୍ରାଫି ମାଧ୍ୟରେ ଖୋଲାଯାଇଥିଲା । ଗୋଦାମରେ ସଂରକ୍ଷିତ କଣ୍ଟ୍ରୋଲ ୟୁନିଟ୍, ବାଲଟିଂ ୟୁନିଟ୍ ଏବଂ ଭିଭିପ୍ୟାଟ୍‌ର ସଂଖ୍ୟାକୁ ମାଷ୍ଟର ଷ୍ଟକ୍ ରେଜିଷ୍ଟର ସହ ମେଳ କରାଯାଇଥିଲା । ଏହା ସହିତ ୨୪ ଘଣ୍ଟିଆ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା, ରେକର୍ଡିଂ ସୁବିଧା ଓ ତଥ୍ୟ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକ୍ଷମତା ଯାଞ୍ଚ କରାଯାଇଥିଲା ।

## ଅଲିଭା ମହାସଂଘର ବ୍ଲକ୍‌ସ୍ତରୀୟ ବୈଠକ

ତରଭା,୧୯ ।୬(ସମିସ): ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ଦି ହଙ୍ଗର୍ ପ୍ରୋଜେକ୍ଟ, ଇଣ୍ଡିଆ ପକ୍ଷରୁ ଅଲିଭା ମହାସଂଘର ବ୍ଲକ୍‌ସ୍ତରୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅଲିଭା ସଂଘର ସଭାନେତ୍ରୀ ଆହୁତି କୁମ୍ଭାର ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଦି ହଙ୍ଗର ପ୍ରୋଜେକ୍ଟର ତାଲିମ୍ ପ୍ରଶିକ୍ଷକ ଗୁଣନିଧି ମାଝୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରି ସଭାକାର୍ଯ୍ୟ ପରିଚାଳନା କରିଥିଲେ । ରାସ୍ତା ନିର୍ମାଣ, ଷ୍ଟ୍ରିଟ ଲାଇଟ, ଉତ୍ତା, ପୋଷାକ ପରିବର୍ତ୍ତନ କକ୍ଷ, ସ୍କୁଲ, ଅଙ୍ଗନବାଡି ପାଚେରି ମରାମତି ଉପରେ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଏ ନେଇ ବିଡିଓ ଶିବାନନ୍ଦ କର୍ମୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଧନୁର୍ଦ୍ଧର ନାଏକ ଓ ଜିତେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସଙ୍ଗୀତା ମହାନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିକାଶମୂଳକ ଯୋଜନା ଲୋକାଭିମୁଖୀ କରିବାକୁ ଆହ୍ୱାନ

ଝାରସୁଗୁଡ଼ା /କିର୍ମିରା,୧୯ ।୬(ସମିସ): ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ "ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅବସରରେ କିର୍ମିରାରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ସମାରୋହରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିଧାୟକ ଆଲୋକପାତ କରିଥିଲେ । ଏହି ପ୍ରଗତିର ଧାରାକୁ ସମଗ୍ର ଓଡ଼ିଶାର କୋଣ-ଅନୁକୋଣରେ ପହଞ୍ଚାଇବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବିକାଶମୂଳକ ଯୋଜନା ଲୋକାଭିମୁଖୀ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷା ସାବିତ୍ରୀ ମାଝୀ, ବିଡିଓ ଅବିନାଶ ଲାକ୍ରା ଏବଂ ଅତିରିକ୍ତ ବିଡିଓ କ୍ଷୀରେଶ୍ୱରୀ କାଲୋ ପ୍ରମୁଖ ଯୋଗ ଦେଇଥିଲେ । କିର୍ମିରା ସରପଞ୍ଚ ସନ୍ତୋଷିନୀ ପଟେଲ, ଝାରମୁଣ୍ଡା ସରପଞ୍ଚ ଆଶା ସିଂହ, ସାଂସଦ ପ୍ରତିନିଧି ବିଜୟୀ ଶର୍ମା ଏବଂ ବିପିସି ଚାନ୍ଦିନୀ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମଣ୍ଡଳ ସଭାପତି ଉଦ୍ଧବ ସିଂ ନାଏକ, ବାବୁଲା କିସାନ, ଝସକେତନ ପ୍ରଧାନ, ଯାମିନୀକାନ୍ତ ନାଏକ, ସନ୍ଦୀପ ପଟେଲ ଓ ପ୍ରଦୀପ କିସାନଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ । ଶୁଭମ ସାହୁ, ବିକ୍ରମ କିସାନ, ଗିରିଧାରୀ ପାଣ୍ଡେ, ଆଲୋକ ସାହୁ, ଅଂଶୁଳ ଅଗ୍ରୱାଲ, ପବନ ଶର୍ମା ଏବଂ ହେମନ୍ତ ଜାମଡୁଳିଆଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ ।

# ସରିଲା ବିବାହ; ଦେଉଳକୁ ଫେରିଲେ ଦେବଦମ୍ପତି

ବରଗଡ଼, ୧୯ ।୬(ସମିସ)

ବରଗଡ଼ ବ୍ଲକ ତାଳଶ୍ରୀଗିଡା ଗ୍ରାମରେ ୧୭୨ତମ ବିରାଟ ଶୀତଳ ଷଷ୍ଠୀ ଯାତ୍ରା ଉଦ୍‌ଘାଟିତ ହୋଇଛି । ଗୁରୁବାର ସନ୍ଧ୍ୟାରେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ବାବା ହଜାର ହଜାର ଶ୍ରଦ୍ଧାଳୁଙ୍କ ସହ ଏକ ବିରାଟ ପଟୁଆ ଶୋଭାଯାତ୍ରାରେ ବରଯାତ୍ରୀରେ ଗ୍ରାମ ପରିକ୍ରମାରେ ବାହାରି ମାତା ପାର୍ବତୀଙ୍କ ଘରେ ପହଞ୍ଚିଥିଲେ । ଏହାପରେ କନ୍ୟା ପିତାମାତାଙ୍କ ଘରେ ରାତିରେ ଶିବ-ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା । ଏହା ପୂର୍ବରୁ ପତରପେଣ୍ଡି ଓ ଶ୍ରୀ ହନୁମାନଙ୍କ ଦ୍ୱାରା ମନ୍ଦିରଗୁଡ଼ିକୁ ନିମନ୍ତ୍ରଣ କରାଯାଇଥିଲା । ବବ୍ରୁବାହାନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ସରପଞ୍ଚ ସମୀର ସିଂ, ନାଟ୍ୟକାର ଘନଶ୍ୟାମ ମହାପାତ୍ର, ପ୍ରଫୁଲ୍ଲ ସାହୁ, ସୁଦାମ ଚରଣ ମିଶ୍ର, ତ୍ରିଲୋଚନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଯାତ୍ରା କମିଟି ପକ୍ଷରୁ ସଭାପତି ଶ୍ରୀପତି ସାହୁ, ଉପ ସଭାପତି ବିଦ୍ୟାପତି ସାହୁ, ସମ୍ପାଦକ ରମେଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଇନ୍ଦ୍ରଜିତ୍ ସାହୁ ତଥା ଅନ୍ୟ କର୍ମକର୍ତ୍ତାଙ୍କ ସହ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୁଚାରୁରୂପେ ଆରମ୍ଭ ହୋଇଛି । କନ୍ୟା ପିତାମାତା ଭାବେ ନବ କୁମାର ବିଶ୍ୱାଳ ଓ ପ୍ରମିଳା ବିଶ୍ୱାଳ ତଥା ବର ପିତାମାତା ଭାବେ ଧନଞ୍ଜୟ ଭୋଇ ଓ ପୁନମ ଭୋଇ ଦାୟିତ୍ୱ ତୁଲାଇଛନ୍ତି ।



**ପଦ୍ମପୁର:** ପଦ୍ମପୁର ଉପଖଣ୍ଡ ରାଜବୋଡ଼ାସମ୍ବର ବ୍ଲକ ଗୁଠୁର୍ଲାଗ୍ରାମରେ ଶୀତଳ ଷଷ୍ଠୀ କମିଟି ତରଫରୁ ସ୍ଥାନୀୟ ଶିବ ମନ୍ଦିରରରେ ୧୭ତମ ଶୀତଳ ଷଷ୍ଠୀ ଉତ୍ସବ ଆୟୋଜିତ ହୋଇଥିଲା । ଏହି ଅବସରରେ ତାରକାସୁର ରାଜଦରବାରରେ ମୁଖ୍ୟ ଅତିଥି ରୂପେ ବିଜେପି ଦହିତା ମଣ୍ଡଳ ସଭାପତି ଜନକ ସାହୁ ଯୋଗ ଦେଇଥିଲେ ।

ପଦ୍ମପୁର ସହରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ମଧ୍ୟ ସମ୍ପନ୍ନ ହୋଇଛି । ବଡ଼ବନ୍ଧର ବାବା ରାମେଶ୍ୱର ଏବଂ କଣ୍ଟାବନ୍ଧର ବାବା ସ୍ୱପ୍ନେଶ୍ୱର ଜଗତ ଜନନୀ ମାତା ପାର୍ବତୀଙ୍କ ସହ ସୁସଜ୍ଜିତ ହୋଇ ବିମାନରେ ବିଜେ କରିବା ପୂର୍ବକ ସାରା ପଦ୍ମପୁର ନଗର ଭ୍ରମଣ କରିଛନ୍ତି । ଦେବ ଦମ୍ପତିଙ୍କ ନଗର ପରିକ୍ରମା ଉତ୍ସବରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମହିଳାମାନେ ରାସ୍ତା କଡ଼ରେ ପୂର୍ଣ୍ଣକୁମ୍ଭ ସ୍ଥାପନ କରି ଦୀପ ଜାଳି ଏବଂ ପୁଷ୍ପବୃଷ୍ଟି କରି ପ୍ରଭୁଙ୍କ ଆରତୀ କରିଥିଲେ । ବିଳମ୍ବିତ ରାତିରେ ବାବା ସ୍ୱପ୍ନେଶ୍ୱର ଓ ମାତା ପାର୍ବତୀ ମନ୍ଦିର ପ୍ରବେଶ କରିଥିଲେ । ବାବା ରାମେଶ୍ୱର ଓ ମାତା ପାର୍ବତୀ ବଡ଼ବନ୍ଧରେ ନୌକା ବିହାର ସହ ଶ୍ରଦ୍ଧାଳୁଙ୍କୁ ଯୁଗଳ ଦର୍ଶନ ଦେଇ ପ୍ରତ୍ୟାବର୍ତ୍ତନ କରିବେ ।

**ସୋହେଲା:** ସୋହେଲା ବାଞ୍ଜିପଡ଼ାରେ ଥିବା ବାବା କାଳେଶ୍ୱର ଶିବ ମନ୍ଦିରର ଶୀତଳ ଷଷ୍ଠୀ ଆୟୋଜକ କମିଟି ଦ୍ୱାରା ଆୟୋଜିତ ଶୀତଳଷଷ୍ଠୀ ଯାତ୍ରା ସମାପନ ହୋଇଯାଇଛି । ୪ ବର୍ଷ ହେଲା ଆୟୋଜିତ ହୋଇ ଆସୁଥିବା ଶୀତଳଷଷ୍ଠୀରେ ଚଳିତ ବର୍ଷ ଜିତୁ ସାହୁ ଓ ତାଙ୍କ ପତ୍ନୀ ସଙ୍ଗୀତା ସାହୁ ମହାଦେବଙ୍କ ପିତା ମାତା ଏବଂ ଉତ୍ସବ ଦାସ ଓ ତାଙ୍କ ପତ୍ନୀ ଦମୟନ୍ତୀ ଦାସ ମାତା ପାର୍ବତୀଙ୍କ ପିତା ମାତା ହେବାର ସୌଭାଗ୍ୟ ଲାଭ କରିଥିଲେ । ମହାଦେବ ମନ୍ଦିରରୁ ଭକ୍ତଙ୍କ ସହ ବରଯାତ୍ରୀ ଧରି ଦୁର୍ଗା ମଣ୍ଡପରେ ପହଞ୍ଚିଥିଲେ । ବିବାହ ଉତ୍ସବ ପରେ ଶୋଭାଯାତ୍ରାରେ ବାବା କାଳେଶ୍ୱର ମନ୍ଦିର ଫେରିଥିଲେ । ଶୀତଳ ଷଷ୍ଠୀ ଯାତ୍ରା କମିଟି ସଭାପତି ରଘୁନାଥ ସେଠ୍, ସମ୍ପାଦକ ଗଜାନନ ପରୁଆ, ସାଧାରଣ ସମ୍ପାଦକ ମୋହନ ଗୁପ୍ତା, କୋଷାଧ୍ୟକ୍ଷ କ୍ରୀଷ୍ଣା ପଟେଲ, ରାଜେନ୍ଦ୍ର ଗିରି, ଜନକ ସେଠ, ଭଗବତୀ ମାନେକ୍, ହାଡୁ ବେହେରାଙ୍କ ସମେତ ସାର୍ବଜନୀନ ଦୁର୍ଗାପୂଜା କମିଟି, ଜେଡିଏ ସଂଗଠନ ସଦସ୍ୟ, ନାମଯଜ୍ଞ କମିଟି ତଥା ସୋହେଲାର ସର୍ବସାଧାରଣଙ୍କ ସହଯୋଗରେ ଏହି ଯାତ୍ରା ସମ୍ପନ୍ନ ହୋଇଥିଲା ।

## ବନ୍ଦ ହୋଇଯିବ ବରଗଡ଼ ସିମେଣ୍ଟ କାରଖାନା

ବରଗଡ଼, ୧୯ ।୬(ସମିସ): ଅଗଷ୍ଟ ୧୯ ତାରିଖ ସୁଦ୍ଧା ଏସିସି ସିମେଣ୍ଟ କାରଖାନା ବନ୍ଦ କରିବ ବୋଲି କେନ୍ଦ୍ର ସରକାରଙ୍କୁ ନୋଟିସ ଦେଇଛି । ଚୂନପଥର ଖଣି ଶେଷ ହୋଇଯିବା ପ୍ଲାଣ୍ଟ ବନ୍ଦ ମୁଖ୍ୟ କାରଣ ବୋଲି ଉଲ୍ଲେଖ କରାଯାଇଛି । ତେବେ କାରଖାନା ବନ୍ଦ ହେଲେ ୯୨ ଜଣ କର୍ମଚାରୀଙ୍କ ଚାକିରି ପ୍ରଭାବିତ ହେବ ।

## ରାସ୍ତା ମରାମତି କଲେ ଘୁଘୁରାପାଲି ଗୌନ୍ତିଆ ପଡ଼ାବାସୀ



ଅମ୍ବାଭୋନା, ୧୯ ।୬(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ କପାଶିରା ପଞ୍ଚାୟତର ଘୁଘୁରାପାଲି ଗ୍ରାମର ଗୌନ୍ତିଆପଡ଼ାରେ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ଦୀର୍ଘଦିନ ଧରି ଅବହେଳିତ ରହିଥିବା ରାସ୍ତାର ମରାମତି କାର୍ଯ୍ୟ ସମ୍ପନ୍ନ କରିଛନ୍ତି । ଭାଗବତ ମଣ୍ଡଳୀର ସଦସ୍ୟମାନେ ମିଳିମିଶି ଏହି କାମ ସଫଳ କରିଛନ୍ତି । ଘୁଘୁରାପାଲିରୁ ଅମ୍ବାଭୋନାକୁ ସଂଯୋଗ କରୁଥିବା ପ୍ରାୟ ୨ କିଲୋମିଟର ଏହି ରାସ୍ତା ଅଞ୍ଚଳର ଲୋକଙ୍କ ପାଇଁ ଏକ ପ୍ରମୁଖ ଯୋଗାଯୋଗ ମାଧ୍ୟମ । କପାଶିରା ଓ ଭୈନାତୋରା ପଞ୍ଚାୟତ ସହ ଅନ୍ୟାନ୍ୟ ପଞ୍ଚାୟତର ଲୋକମାନେ ମଧ୍ୟ ଅମ୍ବାଭୋନାକୁ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ଅମ୍ବାଭୋନାରେ ହାଇସ୍କୁଲ, ଆଦର୍ଶ ବିଦ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଥାନା, ହସ୍ପିଟାଲ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଥିବାରୁ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ପାଇଁ ଏହି ରାସ୍ତାର ଗୁରୁତ୍ୱ ଅଧିକ । ଦୀର୍ଘଦିନ ଧରି ରାସ୍ତାଟି ମରାମତି ନ ହେବାରୁ ସ୍ଥାନେ ସ୍ଥାନେ ଖାଲଢିପ ସୃଷ୍ଟି ହୋଇଥିଲା । ଏହାସହ ରାସ୍ତାର ଦୁଇ ପାର୍ଶ୍ୱରେ ଅନାବନା ଗଛପତ୍ର ବଢ଼ିଯାଇଥିବାରୁ ବିଶେଷ କରି ବର୍ଷାଦିନେ ଯାତାୟାତ ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡୁଥିଲା । ଏହାଫଳରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଆସୁଥିଲା । ଗ୍ରାମବାସୀଙ୍କ କହିବା ଅନୁସାରେ ରାସ୍ତା ମରାମତି ପାଇଁ ଅନୁଦାନ ରାଶି ଥିବା ସତ୍ତ୍ୱେ ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ଶେଷରେ ପ୍ରଶାସନିକ ଅବହେଳାରେ ଅତିଷ୍ଠ ହୋଇ ଗ୍ରାମବାସୀ ନିଜେ ଆଗେଇ ଆସି ରାସ୍ତା ମରାମତି କାମ କରିଛନ୍ତି ।

## ପ୍ରେମଜନିତ ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

ଝାରବନ୍ଧ, ୧୯ ।୬ (ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ଥାନା ତୁର୍ଲା ଗ୍ରାମରେ ପ୍ରେମଜନିତ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ୪୫ ବର୍ଷର ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତକ ହେଲେ ତ୍ରିନାଥ ନାଏକ । ଘଟଣାରେ ଗ୍ରାମର ଯୋଗେନ୍ଦ୍ର ଖରସେଲଙ୍କ(୩୫) ସମ୍ପୃକ୍ତି ଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି ।

କିଛି ବର୍ଷ ପୂର୍ବରୁ ତ୍ରିନାଥ ନାଏକଙ୍କ ପୁଅ ଓ ଯୋଗେନ୍ଦ୍ର ଖରସେଲଙ୍କ ସ୍ତ୍ରୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା । ପରେ ଉଭୟେ ବାହାର ରାଜ୍ୟକୁ ଚାଲିଯାଇଥିଲେ । ସେତେବେଳେ ଯୋଗେନ୍ଦ୍ର ନିଜ ସ୍ତ୍ରୀଙ୍କୁ ଖୋଜି ଆଣିବା ସହ ୩ ଲକ୍ଷ ଟଙ୍କା ଦାବି କରିଥିବା କୁହାଯାଉଛି । ତ୍ରିନାଥ ଜମି ବିକ୍ରି କରି ହିମାଚଳ ପ୍ରଦେଶରୁ ଯୋଗେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ଖୋଜି ଆଣିଥିବା ସହ ୩ ଲକ୍ଷ ଟଙ୍କା ମଧ୍ୟ ଦେଇଥିବା ପରିବାର ଲୋକେ କହିଛନ୍ତି । ଚଳିତ ମାସରେ ଯୋଗେନ୍ଦ୍ରଙ୍କ ସ୍ତ୍ରୀ ପୁଣିଥରେ ଘର ଛାଡ଼ି ଚାଲିଯାଇଥିବାରୁ ଗୁରୁବାର ରାତି ପ୍ରାୟ ୧୦ଟା ସମୟରେ ଯୋଗେନ୍ଦ୍ର ତ୍ରିନାଥଙ୍କ ଘରକୁ ଯାଇ ତାଙ୍କ ପୁଅ ସହ ନିଜ ସ୍ତ୍ରୀ ପଳାଇଥିବା ଅଭିଯୋଗ କରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହେବା ସହ ଯୋଗେନ୍ଦ୍ର ଧମକ ଦେଇଥିବା ପରିବାର ପକ୍ଷରୁ କୁହାଯାଇଛି । ତ୍ରିନାଥ ତାଙ୍କ ପୁଅ ସହ ଯୋଗେନ୍ଦ୍ରଙ୍କ ସ୍ତ୍ରୀ ଯାଇ ନ ଥିବା ଏବଂ ସେ ତାଙ୍କ ମାମୁଁ ଘରେ ଥିବା କହିଥିଲେ । ତେବେ ବିଳମ୍ବିତ ରାତି ପ୍ରାୟ ଗୋଟାଏରେ ତ୍ରିନାଥ ଘର ସାମ୍ନା ଦୁଆରେ ଶୋଇଥିବା ବେଳେ ଯୋଗେନ୍ଦ୍ର ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରି ନିର୍ମମ ଭାବେ ହତ୍ୟା କରିଥଲେ । ଯୋଗେନ୍ଦ୍ରର ଭାଇ ସୁଗ୍ରୀନ୍ଦ୍ର ଖରସେଲ(୩୨) ଏବଂ ତା' ବାପା ବାସୁଦେବ ଖରସେଲ(୬୦) ସାଙ୍ଗରେ ଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଖବର ପାଇ ଝାରବନ୍ଧ ଥାନା ଅଧିକାରୀ ସଞ୍ଜୟ ପରିଡ଼ା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଯୋଗେନ୍ଦ୍ରକୁ ଅଟକ ରଖିଥିଲେ । ପରେ ଯୋଗେନ୍ଦ୍ରର ଭାଇ ଏବଂ ବାପାକୁ ଗିରଫ କରିଥିଲେ । ବଲାଙ୍ଗୀର ସାଇଣ୍ଟିଫିକ୍ ଅଫିସର ଆଦିତ୍ୟ ଚୌଧୁରୀ ଏବଂ ଟିମ୍ ସହ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର ହତ୍ୟାକାଣ୍ଡର ଅଧିକ ତଦନ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

## ଅନିତାଙ୍କୁ ଅଟଳ ପରିବାରର ସହଯୋଗ

ଅମ୍ବାଭୋନା, ୧୯ ।୬(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ମୁହୁଦୀ ଗ୍ରାମର ଫୁଲଚନ ଗଡ଼ତିଆଙ୍କ ଝିଅ ଅନିତାଙ୍କୁ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ସାମାଜିକ ଅନୁଷ୍ଠାନ ଅଟଳ ଚାରିଟେବଲ ଟ୍ରଷ୍ଟ ସହଯୋଗର ହାତ ବଢ଼ାଇଛି । ଅନିତା ବର୍ତ୍ତମାନ ସୁନ୍ଦରଗଡ଼ ମହାବିଦ୍ୟାଳୟରେ +୩ ଦ୍ୱିତୀୟ ବର୍ଷ ରାଜନୀତି ବିଜ୍ଞାନ ଛାତ୍ରୀ । ତାଙ୍କ ପରିବାର ଭୂମିହୀନ ଏବଂ ଆର୍ଥିକ ଦୁର୍ବଳ । ଏଣୁ ଅନିତାଙ୍କ ପାଠପଢ଼ା ବନ୍ଦ କରିବାକୁ ପରିବାର ପକ୍ଷରୁ ଚିନ୍ତା କରାଯାଇଥିଲା । ଏହି ଖବର ପାଇ ଅଟଳ ପରିବାରର ସଭାପତି ଶିବାଜୀ ପଟେଲ, ପ୍ରଫୁଲ୍ଲ ପଧାନ, ନିମାଇଁ ସାହୁ ଓ ଗଙ୍ଗାଧର ପାତ୍ରୀ ଅନିତାଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ଅନିତାଙ୍କ ଶିକ୍ଷା ଯେପରି ବନ୍ଦ ନ ହୁଏ ସେଥିପାଇଁ ସେମାନେ ଆର୍ଥିକ ସହଯୋଗ କରିଛନ୍ତି ।



## ଶନିମାଲ ମଣ୍ଡିରେ ମନଇଚ୍ଛା କଟ୍‌ନୀଛଟ୍‌ନୀ

ମେଲଛାମୁଣ୍ଡା, ୧୯ ।୬(ସମିସ): ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରେ ଏବେ ଅନ୍ନଦାତା ଶୋଷଣର ଶିକାର । ଚାଷୀ ଏବେ ମଣ୍ଡି ଅଧିକାରୀ, ଦଲାଲ ଓ ମିଲର୍ସଙ୍କ ଚକ୍ରବ୍ୟୁହରେ ଫସିଯାଇଛି । ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଶନିମାଲ ଧାନ ମଣ୍ଡିରେ ଚାଷୀଙ୍କୁ ଆଖି ବୁଜି ଶୋଷଣ କରାଯାଉଛି । ଏହି ମଣ୍ଡିରେ କୁଇଣ୍ଟାଲ ପ୍ରତି ୩ରୁ ୪ କେଜି କଟା ଯାଉଛି । କାଗଜପତ୍ରରେ ସୀମିତ ଜିରୋ କାଟ୍ ପ୍ରତିଶ୍ରୁତି । ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି ଯେ ବିନା କାଟ୍‌ରେ ଚାଷୀଙ୍କଠାରୁ ସମ୍ପୂର୍ଣ୍ଣ ଧାନ କିଣାଯିବ । ଚାଷୀଙ୍କଠାରୁ ଗୋଟିଏ ବି କେଜି ଧାନ କଟାଯିବ ନାହିଁ; ହେଲେ ଶନିମାଲ ଧାନମଣ୍ଡିରେ ସରକାରଙ୍କ ଏହି ନିୟମ ଏଠାରେ ସମ୍ପୂର୍ଣ୍ଣ ଫେଲ୍ । ଚାଷୀ ଦିନରାତି ଏକ କରି, ଋଣ କରଜ କରି ଫସଲ ଅମଳ କରୁଛି; ହେଲେ ମଣ୍ଡିକୁ ଧାନ ଆଣିବା ପରେ ମିଲର ଓ ଅସାଧୁ କର୍ମଚାରୀଙ୍କ ମଧୁଚନ୍ଦ୍ରିକାର ଶିକାର ହେବାକୁ ପଡୁଛି । ସରକାରୀ ବାବୁଙ୍କ ଛତ୍ରଛାୟାରେ ଏଠାରେ କୁଇଣ୍ଟାଲ ପିଛା ୩ରୁ ୪ କେଜି ଧାନ ବେଆଇନ ଭାବେ କାଟି ଦିଆଯାଉଛି । ପୁଣି ଧାନମଣ୍ଡି ପରିସରରେ ବର୍ଷାରେ ଗଜା ଦେଇଥିବା ଧାନକୁ ଚାଷୀଙ୍କୁ ନିଜ ଘରକୁ ନେଇଯିବାକୁ କୁହାଯାଉଛି । ପଦ୍ମପୁର ଏସିଏସଓଙ୍କୁ ଏ ବିଷୟରେ ଜଣାଇବାରୁ ସବୁ ଠିକ୍ ଚାଲିଛି । ଯଦି କିଛି ଅସୁବିଧା ଅଛି ତେବେ ଶନିମାଲ ଧାନମଣ୍ଡି କର୍ମଚାରୀଙ୍କ ସହ କଥା ହେବେ ବୋଲି କହିଥିଲେ । ଜବରଦସ୍ତ ଚାଷୀଙ୍କଠୁ ଲୁଟ୍ ହେଉଛି; ହେଲେ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉ ନାହାନ୍ତି । ଏହାକୁ ନେଇ ସ୍ଥାନୀୟ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତୁରନ୍ତ ଏହି ବେଆଇନ କାଟ୍ ବନ୍ଦ କରିବା ପାଇଁ ଚାଷୀ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏବେ ଦେଖିବାକୁ ବାକି ରହିଲା ଗରିବ ଚାଷୀଙ୍କ ହକ୍‌ର ଧାନ ଲୁଟ୍ ହେଉଥିବା ଏହି ସ୍ପଷ୍ଟ ଦୁର୍ନୀତି ବିରୋଧରେ ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ, ଆର୍‌ଏମ୍‌ସି କି ପଦକ୍ଷେପ ନେଉଛି ।

## ଶିଶୁ ଶ୍ରମ ନିରାକରଣ ପରାମର୍ଶ କର୍ମଶାଳା

ବରଗଡ଼, ୧୯ ।୬(ସମିସ): ଶିଶୁ ଶ୍ରମ ଉଚ୍ଛେଦ, ଶିଶୁ ଅଧିକାର ସୁରକ୍ଷା ଏବଂ ଶିଶୁ-ମିତ୍ର ସମାଜ ଗଠନ ଲକ୍ଷ୍ୟରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସସିପିସିଆର) ଏବଂ ଶ୍ରମ ଓ ଇଏସଆଇ ବିଭାଗର ମିଳିତ ଆନୁକୂଲ୍ୟରେ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ଜିଲ୍ଲାସ୍ତରୀୟ ପରାମର୍ଶ କର୍ମଶାଳା ବରଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆୟୋଗର ସଦସ୍ୟା କଳ୍ପନା ଲେଙ୍କା, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଜିଲ୍ଲାପାଳ ଆଦିତ୍ୟ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ବରଗଡ଼ ସାଂସଦଙ୍କ ପ୍ରତିନିଧି ଲିପ୍ସିତ ମିଶ୍ର, ଜିଲ୍ଲା ସଭାପତି ଡ. ଅରୂପାନନ୍ଦ ସାହୁ ଏବଂ ସାଧନକର୍ମୀ ଜ୍ୟୋତିପ୍ରକାଶ ବ୍ରହ୍ମା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।




## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ବରଗଡ଼ର ନିଖିଲ




ବରଗଡ଼, ୧୯ ।୬(ସମିସ): ବରଗଡ଼ର ଟୋନି ଶର୍ମା ଓ ସାକ୍ଷୀ ଶର୍ମାଙ୍କ ଶିଶୁପୁତ୍ର ନିଖିଲ ମାତ୍ର ୭ ବର୍ଷ ବୟସରେ ନିଜର ଅସାଧାରଣ କ୍ରୀଡ଼ା ଦକ୍ଷତା ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି । ନିଖିଲ ଏକ ମିନିଟ୍ ମଧ୍ୟରେ ସର୍ବାଧିକ ଫରୱାର୍ଡ ଏବଂ ବ୍ୟାକୱାର୍ଡ କାର୍ଟୱିଲ୍ କରି ଏହି ରେକର୍ଡ ସ୍ଥାପନ କରିଛନ୍ତି । ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ପକ୍ଷରୁ ଜାରି ହୋଇଥିବା ପ୍ରମାଣପତ୍ର ଅନୁଯାୟୀ ସେ ଏକ ମିନିଟ୍‌ରେ ୩୭ଟି ଫରୱାର୍ଡ ଓ ବ୍ୟାକୱାର୍ଡ କାର୍ଟୱିଲ୍ ସମ୍ପୂର୍ଣ୍ଣ କରିଥିଲେ ।

## 'ବିକାଶ ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଶୁଭାରମ୍ଭ

ପଦ୍ମପୁର, ୧୯ ।୬(ସମିସ): ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ରାଜବୋଡାସମ୍ବର୍ ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସାଂସଦ ପ୍ରତିନିଧି ନିରାକାର ବରିହା, ରାଜବୋଡାସମ୍ବର ବ୍ଲକ ଅଧ୍ୟକ୍ଷ ରଞ୍ଜିତ୍ ସିଂହ ବରିହା, ଉପ-ଅଧ୍ୟକ୍ଷ ସଂଯୁକ୍ତା ଚାନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ମକରଧ୍ୱଜ ବଗାର, ସରସ୍ୱତୀ ସାହୁ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ଦେବତା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ପଦ୍ମପୁରର ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ସଞ୍ଜୟ ଲେଙ୍କା ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କ ପାଇଁ ୫, ୦୦୦ ଟଙ୍କାର ଏକକାଳୀନ ପ୍ରୋତ୍ସାହନ ରାଶି ପ୍ରଦାନ କରୁଥିବା 'ଶହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା' ଏବଂ ଦୁର୍ବଳ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ 'ପ୍ରି-ମାଟ୍ରିକ୍ ଓ ପୋଷ୍ଟ-ମାଟ୍ରିକ୍ ସ୍କଲାରସିପ୍' ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଇଁ 'ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା' ଓ 'ଧର୍ତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ', କ୍ଷୁଦ୍ର ବନଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରୁଥିବା 'ଲାଭା' ଯୋଜନା ସହିତ ବ୍ୟକ୍ତିଗତ ଓ ସାମୂହିକ ଋଣ ଏବଂ ଆନ୍ତଃଜାତି ବିବାହ ପ୍ରୋତ୍ସାହନ ପାଇଁ କରାଯାଇଥିବା ସମସ୍ତ ସୁବିଧା ବିଷୟରେ ସଚେତନତା ସୃଷ୍ଟି କରିଥିଲେ । କାର୍ଯ୍ୟକ୍ରମର ଶେଷରେ ବିଭିନ୍ନ ଯୋଜନାର ହିତାଧିକାରୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ରାଶିର ଚେକ୍ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଅତିଥିମାନେ ସରକାରୀ ଯୋଜନାଗୁଡ଼ିକର ସୁଫଳ ଯେପରି ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିବ ସେଥିପାଇଁ ସେମାନେ ଚେଷ୍ଟିତ ବୋଲି ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ କର୍ମଚାରୀ, ବିଭିନ୍ନ ଗ୍ରାମ ପଞ୍ଚାୟତର ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ସାଧାରଣ ଜନତା ଉପସ୍ଥିତ ଥିଲେ ।




## କୋଶଲ ଟାଇମର ୨୦ତମ ସ୍ୱନକ୍ଷତ୍ର ଦିବସ




ବରପାଲି, ୧୯ । ୬(ସମିସ): ବରଗଡ଼ ଜିଲ୍ଲାରୁ ପ୍ରକାଶିତ ପାକ୍ଷିକ ପତ୍ରିକା କୋଶଲଟାଇମ୍‌ର ୨୦ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମପୀଠ (କବିଭବନ), ବରପାଲିରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ସଞ୍ଜୀବ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ହାସ୍ୟ ଓ ବ୍ୟଙ୍ଗକବି କିଶୋର ସାହୁ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ସୁନୀତି ପ୍ରଧାନ ଅତିଥିମାନ ପରିଚୟ ପ୍ରଦାନ କରିଥିଲେ । ବରପାଲି ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଙ୍କ ଦ୍ୱାରା ବିଶ୍ୱଦେଖି ମଧୁମୟ ଗଙ୍ଗାଧର ସଙ୍ଗୀତ ଗାନ କରାଯାଇଥିଲା । ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ ମହାପାତ୍ର, ବରଗଡ଼ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ରନାଥ ଶତପଥୀ, ଜଗବନ୍ଧୁ ଦାଶ ଉଚ୍ଚ ମାଧ୍ୟମିକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ ।

## 'ମୁଖ୍ୟମନ୍ତ୍ରୀ ବସ୍ ସେବା' ପାଇଁ ଦାବି



ଝାରବନ୍ଧ, ୧୯ ।୬(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଲୌଡିଦର୍ହା ଗ୍ରାମପଞ୍ଚାୟତର ନୀଳଜୀପତ୍ରା ଓ ପତ୍ରାପାଳି ଗ୍ରାମର ଜନସାଧାରଣ ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ନୀଳଜୀପତ୍ରା ବଜାର ଛକରୁ ଚଳାଚଳ କରାଯିବା ପାଇଁ ଦାବି ଉଠାଇଛନ୍ତି । ଏନେଇ ଗ୍ରାମବାସୀ ଝାରବନ୍ଧ ବିଡ଼ିଓ ପର୍ଶୁରାମ ପଣ୍ଡାଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଦାବୀପତ୍ରରେ ଉଲ୍ଲେଖ କରାଯାଇଛି ଯେ, ନୀଳଜୀପତ୍ରା ଓ ପତ୍ରାପାଳି ସମେତ ଆଖପାଖ ଅଞ୍ଚଳର ଶତାଧିକ ଲୋକ ଦୈନିକ ଭାବେ ବିଭିନ୍ନ କାର୍ଯ୍ୟ, ଚିକିତ୍ସା, ଛାତ୍ରଛାତ୍ରୀ ଶିକ୍ଷା ଓ ବ୍ୟବସାୟିକ କାମ ପାଇଁ ବାହାରକୁ ଯାତାୟାତ କରୁଥିବା ବେଳେ ସରକାରଙ୍କ ମୁଖ୍ୟମନ୍ତ୍ରୀ ବସ ସେବାର ସୁବିଧାରୁ ବଞ୍ଚିତ ହେଉଛନ୍ତି । ତେଣୁ ନୀଳଜୀପତ୍ରା ବଜାର ଛକରୁ ବସ ଚଳାଚଳ ବ୍ୟବସ୍ଥା କରାଗଲେ ସାଧାରଣ ଲୋକଙ୍କ ଯାତାୟାତ ସମସ୍ୟା ଦୂର ହେବା ସହ ଛାତ୍ରଛାତ୍ରୀ, ବୃଦ୍ଧ ଓ ରୋଗୀମାନେ ଉପକୃତ ହେବେ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି । ସରପଞ୍ଚ ପଦ୍ମା ଶତନାମୀ, ବିବେକାନନ୍ଦ ପଟେଲ, ପ୍ରେମରାଜ ପ୍ରଧାନ, ଜୟନ୍ତ ରାମ ପଟେଲ, ଖିରୋଦ ବଡେଇ, ଗଣେଶ ରାମ ଶତନାମୀ ସମେତ ଶତାଧିକ ଜନସାଧାରଣଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ସମ୍ପୃକ୍ତ ବିଭାଗ ଏବଂ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରି ନୀଳଜୀପତ୍ରା ବଜାର ଛକରୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ସୋହେଲା ଅଞ୍ଚଳରେ ପାଉଁଶ ମାଫିଆ ସକ୍ରିୟ

# ଜଳାଶୟ ପୋତିଦେବାକୁ ଷଡ଼ଯନ୍ତ୍ର

ସୋହେଲା, ୧୯ ।୬(ସମିସ): ବରଗଡ଼ ଜିଲାର ଶିଳ୍ପ ବିହୀନ ସୋହେଲା ବ୍ଲକରେ ଅନ୍ୟ ଜିଲ୍ଲାର ଶିଳ୍ପାନୁଷ୍ଠାନରୁ ନିର୍ଗତ ବିଷାକ୍ତ ପାଉଁଶ ଆଣି ଖାଲି ପଡ଼ିଥିବା ବିଭିନ୍ନ ସ୍ଥାନରେ ବେଆଇନ ଭାବେ ପକା ହେଉଛି । ଏହା ଫଳରେ ବିନା ଶିଳ୍ପରେ ମଧ୍ୟ ସୋହେଲା ଅଞ୍ଚଳର ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ଝାରସୁଗୁଡା ଜିଲ୍ଲାର ବିଭିନ୍ନ ଶିଳ୍ପାନୁଷ୍ଠାନରୁ ବାହାରୁ ଥିବା ଏହି ବିଷାକ୍ତ ପାଉଁଶ ବର୍ତ୍ତମାନ ସମଗ୍ର ପଶ୍ଚିମ ଓଡ଼ିଶା ପାଇଁ ଚିନ୍ତାର କାରଣ ହୋଇଛି । ପୂର୍ବରୁ ଏହି ପାଉଁଶ ଜିଲାର ବିଭିନ୍ନ ସ୍ଥାନରେ ପକା ହେଉଥିଲା; ଯାହାକୁ ଝାରସୁଗୁଡା ବିଧାୟକ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି । ପାୱାର ପ୍ଲାଣ୍ଟରୁ ଦୈନିକ ଯେତିକି ମାତ୍ରାରେ ପାଉଁଶ ବାହାରୁଛି ତାହାକୁ ବ୍ୟବସ୍ଥିତ କରିବାକୁ ଝାରସୁଗୁଡା ଜିଲ୍ଲାରେ ସ୍ଥାନ ଅଭାବ ହେଲାଣି । ଏଣୁ ସେଠିକାର ଏହି ବିଷାକ୍ତ ପାଉଁଶ ଆଖପାଖ ଜିଲ୍ଲାରେ ପକାଇବା ପାଇଁ ପାଉଁଶ ମାଫିଆ ସକ୍ରିୟ ହୋଇ ପଡ଼ିଛନ୍ତି । ଏହିପରି ଘଟଣା ସୋହେଲା ଅଞ୍ଚଳରେ ଦେଖିବାକୁ ମିଳିଛି । ସୋହେଲା ବ୍ଲକ ଡୁମ୍ବେରପାଲି ପଞ୍ଚାୟତ ବିରଜୁପାଲି ଗାଁ ନିକଟରେ ରହିଥିବା ବିରାଟ ଜଳାଶୟ ପୋତିବା ପାଇଁ ଉଦ୍ୟମ ଚାଲିଛି । ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଲୁହୁରାଚଟିରୁ ସମ୍ବଲପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ ସମ୍ପ୍ରସାରଣ ସମୟରେ ନିର୍ମାଣକାରୀ ସଂସ୍ଥା ଅଶୋକା ବିଲ୍ଡକନ ମୌଜା ବିରଜୁପାଲି ଗ୍ରାମର ଖାତା ନମ୍ବର ୬୬ ପ୍ଲଟ ନମ୍ବର ୮୩୮ରେ ଥିବା ୧ ଏକର ୮୦ ଡିସିମିଲ ଏବଂ ପ୍ଲଟ ନମ୍ବର ୮୪୦ରେ ୫୦ ଡିସିମିଲ ପଥର ଚଟାଣ କିସମ ରହିଥିବା ଜମିକୁ ସରକାରଙ୍କ ନିକଟରୁ ଲିଜ୍ ନେଇଥିଲା । ସେଥିରୁ ରାଜପଥ ନିର୍ମାଣ ପାଇଁ ପଥର ଖନନ କରିଥିଲା । ପଥର ଖନନ ପରେ ପ୍ରାୟ ଦୁଇ ଶହ ଫୁଟ ଓସାର ଏବଂ ପ୍ରାୟ ୧ ହଜାର ଫୁଟ ଲମ୍ବର ଖୋଲା ପଥର ଖାଦାନ ଅଞ୍ଚଳବାସୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି । ବର୍ଷା ଦିନରେ ଏହି ଖାଦାନରେ ବର୍ଷାଜଳ ପ୍ରବେଶ କରି ବର୍ତ୍ତମାନ ବିରାଟ ଜଳାଶୟ ସୃଷ୍ଟି ହୋଇଛି । ବରଗଡ଼ ଜିଲ୍ଲାର ଅଣ ଜଳସେଚିତ ବ୍ଲକ ମଧ୍ୟରେ ରହିଥିବା ସୋହେଲା ବ୍ଲକରେ ଗ୍ରୀଷ୍ମ ଦିନରେ ଉତ୍କଟ ଜଳ ସଙ୍କଟ ଦେଖା ଦେଇଥାଏ । ବ୍ଲକର ଅଧିକାଂଶ ବନ୍ଧ ପୋଖରୀ ନଦୀ ନାଳ ଶୁଖି ଯାଉଥିବା ବେଳେ ଏହି ଜଳାଶୟରେ ଆଜି ମଧ୍ୟ ପ୍ରାୟ ୪୦ରୁ ୫୦ଫୁଟ ଗଭୀର ପାଣି ରହିଛି । କେବେ କୌଣସି ପରିସ୍ଥିତିରେ ମଧ୍ୟ ସେଇ ଜଳାଶୟର ପାଣି ଶୁଖି ନ ଥାଏ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ବୃହତ୍ତ ଜଳାଶୟରେ ବର୍ଷା ପାଣି ସଂରକ୍ଷିତ ହୋଇ ରହିବା ଦ୍ୱାରା ବିରଜୁପାଲି ସମେତ ଆଖପାଖର ଅନେକ ଗ୍ରାମର ଭୂତଳ ଜଳସ୍ତର ବୃଦ୍ଧିରେ ସହାୟକ ହେଉଛି । ବର୍ତ୍ତମାନ ଅନ୍ୟ ଜିଲ୍ଲାର ପାଉଁଶ ମାଫିଆଙ୍କ ଆଖି ଏବେ ଏହି ଜଳାଶୟ ଉପରେ ପଡ଼ିଛି । ଅନ୍ୟ ଜିଲ୍ଲାର ବିଷାକ୍ତ ପାଉଁଶ ଆଣି ସେଠାରେ ପୋତିବା ପାଇଁ ଯୋଜନା କରୁଥିବା ନେଇ ସ୍ଥାନୀୟ ଲୋକେ ଜାଣିବା ପରେ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ଏହି ପାଉଁଶ ମାଫିଆମାନେ ବର୍ତ୍ତମାନ ଏହି ଜଳାଶୟ ଜମିର କିସମ ପରିବର୍ତ୍ତନ କରି ସେଠାରେ ପାଉଁଶ ପୋତିବା ପାଇଁ ପ୍ରଶାସନ ନିକଟରେ ଆବେଦନ କରିଥିବା ନେଇ ଜଣା ପଡ଼ିଛି । ପୂର୍ବରୁ ପଥର ଚଟାଣ କିସମ ରହିଥିବା ଏହି ଜମିକୁ ପତିତ କିସମ କରି ସେଠାରେ ପାଉଁଶ ପୋତିବା ପାଇଁ ଯୋଜନା ହେଉଛି । ଜମିର କିସମ ପରିବର୍ତ୍ତନ ପାଇଁ କିଛି ଦଲାଲ ସକ୍ରିୟ ହୋଇ ଡୁମ୍ବେରପାଲି ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକଙ୍କୁ ପ୍ରଲୋଭିତ କରି ଜମିର କିସମ ପରିବର୍ତ୍ତନ ସପକ୍ଷରେ ଦସ୍ତଖତ ନେଉଥିବା ଅଭିଯୋଗ ହେଉଛି । ଏହାକୁ ବିରୋଧ କରି ଡୁମ୍ବେରପାଲି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଲୋକେ ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାରଙ୍କୁ ଭେଟି ଲିଖିତ ଅଭିଯୋଗ କରଛନ୍ତି । ଏହା ସହ ଏ ସମ୍ପର୍କରେ ବରଗଡ଼ ଜିଲ୍ଲାପାଳ, ରାଜସ୍ୱ କମିସନର, ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅଭିଯୋଗ ପତ୍ର ପଠାଇଛନ୍ତି । ଯଦି ପ୍ରଶାସନ ପକ୍ଷରୁ ଜଳାଶୟର କିସମ ପରିବର୍ତ୍ତନ କରି ସେଠାରେ ପାଉଁଶ ପୋତିବା ପାଇଁ ଅନୁମତି ଦିଆଯାଏ ତେବେ ଅଞ୍ଚଳବାସୀ ଏହାକୁ ତୀବ୍ର ବିରୋଧ କରିବା ସହ ବ୍ୟାପକ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।



# ଭୁବନେଶ୍ୱର ସିଟି



### ବର୍ଷତମାମ୍ ବଣରେ ବରପୁତ୍ର

# କେବଳ ଶ୍ରାଦ୍ଧ, ଜୟନ୍ତୀରେ ମନେପଡ଼ନ୍ତି

ଭୁବନେଶ୍ୱର, ୧୯।୬(ସମିସ): କେବଳ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ହେଲେ ମନେ ପଡ଼ନ୍ତି ବରପୁତ୍ର। ଗଦା ଗଦା ଫୁଲମାଳ ସାଙ୍ଗକୁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରି ଗୋଟିଏ ଦିନରେ ବାଃ ବାଃ ନେଉଛନ୍ତି ସଂସ୍କୃତି ବିଭାଗ ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ। ବର୍ଷ ସାରା ବଣବୁଦା ଭିତରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ପଡ଼ି ରହୁଥିଲେ ବି କାହାରି ନଜର ପଡୁ ନଥିବା ବେଳେ କେବଳ ଜୟନ୍ତୀ ଉତ୍ସବରେ ସଫେଇ କରାଯାଉଥିବା ଦେଖିବାକୁ ମିଳେ। ବିଭିନ୍ନ ଅନୁଷ୍ଠାନ ସମେତ ବିଶିଷ୍ଟ ବ୍ୟକ୍ତି ଫୁଲମାଳରେ ବରପୁତ୍ରଙ୍କ ପୋତି ପକାଇବା ସହ ସାମାଜିକ ଗଣମାଧ୍ୟମରେ ଫଟୋ ପୋଷ୍ଟ କରିବାକୁ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି। ହେଲେ ଅନ୍ୟଦିନରେ ବରପୁତ୍ରଙ୍କ ପ୍ରତି ଉକ୍ତ ସମ୍ମାନ ଦେଖିବାକୁ ମିଳେ ନାହିଁ। ତେବେ ଏଭଳି ଦୟନୀୟ ସ୍ଥିତିରେ ଦେଖିବାକୁ ଭୁବନେଶ୍ୱର କୋର୍ଟ ପରିସରରେ ରହିଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥଳରେ।

ଭୁବନେଶ୍ୱର କୋର୍ଟ ପରିସର (ଇଲେକ୍ଟ୍ରି ଗ୍ରୀଡ ନିକଟ)ରେ ଭାରତୀୟ

**■ କୋର୍ଟ ପରିସରରେ ଅବହେଳିତ ଅବସ୍ଥାରେ ନେତାଜୀ**





ସ୍ୱାଧୀନତା ସଂଗ୍ରାମର ଅଗ୍ନିବର୍ଷୀ ନେତୃତ୍ୱ, ଆଜାଦ୍ ହିନ୍ଦ୍ ଫୌଜ୍‌ର ପ୍ରତିଷ୍ଠାତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ପ୍ରତିମୂର୍ତ୍ତି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଚାରିପାଖେ ବଣବୁଦାରେ ଭର୍ତ୍ତି ହୋଇଥିବା ବେଳେ ପ୍ରତିମୂର୍ତ୍ତିର ଅଧିକାଂଶ ସ୍ଥାନ ଭାଙ୍ଗିରୁଜି ଯାଇଛି। ଗୋଟେପଟେ ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଜନ୍ମସ୍ଥାନକୁ ଐତିହ୍ୟ ସ୍ଥାନ ଭାବରେ ନେଇ ତାଙ୍କର ପ୍ରତିମୂର୍ତ୍ତିକୁ ସ୍ଥାପନ କରିବା ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରଯାଉଛି। ନିକଟରେ ସଂସ୍କୃତି ବିଭାଗ ସଂସ୍କୃତି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଐତିହ୍ୟ ଗ୍ରାମ ଯୋଜନାରେ ବରପୁତ୍ରମାନଙ୍କ ବାସଗୃହକୁ ସଂଗ୍ରହାଳୟ ଭାବେ ବିକଶିତ କରାଯିବା ସହ ବରପୁତ୍ରଙ୍କ ପ୍ରତିମୂର୍ତ୍ତି, ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ, ଶିଶୁ ଉଦ୍ୟାନ ଆଦି ସ୍ଥାପନ କରାଯିବାକୁ ସଂସ୍କୃତି ମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ବରପୁତ୍ରମାନଙ୍କ ଗ୍ରାମ ବା ନିକଟବର୍ତ୍ତୀ ଅଞ୍ଚଳରେ ୨ରୁ୩ ଏକର ଜାଗା ଚିହ୍ନଟ କରି ବିଭାଗକୁ ଯଥାଶିଘ୍ର ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏପଟେ ଦେଶର ସ୍ୱାଧୀନତା ସଂଗ୍ରାମର ତେଜସ୍ୱୀ ନେତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ଯାହାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ତେବେ ଏ ସମ୍ପର୍କରେ ଖବର ପାଇ ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ସେଠାରେ ପହଞ୍ଚି ଓଡ଼ିଆ ଜାତିର ସୁଯୋଗ୍ୟ ସନ୍ତାନ ଦେଶ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତି ଖୋଦ୍ ରାଜଧାନୀରେ ରାଜ୍ୟ ସରକାରଙ୍କର ଅବହେଳା ଓ ଉଦାସୀନତାକୁ ନେଇ କ୍ଷୋଭ ପ୍ରକାଶ କରିବା ସହିତ ଏହାର ସମ୍ମାନଜନକ ଥଇଥାନ ପାଇଁ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କର ହସ୍ତକ୍ଷେପ ଦାବି କରି ଏକ ପତ୍ର ଲେଖିଛନ୍ତି। ଉକ୍ତ ପତ୍ରରେ ସେ ଦର୍ଶାଇଛନ୍ତି ଯେ, ଓଡ଼ିଶାର ପାଣି ପବନରେ ପରିପୁଷ୍ଟ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତି ଯଦି ଏଭଳି ଅବହେଳା ଦେଖାଦିଏ, ତାହା କେବଳ ଓଡ଼ିଆ ଜାତି ପାଇଁ ଏକ ବିଡ଼ମ୍ବନା ବ୍ୟତୀତ ଆଉ କିଛି ନୁହେଁ। ତେଣୁ ତୁରନ୍ତ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ସଂସ୍କୃତି ବିଭାଗକୁ ଏହାର ଉପଯୁକ୍ତ ଥଇଥାନ ପାଇଁ ନିର୍ଦ୍ଦେଶ ଦେବାକୁ ଶ୍ରୀ ବେହେରା ଅନୁରୋଧ କରିଛନ୍ତି। ଖୋଦ୍ ରାଜଧାନୀରେ ବରପୁତ୍ରଙ୍କୁ ଏଭଳି ଅସମ୍ମାନ ସହ୍ୟ କରି ହେବନାହିଁ ବୋଲି ଶ୍ରୀ ବେହେରା କ୍ଷୋଭ ପ୍ରକାଶ କରିବା ସହ ତାଙ୍କ ପ୍ରତିମୂର୍ତ୍ତିର ଉଚିତ୍ ଥଇଥାନ ଦାବି କରିଛନ୍ତି।

ସୂଚନା ଅନୁସାରେ, ରାଜଧାନୀର ବିଭିନ୍ନ ସ୍ଥାନରେ ରହିଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ କରାଯାଉ ନଥିବାରୁ ଦିନକୁ ଦିନ ଅବହେଳିତ ଅବସ୍ଥାରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ପଡ଼ି ରହୁଛି। କେଉଁଠି ଶୁଖିଲା ଫୁଲ ହାର ପଡ଼ିରହିଛି ତ ଆଉ କେଉଁଠି ଜଙ୍ଗଲ ଭିତରେ ଲୁଚି ଗଲାଣି ବରପୁତ୍ରଙ୍କର ମହାତ୍ମ୍ୟ। ନେତାଜୀଙ୍କ କ୍ଷେତ୍ରରେ ନୁହେଁ ବରଂ ରାଜଧାନୀର ବିଭିନ୍ନ ସ୍ଥାନରେ ଏଭଳି ଅବସ୍ଥା ଦେଖିବାକୁ ମିଳେ।

**● ପ୍ରଭାତ ହତ୍ୟାକାଣ୍ଡକୁ ବିତିଲା ୨୪ ଘଣ୍ଟା**

## ହତ୍ୟାକାରୀଙ୍କୁ ଗିରଫ ଦାବିରେ ଥାନା ଘେରଉ

ଭୁବନେଶ୍ୱର, ୧୯।୬ (ସମିସ): ପାହାଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ସିନର୍ଜି କଲେଜ ନିକଟରେ ହୋଇଥିବା ହତ୍ୟାକାଣ୍ଡ ଘଟଣାକୁ ୪୮ ଘଣ୍ଟା ଅଧିକ ସମୟ ବିତିଗଲାଣି। ହେଲେ ଏପର୍ଯ୍ୟନ୍ତ ପୁଲିସକୁ ସଫଳତା ମିଳି ପାରି ନାହିଁ। ପାହାଳ ପ୍ରଭାତ ବେହେରା ହତ୍ୟାକାଣ୍ଡ ମାମଲାର ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପରିବାର ଓ ସ୍ଥାନୀୟ ଲୋକେ ଶୁକ୍ରବାର ଥାନା ଘେରାଉ କରିଥିଲେ। ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୁଲିସ ପ୍ରତିଶ୍ରୁତି ଦେଇ ବୁଝାସୁଝା କରିବା ପରେ ଉତ୍ତପ୍ତ ଲୋକେ ଘେରାଉରୁ ହଟିଥିଲେ। ଟେନିସ୍ ସମେତ ୫ଜଣଙ୍କ ନାମରେ ପ୍ରଭାତ ବେହେରାଙ୍କ ପରିବାର ଅଭିଯୋଗ କରିଥିବା ବେଳେ ପୁଲିସ ବହୁ ଲୋକଙ୍କୁ ସନ୍ଦେହରେ ଆଣି ପଚରାଉଚରା କରି ଛାଡି ଦେଉଛି। ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବାରେ ବିଫଳ ହୋଇଛି। ଘଟଣା ଘଟିବାର ତିନିଦିନ ବିତିଯାଇଥିବା ବେଳେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିବାରୁ ଥାନା ଘେରାଉ କରାଯାଇଥିଲା। ଅତିରିକ୍ତ ଡିସିପିଙ୍କ କହିବାନୁଯାୟୀ ସବୁ ଦିଗକୁ ଆଧାର କରି ତଦନ୍ତ ଆଗକୁ ବଢୁଛି। ବ୍ୟବଚ୍ଛେଦ ରିପୋର୍ଟକୁ କାହିଁକି ପୁଲିସ ପ୍ରତୀକ୍ଷା କରିଛି ବୋଲି ଆନ୍ଦୋଳନରତ ଲୋକେ ପ୍ରଶ୍ନ କରିଛନ୍ତି। ଯେଉଁମାନଙ୍କ ନାଁ ଦିଆଯାଇଛି ସେମାନଙ୍କୁ ପୋଲିସ ନପାଇ ବିଭିନ୍ନ ବାହାନା କରୁଛି। ହତ୍ୟାକାଣ୍ଡର ସିସିଟିଭି ଫୁଟେଜ ପୁଲିସ ହାତରେ ଲାଗିଥିଲେ ମଧ୍ୟ ହତ୍ୟାକାରୀଙ୍କୁ ଠାବ କରାଯାଇ ପାରି ନାହିଁ। ସ୍ଥାନୀୟ ଅନନ୍ତପୁର ଗ୍ରାମର ପ୍ରଭାତ ବେହେର ଓରଫ ଜଗାଙ୍କୁ ହତ୍ୟା କରାଯାଇଥିଲା। ଜଗାଙ୍କ ମୁଣ୍ଡ ଫାଟିଯାଇଥିଲା ବେଳେ ମୁହଁରେ ଏକାଧିକ କ୍ଷତଚିହ୍ନ ରହିଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୁଲିସ ସନ୍ଦେହ କରିଥିଲା। ବୁଧବାର ସକାଳ ସମୟରେ ଘଟଣାସ୍ଥଳରୁ ଏକ ମୃତ ଦେହ ମିଳିଥିଲା। ଘଟଣାସ୍ଥଳରୁ ପୁଲିସ ଏକ ଭଙ୍ଗା କାଚ ଓ ମଦ ବୋତଲ ଜବତ କରିଥିଲା। ପ୍ରଭାତଙ୍କୁ ହତ୍ୟା କରି କେନାଲ କୂଳରେ ଫିଙ୍ଗି ଦେଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିବା ପରେ ବୁଧବାର ଦିନ ପ୍ରଥମେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ତେବେ ପ୍ରାଥମିକ ଅଭିଯୋଗରୁ ଜଣାପଡ଼ିଥିଲା ଜଗା ଜଣେ ବାଲି ସପ୍ଲାୟର୍ସ। ସେ ସ୍ଥାନୀୟ ଜଣେ ଯୁବକଙ୍କ ହାଇୱାରେ ବାଲି ସପ୍ଲାଏ କରନ୍ତି। ଏହାକୁ ନେଇ ବାରମ୍ବାର ବିବାଦ ଲାଗି ରହୁଥିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା।

## ବଡ଼କୁ ଛୁରିରେ ଆକ୍ରମଣ; ସାନଭାଇ ଗିରଫ



ଭୁବନେଶ୍ୱର, ୧୯।୬ (ସମିସ): ଛୁରରିରେ ଭାଇକୁ ଆକ୍ରମଣ କରି ରକ୍ତାକ୍ତ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଭାଇକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ପଦ୍ମଚରଣ ଗୌଡ଼। ପୁଲିସ ସୂଚନା ମୁତାବକ, ଜଗନ୍ନାଥ ଗୌଡ଼ କାମ ସାରି ଘରକୁ ଫେରିଥିଲେ। ଏହି ସମୟରେ ତାଙ୍କ ସାନଭାଇ ପଦ୍ମଚରଣ ଗୌଡ଼ ବିଳମ୍ବରେ ଘରକୁ ଫେରିବାକୁ ନେଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିବା ବେଳେ ଅଭିଯୁକ୍ତ ପଦ୍ମଚରଣ ଗୌଡ଼, ତାଙ୍କ ମା'ଙ୍କ ପ୍ରରୋଚନାରେ, ଏକ ଛୁରିରେ ଜଗନ୍ନାଥଙ୍କ ଛାତି, ପେଟ, କାନ୍ଧ ଓ ହାତକୁ ଆକ୍ରମଣ କରି ଏକାଧିକ ଆଘାତ ଦେଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଅଭିଯୋଗକାରିଣୀ ଓ ତାଙ୍କ ସମ୍ପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚି ଜଗନ୍ନାଥଙ୍କୁ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବାର ଦେଖିଥିଲେ। ଅଭିଯୋଗକାରିଣୀ ଅଭିଯୁକ୍ତଙ୍କୁ ଘଟଣା ବିଷୟରେ ପଚାରିବାରୁ ସେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗୁରୁତର ପରିଣାମ ଭୋଗିବାକୁ ଧମକ ଦେଇଥିଲେ। ପରେ ଆହତ ଜଗନ୍ନାଥଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିଲା। ତଦନ୍ତ ସମୟରେ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା ଏବଂ ଘଟଣାରେ ବ୍ୟବହୃତ ଭଙ୍ଗା ଛୁରୀକୁ ମଧ୍ୟ ଜବତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ପାରିବାରିକ କଳହକୁ କେନ୍ଦ୍ର କରି ଅଭିଯୁକ୍ତ ପଦ୍ମଚରଣ ଗୌଡ଼ ତାଙ୍କ ବଡ଼ଭାଇ ଜଗନ୍ନାଥ ଗୌଡ଼ଙ୍କୁ ଛୁରୀରେ ଆକ୍ରମଣ କରି ରକ୍ତାକ୍ତ ଆଘାତ ଦେଇଥିଲେ।

## ଡିଭାଇଡର୍‌ରେ ପିଟିହୋଇ ୨ ମୃତ

ଧଉଳି, ୧୯।୬(ସମିସ): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ କୌଶଲ୍ୟାଗଙ୍ଗ ଫାଣ୍ଡି ଜଇସପାଟଣା ନିକଟରେ ଡିଭାଇଡ଼ରରେ ଧକ୍କା ହୋଇ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଉଭୟ କଟକ ବକ୍ସିବଜାର ବୋଲି କୁହାଯାଉଛି। ସେମାନେ ଏକ ମୋଟର ସାଇକଲ ଗ୍ୟାରେଜରେ କାମ କରୁଥିଲେ। ଖବରନେବାରେ ଜଣାପଡ଼ିଛି ଗୁରୁବାର ରାତିରେ ୨/୩ ଟି ମୋଟର ସାଇକଲ ଯୋଗେଁ ୫ ରୁ ୬ ଜଣ କଟକରୁ ଜଗନ୍ନାଥ ଦର୍ଶନ ନିମନ୍ତେ ପୁରୀ ଯାଉଥିଲେ। ରାତି ପ୍ରାୟ ୨ ଟା ଭିତରେ ଜଇସପାଟଣା ନିକଟରେ ଭାରସାମ୍ୟ ହରାଇ ଗୋଟେ ସ୍କୁଟି ରାସ୍ତା ପାର୍ଶ୍ୱରେ ଥିବା ବ୍ୟାରିକେଡରେ ଧକ୍କା ହୋଇଥିଲେ। ଫଳରେ ସେଥିରେ ବସିଥିବା ୨ ଜଣ ରାସ୍ତାରେ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ୨ ଜଣଙ୍କୁ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ କୌଶଲ୍ୟାଗଙ୍ଗ ଫାଣ୍ଡି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ୍ ଦୁର୍ଘଟଣା ଗ୍ରସ୍ତ ସ୍କୁଟିକୁ ଜବତ କରିଛି।

## ଆକ୍ରମଣ ଅଭିଯୋଗରେ ୫ ଗିରଫ



ଭୁବନେଶ୍ୱର, ୧୯।୬ (ସମିସ): ଆକ୍ରମଣ ଅଭିଯୋଗରେ ସହିଦ ନଗର ଥାନା ପୁଲିସ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଳରାମ ସାହୁ, କୀର୍ତ୍ତି ରଞ୍ଜନ ନାୟକ ଉର୍ଫ ବବୁଲ, ରାଜେଶ କୁମାର ମଣ୍ଡୋଇ, କାହ୍ନା ନାୟକ ଏବଂ ସରୋଜ କୁମାର ସାହୁ। ସୂଚନାଯୋଗ୍ୟ ଯେ, ଗତ୧୮ ତାରିଖ ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ ଅଭିଯୋଗକାରୀ ଆଦିତ୍ୟ ଗୋଏଙ୍କା ତାଙ୍କର ସହକର୍ମୀମାନଙ୍କ ସହ ବିଏମ୍‌ସି ମଲ୍ଟି ଲେଭେଲ୍ କାର୍ ପାର୍କିଂର ପାର୍କିଂ ଗେଟ୍ ସମ୍ମୁଖରେ ଠିଆ ହୋଇଥିବା ବେଳେ ଏକ ଟୋ ଭେହିକଲ୍‌ର ଲଗାତାର ହର୍ଣ୍ଣ ବଜାଇବାକୁ ନେଇ ଅଭିଯୁକ୍ତମାନଙ୍କ ସହ ବଚସା ହୋଇଥିଲା। ପ୍ରଥମେ ଅନ୍ୟ କର୍ମଚାରୀମାନେ ହସ୍ତକ୍ଷେପ କରି ଘଟଣାକୁ ସମାଧାନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଅଭିଯୁକ୍ତ କାହ୍ନା ନାୟକ, ରାଜେଶ କୁମାର ମଣ୍ଡୋଇ, ବଳରାମ ସାହୁ, ସରୋଜ କୁମାର ସାହୁ ଏବଂ କୀର୍ତ୍ତି ରଞ୍ଜନ ନାୟକ ଉର୍ଫ ବବୁଲ ଅଭିଯୋଗକାରୀଙ୍କୁ ଆଲୋଚନା କରିବାକୁ ଡାକି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ ସେମାନେ ମିଳିତ ଭାବେ ଏକ ଜଗ୍ ରଡ୍ ଓ ପ୍ଲାଷ୍ଟିକ୍ ପାଇପ୍‌ରେ ଆକ୍ରମଣ କରି ଅଭିଯୋଗକାରୀଙ୍କ ମୁଣ୍ଡ ଓ ନାକରେ ଆଘାତ କରିଥିଲେ, ଫଳରେ ତାଙ୍କ ନାକରୁ ରକ୍ତସ୍ରାବ ହୋଇଥିଲା। ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ, ଅଭିଯୋଗକାରୀ ମଲ୍ଟି ଲେଭେଲ୍ କାର୍ ପାର୍କିଂ ପରିସରରେ ଅବସ୍ଥିତ ଏମ୍/ଏସ୍ ଷ୍ଟାରଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ରେ ସେଲ୍ସ ରିପ୍ରେଜେଣ୍ଟେଟିଭ୍ ଭାବେ କାର୍ଯ୍ୟରତ ଥିବା ବେଳେ ଅଭିଯୁକ୍ତମାନେ ସେହି ପରିସରରେ ଚାଲୁଥିବା ଆରତୀ ଏଣ୍ଟରପ୍ରାଇଜେସ୍‌ରେ କାମ କରୁଥିଲେ। ପୂର୍ବ ବଚସାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଏକତ୍ରିତ ହୋଇ ଅଭିଯୋଗକାରୀଙ୍କୁ ଆକ୍ରମଣ କରିଥିବା ଏବଂ ଏଥିରେ ସେ ଆହତ ହୋଇଥିବା ସ୍ପଷ୍ଟ ହୋଇଥିଲା।

## ଏମ୍ସରେ ମଧ୍ୟସ୍ଥ ଆଳରେ ଗୁଣ୍ଡାଗର୍ଦ୍ଦି; ଜଣେ ଗିରଫ



ଭୁବନେଶ୍ୱର, ୧୯।୬ (ସମିସ): ଏମ୍ସରେ ମଧ୍ୟସ୍ଥ ଆଳରେ ଗଣ୍ଡାଗର୍ଦ୍ଦି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ଜଣେ ବଙ୍ଗୀୟ ଯୁବକଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ସୋଭେନ୍ ପାନି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଏବଂ ଅନ୍ୟ ସୁରକ୍ଷାକର୍ମୀମାନେ ଏମ୍ସ ଭୁବନେଶ୍ୱରର ଓପିଡି ପ୍ରବେଶ ଦ୍ୱାର ଏବଂ ଟିକେଟ୍ କାଉଣ୍ଟର ନିକଟରେ ଡ୍ୟୁଟି କରୁଥିବା ବେଳେ ଜଣେ ବ୍ୟକ୍ତି ଟିକେଟ୍ କାଉଣ୍ଟର ନଂ-୫ ସମ୍ମୁଖରେ ଧାଡ଼ିରେ ଠିଆ ହୋଇଥିବା ଲୋକମାନଙ୍କୁ ଠେଲାପେଲା କରି ଜବରଦସ୍ତି ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ଦେଖିଥିଲେ। ସାଧାରଣ ଲୋକମାନେ ଏହାକୁ ବିରୋଧ କରିବାରୁ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗୁରୁତର ପରିଣାମ ଭୋଗିବାକୁ ଧମକ ଦେଇଥିଲେ। ପରେ ସୁରକ୍ଷାକର୍ମୀମାନେ ତାଙ୍କୁ କାବୁ କରିଥିଲେ ଏବଂ ସେ ନିଜର ପରିଚୟ ପଶ୍ଚିମ ମେଦିନୀପୁର, ପଶ୍ଚିମବଙ୍ଗର ସୋଭନ ପାଇନ ବୋଲି ଦେଇଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ଏମ୍ସ ଭୁବନେଶ୍ୱରକୁ ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନଙ୍କୁ ଟାର୍ଗେଟ୍ କରି ସେମାନଙ୍କୁ ଶୀଘ୍ର ଟିକେଟ୍ କରାଇଦେବା, ନାମୀଦାମୀ ଡାକ୍ତରଙ୍କ ସହ ଦେଖା କରାଇଦେବା ଏବଂ କମ୍ ଖର୍ଚ୍ଚରେ ମେଡିକାଲ ଟେଷ୍ଟ କରାଇଦେବା ଭଳି ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ଏଭଳି ମିଥ୍ୟା ପ୍ରଲୋଭନ ଦେଇ ସେ ବ୍ୟକ୍ତିଗତ ଆର୍ଥିକ ଲାଭ ପାଇଁ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନଙ୍କୁ ଠକେଇ କରୁଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ଅଭିଯୁକ୍ତଙ୍କ ବ୍ୟକ୍ତିଗତ ତଲାସୀ ସମୟରେ ତାଙ୍କ ହେପାଜତରୁ ବିଭିନ୍ନ ରୋଗୀଙ୍କର ତିନୋଟି ଆଧାର କାର୍ଡର ଫଟୋକପି ଜବତ କରାଯାଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ନିୟମିତ ଭାବେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନଙ୍କୁ ଠକେଇ କରି ଟଙ୍କା ଆଦାୟ କରୁଥିବା ସ୍ୱୀକାର କରିଥିଲେ।

## ବେଆଇନ ବାଲି ଚାଲାଣ; ହାଇୱା ଜବତ

ଭୁବନେଶ୍ୱର, ୧୯।୬ (ସମିସ): ବେଆଇନ୍ ବାଲି ଚାଲାଣ ଅଭିଯୋଗରେ ଭରତପୁର ଥାନା ପୁଲିସ ଏକ ବାଲି ବୋଝେଇ ହାଇୱାକୁ ଜବତ କରି ଡ୍ରାଇଭରକୁ ଗିରଫ କରିଛି। ଭରତପୁର ଥାନା ପୁଲିସ ଜୟଦେବ ବାଟିକା ଛକ ନିକଟରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଚନ୍ଦକା ପଟରୁ ଜୟଦେବ ବାଟିକା ଛକ ଅଭିମୁଖେ ଯାଉଥିବା ବାଲି ବୋଝେଇ ଏକ ଟାଟା ହାଇୱାକୁ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ିରେ ପରିବହନ ହେଉଥିବା ବାଲି ସମ୍ପର୍କିତ ବୈଧ କାଗଜପତ୍ର ଓ ଟ୍ରାନ୍‌ଜିଟ୍ ଚାଲାଣ ଦେଖାଇବାକୁ କୁହାଯିବାରୁ ଡ୍ରାଇଭର କୌଣସି ବୈଧ ଦଲିଲ ଦେଖାଇ ପାରିନଥିଲେ। ପଚରାଉଚରା ବେଳେ ସେ ନିଜ ପରିଚୟ କୃଷ୍ଣଚନ୍ଦ୍ର ଜେନା ବୋଲି ଦେଇଥିଲେ ଏବଂ ଗାଡ଼ି ମାଲିକ ସୋମନାଥ ସାହୁଙ୍କ ନିର୍ଦ୍ଦେଶରେ ଜରିପଡ଼ାରୁ ପାତ୍ରପଡ଼ାକୁ ବାଲି ପରିବହନ କରୁଥିବା ସ୍ୱୀକାର କରିଥିଲେ। ତଦନ୍ତ ସମୟରେ ଜବତ ହୋଇଥିବା ବାଲି ବୋଝେଇ ଟାଟା ହାଇୱାକୁ ପୁଲିସ ହେପାଜତକୁ ନିଆଯାଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତ କୌଣସି ବୈଧ ଅନୁମତିପତ୍ର ବିନା ବାଲି ପରିବହନ କରୁଥିବା ସ୍ୱୀକାର କରିବା ସହ ଏହି ବେଆଇନ ଖଣିଜ ପରିବହନରେ ନିଜର ସମ୍ପୃକ୍ତି ମଧ୍ୟ ସ୍ୱୀକାର କରିଥିଲେ।

## ସୁନା ଦୋକାନରୁ ଚୋରି; ଅନ୍ୟ ଗହଣା ଦୋକାନୀଙ୍କ ସମେତ ୪ ଗିରଫ




ଭୁବନେଶ୍ୱର, ୧୯।୬ (ସମିସ): ସୁନା ଦୋକାନରୁ ଅଳଙ୍କାର ଚୋରି ଅଭିଯୋଗରେ ସହିଦନଗର ଥାନା ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ଆଲୋକ କୁମାର ସାହୁ, ଆକାଶ ନାୟକ ଏବଂ ରାକେଶ ସ୍ୱାଇଁ ଓରଫ ବୁଢ଼ିଆ ଏବଂ କାଶୀନାଥ ସାହୁ। ଅଭିଯୁକ୍ତମାନଙ୍କ ଠାରୁ ସୁନା ଏବଂ ରୂପା ଅଳଙ୍କାର ଜବତ ହୋଇଛି।

ଆଲୋକ, ଆକାଶ ଏବଂ ରାକେଶ ପରସ୍ପର ଷଡଯନ୍ତ୍ର କରି ସହିଦନଗରସ୍ଥିତ 'ରଶ୍ମି ଜୁଏଲର୍ସ' ଦୋକାନରେ ଚୋରି କରିଥିଲେ। ଯୋଜନା ଅନୁଯାୟୀ ରାକେଶ ସ୍ୱାଇଁ ଓରଫ ବୁଢ଼ିଆ ଆଇଡିବିଆଇ ଛକ ନିକଟରେ ନଜର ରଖିଥିବା ବେଳେ ଆଲୋକ କୁମାର ସାହୁ ଏବଂ ଆକାଶ ନାୟକ ଦୋକାନ ନିକଟକୁ ଯାଇ ଘରଭଙ୍ଗା ସରଞ୍ଜାମ ସାହାଯ୍ୟରେ ତାଲା ଭାଙ୍ଗି ଦୋକାନ ଭିତରକୁ ପ୍ରବେଶ କରିଥିଲେ। ସେଠାରୁ ସୁନା ଅଳଙ୍କାର, ରୂପା ଅଳଙ୍କାର ଓ ନଗଦ ଟଙ୍କା ଚୋରି କରି ସେମାନେ ଫେରାର ହୋଇଯାଇଥିଲେ। ତଦନ୍ତ ସମୟରେ ବୈଷୟିକ ବିଶ୍ଳେଷଣ, ସିସିଟିଭି ଫୁଟେଜ ଏବଂ ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ସୂଚନା ଆଧାରରେ ଅଭିଯୁକ୍ତମାନଙ୍କ ପରିଚୟ ଚିହ୍ନଟ କରାଯାଇଥିଲା। ପରବର୍ତ୍ତୀ ସମୟରେ ଚଢ଼ାଉ କରାଯାଇ ଅଭିଯୁକ୍ତ ଆଲୋକ କୁମାର ସାହୁ ଓ ଆକାଶ ନାୟକଙ୍କୁ କାବୁ କରାଯାଇଥିଲା। ପଚରାଉଚରା ବେଳେ ସେମାନେ ଘଟଣାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ। ସେମାନଙ୍କ ସୂଚନା ଆଧାରରେ ସତ୍ୟନଗର ଅଞ୍ଚଳରୁ ସହଅଭିଯୁକ୍ତ ରାକେଶଙ୍କୁ ମଧ୍ୟ କାବୁ କରାଯାଇଥିଲା। ଅଧିକ ତଦନ୍ତରୁ ଜଣାପଡ଼ିଥିଲା ଯେ, ଚୋରି ହୋଇଥିବା ସୁନା ଓ ରୂପା ଅଳଙ୍କାରଗୁଡ଼ିକୁ ଅଭିଯୁକ୍ତମାନେ ୟୁନିଟ-୪ ଖାରବେଳ ନଗର ମାର୍କେଟସ୍ଥିତ 'ସ୍ୱସ୍ତି ଜୁଏଲର୍ସ'ର ମାଲିକ କାଶୀନାଥ ସାହୁଙ୍କୁ ବିକ୍ରି କରିଥିଲେ। ଅଭିଯୁକ୍ତମାନଙ୍କ ସୂଚନା ଆଧାରରେ ପୁଲିସ ଉକ୍ତ ଦୋକାନରେ ଚଢ଼ାଉ କରିଥିଲା, ଯେଉଁଠାରୁ କାଶୀନାଥ ସାହୁ ଚୋରି ସମ୍ପତ୍ତି ପୁଲିସ ନିକଟରେ ହସ୍ତାନ୍ତର କରିଥିଲେ। ଚୋରି ହୋଇଥିବା ସୁନା ଓ ରୂପା ଅଳଙ୍କାରଗୁଡ଼ିକୁ ଉଦ୍ଧାର କରାଯାଇ ଜବତ କରାଯାଇଥିଲା। ତଦନ୍ତ ସମୟରେ ଏକ ମୋଟରସାଇକେଲ ମଧ୍ୟ ଜବତ କରାଯାଇଥିଲା।"ତଦନ୍ତରୁ ଆହୁରି ଜଣାପଡ଼ିଥିଲା ଯେ, ଅଭିଯୁକ୍ତ କାଶୀନାଥ ସାହୁ ଚୋରି ସମ୍ପତ୍ତି ବୋଲି ଜାଣିସୁଣି ସେଗୁଡ଼ିକୁ ଗ୍ରହଣ ଓ ନିଜ ହେପାଜତରେ ରଖିଥିଲେ। ପୂର୍ବରୁ ମଧ୍ୟ ସେ ଅଭିଯୁକ୍ତମାନଙ୍କଠାରୁ ଚୋରି ସୁନା ଓ ରୂପା ଅଳଙ୍କାର କ୍ରୟ କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଚୋରି ସମ୍ପତ୍ତି ବିକ୍ରିରୁ ମିଳିଥିବା ଅର୍ଥକୁ ଅଭିଯୁକ୍ତମାନେ ପରସ୍ପର ମଧ୍ୟରେ ବାଣ୍ଟି ନେଇଥିଲେ।

# ଟେଣ୍ଡର ପରେ ବି ହୋଇପାରୁନି 'ହଜ' ପୁନରୁଦ୍ଧାର

ଭୁବନେଶ୍ୱର, ୧୯।୬(ସମିସ)

ପୋଖରୀର ଚାରିପଟେ ରହିଛି ବିସ୍ତୀର୍ଣ୍ଣ ଖୋଲା ସ୍ଥାନ। ସଞ୍ଜ ନଇଁଲେ ସୁଲୁସୁଲିଆ ପବନ ସାଙ୍ଗକୁ ପ୍ରାକୃତିକ ପରିବେଶକୁ ଉପଭୋଗ କରିବାକୁ ସ୍ଥାନୀୟ ଆଖପାଖ ଅଞ୍ଚଳର ଲୋକମାନଙ୍କ ପ୍ରବଳ ଭିଡ଼ ଜମେ। ଗାଧୋଇବା ଠାରୁ ଆରମ୍ଭ କରି ଏକାଦଶାହ କାର୍ଯ୍ୟ

**■ ୧୨ ବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପୁରାତନ ପୁଷ୍କରିଣୀ**

**■ ସନ୍ଧ୍ୟା ହେଲେ ଜମୁଛି ନିଶାଡ଼ିଙ୍କ ଆଡ୍ଡା**

ହେଉ ପର୍ବପର୍ବାଣୀରେ ଏହି ପୁରାତନ ପୋଖରୀ ଥିଲା ସ୍ଥାନୀୟ ଲୋକଙ୍କ ଜୀବନଧାରା। ହେଲେ ରକ୍ଷଣାବେକ୍ଷଣ କରାନଯିବାରୁ ଦିନକୁ ଦିନ ନଷ୍ଟ ହୋଇ ମାଟିରେ ମିଶିବାକୁ ବସିଲାଣି ସୁନ୍ଦରପଦାର ପୁରାତନ 'ହଜ'। ୧୨ବର୍ଷ ପୂର୍ବେ ଏହାର ପୁନ୍ନରୁଦ୍ଧାର ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ବି ଏପର୍ଯ୍ୟନ୍ତ ଶେଷ ହୋଇପାରିନି। ଫଳରେ ଏହା ଲୋକଙ୍କ ଆକର୍ଷଣ ପାଲଟିବା ବଦଳରେ ଏହି ପୁରାତନ 'ହଜ' ଏବେ ନିଶାଡ଼ିଙ୍କ ଆଡ୍ଡାସ୍ଥଳ ପାଲଟିଛି। କାରଣ ଅଧାରେ ଅଟକି ଥିବା ଏହି ହଜର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଟେଣ୍ଡର ହୋଇ ମଧ୍ୟ କାର୍ଯ୍ୟ ଆଗେଇ ପାରୁନାହିଁ।

ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର ୬୭ ର ସୁନ୍ଦରପଦା ଠାରେ ରହିଛି ଏହି ପୁରାତନ 'ହଜ'ପୋଖରୀ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ସ୍ଥାନରେ ପ୍ରଚୁର ପଥର ରହିଥିବାରୁ ପ୍ରାୟ ଦେଢ଼ଶହ ବର୍ଷ ପୂର୍ବରୁ ମନ୍ଦିର ନିର୍ମାଣ ପାଇଁ ଖୋଳାଯାଇ ସ୍ଥାନୀୟ କପିଳାସ ମନ୍ଦିର ନିର୍ମାଣରେ ପଥର ବ୍ୟବହାର ହୋଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ସ୍ଥାନରୁ ପାଣି ଝର ବାହାରିବାରୁ ସେଠାରେ ଏହି ହଜ



ନିର୍ମାଣ କରାଯାଇଥିଲା। ୧୮ ଏକର ପରିମିତ ସ୍ଥାନରେ ରହିଥିବା ଏହି 'ହଜ' କୌଣସି ପିକନିକ୍ ସ୍ଥାନ ଠାରୁ କମ୍ ନୁହେଁ। ଚାରିପାଖରେ ରହିଥିବା ସ୍ଥାନକୁ ପାଥୱେ ଭାବେ ବ୍ୟବହାର କରାଯାଉଥିବା ବେଳେ ସକାଳ ସନ୍ଧ୍ୟାରେ ଲୋକମାନେ ଏଠାରେ ୱାକ୍ କରିବାକୁ ଆସିଥାନ୍ତି। କିନ୍ତୁ କିଛିବ ବର୍ଷ ହେବ ଏହା ଅପରାଧୀ ଓ ନିଶାଡିଙ୍କ ଆଡ୍ଡାସ୍ଥଳ ସାଜିଥିଲା। ଗ୍ରାମବାସୀ ବହୁବାର ଅଭିଯୋଗ କରିବା ପରେ ୨୦୧୪ ମସିହାରେ 'ହଜ'ର ପୁନ୍ନରୁଦ୍ଧାର ପାଇଁ ୫କୋଟି ୪୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେଥିରେ ପଙ୍କ ଉଦ୍ଧାର, ପାଚେରୀ ନିର୍ମାଣ, ମୁଖ୍ୟ ଗେଟ୍ ନିର୍ମାଣ, ଚାରିପାଖ ଷ୍ଟିଲ ବାଡ଼, ସିମେଣ୍ଟ ଚେୟାର ନିର୍ମାଣ, ବୃକ୍ଷ ରୋପଣ, ସୌନ୍ଦର୍ଯ୍ୟୀକରଣ, ପ୍ରବେଶ ପଥ, ଚଲାପଥ ବା ପାଥୱେ, ହଜ ଭିତର ଚଟାଣ କଂକ୍ରିଟ୍ ୱାଲ, ୨ଟି ଶୌଚାଳୟ ଆଦି ନିର୍ମାଣ କରାଯିବାକୁ ବ୍ଲୁ ପ୍ରିଣ୍ଟ ମଧ୍ୟ ପ୍ରସ୍ତୁତ ହୋଇଥିଲା। ହେଲେ କେବଳ ହଜ ଭିତରେ କଂକ୍ରିଟ୍ ୱାଲ, କିଛି ସ୍ଥାନରୁ ପଙ୍କ ଉଦ୍ଧାର ଓ ଚାରିପାଖ ଷ୍ଟିଲ ବାଡ଼ ଦିଆଯାଇ କାମ ଶେଷ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଇତି ମଧ୍ୟରେ ୧୨ ବର୍ଷ ବିତିଯାଇଛି, କିନ୍ତୁ ଏବେବି ଏଠାରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ଦେଖିବାକୁ ମିଳୁନାହିଁ। ଏଠାକୁ କେବଳ ସ୍ଥାନୀୟ ଲୋକେ ନୁହଁନ୍ତି ବରଂ ବିଭିନ୍ନ ସ୍ଥାନରୁ ଯୁବଗୋଷ୍ଠୀମାନେ ଆସି ଭୋଜିଭାତ କରିବା ସହ ନିଶା ସେବନ କରୁଥିବା ଦେଖିବାକୁ ମିଳିଛି। ଯଦି ଏହି ସ୍ଥାନର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ଏବଂ ହଜରେ ବୋଟିଂ ବ୍ୟବସ୍ଥା କରାଯିବ ତାହା ରାଜଧାନୀର ଅନ୍ୟ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ପରିଗଣିତ ହେବା ସହ ରାଜକୋଷକୁ ଅର୍ଥ ମଧ୍ୟ ମିଳିପାରିବ ବୋଲି ଅଞ୍ଚଳବାସୀ କହିଛନ୍ତି। କିନ୍ତୁ ସୁରକ୍ଷାକର୍ମୀ ନଥିବା ସହ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଥିବାରୁ ସକାଳ ସନ୍ଧ୍ୟାରେ ଭ୍ରମଣ କରିବାକୁ ଲୋକ ସୁରକ୍ଷିତ ମନେ କରୁନାହାଁନ୍ତି। ସବୁଠୁ ବଡ଼କଥା ହେଉଛି ଏଠାକୁ ବିଭିନ୍ନ ସ୍ଥାନରୁ ଶହଶହ ସଂଖ୍ୟାରେ ପକ୍ଷୀମାନେ ମଧ୍ୟ ଆସିଥାନ୍ତି ପୂର୍ବଭଳି ଯଦିଓ ପକ୍ଷୀମାନେ ଆସୁନାହାନ୍ତି ତଥାପି ଅନେକ ପକ୍ଷୀ ଏବେବି ହଜରେ ଦେଖିବାକୁ ମିଳେ। ଏନେଇ ୱାର୍ଡର କର୍ପୋରେଟର ମଧୁସ୍ମିତା ପ୍ରଧାନ କହିଛନ୍ତି ଯେ, ଏହି ହଜ ଶହଶହ ବର୍ଷ ତଳର ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ଏକ ସ୍ମୃତି ଅଟେ। ଏତବଡ଼ ହଜ ଆଖପାଖ ଅଞ୍ଚଳରେ ବି ନାହିଁ। ତେଣୁ ଏହାର ପୁନରୁଦ୍ଧାରରେ ପୂର୍ବରୁ ଯେଉଁସବୁ କାର୍ଯ୍ୟ ପାଇଁ ଯୋଜନା ରହିଥିଲା ସମସ୍ତ କାର୍ଯ୍ୟ ହେବ। ଏଥିପାଇଁ ୨୦୨୪ରେ ଟେଣ୍ଡର ହୋଇଥିବା ବେଳେ ୱାର୍କ ଅର୍ଡର ୨୦୨୫ରେ ବାହାରିଥିଲା। ତେବେ ପୂର୍ବ ଠିକାଦାର ବକେୟା ଅର୍ଥ ପାଇନଥିବା ଅଭିଯୋଗ କରି କାମ ଅଟକାଉଥିବା ଅଭିଯୋଗ ହେଉଛି। ଏହାର ସମାଧାନ କରାଯାଇ କାମ ଆରମ୍ଭ ହେବ। ବର୍ତ୍ତମାନ ନୂଆ ଟେଣ୍ଡର ୧କୋଟି ୨୫ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିବା ବେଳେ ବକେୟା କାମ କରାଯିବ। ଏହାସହ ରେନ୍ ସେଡ୍, ପାଚେରୀ, ଯୋଗ ପିଣ୍ଡି ଆଦି କରାଯିବ।





## ଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ଯାତ୍ରା
# ନଗର ପରିକ୍ରମା କଲେ ଦେବ ଦମ୍ପତି

ଭୁବନେଶ୍ୱର, ୧୯।୬(ସମିସ): ଦେବ ଦମ୍ପତିଙ୍କ ବାହାଘର ପାଇଁ ପୁରା ଏକାମ୍ର କ୍ଷେତ୍ର ଶିବମୟ ହୋଇ ପଡ଼ିଛି। ଆଖି ଝଲସିଲା ପରି ଆଲୋକ ମାଳା ସାଙ୍ଗକୁ ସାଜସଜା କରାଯାଇଛି। ରୀତିନୀତି ବେଦ ମନ୍ତ୍ରରେ ସମ୍ପର୍ଣ୍ଣ ହୋଇଛି ଦେବ ଦମ୍ପତି ମହାପ୍ରଭୁ ଲିଙ୍ଗରାଜ ଓ ମା ପାର୍ବତୀଙ୍କ ବାହାଘର। ବାହାଘରର ସମସ୍ତ କାର୍ଯ୍ୟ ସରିବା ପରେ ନବ ବିବାହିତ ଦେବ ଦମ୍ପତି କେଦାରଗୌରୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଶୁକ୍ରବାର ଲିଙ୍ଗରାଜ ମହାପ୍ରଭୁଙ୍କ ବଡ଼ ଦେଉଳ ସହିତ ସମନୁରାଳ ଭାବରେ କେଦାରଗୌରୀ ମନ୍ଦିରରେ ଲିଙ୍ଗରାଜ ଏବଂ ଦେବୀ ପାର୍ବତୀଙ୍କ ସକାଳଧୂପ, ଦ୍ୱିପ୍ରହର ଧୂପ ଏବଂ ସନ୍ଧ୍ୟାଧୂପ ଅନୁଷ୍ଠିତ ହୋଇଥିଲା। ଏଥିସହିତ କେଦାରେଶ୍ୱରଙ୍କ ସହିତ ଭେଟ ଆଳତୀ ସମ୍ପନ୍ନ ହେବା ପରେ ଲିଙ୍ଗରାଜ ମହାପ୍ରଭୁ, ଦେବୀ ପାର୍ବତୀ ବିମାନ ଏବଂ ବାସୁଦେବ ପାଲିଙ୍କିକୁ ବିଜେ କରିଥିଲେ। ସେଠାରୁ ଠାକୁରମାନେ ଦୋଷୀବର ତୁଠ

■ **ବାଦ୍ୟ ନୃତ୍ୟରେ କମ୍ପିଲା ଏକାମ୍ର କ୍ଷେତ୍ର**

ଦେଇ ବଡଦାଣ୍ଡକୁ ବିଜେ କରିଥିଲେ। ମାଆ ପାର୍ବତୀଙ୍କ ପାଇଁ ଯୌତୁକ ରୂପେ କାଠ ଏବଂ ନଡା ତିଆରି ଇନ୍ଦିରା ହାତୀ ଗୋସାଗାରେଶ୍ୱର ଛକରୁ ପଥୁରିଆ ବଡୁ ସାହି ପର୍ଯ୍ୟନ୍ତ ଆସିଥିଲା। ଏହା ଉପରେ ରାଜବଂଶୀ ମହାପାତ୍ର ରାଜକର୍ମଚାରୀ ରୂପେ ଖଣ୍ଡା ଧରି ବସିଥିଲେ। ତିନି ନିଯୋଗରେ ଠାକୁରଙ୍କ ନିମନ୍ତେ ପନ୍ତି ବଢ଼ାଯାଇଥିଲା। ଏଥିସହିତ ଦେବ ଦମ୍ପତିଙ୍କ ଲେଉଟାଣି ଏହି ପର୍ବରେ ଉତ୍ତର ପ୍ରଦେଶର ଅଘୋରୀ ନୃତ୍ୟ, ଗୋଟିପୁଅ, ଘଣ୍ଟ, ବାରିପଦାର ଛଉ ନୃତ୍ୟ, ସମ୍ବଲପୁରୀ, ଦୁଲୁଦୁଲି, ଗଞ୍ଜାମର ଯୋଡ଼ି ଶଙ୍ଖ, ଢ଼ୋଲ ମହୁରୀ, ବନ୍ୟଜନ୍ତୁ ବେଶ, କଣ୍ଢେଇ, ଘୋଡ଼ା ନାଚ, ସମ୍ବଲପୁରୀ ଢ଼ୋଲ ମାଦଳ, ମହିଳା କଳସ ନୃତ୍ୟ, ଦେବଦେବୀ ବେଶ, ବନାଟି ଖେଳ ଭଳି ବିଭିନ୍ନ ପ୍ରକାରର ନୃତ୍ୟ ଆଦି ପ୍ରଦର୍ଶିତ ହୋଇ ଏକାମ୍ର କ୍ଷେତ୍ରର ଶୋଭା ବଢ଼ାଉଥିଲା ଏଥିସହିତ ଆକାଶ ମାର୍ଗରୁ ଡ୍ରୋନ ସାହାର୍ଯ୍ୟରେ ଦେବ ଦମ୍ପତିଙ୍କ ଉପରେ ପୁଷ୍ପ ବର୍ଷା କରାଯାଇଥିଲା। ତତ୍‌ସହିତ ବିଭିନ୍ନ ପ୍ରକାରର ବାଣ ଏବଂ ପଟୁଆର ସହିତ ଠାକୁରମାନେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ଆସି ସ୍ୱର୍ଣ୍ଣାଦ୍ରିରେ ବିଜେ କରିଥିଲେ। ଆଡ ଆଡ କାଠ ନିକଟରେ ମୁଆଁ ଭୋଗ ହୋଇ ପୀଠାଧିଶ ଲିଙ୍ଗରାଜ ମହାପ୍ରଭୁଙ୍କ ସହିତ ଭେଟ ଆଳତି ହେବାପରେ ଉତ୍ସବ ପ୍ରତିମାମାନେ ଦକ୍ଷିଣୀ ଘରକୁ ବାହୁଡ଼ିଥିଲେ। ଏହା ପରେ ଅନ୍ୟାନ୍ୟ ନୀତି ହୋଇ ବଡ଼ ଦେଉଳ ରେ ପହୁଡ ହୋଇଥିଲା।



## ବାବା ସ୍ୱପ୍ନେଶ୍ୱର ଦେବଙ୍କ ବିବାହ ସମ୍ପନ୍ନ

ଧଉଳି, ୧୯।୬(ସମିସ): ପବିତ୍ର ଶୀତଳ ଷଷ୍ଠୀ ଅବସରରେ ବାଳକାଟି ଅଞ୍ଚଳର ଆରାଧ୍ୟ ବାବା ସ୍ୱପ୍ନେଶ୍ୱର ଦେବଙ୍କ ବିବାହ ସମ୍ପନ୍ନ ହୋଇଯାଇଛି। ସ୍ୱପ୍ନେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଓ ମାତା ପାର୍ବତୀଙ୍କ ଯଥା ରୀତିନୀତି ଅନୁସାରେ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଛି। ଏହି ସମୟରେ ଦେବଦମ୍ପତିଙ୍କୁ ନୂତନ ପାଟ ବସ୍ତ୍ର ପରିଧାନ କରାଯାଇଥିଲା। ଏଥିରେ ପାର୍ବତୀଙ୍କ ପିତା ଭାବେ ପ୍ରଶାନ୍ତ ପାଢ଼ୀ ଓ ଚନ୍ଦ୍ରଶେଖରଙ୍କ ପିତା ଭାବେ ହରେକୃଷ୍ଣ ଦାଶ କାର୍ଯ୍ୟ ତୁଲାଇଥିବା ବେଳେ ପର୍ଶୁରାମ ଶତପଥୀ ପୂଜକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ମନ୍ଦିର ପରିସରରେ ବାଜା, ବାଣ, ଝାଞ୍ଜି ଖୋଳ କୀର୍ତ୍ତନ, ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା। ଦେବଦମ୍ପତିଙ୍କ ଏହି ବିବାହ କାର୍ଯ୍ୟ ଦେଖିବାପାଇଁ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଲାଗିଥିଲା। ଏହି କାର୍ଯ୍ୟକୁ ସ୍ୱପ୍‌ନେଶ୍ୱର ମନ୍ଦିର ଟ୍ରଷ୍ଟ ସମସ୍ତ କର୍ମକର୍ତ୍ତା ସୁଚାରୁରୂପେ ପାଳନ କରିଥିଲେ। ଶେଷରେ ବିବାହ ପରବର୍ତ୍ତୀ କାର୍ଯ୍ୟ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସେହିପରି ଅଠରଘରିଆ ସାହିର ଆଖଣ୍ଡଳମଣି ଦେବ, ନୂଆପାଟଣା ବାବା ସିଦ୍ଧେଶ୍ୱର ଦେବ ଏବଂ ସରକଣା ସ୍ଥିତ ମା' ଭଗବତୀ ମନ୍ଦିର ପ୍ରାଙ୍ଗଣରେ ଥିବା ବାବା ଚନ୍ଦ୍ରଶେଖର ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ କରାଯାଇଛି। ଏହି ଅବସରରେ ଦେବଦମ୍ପତିଙ୍କୁ ସୁସଜ୍ଜିତ ବିମାନ/ ପାଲିଙ୍କି ରେ ବିରାଜମାନ କରି ଏକ ବିରାଟ ପଟୁଆର ରେ ନଗର କୀର୍ତ୍ତନକରି, ବାଣ ଫୁଟାଇ, ଯହ ବଜାଇ ନଗର ପରିକ୍ରମା କରି ଘର ଘର ବୁଲି ଭୋଗ ଖାଇଥିଲେ ଦେବଦମ୍ପତି।



# ଚା' ଅର୍ଡରରେ ଦେଶରେ ସବୁଠାରୁ ଆଗରେ ଭୁବନେଶ୍ୱର

ଭୁବନେଶ୍ୱର, ୧୯।୬(ସମିସ): ସାରା ବିଶ୍ୱର ସବୁଠାରୁ ଲୋକପ୍ରିୟ ପାନୀୟ ହୋଉଛି ଚା'। ଅଧିକାଂଶ ଲୋକଙ୍କର ସକାଳର କପେ ଚା'ରୁ ହିଁ ଦିନ ଆରମ୍ଭ ହୁଏ। ସମୟ ସହ ଚା'ର ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି। ସେହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଚା ଅର୍ଡରରେ ବର୍ଷକୁ ବର୍ଷ ୬୪ ପ୍ରତିଶତ ବୃଦ୍ଧି ସହିତ ଏହି ସହର ଇନ୍‌ଷ୍ଟାମାର୍ଟରେ ଭାରତର ସବୁଠାରୁ ଦ୍ରୁତଗତିରେ ବଢୁଥିବା ଚା ବଜାର ଭାବେ ଉଭା ହୋଇଛି।

ସାଧା ବ୍ଲାକ୍ ଟି, ଚା ଏବଂ ଆସାମ ଟି ପରି ପାରମ୍ପରିକ ପସନ୍ଦଗୁଡ଼ିକ ଏପର୍ଯ୍ୟନ୍ତ ଅଗ୍ରଣୀ ରହିଥିବା ବେଳେ, ପିଚ୍ ଟି, କମ୍ବୁଚା, ଗ୍ରିନ୍ ଟି ଏବଂ ସ୍ୱାସ୍ଥ୍ୟକେନ୍ଦ୍ରିକ ଚା ପାନୀୟ ପ୍ରତି ବଢୁଥିବା ଚାହିଦା ନୂତନଧାରାକୁ ସୂଚିତ କରୁଛି। ଭୁବନେଶ୍ୱରର ଚାପ୍ରେମୀମାନେ ପାରମ୍ପରିକ ଚା ପିଇବାର ଅଭ୍ୟାସକୁ ବଜାୟ ରଖିବା ସହ ଆଧୁନିକ ସ୍ୱାଦ ଏବଂ ସୁବିଧାଜନକ ନୂତନ ଫର୍ମାଟକୁ ମଧ୍ୟ ଗ୍ରହଣ କରୁଥିବା ପରିଲକ୍ଷିତ ହେଉଛି। ଜାତୀୟସ୍ତରରେ, ଅଦା ଚା ଏପର୍ଯ୍ୟନ୍ତ ଭାରତର ସର୍ବାଧିକ ପସନ୍ଦର ଚା ଭାବେ ରହିଛି। ଏହା ପରେ ବ୍ଲାକ୍ ଟି, ଇଲାଇଚି ଚା, ଗ୍ରିନ୍ ଟି ଏବଂ ମସଲା ଚାର ସ୍ଥାନ ରହିଛି। ପାରମ୍ପରିକ ଚା ମୋଟ ଏପର୍ଯ୍ୟନ୍ତ ପ୍ରମୁଖ ସ୍ଥାନରେ ଥିବା ସତ୍ତ୍ୱେ ରେଡି-ଟୁ-ଡ୍ରିଙ୍କ ଚା ପରି ନୂତନ ଫର୍ମାଟ୍ ଗୁଡ଼ିକ ଏହି ଶ୍ରେଣୀକୁ ପୁନର୍ଗଠନ କରୁଛି ଏବଂ ବର୍ଷକୁ ବର୍ଷ ୧୦୯ ପ୍ରତିଶତ ବୃଦ୍ଧି ଦେଖାଇଛି। ଚାରେ ପ୍ରୟୋଗ ଏବେ କେବଳ କାଫେ ଏବଂ ବିଶେଷ ଦୋକାନରେ ସୀମିତ ନୁହେଁ। ପିଚ୍ ଟି ଭାରତର ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ଚା ସ୍ୱାଦଭାବେ ଉଭା ହୋଇଛି, ଯାହା ବର୍ଷକୁ ବର୍ଷ ୬୨ ଗୁଣରୁ ଅଧିକ ବୃଦ୍ଧି ରେକର୍ଡ କରିଛି। ରେଡି-ଟୁ-ଡ୍ରିଙ୍କ ଚା ବର୍ଷକୁ ବର୍ଷ ୧୦୯ ପ୍ରତିଶତ ବୃଦ୍ଧି ପାଇଛି, ଯାହା ଏହାକୁ ଇନ୍‌ଷ୍ଟାମାର୍ଟରେ ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ଚା ବିଭାଗରେ ପରିଣତ କରିଛି। ବ୍ୟସ୍ତ ଜୀବନଶୈଳୀ ସହ ଖାପ ଖାଇଥିବା 'ଗ୍ରାବ୍-ଆଣ୍ଡ-ଗୋ' ବିକଳ୍ପଗୁଡ଼ିକ ପ୍ରତି ଉପଭୋକ୍ତାଙ୍କ ଆକର୍ଷଣ ବଢୁଛି।

# ମନ୍ତ୍ରମୁଗ୍ଧ ଟିମ୍ ପକ୍ଷରୁ ହସ, ପ୍ରେମ ଏକତାର ୫୦ ଦିନ ପୂର୍ତ୍ତି ଉତ୍ସବ



ଭୁବନେଶ୍ୱର, ୧୯।୬(ସମିସ): ଅମୀୟ ପଟ୍ଟନାୟକ ପ୍ରଡକ୍ସନରେ ପୂର୍ବରୁ ପ୍ରସ୍ତୁତ ପ୍ରତ୍ୟେକ ଓଡ଼ିଆ ଚଳଚ୍ଚିତ୍ର କାଳଜୟୀ ହୋଇ ରହିଥିବା ବେଳେ ଅନୁପମ ପଟ୍ଟନାୟକଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ପ୍ରତ୍ୟେକ ଓଡ଼ିଆ ଚଳଚ୍ଚିତ୍ର ସେହି ଧାରାରେ ଆଗକୁ ବଢ଼ିବାରେ ଲାଗିଛି ଯାହା ମାଇଲଖୁଣ୍ଟ ହୋଇ ରହିବ। ପ୍ରଥମ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ପ୍ରତୀକ୍ଷା' ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାତେଇ ସାରା ରାଜ୍ୟ ପାଇଁ ଖୁସି ଆଣିଦେଇଥିଲା। ସେହିପରି 'କର୍ମ' ବ୍ୟବସାୟିକ ସଫଳତା ହାସଲ କରି ଆଗକୁ ବଢ଼ିବାରେ ଉତ୍ସାହ ଯୋଗାଇଥିଲା। ମେ ୧ ତାରିଖରେ ମୁକ୍ତିଲାଭ କରିଥିବା ମନ୍ତ୍ରମୁଗ୍ଧ ଦୀର୍ଘ ୫୦ ଦିନ ହେଲା ସାରା ଓଡ଼ିଶାର ଦର୍ଶକଙ୍କ ମନମୁଗ୍ଧ କରିବାରେ ଲାଗିଛି। ଚିରାଚରିତ ଚଳଚ୍ଚିତ୍ର ନିର୍ମାଣ ଧାରାଠାରୁ ଭିନ୍ନ ଏବଂ ମଜାଦାର କାହାଣୀ ଓଡ଼ିଆ ସିନେପ୍ରେମୀଙ୍କୁ ମୁଗ୍ଧ କରିପାରିଛି। ରଜ ବଜାରରେ ମନ୍ତ୍ରମୁଗ୍ଧର କାହାଣୀ ଏବଂ ନିର୍ମାଣ ଶୈଳୀ ଏପରି ଯେ ଦର୍ଶକ ଆପେ ଟାଣି ହେଉଥିଲେ। ମୁଖ୍ୟ ଭୂମିକାରେ ଅଭିନେତା ସନୋଜ, ମନ୍ମୟ, ସାର୍ଥକ, ସୂର୍ଯ୍ୟମୟୀ, ଭୂମିକା ଏବଂ ଦୀପନ୍ୱିତ ଭଳି କଳାକାର ମନ୍ତ୍ରମୁଗ୍ଧ କରୁଛନ୍ତି। ଆଶିଷ ପ୍ରଧାନ, ଅନୁରାଗ ପଟ୍ଟନାୟକ, ଅନୁରାଗ ପଣ୍ଡା, ସଙ୍ଗୀତ ପଟ୍ଟନାୟକ ଓ ରୋମୀୟାଜ ପ୍ରଧାନଙ୍କ ଭଳି ପାଞ୍ଚ ଜଣ ସଙ୍ଗୀତ ନିର୍ଦ୍ଦେଶକଙ୍କ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଆଶିଷ ପ୍ରଧାନଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ହଜିଗଲା କାହିଁ ବଇଁଶୀ କାହ୍ନା' ଗୀତରେ ପ୍ରଯୋଜିକା ବର୍ଷା ପଟ୍ଟନାୟକ ଜଣେ ଅତିଥି କଳାକାର ଭାବେ ଖୁବ ସୁନ୍ଦର ନୃତ୍ୟ କରି ଦର୍ଶକଙ୍କୁ ଅଭିଭୂତ କରିଛନ୍ତି। ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ଏବଂ ଟିମ୍‌ଙ୍କୁ ପ୍ରଯୋଜନା ସଂସ୍ଥା ତରଫରୁ ଶ୍ରେୟ ଦିଆଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପାଳ ଚନ୍ଦ୍ର ଘଡ଼ାଇ, ଏବଂ ଟେକ୍ନୋଆର୍ଟ ପ୍ରଡକସନ ଟିମ୍‌ର ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ମନ୍ତ୍ରମୁଗ୍ଧ ଆଜି ସଫଳତା ପାଇଛି।

## ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ଯୋଗାଇ ଦେବାକୁ ଦାବି

ଭୁବନେଶ୍ୱର, ୧୯।୬(ସମିସ): ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମୟରେ ଭତ୍ତା ପାଇନଥିବା ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ଯୋଗଇ ଦେବା ପାଇଁ ଓଡ଼ିଶା ସ୍ୱାଭିମାନ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ବିଜେପି ରାଜ୍ୟ ସଭାପତିଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟରେ ଏଯାବତ୍ ପାଖାପାଖି ୨୦ ଲକ୍ଷ ହିତାଧିକାରୀ ୩/୪ମାସ ହେଲାଣି ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ରାଜ୍ୟର ସମସ୍ତ ବୃଦ୍ଧବୃଦ୍ଧା, ବିକଳାଙ୍ଗ ଓ ବିଧବା ହିତାଧିକାରୀଙ୍କୁ ଭତ୍ତା ଯୋଗାଇ ଦେବାକୁ ଜୁନ୍ ୭ ତାରିଖରେ ଓଡ଼ିଶା ସ୍ୱାଭିମାନ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଅଥବା ଗସ୍ତ ସମୟରେ ରାଜ୍ୟର ସମସ୍ତ ହିତାଧିକାରୀଙ୍କୁ କେବେ ଭତ୍ତା ମିଳିବ ତାକୁ ନେଇ ଏକ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିବାକୁ ଓଡ଼ିଶା ସ୍ୱାଭିମାନ ମଞ୍ଚର ରାଜ୍ୟ ଆବାହକ ସୁଧାଂଶୁ ପାତ୍ରଙ୍କ ସମେତ ସଂଯୋଜିକା ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ସାଧାରଣ ସମ୍ପାଦକ ସମ୍ବିତ ମହାନ୍ତି ଓ ଗଣମାଧ୍ୟମ ପରାମର୍ଶଦାତା ହୃଷିକେଶ ତ୍ରିପାଠୀ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବାଗଦେବୀ ନାଟ୍ୟ ଉତ୍ସବ
# କେବେ କେବେ ପ୍ରେମର ମାଧ୍ୟମ ପାଲଟିଯାଏ ଓଡ଼ଶ

ଭୁବନେଶ୍ୱର, ୧୯।୬(ସମିସ): ବାଗଦେବୀ ନାଟ୍ୟ ଉତ୍ସବ ଦ୍ୱିତୀୟ ସନ୍ଧ୍ୟାର ନାଟକ 'ଓଡଶ' ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଛୋଟ ହେଉ କି ବଡ଼, ପୃଥିବୀରେ ସମସ୍ତଙ୍କର କିଛି ନା କିଛି ଭୂମିକା ରହିଛି। ପରିବେଶ ଠାରୁ ଆରମ୍ଭକରି ସୃଷ୍ଟିର ସ୍ଥିତି ପର୍ଯ୍ୟନ୍ତ। ତେଣୁ ଓଡ଼ିଶ ଛୋଟ ହେଲେ ମଧ୍ୟ ତା'ର ଜୀବନ ଅଛି। ତା'ର ବଞ୍ଚିବାର ଅଧିକାର ବି ଅଛି। ମଣିଷ ପରି ସେ ଖାଏ, ବୁଲେ, ଆଶ୍ରୟ ଖୋଜେ, ଭୟ କରେ, ତା'ର ବି ସଂସାର ଅଛି ସ୍ତ୍ରୀ ଅଛି। ଓଡ଼ଶ ପ୍ରେମ କରେ, ମଣିଷର ରକ୍ତ ଶୋଷେ, ମଣିଷ ରକ୍ତ ହିଁ ତା'ର ଖାଦ୍ୟ। କିନ୍ତୁ ଓଡ଼ଶର ପେଟ ଥରେ ପୂରିଗଲେ ପୁଣି ଭୋକ ନହେବା ଯାଏଁ ସେ ଖାଦ୍ୟ ନିଏନି। ଅଥଚ ମଣିଷକୁ ଅହରହ ଭୋକ - ଖାଦ୍ୟ ଭୋକ, ସମ୍ମାନ ଭୋକ, ଅହଂ ଭୋକ। କିଛି ମଣିଷଙ୍କୁ ଓଡ଼ଶ ଦେଇଥାଏ ଜୀବନ ଓ ଜୀବିକା। କେବେ କେବେ ପ୍ରେମର ମାଧ୍ୟମ ପାଲଟିଯାଏ ଓଡଶ। ଓଡଶ କାମୁଡା ଯନ୍ତ୍ରଣା ଭିତରେ ଅନୁଭବ କରିହୁଏ ପ୍ରେମର ମିଠାପଣକୁ। ଏପରି ଏକ କାହାଣୀକୁ ନେଇ ମଞ୍ଚସ୍ଥ ହୋଇଛି ନାଟକ 'ଓଡଶ'। ଏହି ନାଟକର ନାଟ୍ୟ ରଚନା ଶରତ ଆଚାର୍ଯ୍ୟ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ପବିତ୍ର ମହାନ୍ତି। ମଞ୍ଚ ଅଭିନୟରେ ମମତା ତ୍ରିପାଠୀ, ଦୀପାଞ୍ଜଳି ମହାନ୍ତି, ପବିତ୍ର ମହାନ୍ତି, ସୁନୀଲ ପଟ୍ଟନାୟକ, ରାଜେଶ ମହାନ୍ତି, ସୁନୀଲ ନାୟକ, ସନ୍ତୋଷ ରାହୁଲ ରହିଥିଲେ। ସନ୍ଧ୍ୟାରେ ଅତିଥି ଭାବେ ସାହିତ୍ୟିକ, ଲେଖକ ଦେବଦାସ ଛୋଟରାୟ, ନାଟ୍ୟ



ସଙ୍ଘର ସଭାପତି ମିହିର ମେହେର, କଥାକାର କବି ଅଜୟ ସ୍ୱାଇଁ, ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ମୀରା ପଣ୍ଡା, ଡ. ମାୟା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅନୁଷ୍ଠାନର ଅଧ୍ୟକ୍ଷ ଆଲୋକ ଅନୁନୁଗୋ।

## ସ୍ୱାସ୍ଥ୍ୟମିତ୍ରଙ୍କ ଅହେତୁକ ଛଟେଇର ପ୍ରତିବାଦ
# ୨୨ରେ ରାଜରାସ୍ତାକୁ ଓହ୍ଲାଇବେ ୯ ୯୩ ସ୍ୱାସ୍ଥ୍ୟମିତ୍ର



ଭୁବନେଶ୍ୱର, ୧୯।୬(ସମିସ): ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ୯ ୯୩ ଜଣ ସ୍ୱାସ୍ଥ୍ୟମିତ୍ରଙ୍କ ଛଟେଇ ନିଷ୍ପତ୍ତି ପ୍ରତିବାଦରେ ଅଲ୍ ଓଡ଼ିଶା ସ୍ୱାସ୍ଥ୍ୟମିତ୍ର ଆସୋସିଏସନ ପକ୍ଷରୁ ଶୁକ୍ରବାର ରେଡକ୍ରସ୍ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସଂଘ ପକ୍ଷରୁ ସରକାରଙ୍କ ଏହି ନିଷ୍ପତ୍ତିକୁ ଅନ୍ୟାୟ ଓ ଅମାନବିକ ବୋଲି କୁହାଯିବା ସହ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଏହି ସମ୍ମିଳନୀରେ ବକ୍ତାମାନେ କହିଥିଲେ ଯେ, ଗତ ୮ ବର୍ଷ ଧରି ସ୍ୱାସ୍ଥ୍ୟମିତ୍ରମାନେ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିଆସୁଛନ୍ତି। ସେମାନେ କେବଳ ହେଲ୍ପଡେସ୍କ ପରିଚାଳନା ନୁହେଁ, ବରଂ କ୍ୟାସଲେସ୍ ଚିକିତ୍ସା ସୁନିଶ୍ଚିତ କରିବା, ରୋଗୀଙ୍କୁ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ ଯୋଜନାର ସୁବିଧା ଯୋଗାଇଦେବା ଏବଂ ଇକେୱାଇସି ଆଧାର ଲିଙ୍କ ଓ ଆୟୁଷ୍ମାନ କାର୍ଡ ଭଳି ସେବା ପ୍ରଦାନରେ ମଧ୍ୟ ସହଯୋଗ କରୁଥିଲେ। ସଂଘର ଅଭିଯୋଗ ଅନୁସାରେ, ସରକାର ପରିବର୍ତ୍ତନ ପରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱାସ୍ଥ୍ୟମିତ୍ରମାନଙ୍କ ଚାକିରି ସୁରକ୍ଷା ନେଇ ଆଶ୍ୱାସନ ଦେଇଥିଲେ। ମାତ୍ର ଗତ ମାସ ୨୯ ତାରିଖରେ ସେମାନଙ୍କୁ ଛଟେଇ ନୋଟିସ୍ ପ୍ରଦାନ କରାଯାଇଛି। ଯାହା ଚଳିତ ୩୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏହା ଫଳରେ ୯ ୯୩ ପରିବାର ଅନିଶ୍ଚିତ ଭବିଷ୍ୟତ ମୁହାଁରେ ପଡ଼ିବେ ବୋଲି ସଂଘ ଆଶଙ୍କା ପ୍ରକାଶ କରିଛି। ସଂଘ ଆହୁରି କହିଛି ଯେ, ଛଟେଇ ହେବାକୁ ଥିବା କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ମହିଳା। ତେଣୁ ଏହି ନିଷ୍ପତ୍ତି ମହିଳା କର୍ମଚାରୀଙ୍କ ଆର୍ଥିକ ଓ ସାମାଜିକ ସୁରକ୍ଷା ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ସ୍ୱାସ୍ଥ୍ୟମିତ୍ରମାନଙ୍କୁ ତୁରନ୍ତ ପୁନଃ ନିଯୁକ୍ତି, ଚାକିରି ସୁରକ୍ଷା ପ୍ରଦାନ ଏବଂ ଆଉଟସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ କରି ସେମାନଙ୍କୁ ସିଧାସଳଖ ଏସ୍ଏଚଏସ୍ ଅଧୀନରେ ନିଯୁକ୍ତ କରିବାକୁ ସଂଘ ଦାବି କରିଛି। ଯଦି ସରକାର ଏହି ଦାବି ପ୍ରତି କୌଣସି ସକାରାତ୍ମକ ପଦକ୍ଷେପ ନ ନିଅନ୍ତି ତେବେ ଆସନ୍ତା ୨୨ ତାରିଖରେ ସମଗ୍ର ରାଜ୍ୟର ସ୍ୱାସ୍ଥ୍ୟମିତ୍ରମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାନେତ୍ରୀ ରତାଞ୍ଜଳି ବେହେରା, ସମ୍ପାଦକ ମାନସ କୁମାର ଲେଙ୍କା, ଉପଦେଷ୍ଟା ସୁଦର୍ଶନ ଛୋଟରାୟ ଓ ଓଡ଼ିଶା ଆଉଟସୋର୍ସିଂ ଫେଡେରେସନର ଅଧ୍ୟକ୍ଷ ପ୍ରଭାତ ମହାନ୍ତି ଓ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ପରିବାର ଲୋକଙ୍କୁ ଗାଳିଗୁଲଜ କରି ନିଶାଡ଼ି ବାପା ଗିରଫ

ଭୁବନେଶ୍ୱର, ୧୯।୬ (ସମିସ): ନିଶାସକ୍ତ ଅବସ୍ଥା ପରିବାର ସଦସ୍ୟଙ୍କୁ ଟଙ୍କା ମାଗିବା, ଆକ୍ରମଣ କରିବା ଏବଂ ଗାଳିଗୁଲଜ କରିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ବାପା ସତ୍ୟ ନାୟକ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ସୂଚନା ମୁତାବକ, ଅଭିଯୁକ୍ତ ସତ୍ୟ ନାୟକ ନିଶାସକ୍ତ ଅବସ୍ଥାରେ ତାଙ୍କ ଝିଅ ଓ ପୁଅକୁ ମାରଧର କରିଥିଲେ। ଏନେଇ ତାଙ୍କ ଝିଅ ନିଜ ମାଆଙ୍କୁ ଫୋନ ଯୋଗେ ଘଟଣା ବିଷୟରେ ଜଣାଇଥିଲେ। ଘଟଣା ସମୟରେ ସମ୍ପର୍କୀୟ ରବୀନ୍ଦ୍ର ନାୟକ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଅଭିଯୋଗକାରିଣୀ ଘରକୁ ଫେରି ଦେଖିଥିଲେ ଯେ, ଅଭିଯୁକ୍ତ ଘରର ଟିଭି, ଡ୍ରେସିଂ ଟେବୁଲ ଓ ଆଲମିରା ଭଳି ବିଭିନ୍ନ ଘରୋଇ ସାମଗ୍ରୀ ଭାଙ୍ଗି କ୍ଷତିଗ୍ରସ୍ତ କରିଛନ୍ତି। ଏନେଇ ପଚାରିବାରୁ ଅଭିଯୁକ୍ତ ଅଭିଯୋଗକାରିଣୀଙ୍କୁ ଇଟାରେ ଆକ୍ରମଣ କରିବା ସହ ଘରର ଛାତର କିଛି ଅଂଶ ମଧ୍ୟ ଭାଙ୍ଗି ଦେଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୋଗକାରିଣୀଙ୍କ ଭାଇ ଓ ଭଉଣୀ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଅଭିଯୋଗକାରିଣୀଙ୍କ ଭଉଣୀଙ୍କୁ ଧକ୍କା ଦେଇ ତାଙ୍କ ବସ୍ତ୍ର ଚିରି ଦେଇଥିଲେ। "ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ମଦ, ଗଞ୍ଜେଇ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନରେ ଅଭ୍ୟସ୍ତ ଏବଂ ନିୟମିତ ଭାବେ ପରିବାର ସଦସ୍ୟମାନଙ୍କଠାରୁ ଟଙ୍କା ଦାବି କରି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଘଟଣା ଦିନ ତାଙ୍କ ଝିଅ ଟଙ୍କା ଦେବାକୁ ମନା କରିବାରୁ ସେ ଉତ୍ତ୍ୟକ୍ତ ହୋଇ ପରିବାର ସଦସ୍ୟମାନଙ୍କୁ ଆକ୍ରମଣ କରିଥିଲେ, ଘରୋଇ ସାମଗ୍ରୀ ଭାଙ୍ଗିଥିଲେ, ଅଭିଯୋଗକାରିଣୀଙ୍କୁ ଇଟାରେ ଆକ୍ରମଣ କରିଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା।

## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାରେ ଡମଣା ପ୍ରଥମ

ନନ୍ଦନକାନନ, ୧୯।୬(ସମିସ): ମହା ସମାରୋହରେ ଉଦ୍‌ଯାପିତ ହୋଇଯାଇଛି ପ୍ରଥମ କେଶବ ରାଉତ ନାଟ୍ୟ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ପଟିଆ ଗଡ଼ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା। ଗୋପୀନାଥ ଜୀଉ ନାଟ୍ୟ ପରିଷଦ, ଡମଣା ପ୍ରଥମ ସ୍ଥାନ, ଶ୍ରୀ ଲକ୍ଷେଶ୍ୱର ଡ୍ରାମାଟିକ କ୍ଲବ, ବରିମୁଣ୍ଡ ଦ୍ୱିତୀୟ ସ୍ଥାନ, ମା ଦୁର୍ଗା ଦେବୀ ଡ୍ରାମାଟିକ କ୍ଲବ ଗାଡ଼କଣ ତୃତୀୟ ସ୍ଥାନ ଏବଂ ବାବା ଜଳେଶ୍ୱର ଡ୍ରାମାଟିକ କ୍ଲବ କଳାରାହଙ୍ଗ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ନାଟ୍ୟ ନିର୍ଦ୍ଦେଶକ ଅକ୍ଷୟ କୁମାର ରଣା ଏବଂ ସ୍ମୃତି ରଞ୍ଜନ ମହାନ୍ତି ବିଚାରକ ଭାବରେ ଯୋଗଦେଇଥଲେ। କମିଟିର ସଭାପତି ଶଶିକାନ୍ତ ମହାରଣା, ଉପସଭାପତି କ୍ଷିତିଶ ଚନ୍ଦ୍ର ତ୍ରିପାଠୀ, ସମ୍ପାଦକ ମିହିର କୁମାର ରାଉତ, ସାହସମ୍ପାଦକ ଦିବାକର ପାଇକରାୟ, କୋଷାଧକ୍ଷ ଅନିଲ କୁମାର ରାଉତ, କାର୍ଯ୍ୟନିର୍ବାହୀ ସଭ୍ୟ ରଘୁନାଥ ବାରିକ, ପ୍ରସନ୍ନ କୁମାର ବାରିକ, ଅନ୍ନଦା ପ୍ରସାଦ ରାୟ, ରାମଚନ୍ଦ୍ର ଚମ୍ପତି, ମନୋରଞ୍ଜନ ମହାନ୍ତି, ରଞ୍ଜନ କୁମାର ଦାଶ, ଲିଙ୍ଗରାଜ ପାତ୍ର, ଅରୁଣ କୁମାର ମହାରଣା ଓ ହିମାଂଶୁ ଶେଖର ଦାସ ପ୍ରମୁଖ ଏହାକୁ ସୁଚାରୁରୂପେ ପରିଚାଳନା କରିଥିଲେ। ମୁକ୍ତ ମଞ୍ଚରେ କଳାକାରମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିଭୋର କରିଥିବା ବେଳେ, ସବୁଠାରୁ ବଡ଼ ଆକର୍ଷଣ ସାଜିଥିଲା ବହୁପ୍ରତୀକ୍ଷିତ 'ଲକି କୁପନ୍' ଭାଗ୍ୟ ପରୀକ୍ଷା।

## କିମ୍ସରେ ୯୦ ବର୍ଷ ବୟସ୍କଙ୍କଠାରେ ହୃଦ୍ ଅସ୍ତ୍ରୋପଚାର

ଭୁବନେଶ୍ୱର, ୧୯।୬(ସମିସ): କିମ୍ସରେ ଜଣେ ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କଠାରେ ଜୀବନ ରକ୍ଷାକାରୀ ଆର୍ଟିକ୍ ଭଲଭ୍ ରିପ୍ଲେସମେଣ୍ଟ (ଏଭିଆର୍) ସଫଳତାର ସହ କରାଯାଇଛି। ବୃଦ୍ଧାବସ୍ଥା ଏବଂ ହୃଦ୍‌ଘାତରେ ଅତ୍ୟଧିକ ଦୁର୍ବଳତା ହେତୁ ରୋଗୀ ହୃଦ୍ ଅସ୍ତ୍ରୋପଚାର ପାଇଁ ଅତ୍ୟଧିକ ବିପଦପୂର୍ଣ୍ଣ ଥିଲେ ମଧ୍ୟ କିମସ ଡାକ୍ତରମାନେ ଚାଲେଞ୍ଜର ସହ ରୋଗୀଙ୍କ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। କିମ୍ସର ବିଶିଷ୍ଟ ହୃଦ୍ ସର୍ଜନ ଡ. ଅମିତ ଅଗ୍ରୱାଲଙ୍କ ନେତୃତ୍ୱରେ ହୃଦ୍‌ରୋଗ ସର୍ଜରୀ ଦଳ ଏହି ଜଟିଳ ପ୍ରକ୍ରିୟାରେ ରୋଗୀଙ୍କୁ ଉନ୍ନତ ହୃଦ୍‌ରୋଗ ଚିକିତ୍ସା ଯୋଗାଇବା କିମସ ପାଇଁ ଏକ ପ୍ରମୁଖ ସଫଳତା ବୋଲି କୁହାଯାଉଛି। ଡ. ଅଗ୍ରୱାଲ୍‌ଙ୍କ କହିବା ଅନୁସାରେ ବୟସାଧିକ୍ୟ ଓ ହୃଦୟ କାର୍ଯ୍ୟ କରିବାରେ ଦୁର୍ବଳ ହୋଇଯାଇଥିବାରୁ ଅସ୍ତ୍ରୋପଚାର କରିବା ଅତ୍ୟଧିକ ବିପଦପୂର୍ଣ୍ଣ ଥିଲା। କିମସ ଡାକ୍ତରଙ୍କ ଏହି ସଫଳତାରେ କିଟ୍, କିସ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଡାକ୍ତରୀ ଦଳ, ସ୍ୱାସ୍ଥ୍ୟ କର୍ମୀ ଓ ଅନ୍ୟ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଶିଳ୍ପୀ ଗୌରାଙ୍ଗ ବରିଷ୍ଠ ଫେଲୋସିପ୍ ପାଇଁ ମନୋନୀତ



ଭୁବନେଶ୍ୱର, ୧୯।୬ (ସମିସ): ବରିଷ୍ଠ ଚିତ୍ରଶିଳ୍ପୀ ଗୌରାଙ୍ଗ ବାରିକି କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ସାଂସ୍କୃତିକ ସ୍ରୋତ ଓ ପ୍ରଶିକ୍ଷଣ କେନ୍ଦ୍ର, ନୂଆଦିଲ୍ଲୀ ତରଫରୁ ଦୁଇ ବର୍ଷ ପାଇଁ ବରିଷ୍ଠ ବର୍ଗରେ ଫେଲୋସିପ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର, ପୋଥି ଚିତ୍ର ଓ ରାଜସ୍ଥାନୀ ଚିତ୍ରର ତୁଳନାତ୍ମକ ଅଧ୍ୟୟନରେ ନିଜସ୍ୱ ଶୈଳୀ ସମ୍ବଳିତ ରାଗଚିତ୍ର ଉପରେ ଗବେଷଣାତ୍ମକ ଚିତ୍ର ଅଙ୍କନ କରିବା ପାଇଁ ସିସିଆର୍‌ଟି ସ୍ୱୀକୃତି ପ୍ରଦାନ କରିଛନ୍ତି।

# ପୋଷା କୁକୁର ପାଇଁ ସ୍ମୃତିସଭା
## ପରିବାରର ସଦସ୍ୟ ଥିଲା ସ୍ୱିଟି

ଭୁବନେଶ୍ୱର, ୧୯।୬(ସମିସ): ଆଖିରୁ ଝରି ଆସୁଥିଲା ଲୁହ। ଛାତି କୋହରେ ଭରି ଯାଉଥିଲା। ଶରୀର ଛାଡ଼ିଥିବା ଯେକେହି ଯେମିତି ଯାହା କର୍ମ ହେବା କଥା ତାହା ବି ପାଳନ ହେଉଛି। ହେଲେ ଏସବୁ ଯେଉଁ ଆତ୍ମୀୟ ଜଣକ ପାଇଁ ହେଉଛି; ସେ ମଣିଷ ନୁହେଁ। ବରଂ ଏକ ପୋଷା କୁକୁର। ଆଜିର ବସ୍ତୁବାଦୀ ଦୁନିଆରେ ଏମିତି ଏକ ବିରଳ ସମ୍ପର୍କ ଆଉ ବିଚ୍ଛେଦ ଦେଖିବାକୁ ମିଳିଛି। ଯାହା ସଭିଙ୍କୁ ଚକିତ କରିଛି, ବିସ୍ମୟ ବି ଦେଇଛି।

ସେହି ପୋଷା କୁକୁରର ନାଁ ହେଲା ସ୍ୱିଟି। ଏହି ନାମରୁ ଅନେକଙ୍କୁ ଲାଗେ ଏହା ଜଣେ ମଣିଷର ନା ବୋଲି। ଯିଏ କି ୮ ବର୍ଷରୁ ଅଧିକ ସମୟ ଧରି ପ୍ରକାଶ ମହାରଣାଙ୍କ ପରିବାରରେ ଏକ ସଦସ୍ୟ ଭଳି ରହି ଆସୁଥିଲା। ହେଲେ ଏବେ ସିଏ ଆରପାରିକୁ ଚାଲିଯାଇଛି। ଏହି ବିରଳ ସମ୍ପର୍କ ବିଷୟରେ ପ୍ରକାଶ ମହାରଣା କୁହନ୍ତି, ସେ କେବେ ତାକୁ ପୋଷା କୁକୁର ଭଳି ଦେଖୁନଥିଲେ ବରଂ ଘରର ଜଣେ ସଦସ୍ୟ ଭଳି ସ୍ନେହ ଦେଉଥିଲେ। ୨୦୧୮ ମସିହାରେ ପ୍ରକାଶ ଏହି ଦେଶୀ ବ୍ରିଡର କୁକୁରକୁ ଗଙ୍ଗନଗର ନିକଟରୁ ସାଙ୍ଗରେ



ନେଇ ଘରକୁ ଆସିଥିଲେ। ଯିଏ ପରବର୍ତ୍ତୀ ସମୟରେ ତାଙ୍କ ପାଇଁ ସ୍ୱିଟି ପାଲଟିଲା। ହେଲେ ଗତ ୮ରୁ ୧୦ ଦିନ ତଳେ ତାର ଦେହ ଖରାପ ହେବାରୁ ତାକୁ ଓୟୁଏଟି ଠାରେ ଚିକିତ୍ସା କରାଯାଉଥିଲା। ହେଲେ ତାର କିଡନୀ ଜନିତ ସମସ୍ୟା ଯୋଗୁଁ ସ୍ୱାସ୍ଥ୍ୟ ଆହୁରି ବିଗିଡିଗଲା ଏବଂ ସେହି ୮ ବର୍ଷର ସ୍ନେହ, ଶ୍ରଦ୍ଧା ଓ ସମ୍ପର୍କକୁ ପଛକରି ଚାଲିଗଲା। ଯିଏ ଦିନେ ପରିବାରର ଅତି ଆପଣାର ଥିଲା, ସେ କିନ୍ତୁ ଆଜି ସବୁଦିନ ପାଇଁ ନିରବି ଯାଇଛି। ସେଥିପାଇଁ ତାର ସ୍ମୃତିରେ ପ୍ରକାଶ ଓ ତାଙ୍କ ପରିବାର ତରଫରୁ ପୋଷା କୁକୁର ସ୍ୱିଟିର ଆତ୍ମାର ସଦଗତି ଏବଂ ସ୍ମୃତି ପାଇଁ ଏକ ନିଆରା ଭାବ ଓ ଆବେଗ ଦେଖାଇଛନ୍ତି। ଇତି ମଧ୍ୟରେ ଦଶ ଦିନ ବିତି ଯାଇଛି ଏବଂ ଶନିବାର ସ୍ୱିଟି ପାଇଁ ତାଙ୍କ ଘର କେଶରୀନଗରଠାରେ ସ୍ମୃତି ସଭା ଏବଂ ପଙ୍କତି ଭୋଜନର ଆୟୋଜନ କରାଯାଇଛି।

## ଆଜି ଆସିବେ ପ୍ରଧାନମନ୍ତ୍ରୀ

# ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ବାରିପଦା/ରାଇରଙ୍ଗପୁର, ୧୯ ।୬(ସମିସ): ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସିବେ। ଏହି ସମୟରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ଉପସ୍ଥିତ ରହିବେ। ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟା୧୫ ମିନିଟରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ପାହାଡ଼ପୁର ଗ୍ରାମ ପରିଦର୍ଶନ କରିବେ। ପରେ ଉଭୟେ ସାନ୍ତାଳୀ ଜାହେରା ଓ ହୋ ଜାହେରା, ଦକ୍ଷତା କେନ୍ଦ୍ର, ପାହାଡପୁର

**■ ୪୭, ୬୦୦ କୋଟିର ବିଭିନ୍ନ ପ୍ରକଳ୍ପର ହେବ ଉଦଘାଟନ ଓ ଶିଳାନ୍ୟାସ**

ସ୍କୁଲରେ ପ୍ରାର୍ଥନା କରିବେ। ଏହି ଗସ୍ତ ଆଦିବାସୀ ବହୁଳ ଅଞ୍ଚଳ ତଥା ଗ୍ରାମାଞ୍ଚଳରେ ଶିକ୍ଷାଗତ ସୁଯୋଗ, ଦକ୍ଷତା ବିକାଶ ଓ ସାମାଜିକ, ଆର୍ଥିକ ସଶକ୍ତୀକରଣକୁ ସୁଦୃଢ଼ କରିବା ପାଇଁ ଚାଲିଥିବା ପ୍ରୟାସ ଉପରେ ଆଲୋକପାତ କରିବ ବୋଲି ଆଶା କରାଯାଉଛି। ଅପରାହ୍ନ ପ୍ରାୟ ୧ଟାରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମୟୂରଭଞ୍ଜର ରାଇରଙ୍ଗପୁରରେ ଓଡ଼ିଶା ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମରେ ୪୭, ୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ ହେବ। ଶକ୍ତି, ଶିଳ୍ପ ଭିତ୍ତିଭୂମି, ସଡ଼କ ସଂଯୋଗୀକରଣ, ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ ଓ ଜଳସେଚନ ଆଦି ପ୍ରକଳ୍ପ ଏଥିରେ ଅନ୍ତର୍ଭୁକ୍ତ। ଶିଳାନ୍ୟାସ ହେବାକୁ ଥିବା ପ୍ରମୁଖ ପ୍ରକଳ୍ପ ମଧ୍ୟରେ ୬୦୦ ମେଗା ୱାଟ୍ ଉପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ଓ ଆଇବି ଥର୍ମାଲ ପାୱାର ଷ୍ଟେସନର ପର୍ଯ୍ୟାୟ-୨ ସମ୍ପ୍ରସାରଣ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାରେ ଶକ୍ତି ସୁରକ୍ଷା ବୃଦ୍ଧି କରିବ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବ।

ଝାରସୁଗୁଡା ଜିଲ୍ଲାର ଲଖନପୁରରେ ଭାରତ କୋଇଲା ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍ସ ଲିମିଟେଡ୍ (ବିସିଜିସିଏଲ) ପ୍ରକଳ୍ପର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହା ଘରୋଇ କୋଇଲା ସମ୍ପଦର ସ୍ୱଚ୍ଛ ବ୍ୟବହାରକୁ ପ୍ରୋତ୍ସାହିତ କରିବ, ଆମଦାନୀ ନିର୍ଭରଶୀଳତା ହ୍ରାସ କରିବ। ଏହି ଅଞ୍ଚଳରେ ନୂତନ ଶିଳ୍ପ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଶିଳାନ୍ୟାସ କରାଯିବାକୁ ଥିବା ଅନ୍ୟ ପ୍ରକଳ୍ପ ମଧ୍ୟରେ ଭୁବନେଶ୍ୱରରେ ଏକ ୩୦୦ ଟିପିଡି ସୋର୍ସ-ସେଗ୍ରିଗେଟେଡ଼ ମ୍ୟୁନିସିପାଲ ସଲିଡ୍ ୱେଷ୍ଟ-ବେସଡ କମ୍ପ୍ରେସଡ ବାୟୋଗ୍ୟାସ୍ ପ୍ଲାଣ୍ଟ, କଟକ ଓ ଭୁବନେଶ୍ୱର ମଧ୍ୟରେ ସିଧାସଳଖ ସଂଯୋଗ ପ୍ରଦାନ କରୁଥିବା କାଠଯୋଡି ନଦୀ ଉପରେ ଏକ ସେତୁ, ବୌଦ୍ଧ ଜିଲ୍ଲାର ଧଳପୁର-ହରଭଙ୍ଗା ରାସ୍ତାର ପ୍ରଶସ୍ତୀକରଣ, ନୂଆପଡ଼ାରୁ ଘଟୀପଡ଼ା ପର୍ଯ୍ୟନ୍ତ ଏନଏଚ-୩୫୩ର ଏକ ଅଂଶକୁ ୪ ଲେନ କରିବା, କୁସୁମଡିହି ମେଗାଲିଫ୍ଟ ଜଳସେଚନ ପ୍ରକଳ୍ପ, ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଓ ରାଇରଙ୍ଗପୁରରେ ଇଣ୍ଡୋର ବ୍ୟାଡମିଣ୍ଟନ କମ୍ପ୍ଲେକ୍ସ ଇତ୍ୟାଦି ଅନ୍ତର୍ଭୁକ୍ତ। ସେହିପରି ବୌଦ୍ଧରେ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ କୋଠା, ୨୪ଟି ଅଟଳ ବସ୍‌ଷ୍ଟାଣ୍ଡ ଓ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ୯ଟି ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ର ଉଦଘାଟନ କରାଯିବ। ଉଦଘାଟନ ହେବାକୁ ଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଏନଏଚ-୫୭ରେ ନୟାଗଡ଼ ଟାଉନ ବାଇପାସ୍, କୁସୁମି ସ୍ମାର୍ଟ ଜଳସେଚନ ପ୍ରକଳ୍ପର ଭୂତଳ ପାଇପଲାଇନ୍ ଅଂଶ, ଯଖପୁରା-ଯାଜପୁର-କେନ୍ଦୁଝର ରାସ୍ତା, ବୈତରଣୀ ରାସ୍ତା, ମଲ୍ଟି-ଟ୍ରାକିଂ ପ୍ରକଳ୍ପ, ହିନ୍ଦୋଳ ରାସ୍ତା ଓ ରାଇରଙ୍ଗପୁରରେ ଜନଜାତି ଗବେଷଣା କେନ୍ଦ୍ର ଅନ୍ତର୍ଭୁକ୍ତ ରହିଛି।

### ୭୩୨ କୋଟିର ରେଳ ପ୍ରକଳ୍ପ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ରାଇରଙ୍ଗପୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତରେ ଦୁଇଟି ପ୍ରମୁଖ ରେଳ ଭିତ୍ତିଭୂମି ପ୍ରକଳ୍ପକୁ ଦେଶବାସୀଙ୍କୁ ଉତ୍ସର୍ଗ କରିବେ। ଏହି ପ୍ରକଳ୍ପ ଦୁଇଟିର ମୋଟ ମୂଲ୍ୟ ପ୍ରାୟ ୭୩୨ କୋଟି ଟଙ୍କା। ପୂର୍ବତଟ ରେଳବାଇ ଅଧୀନରେ ସମ୍ପନ୍ନ ହୋଇଥିବା ଏହି ପ୍ରକଳ୍ପ ଦୁଇଟି ଓଡ଼ିଶାର ରେଳ ସମ୍ପର୍କ, ପରିବହନ ଦକ୍ଷତା ଓ ଆର୍ଥିକ ବିକାଶକୁ ବହୁତ ଉନ୍ନତ କରିବ। ଏହା ଯାତ୍ରୀ ଓ ମାଲ ପରିବହନକୁ ସହଜ କରିବା ସହ ରାଜ୍ୟର ଶିଳ୍ପ ଓ ବାଣିଜ୍ୟକୁ ନୂଆ ଗତି ଦେବ। ପ୍ରଥମ ପ୍ରକଳ୍ପ ଯଖପୁରା-ଯାଜପୁର କେନ୍ଦୁଝର ରୋଡ୍, ବୈତରଣୀ ରୋଡ୍ ମଲ୍ଟି-ଟ୍ରାକିଂ ପ୍ରକଳ୍ପ। ଯାହାର ଅଟକଳ ମୂଲ୍ୟ ପ୍ରାୟ ୩୨୩ କୋଟି ଟଙ୍କା ଓ ଲମ୍ବ ୧୯ କିଲୋମିଟର। ଏହା ଭଦ୍ରକ-ନିର୍ଗୁଣ୍ଡି ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଏକ ଅଂଶ ଏବଂ ହାୱଡା-ଚେନ୍ନାଇ ମେନ ଲାଇନରେ ଭିଡ କମାଇବ। କୋଇଲା ଓ ଅନ୍ୟାନ୍ୟ ମାଲ ପରିବହନକୁ ସହଜ କରିବ। ଦ୍ୱିତୀୟ ପ୍ରକଳ୍ପ ହିନ୍ଦୋଳ ରୋଡ୍-ମେରାମଣ୍ଡଳି ମଲ୍ଟି-ଟ୍ରାକିଂ ପ୍ରକଳ୍ପ। ଏହାର ମୂଲ୍ୟ ପ୍ରାୟ ୪୦୯ କୋଟି ଟଙ୍କା ଓ ଲମ୍ବ ୨୭ କିଲୋମିଟର। ଏହା ବୁଦ୍ଧପଙ୍କ-ସାଲେଗାଓଁ ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଅଂଶ ଓ ଟ୍ରେନ ଚଳାଚଳ କ୍ଷମତା ବଢ଼ାଇବ। କୋଇଲା, ଷ୍ଟିଲ୍ ଓ ଶିଳ୍ପ ସାମଗ୍ରୀ ପରିବହନକୁ ସୁଗମ କରିବ। ରେଳ ଅଧିକାରୀ କହିଛନ୍ତି, ଏହି ପ୍ରକଳ୍ପ ଦୁଇଟି ଟ୍ରେନ ସମୟାନୁବର୍ତ୍ତିତା ବଢ଼ାଇବ, ଭିଡ କମାଇବ ଓ ଓଡ଼ିଶାର ଶିଳ୍ପ ବିକାଶ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ। ଏହା କେନ୍ଦ୍ର ସରକାରଙ୍କ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ' ଦର୍ଶନକୁ ସମର୍ଥନ କରିବ। ଏହି ଉଦଘାଟନ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତର ଏକ ଅଂଶ। ରାଜ୍ୟର ଉନ୍ନୟନ ପାଇଁ ଏହା ଏକ ମୁଖ୍ୟ ପଦକ୍ଷେପ ବୋଲି କୁହାଯାଉଛି।

## ବିଜେପି ରାଜ୍ୟ ସଭାପତିଙ୍କ ସାମ୍ବାଦିକ ସମ୍ମିଳନୀ



ବାରିପଦା, ୧୯ ।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଗସ୍ତ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ବରଂ ଜନଜାତି ଅଞ୍ଚଳର ବିକାଶ, ସଶକ୍ତୀକରଣ ଓ ଆତ୍ମନିର୍ଭର ଭାରତ ଗଠନ ପ୍ରତି କେନ୍ଦ୍ର ସରକାରଙ୍କ ଦୃଢ଼ ସଂକଳ୍ପର ଏକ ଉଜ୍ଜ୍ୱଳ ପ୍ରତିଫଳନ। ଯାହା ଓଡ଼ିଶାର ଲକ୍ଷ ଲକ୍ଷ ଜନଜାତି ଲୋକଙ୍କ ଆଶା ଓ ଆକାଂକ୍ଷାକୁ ନୂତନ ଶକ୍ତି ପ୍ରଦାନ କରିବ ବୋଲି ରାଜ୍ୟ ବିଜେପି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରଥମଥର ପାଇଁ ଓଡ଼ିଶା ଇତିହାସରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଗୋଟିଏ ମଞ୍ଚରେ ଉପସ୍ଥିତ ରହିବେ। ଏ ଅବସରରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ ହେବ ବୋଲି ରାଇରଙ୍ଗପୁରର ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶା ମାଟିକୁ ସମ୍ମାନ ଜଣାଇ ରାଷ୍ଟ୍ରପତିଙ୍କ ଜନ୍ମଦିନ ଉପଲକ୍ଷେ ରାଷ୍ଟ୍ରପତିଙ୍କ ଗ୍ରାମରେ ଗୋଟିଏ ଘଣ୍ଟା ରହିବା ସହିତ ସେଠାକାର ପୂଜାସ୍ଥଳୀ ପରିଦର୍ଶନ କରିବେ। ଏଥିସହିତ ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ। ଆମେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ମୟୂରଭଞ୍ଜବାସୀ ଓ ଓଡ଼ିଶାବାସୀଙ୍କ ପକ୍ଷରୁ ହାର୍ଦ୍ଦିକ ସ୍ୱାଗତ ଜଣାଉଛୁ ବୋଲି ଶ୍ରୀ ସାମଲ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବିଜେପି ମୁଖପାତ୍ର ପ୍ରକାଶ ଚନ୍ଦ୍ର ରଥ ଓ ସଞ୍ଜୟ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ମୟୂରଭଞ୍ଜର ୧୨ ଜଣ ଏସ୍‌ଏସ୍‌ଡି ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବଦଳି

ବାରିପଦା, ୧୯ ।୬(ସମିସ): ଓଡ଼ିଶା ସରକାର ଏସ୍‌ଟି ଓ ଏସସି ବିକାଶ, ଏମ୍ ଓ ବିସିଡବ୍ଲ୍ୟୁ ବିଭାଗ ପକ୍ଷରୁ ଏସଏସଡି ହାଇସ୍କୁଲ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବଦଳି ଆଦେଶ ଜାରି କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାର ଏସଟି ଓ ଏସସି ବିଭାଗର ଏସଏସଡି ହାଇସ୍କୁଲରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଛି। ଏହି ତାଲିକାରେ ମୟୂରଭଞ୍ଜ ଜିଲ୍ଲାରୁ ୧୨ ଜଣଙ୍କ ବଦଳି ହୋଇଛି। ତତସହିତ ବାହାର ଜିଲ୍ଲାରୁ ୬ ଜଣ ମୟୂରଭଞ୍ଜ ଜିଲ୍ଲାକୁ ଆସୁଛନ୍ତି। ବୁଢ଼ିଖମାରୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅମିତା ମିଞ୍ଜଙ୍କର କେନ୍ଦୁଝର ଜିଲ୍ଲାକୁ ବଦଳି ହୋଇଥିବାବେଳେ ଖୁଣ୍ଟା ବ୍ଲକ ବାହାନଡା ହାଇସ୍କୁଲର ମଞ୍ଜୁଲତା ଦାସଙ୍କର କେନ୍ଦୁଝର ଜିଲ୍ଲାକୁ ବଦଳି ହୋଇଛି। ସେହିପରି ମୁଣ୍ଡାଠାକୁରାର କର୍ମେଲା ଲାକ୍ରାଙ୍କ ଠାକୁରମୁଣ୍ଡା ଏସଏସଡି ହାଇସ୍କୁଲକୁ ବଦଳି ହୋଇଛି। ଠାକୁରମୁଣ୍ଡାରୁ ବଳରାମ ସ୍ୱାଇଁଙ୍କୁ ବାଲେଶ୍ୱର ବଦଳି କରାଯାଇଥିବାବେଳେ କେନ୍ଦୁଝରର ଜଗନ୍ନାଥ ମିଶ୍ର ମୁଣ୍ଡାଠାକୁରା ହାଇସ୍କୁଲକୁ ଆସୁଛନ୍ତି। ରାଣୀଭୋଳର ହେମନ୍ତ କୁମାର କରଙ୍କ ଭଦ୍ରକ ଜିଲ୍ଲାକୁ, କନ୍ଧମାଳରୁ ମମତା ସାମଲଙ୍କୁ ରାସଗୋବିନ୍ଦପୁର ମାଣିଦାକୁ, କେନ୍ଦୁଝରର ସୋମନାଥ ଆୟାଚଙ୍କୁ ଅଙ୍ଗାରପଦା ହାଇସ୍କୁଲ, ସେଠାରୁ ଜନ୍ମେଜୟ ମହାନ୍ତଙ୍କୁ କେନ୍ଦୁଝର ଜିଲ୍ଲା, ପାଟପୁର (ଶିଳଦା)ର ପଦ୍ମଲୋଚନ ମହାନ୍ତଙ୍କୁ କେନ୍ଦୁଝର, ସୁଲେଇପାଟର ବିନୋଦ ବିହାରୀ ସମାଲଙ୍କୁ ରାଉତାଳିପାଟ, ଚମକପୁରରୁ ଚିତ୍ତରଞ୍ଜନ ସେଠୀଙ୍କୁ ହେସେଲପଟା, ବାଲେଶ୍ୱରର ପ୍ରତୀମା କିସପୋଟ୍ଟା ଗୁଣ୍ଡିହୁଡି, ସେଠାରେ ଥିବା ନିତ୍ୟାନନ୍ଦ ଘୋଷଙ୍କୁ ସୁନ୍ଦରଗଡ଼, ସୁନ୍ଦରଗଡ଼ରୁ ଇତିଶ୍ରୀ ଜେନା ବେତନଟୀର ଶାଳବଣୀ ସାମିଲ ନହଣ୍ଡାଶୋଳକୁ ଆସୁଥିବାବେଳେ ସେଠାରୁ ଉପେନ୍ଦ୍ର ନାଥ ଜେନାଙ୍କର କେନ୍ଦୁଝରକୁ ବଦଳି ହୋଇଛି। ସେହିପରି ଗୋପବନ୍ଧୁନଗର ବ୍ଲକର ଟିକାୟତପୁର ହାଇସ୍କୁଲର ଭବାନୀ ଶଙ୍କର ବେହେରାଙ୍କର କେନ୍ଦୁଝର ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ ସୁନ୍ଦରଗଡ଼ରୁ ମନୋଜ କୁମାର ଭିତିରିଆଙ୍କର କେଶଡିହା ହାଇସ୍କୁଲକୁ ବଦଳି ହୋଇଛି। ବଦଳି ଆଦେଶ ଅନୁଯାୟୀ ଉପରୋକ୍ତ ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀ ୧୮ ତାରିଖ ଅପରାହ୍ନରୁ କେନ୍ଦ୍ରୀୟ ଭାବେ ରିଲିଭ୍ ହୋଇ ଓ ସିନିୟର ମୋଷ୍ଟ ଟିଜିଟିଙ୍କୁ ଚାର୍ଜ ହସ୍ତାନ୍ତର ପୂର୍ବକ ନୂତନ ପୋଷ୍ଟିଂ ସ୍ଥାନରେ ତୁରନ୍ତ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବଦଳି ମାଧ୍ୟମରେ ସରକାର ଶିକ୍ଷା ବ୍ୟବସ୍ଥାରେ ନୂତନତ୍ୱ ଆଣିବା ଓ ପ୍ରଶାସନିକ କାର୍ଯ୍ୟକୁ ଆହୁରି ଗତିଶୀଳ କରିବା ଲକ୍ଷ୍ୟ ରଖିଛି ବୋଲି ଜଣାପଡ଼ିଛି।

**ବାହାର ଜିଲ୍ଲାରୁ ଆସୁଛନ୍ତି ୬ ଜଣ**

## ଝୁଲନ୍ତା ମୃତଦେହ ଉଦ୍ଧାର

ମହୁଲଡିହା, ୧୯।୬(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ ସାତକୋଶିଆ ଗ୍ରାମର ଏକ ଶାଗୁଆନ ଗଛରୁ ଝୁଲନ୍ତା ଅବସ୍ଥାରେ ମୃତଦେହକୁ ମହୁଲଡିହା ପୁଲିସ ଉଦ୍ଧାର କରିଛି। ମୃତକ ଜଣକ ତ୍ରିଲୋଚନ ନାୟକ (୫୦)। ତ୍ରିଲୋଚନଙ୍କ ଝିଅ ଟ୍ୱିଙ୍କିଲଙ୍କ ବିବାହ ହୋଇଛି। ସ୍ତ୍ରୀ ରଞ୍ଜିତାଙ୍କ କହିବାନୁଯାୟୀ, ୧୮ ତାରିଖରେ ସେ ଘରେ ନ ଥିବାବେଳେ ଏଭଳି ଅଘଟଣ ଘଟିଛି। ଗୁରୁବାର ରାତି ପ୍ରାୟ ୧୦ଟାରେ ବଡ଼ଭାଇ (ଦେଢଶୁର) ବଳଭଦ୍ର ନାୟକ ପୋଖରୀକୁ ସେହି ରାସ୍ତାରେ ଶୌଚ ପାଇଁ ଯାଉଥିବାବେଳେ ଟର୍ଚ୍ଚ ଆଲୋକରେ ତ୍ରିଲୋଚନଙ୍କ ଶବ ଗଛରେ ଓହଳିଥିବା ଦେଖିଥିଲେ। ସେ ଖବର ଦେବାରୁ ରାତିରେ ରଞ୍ଜିତା ଘରକୁ ଫେରିଥିଲେ। ରଞ୍ଜିତା ୧୯ ତାରିଖ ସକାଳେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଏଏସଆଇ ସନ୍ତୋଷ ନାୟକ ମୃତଦେହ ଜବତ କରି ୧୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛନ୍ତି। ଘରପାଖ ବାଡିରେ ଥିବା ଶାଖା ବିହୀନ ଶାଗୁଆନ ଗଛର ପ୍ରାୟ ୭ ଫୁଟ୍ ଉପରେ ଏକ ଶାଢ଼ୀରେ ତ୍ରିଲୋଚନ ଝୁଲି ରହିଥିଲେ। ଗୋଡ଼ ମାଟିରେ ଲାଗିଛି। ସେ ପିନ୍ଧି ଥିବା ଚପଲ ଦୁଇ ପାଦରେ ଥାଇ ତଳେ ଥିବା କାଠରେ ଲାଗିଛି। ଏହା ଆତ୍ମହତ୍ୟା ନା ଏହା ପଛରେ ଆଉକିଛି ରହସ୍ୟ ରହିଛି, ସେନେଇ ପୁଲିସ ଖୋଳତାଡ ଚଳାଇଛି।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସଚେତନତା କାର୍ଯ୍ୟକ୍ରମ



ବିଶୋଇ, ୧୯।୬(ସମିସ): ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୂଲ୍ୟରେ ବିଶୋଇ ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସଚେତନତା କାର୍ଯ୍ୟକ୍ରମ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ତହସିଲଦାର ଦେବାଶିଷ ଆଚାର୍ଯ୍ୟ, ବ୍ଲକ ସାମଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର, ଜିପିଡିଇଓ ହରେଶ ନାଏକ, ସିଡିପିଓ ଶ୍ରୀମତୀ ବିଟୁ ଟୁଡୁ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦୁଲୁମ ଚରଣ ହୋ ଓ ବିଶୋଇ ଅଗ୍ନିଶମ ବିଭାଗ ଅଧିକାରୀ ଶୁକଦେବ ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିପର୍ଯ୍ୟୟ ସମୟରେ କିପରି ନିଜକୁ ପ୍ରସ୍ତୁତ କରିବା ଓ ଏକତ୍ରିତ ରହି ଏହାର କିପରି ମୁକାବିଲା କରିବା ନେଇ ମତ ରଖିଥିଲେ। ବିପର୍ଯ୍ୟୟ ସମୟରେ ଭୟଭୀତ ନ ହୋଇ ସଭିଏଁ ମିଶି ସରକାରୀ ନିୟମ ପାଳନ କରି ଏହାର ଦୃଢ଼ ମୁକାବିଲା କରିବା ପାଇଁ କହିଥିଲେ। ଜନପ୍ରତିନିଧି, ଅଙ୍ଗନବାଡ଼ି କର୍ମୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ତୃଣମୂଳ ସ୍ତରରେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ କିପରି ଲୋକଙ୍କୁ ସଜାଗ ରଖିବାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିବେ, ସେନେଇ ଆଲୋଚନା କରାଯାଇଥିଲା। ଖଡ଼ମବେଡା ସରପଞ୍ଚ ସୋମବାରି ସିଂ ଓ ବିଶୋଇ ସରପଞ୍ଚ କରୁଣା ସାଗର ମାରାଣ୍ଡି ଉପସ୍ଥିତ ଥିଲେ।

## ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

ମହୁଲଡିହା, ୧୯।୬(ସମିସ): ଠାକୁରମୁଣ୍ଡା ବ୍ଲକ ପରିସରରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ସଂକ୍ରାନ୍ତୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଠାକୁରମୁଣ୍ଡା ଅଞ୍ଚଳ ସମ୍ମୁଖୀନ ହେଉଥିବା ଏକାଧିକ ବିପର୍ଯ୍ୟୟର ତାଲିକା କରିବା ସହ ତାହାର ମୁକାବିଲା ନିମିତ୍ତ ସମ୍ଭାବ୍ୟ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ସମ୍ମାନିତ ଅତିଥି ଭାବେ ତହସିଲଦାର ସମ୍ବିତ କର ଯୋଗଦେଇ ଠାକୁରମୁଣ୍ଡାରେ ଆକସ୍ମିକ ବିପର୍ଯ୍ୟୟ ସଂକ୍ରାନ୍ତୀୟ ନିଜର ଅନୁଭୂତି ଉପସ୍ଥାପନ କରିଥିଲେ। ଗୋଷ୍ଠୀ ପ୍ରାଣୀ ସମ୍ପଦ ଅଧିକାରୀ ମନୋରଞ୍ଜନ ମହାପାତ୍ର, କୃଷି ଅଧିକାରୀ, କନିଷ୍ଠ ଉଦ୍ୟାନ କୃଷି ଅଧିକାରୀ, ଅଗ୍ନିଶମ ବିଭାଗ ସମେତ ଅନ୍ୟାନ୍ୟ ଅଧିକାରୀ ଓ ସରପଞ୍ଚ ନିଜ ନିଜର ମତ ରଖିଥିଲେ। ଏପିଓ ଧାନଚନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିପିଡିଓ ଜ୍ଞାନପ୍ରଭା ମିଶ୍ର ଧନ୍ୟବାଦ ଦେଇଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ

କପ୍ତିପଦା, ୧୯।୬(ସମିସ): କପ୍ତିପଦା ବ୍ଲକ ସମ୍ମିଳନୀ କକ୍ଷରେ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟାଳୟ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ବିଦ୍ୟାଭାରତୀ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସଦାଶିବ ବେହେରା, ପ୍ରାଣୀ ଚିକିତ୍ସାଧିକାରୀ ଡା. ଦିଲ୍ଲୀପ କୁମାର ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ମନୋଜ କୁମାର ବାରିକ, ସୁନେଇ ଜଳସେଚନ ପ୍ରକଳ୍ପର ସହକାରୀ ଯନ୍ତ୍ରୀ ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ରହି ବ୍ଲକ ପକ୍ଷରୁ ପରିଚାଳନା ଓ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଧନଜୀବନକୁ ସୁରକ୍ଷିତ ରଖିବା ପାଇଁ ପ୍ରସ୍ତୁତ ରହିବାକୁ ବିଭାଗୀୟ ଅଧିକାରୀ ଦିଗଦର୍ଶନ ଦେଇଥିଲେ। ବୈଠକରେ ବ୍ଲକର ସମିତି ସଭ୍ୟସଭ୍ୟା, ସରପଞ୍ଚ, କୃଷି ବିଭାଗ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ, ଶିଶୁ ବିକାଶ ଯୋଜନାର ସୁପରଭାଇଜର, ପରିମଳ, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ଅଗ୍ନିଶମ ସେବା ବିଭାଗ, ବ୍ଲକର ସମସ୍ତ ଯନ୍ତ୍ରୀ, ସ୍ୱୟଂସହାୟିକା ଗୋଷ୍ଠୀର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆରମ୍ଭର ସଦସ୍ୟ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ ଜୀବନଜ୍ୟୋତି ବଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ।

**କୋମାରେ ସରକାରଙ୍କ ଯୋଜନା**

## ମୋରଡ଼ା ଥାନାରେ କାର୍ଯ୍ୟକାରୀ ହେଉନି ମହିଳା ଶିଶୁ ଡେସ୍କ

ମୋରଡା, ୧୯।୬(ସମିସ): ମୋରଡ଼ା ଥାନାରେ ସରକାରଙ୍କ ତିନୋଟି ଯୋଜନା ଏବେ ଦିଗହରା ହୋଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ଯେଉଁ ଥାନା ଅଧିକାରୀ ଥିଲେ ସେମାନେ ଆମ ପୁଲିସ, ମହିଳା ଶିଶୁ ଡେସ୍କ ଓ ବରିଷ୍ଠ ନାଗରିକ ଯୋଜନା କାର୍ଯ୍ୟକାରୀ କରୁଥିଲେ। ବର୍ତ୍ତମାନ ତାହା କାର୍ଯ୍ୟକାରୀ ହେଉନି। ଓଲଟି ମହିଳା କିମ୍ବା ନାବାଳିକା ଥାନାକୁ ଅଭିଯୋଗ କରିବାକୁ ଗଲେ କେଶ ନ କରିବା ପାଇଁ ଧମକ ଦେଉଥିବା ଖବର ପ୍ରତିଦିନ ଖବରକାଗଜରେ ସିରନାମା ପାଲଟିଛି। ସେଥିପାଇଁ ଉକ୍ତ ଯୋଜନା କୋମାରେ ଥିବା ସାଧାରଣରେ ଆଲୋଚନା ହେଉଛି। ଆମ ପୁଲିସ ଯୋଜନା ଅନୁଯାୟୀ ବିଭିନ୍ନ ସମୟରେ ବିଭିନ୍ନ ଗ୍ରାମାଞ୍ଚଳରେ ଜନତାଙ୍କ ଉପସ୍ଥିତିରେ ବୈଠକ କରାଯାଉଥିଲା। ଫଳରେ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ଦେଖାଦେଲେ ପୁଲିସ ତୁରନ୍ତ ଜାଣିପାରୁଥିଲା। ଏହାଦ୍ୱାରା ସାଧାରଣ ଲୋକେ ପୁଲିସକୁ ସହଯୋଗ କରୁଥିଲେ ଓ ଆବଶ୍ୟକ ପଡ଼ିଲେ ସୂଚନା ଦେଇପାରୁଥିଲେ। ସେହିପରି ପୂର୍ବରୁ ଥାନା ଅଧିକାରୀଙ୍କ ସମୟରେ ମହିଳା ଶିଶୁ ଡେସ୍କରେ ପୁଲିସ ସାଧା ପୋଷାକରେ ଶିଶୁଙ୍କୁ ପଚରାଉଚରା କରୁଥିଲେ। ଏକ ରେଜିଷ୍ଟର କରାଯାଇ ଏଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଥିଲା। ବର୍ତ୍ତମାନ ତାହା ବନ୍ଦ ପଡ଼ିଥିବା ଜଣାପଡ଼ିଛି। ଆମ ପୁଲିସ, ମହିଳା ଶିଶୁ ଡେସ୍କ ଓ ବରିଷ୍ଠ ନାଗରିକ ସୁରକ୍ଷା ଯୋଜନା ଏବେ ଦିଗହରା ହୋଇଯାଇଛି। ଏସବୁ ଯୋଜନା ଏବେ କେବଳ କାଗଜପତ୍ରରେ ଚାଲିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଥାନା ଅଧିକାରୀ ସୁମିତ କୁମାର ସରେନଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ପ୍ରତିକ୍ରିୟା ଭୟରେ ଦୀର୍ଘଦିନ ହେବ ସେ ଫୋନ ଉଠାଉ ନାହାନ୍ତି।

## ଗଣମାଧ୍ୟମ ସହ ଇଗ୍ନୋ କର୍ତ୍ତୃପକ୍ଷଙ୍କ ଆଲୋଚନା



ବାରିପଦା/ରାଇରଙ୍ଗପୁର, ୧୯ ।୬(ସମିସ): ରାଇରଙ୍ଗପୁରରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଓ ଦକ୍ଷତା କେନ୍ଦ୍ର ଭବନର ସ୍ଥାୟୀ କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ପୂର୍ବରୁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଇଗ୍ନୋର ଭାଇସ ଚାନସେଲର ପ୍ରଫେସର ଉମା କାଞ୍ଜିଲାଲ, ରେଜିଷ୍ଟ୍ରାର ପ୍ରଫେସର ଜିତେନ୍ଦ୍ର ଶ୍ରୀବାସ୍ତବ ଓ ବିତ୍ତ ଅଧିକାରୀ ଡକ୍ଟର ଜିତେନ୍ଦ୍ର ଦେବ ଗଙ୍ଗୱାର ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି ଏ ଅଞ୍ଚଳରେ ଉଚ୍ଚଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ପ୍ରକଳ୍ପର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ଗଣମାଧ୍ୟମକୁ କୁଳପତି କହିଛନ୍ତି ଯେ, ରାଇରଙ୍ଗପୁରରେ ସ୍ଥାୟୀ ଇଗ୍ନୋ କ୍ୟାମ୍ପସ ପ୍ରତିଷ୍ଠା ଉତ୍ତର ଓଡ଼ିଶା ଓ ସଂଲଗ୍ନ ଅଞ୍ଚଳରେ ଗୁଣାତ୍ମକ ଉଚ୍ଚଶିକ୍ଷା, ବୃତ୍ତିଗତ ତାଲିମ ଓ ଜୀବନବ୍ୟାପୀ ଶିକ୍ଷା ସୁଯୋଗର ଉପଲବ୍ଧତାକୁ ବିସ୍ତାର କରିବାରେ ଏକ ପ୍ରମୁଖ ମାଇଲଖୁଣ୍ଟ। ନୂତନ ଭିତ୍ତିଭୂମି ଶିକ୍ଷାର୍ଥୀ ସହାୟତା ସେବାକୁ ସୁଦୃଢ଼ କରିବ ଓ ନବସୃଜନଶୀଳ ଶୈକ୍ଷିକ, ଦକ୍ଷତାଭିତ୍ତିକ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନକୁ ସହଜ କରିବ। କୁଳସଚିବ ସୂଚନା ଦେଇଛନ୍ତି ଯେ, ଆସନ୍ତାକାଲି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆୟୋଜିତ ହେବାକୁ ଥିବା ଶିଳାନ୍ୟାସ ସମାରୋହ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ନୂତନ କ୍ୟାମ୍ପସ ଅନ୍ତର୍ଭୁକ୍ତିମୂଳକ ଓ ପ୍ରଯୁକ୍ତିବିଦ୍ୟା ସକ୍ଷମ ଶିକ୍ଷାର ଏକ କେନ୍ଦ୍ର ଭାବେ ଉଭା ହେବ। ବିତ୍ତ ଅଧିକାରୀ ଆଧୁନିକ ଶୈକ୍ଷିକ ଓ ପ୍ରଶାସନିକ ସୁବିଧା ବିକାଶ ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଇଗ୍ନୋ ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ଏମ.କେ. ଦାଶ ଆସନ୍ତାକାଲି ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଓ ଦକ୍ଷତା କେନ୍ଦ୍ର ଭବନର ଶିଳାନ୍ୟାସ ସମାରୋହରେ ଯୋଗଦେବା ନିମନ୍ତେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସଦୟ ସମ୍ମତି ପାଇଁ ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ।

# ଗୁଣ୍ଡୁରିଆ ସହିଦ ସ୍ଥଳରେ ସ୍ମୃତିସ୍ତମ୍ଭ ନିର୍ମାଣ ଓ ଉନ୍ନତୀକରଣ ଦାବି

## ମୟୂରଭଞ୍ଜର ଜାଲିଆନାୱାଲା ବାଗ 'ଗୁଣ୍ଡୁରିଆ' ପ୍ରତି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ପଡୁ

ବାରିପଦା, ୧୯।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ଗୁଣ୍ଡୁରିଆ ସହିଦ ସ୍ଥଳରେ ସ୍ମୃତିସ୍ତମ୍ଭ ନିର୍ମାଣ ଓ ଉନ୍ନତୀକରଣ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ସରକାର ଏଯାଏଁ ଗୁଣ୍ଡୁରିଆ ଗୁଳିକାଣ୍ଡ ଘଟଣାକୁ ସରକାରୀ ମାନ୍ୟତା ଦେଉନାହାନ୍ତି। ଗିଦିଘାଟୀ ପଞ୍ଚାୟତର ପାଟ୍ରାମହୁଲପାଣିସ୍ଥ ବାବା ତିଲକା ପାଠାଗାର ପ୍ରତିଷ୍ଠାତା ରାମଦାସ ମୁର୍ମୁଙ୍କ ପକ୍ଷରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ରାଇରଙ୍ଗପୁର ଗସ୍ତ ଅବସରରେ ଆଜାଦ ଭାରତରେ ଘଟିଥିବା ଏହି ବର୍ବର ଗୁଳିକାଣ୍ଡ ଘଟଣାକୁ ମାନ୍ୟତା ପ୍ରଦାନ କରାଯାଇ ଗୁଳିକାଣ୍ଡରେ ସହିଦ ହୋଇଥିବା ହଜାର ହଜାର ନୀରିହ ଆଦିବାସୀଙ୍କୁ ସମ୍ମାନ ପ୍ରଦାନ କରାଯିବାକୁ ଦାବି ଉପସ୍ଥାପନ କରାଯାଇଛି।



ଦେଶ ସ୍ୱାଧୀନ ହେବା ପରେ ରାଜତନ୍ତ୍ର ଶାସନ ବ୍ୟବସ୍ଥାରେ ଥିବା ରାଜ୍ୟଗୁଡିକୁ ନେଇ ନୂତନ ରାଜ୍ୟ ଗଠନ ପ୍ରକ୍ରିୟା ଚାଲିଥିଲା। ସେତେବେଳେ ଆଦିବାସୀ ବହୁଳ ଅଞ୍ଚଳକୁ ନେଇ ଅଲଗା ରାଜ୍ୟ ଗଠନ କରାଯିବା ଦାବିରେ ଆଦିବାସୀ ଜନସାଧାରଣ ଏକତ୍ରିତ ହୋଇ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଥିଲେ। ତେବେ ସେତେବେଳର କଂଗ୍ରେସ ସରକାର ଏହି ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଚକ୍ରାନ୍ତ କରି ଆନ୍ଦୋଳନର ନେତୃତ୍ୱ ନେଉଥିବା ଛେଳିଗୁଦଳି ଗ୍ରାମର କାରୁ ହେମ୍ବ୍ରମ, କଇଁପୁର ଗ୍ରାମର ଘାଷିରାମ ସାଣ୍ଡିଲ, ତାରଣା ଗ୍ରାମର ସୁନ୍ଦର ମୋହନ ହେମ୍ବ୍ରମ, ଦାମକମ/ହେଁସଡା ଗ୍ରାମର ସୁନାରାମ ସୋରେନ, କୁଦରସାହି ଗ୍ରାମର ଲାଲମୋହନ ସୋରେନ, ବାଡା ବେଶ୍ରା (ଚଣ୍ଡିଦା), ରାମଚନ୍ଦ୍ର ମାଝୀ (ବଡଭୁଣ୍ଡୁ), ଲାଲମୋହନ ମୁର୍ମୁ (ଟିକରପଡ଼ା), ଶ୍ୟାମଚରଣ ହାଁସଦା (କୁସୁମୀ), ଧାନ ଟୁଡୁ, (ଚାନ୍ଦୁଆ), ସିଦୋ ମୁର୍ମୁ (ଖଡ଼ବନ୍ଧ), ବୁଢାନ ମାରାଣ୍ଡି (ବଡଗୋବରା), ହରଦେବ ତିରିଆ (ଟଙ୍ଗାବିଲା), ମହେଶ୍ୱର ନାଏକ (ଟଙ୍ଗାବିଲା), ସମାଇ କିସ୍କୁ (ବାରିପଦା) ଓ ଯାଦବ ମୁର୍ମୁ (ପାଲବଣୀ) ପ୍ରମୁଖ ଆଦିବାସୀ ନେତାଙ୍କୁ ଗିରଫ କରାଯାଇଥିଲା। ତେବେ ପୂର୍ବ ପ୍ରସ୍ତୁତି ଅନୁସାରେ ୧୯୪୯ ଫେବୃଆରୀ ୬ ତାରିଖ ଦିନ ବାମନଘାଟୀ ଅଞ୍ଚଳର ଆଦିବାସୀ ଜନସାଧାରଣ ପ୍ରଶାସନର ଦୃଷ୍ଟି ଅଢୁଆଳରେ ଲୁଚିଛପି ଗୁଣ୍ଡୁରିଆଠାରେ ସାଧାରଣ ସଭାରେ ଶାନ୍ତିପୂର୍ଣ୍ଣ ଆଲୋଚନା କରିବାକୁ ଏକତ୍ରିତ ହୋଇଥିଲେ। କୌଣସି ଗୁପ୍ତଚର ସୂତ୍ରରୁ ଖବର ପାଇ ଓଡ଼ିଶା ସରକାରଙ୍କ ଆଦେଶ କ୍ରମେ ନିରସ୍ତ୍ର ନିରୀହ ହଜାର ହଜାର ଆଦିବାସୀ ପୁରୁଷ ମହିଳା ଓ ଶିଶୁଙ୍କ ଉପରେ ସଶସ୍ତ୍ର ସୈନ୍ୟଙ୍କ ଦ୍ୱାରା ଆତର୍କିତ ଚଢ଼ଉ କରାଯାଇ ଆଖିବୁଜା ଗୁଳି ଚାଳନା କରାଯାଇଥିଲା। ଏହି ବର୍ବର ଆକ୍ରମଣ ଗୁଳିକାଣ୍ଡରେ ବହୁ ସଂଖ୍ୟାରେ ମହିଳା, ପୁରୁଷ ଓ ଶିଶୁ ପ୍ରାଣ ହରାଇ ସହିଦ୍ ହୋଇଥିଲେ। ଯେଉଁମାନଙ୍କ ପରିଚୟ କିମ୍ବା ସଠିକ ତଥ୍ୟ ସରକାର କିମ୍ବା କୌଣସି ବେସରକାରୀ ସଂସ୍ଥା ପାଖରେ ମଧ୍ୟ ନାହିଁ। ସେହି ଅମାନୁସିକ ଘଟଣା ତଥା ସହିଦ ନୀରିହ ଆଦିବାସୀଙ୍କ ସ୍ମୃତିରେ ଫେବୃଆରୀ ୬ ତାରିଖ ଦିନ ଗୁଣ୍ଡୁରିଆର ଗୁଳିକାଣ୍ଡ ସ୍ଥଳରେ ବେସରକାରୀ ଭାବେ ଆଦିବାସୀ ସଂଗଠନ ପକ୍ଷରୁ ସହିଦ ଦିବସ ପାଳନ କରାଯାଇଆସୁଛି। ଏହି ତିଥିରେ ନିରୀହ ଆଦିବାସୀ ସହିଦମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବାକୁ ଓଡ଼ିଶା, ଝାଡ଼ଖଣ୍ଡ ସମେତ ବିଭିନ୍ନ ରାଜ୍ୟରୁ ବହୁ ସଂଖାରେ ଆଦିବାସୀ ଜନସାଧାରଣ ତଥା ନେତା ମନ୍ତ୍ରୀଙ୍କ ସୁଅ ଛୁଟିଥାଏ। ଏ ନେଇ ବିଭିନ୍ନ ସାମାଜିକ ତଥା ରାଜନୈତିକ ସଂଗଠନ ପକ୍ଷରୁ ସାଧାରଣ ସଭାର ଆୟୋଜନ କରାଯାଇ ବର୍ବର ଗୁଳିକାଣ୍ଡ ଘଟଣା ଓ ନିରୀହ ସହିଦଙ୍କ ସ୍ମୃତିଚାରଣ କରାଯାଇଥାଏ। ସ୍ୱାଧୀନ ଭାରତରେ ଘଟିଥିବା ଏହି ଘଟଣାକୁ ଓଡ଼ିଶାର ଜାଲିଆନାୱାଲା ବାଗ ବୋଲି ବିବେଚନା କରାଯାଇଥାଏ। ତେବେ ଦୀର୍ଘ ଦିନର ଦାବି ସତ୍ତ୍ୱେ ସରକାରଙ୍କ ପକ୍ଷରୁ ଏହି ଗୁଳିକାଣ୍ଡ ଘଟଣାକୁ ମାନ୍ୟତା ପ୍ରଦାନ କରାଯିବା ପରିବର୍ତ୍ତେ ଅଣଦେଖା କରାଯାଇଆସୁଛି। ଏ ନେଇ ଶ୍ରୀ ମୁର୍ମୁଙ୍କ ପକ୍ଷରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ରାଜ୍ୟ ଓ କେନ୍ଦ୍ର ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।





ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ ଉପଲକ୍ଷେ ବାଲୁକା କଳା ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି ଶିଳ୍ପୀ ଅଜୟ କୁମାର ଘୋଷ

## ଜିଲ୍ଲା ବିଜେପିର ସାଂଗଠନିକ ବୈଠକ

ବାଲେଶ୍ୱର,୧୯।୬ (ସମିସ): ଭୋଇ ସାହିସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ବିଜେପି ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାରଙ୍କ ଓ ରାଜ୍ୟ ସରକାରଙ୍କ ସଫଳତା କିପରି ପଞ୍ଚାୟତ ଓ ବୁଥ୍ ସ୍ତରରେ ଜନ ସାଧାରଣଙ୍କ ନିକଟରେ ପହଞ୍ଚିବ ସେ ବିଷୟରେ ଜିଲ୍ଲା ସଭାପତି ଶ୍ରୀ ବେହେରା ଆଲୋଚନା କରିଥିଲେ। ସାଙ୍ଗଠନିକ ଜିଲ୍ଲା ବାଲେଶ୍ୱର ଜିଲ୍ଲାର ମୋଟ ୩୩ ଟି ମଣ୍ଡଳର ପ୍ରଭାରୀଙ୍କ ସହ ଜିଲ୍ଲା ବିଜେପିର ସଧାରଣ ସମ୍ପାଦକ ତଥା ନୀଳଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ପର୍ଶୁରାମ ପରିଡ଼ା, ଜିଲ୍ଲା ସାଧାରଣ ସମ୍ପାଦକ ତଥା ସୋରୋ ବିଧାନ ସଭା ପ୍ରଭାରି ଚନ୍ଦ୍ର ଶେଖର ନନ୍ଦ, ଜିଲ୍ଲା ସଂପାଦକ ତଥା ସିମୁଳିଆ ବିଧାନ ସଭା ପ୍ରଭାରି ରାଜେଶ ମହାପାତ୍ର, ରେମୁଣା ପ୍ରଭାରୀ ତଥା ଜିଲ୍ଲା ସଂପାଦକ ଚିତ୍ତରଞ୍ଜନ ପଣ୍ଡା, ସଦର ବିଧାନ ସଭା ପ୍ରଭାରି ତଥା ଜିଲ୍ଲା ବିଜେପି ଉପ ସଭାପତି ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ରାଷ୍ଟ୍ରିୟ ବନ୍ଦନା ଓ ଶେଷରେ ରାଷ୍ଟ୍ରୀୟ ସଙ୍ଗୀତ ସାମୂହିକ ଭାବେ ଗାନ କରାଯାଇଥିଲା।

### ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ମକଡ୍ରିଲ

# ୧୪୪ ଆଶ୍ରୟସ୍ଥଳୀରେ ଏକକାଳୀନ ଅଭ୍ୟାସ

ବାଲେଶ୍ୱର, ୧୯।୬ (ସମିସ)

ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଏକ ବ୍ୟାପକ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ୍ ଆୟୋଜନ କରାଯାଇଛି। ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମପଞ୍ଚାୟତର ବଡ଼କିଆ ବାତ୍ୟା ଆଶ୍ରୟସ୍ଥଳୀରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲାର ସମସ୍ତ ବ୍ଲକର ୧୪୪ ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ଏକାସାଙ୍ଗରେ ମକଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ମାଧ୍ୟମରେ ବିପର୍ଯ୍ୟୟ ସମୟରେ ଉଦ୍ଧାର, ସ୍ଥାନାନ୍ତରଣ, ରିଲିଫ ବ୍ୟବସ୍ଥା ଓ ଜରୁରୀ ସେବାର ପ୍ରସ୍ତୁତିକୁ ପରଖା ଯାଇଥିଲା। ମକଡ୍ରିଲ୍‌କୁ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ ଉଦ୍‌ଘାଟନ କରି କହିଥିଲେ ଯେ ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶା ପାଇଁ ଏକ ଚିରନ୍ତନ ଚ୍ୟାଲେଞ୍ଜ। ତେଣୁ ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତି ସୁରକ୍ଷା ପାଇଁ ପୂର୍ବ ପ୍ରସ୍ତୁତି ହିଁ ସବୁଠାରୁ ବଡ଼ ଅସ୍ତ୍ର। ମକଡ୍ରିଲ୍ ମାଧ୍ୟମରେ ଉଦ୍ଧାରକାରୀ ଦଳ, ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ପାଇବା ସହ ଜରୁରୀ ପରିସ୍ଥିତିରେ ଦ୍ରୁତ ଓ ଫଳପ୍ରଦ ପଦକ୍ଷେପ ନେବା ସମ୍ଭବ ହୋଇଥାଏ। କାର୍ଯ୍ୟକ୍ରମରେ ଏନଡିଆରଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗ, ଜିଲ୍ଲା ଜରୁରୀକାଳୀନ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ଓ ସ୍ଥାନୀୟ ସ୍ୱେଚ୍ଛାସେବକମାନେ ଅଂଶଗ୍ରହଣ କରିଥିଲେ। ବାତ୍ୟା ଓ ବନ୍ୟା ସମୟରେ ବିପଦଗ୍ରସ୍ତ ଅଞ୍ଚଳରୁ ଲୋକଙ୍କୁ କିପରି ସୁରକ୍ଷିତ ସ୍ଥାନକୁ ନିଆଯିବ, ଆହତଙ୍କୁ କିପରି ଉଦ୍ଧାର କରାଯିବ ଏବଂ ଜରୁରୀ ଚିକିତ୍ସା ସହାୟତା ଯୋଗାଇ ଦିଆଯିବ, ମକଡ୍ରିଲ ମାଧ୍ୟମରେ ତାହାର ଜୀବନ୍ତ ପ୍ରଦର୍ଶନ କରାଯାଇଥିଲା। ଉଦ୍ଧାରକାରୀ ଦଳ ରସି, ଲାଇଫ୍ ଜାକେଟ୍, ଷ୍ଟ୍ରେଚର୍, ରେସ୍କ୍ୟୁ ବୋଟ୍ ଓ ଅନ୍ୟାନ୍ୟ ଅତ୍ୟାଧୁନିକ ଉପକରଣ ବ୍ୟବହାର କରି ଉଦ୍ଧାର କୌଶଳ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଭିନ୍ନ ଜରୁରୀ ଉପକରଣ ଓ ଯନ୍ତ୍ରପାତିର କାର୍ଯ୍ୟକ୍ଷମତା




ଯାଞ୍ଚ କରାଯାଇଥିଲା। ବିପର୍ଯ୍ୟୟ ସମୟରେ ବ୍ୟବହୃତ ହେଉଥିବା ଉପକରଣଗୁଡ଼ିକର ସ୍ଥିତି, ପ୍ରସ୍ତୁତି ଓ ପ୍ରୟୋଗ ସମ୍ପର୍କରେ ଅଧିକାରୀମାନେ ସମୀକ୍ଷା କରିଥିଲେ। ଅଧିକାରୀଙ୍କ ମତରେ, ଏଭଳି ମକଡ୍ରିଲ୍ ମାଧ୍ୟମରେ ଉଦ୍ଧାର ବ୍ୟବସ୍ଥାର ଦୁର୍ବଳତା ଚିହ୍ନଟ ହେବା ସହ ବାସ୍ତବ ବିପର୍ଯ୍ୟୟ ସମୟରେ ଦ୍ରୁତ ପ୍ରତିକ୍ରିୟା ଦେବାର କ୍ଷମତା ବୃଦ୍ଧି ପାଏ ବୋଲି ପ୍ରକାଶ କରିଥିଲେ। ଓସଡମାର ସହଯୋଗରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ମକଡ୍ରିଲ୍‌ରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟର ପର୍ଯ୍ୟବେକ୍ଷକ ଆରଣ୍ୟକ ମିଶ୍ର ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମକୁ ପର୍ଯ୍ୟବେକ୍ଷଣ କରିଥିଲେ। ସେହିପରି ସହାୟକ ଜିଲ୍ଲାପାଳ ପ୍ରତାପ କୁମାର ବେହେରା, ବଡ଼କିଆ ସରପଞ୍ଚ ଆରତୀ ଦାସ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ, ଜିଲ୍ଲା ପ୍ରକଳ୍ପ ସଂଯୋଜକ (ଓସଡମା) ଅବନୀକାନ୍ତ ଭୂୟାଁ, ଏନଡିଆରଏଫ୍ ଟିମ୍ କମାଣ୍ଡର, ଅଗ୍ନିଶମ ବିଭାଗର ଅଧିକାରୀ ଓ ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ରାଜ୍ୟବ୍ୟାପୀ ଭାବେ ଆୟୋଜିତ ଏହି ମକଡ୍ରିଲ ସାଧାରଣ ଲୋକଙ୍କ ମଧ୍ୟରେ ବିପର୍ଯ୍ୟୟ ସଚେତନତା ସୃଷ୍ଟି କରିବା ଏବଂ ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତଙ୍କୁ ସଦା ପ୍ରସ୍ତୁତ ରଖିବା ମକଡ୍ରିଲ୍‌ର ମୂଳ ଉଦ୍ଦେଶ୍ୟ ଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ବିପଦ ସମୟରେ ଗୁଜବରୁ ଦୂରେଇ ରହିବା, ସରକାରୀ ନିର୍ଦ୍ଦେଶ ମାନିବା ଏବଂ ଆଶ୍ରୟସ୍ଥଳୀକୁ ସମୟରେ ସ୍ଥାନାନ୍ତର ହେବା ପାଇଁ ଆହ୍ୱାନ ଦିଆଯାଇଥିଲା। ବାଲେଶ୍ୱର ଭଳି ଉପକୂଳ ଜିଲ୍ଲା ପାଇଁ ଏଭଳି ମକଡ୍ରିଲ୍ ଭବିଷ୍ୟତ ବିପର୍ଯ୍ୟୟ ପରିଚାଳନାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା ପ୍ରକାଶ ପାଇଛି।

## ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ

ଔପଦା,୧୯।୬ (ସମିସ): ରାଜ୍ୟ ସରକାର ଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଔପଦା ବ୍ଲକର ବିକାଶ ଧାରା, ଓଡ଼ିଶା ସାରା, ଜନ ସମ୍ପର୍କ ଅଭିଯାନ ୨୦୨୬ ସଂଖ୍ୟା ଲଘୁ, ପଛୁଆ ବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଔପଦା ବିଡ଼ିଓ ଶାଶ୍ୱତୀ ସଦୁଆଳଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ବିଶିବିସ୍ମା ପାତ୍ର ଙ୍କ ସମେତ ବରେଣ୍ୟ ଅତିଥି ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ କୁ ଉଦଘାଟନ କରାଯାଇଥିଲା। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିରଞ୍ଜନ ବେହେରା ରାଜ୍ୟ ଓ କେନ୍ଦ୍ର ସରକାର ଙ୍କ ଅନୁସୂଚିତ ଜାତି ଓ ଜନ ଜାତିଙ୍କ ଉନ୍ନୟନ ସହ ଜନକଲ୍ୟାଣ ଯୋଜନା ସମ୍ପର୍କରେ କହି, ଏଥିରେ ସାମିଲ ହୋଇଥିବା ପଞ୍ଚାୟତ ଓ ଗ୍ରାମ ବିଷୟରେ ବର୍ଣ୍ଣନା କରିଥିଲେ। ବ୍ଲକ ଉପାଧକ୍ଷ ପ୍ରଭାକର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାଉଁଶ ବଣିଆ ପଞ୍ଚାୟତ ର ସରପଞ୍ଚ ନିରଞ୍ଜନ ବାରିକ ସରକାରଙ୍କ ଏହି କାର୍ଯ୍ୟକ୍ରମ କୁ ସାଧୁବାଦ ଦେଇ ସମ୍ପୃକ୍ତ ଯୋଜନା କୁ ଲୋକ ମାନଙ୍କ ପାଖରେ ପହଞ୍ଚାଇ ପାରିଲେ ଏହି ଅଭିଯାନର ସୁଫଳ ମିଳି ପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ପ୍ରଜ୍ଞା ପରମିତା, ଜିଲ୍ଲା ପରିଷଦ ସଭ୍ୟା ମୁନି ସିଂ,ଗଡ଼ସାହି ପଞ୍ଚାୟତ ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି ବକ୍ତବ୍ୟ ଦେଇଥିଲେ। ଜନ ସମ୍ପର୍କ କାର୍ଯ୍ୟକ୍ରମ ରେ ପ୍ରଦର୍ଶନ ପାଇଁ ଷ୍ଟଲ ଖୋଲା ଯାଇଥିବା ବେଳେ ସେଗୁଡିକ ଖାଲି ପଡ଼ିଥିବା ଦେଖା ଯାଇଥିଲା। ଏହି କାର୍ଯ୍ୟକ୍ରମ ଚାରିଦିନ ଧରି ଚାଲିବ ବୋଲି ବ୍ଲକ ପକ୍ଷରୁ ସୂଚନା ମିଳିବା ସଙ୍ଗେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ପରିଚାଳନା ରେ ସହଯୋଗ କରିଥିଲେ।

## ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆଣ୍ଠୁଏ ପାଣି

ଚନ୍ଦନେଶ୍ୱର, ୧୯।୬ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ହୁଗୁଳି ଗ୍ରାମପଞ୍ଚାୟତ ଅଫିସ ସମ୍ମୁଖରେ ଥିବା ୫୭ ନମ୍ବର ରାଜ୍ୟ ରାଜପଥର ଦୟନୀୟ ଅବସ୍ଥା ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ପାଲଟିଛି। ସାମାନ୍ୟ ବର୍ଷା ହେଲେ ମଧ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମା ହୋଇ ରହୁଥିବାରୁ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ଏହି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଥିଲେ ମଧ ସମ୍ପୃକ୍ତ ବିଭାଗ ପକ୍ଷରୁ ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମପଞ୍ଚାୟତ ଅଫିସ ଏବଂ ନିକଟସ୍ଥ ମାର୍କେଟ କମ୍ପ୍ଲେକ୍ସକୁ ପ୍ରତିଦିନ ଶତାଧିକ ଲୋକ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। କିନ୍ତୁ ବର୍ଷା ସମୟରେ ରାସ୍ତା ଉପରେ ପାଣି ଜମି ରହିବାରୁ ପଦଚାରୀ, ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳରେ ଘୋର ଅସୁବିଧା ସୃଷ୍ଟି ହେଉଛି। ବିଶେଷ କରି ରାତ୍ରି ସମୟରେ ପାଣି ଭିତରେ ରାସ୍ତାର ଗର୍ତ୍ତ ଦେଖା ନଯିବାରୁ ଦୁର୍ଘଟଣାର ଆଶଙ୍କା ବଢ଼ିଯାଉଛି। ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ରାସ୍ତା ପାର୍ଶ୍ୱରେ ନିର୍ମିତ ଡ୍ରେନ୍‌ଟି ଦୀର୍ଘଦିନ ଧରି ପଙ୍କ ଓ



ଆବର୍ଜନାରେ ପୋତି ହୋଇ ଯାଇଥିବାରୁ ବର୍ଷାଜଳ ସଠିକ୍ ଭାବରେ ନିଷ୍କାସନ ହୋଇପାରୁ ନାହିଁ।

**ସ୍ଥାୟୀ ପାଣି ନିଷ୍କାସନ ପାଇଁ ବ୍ୟବସାୟୀଙ୍କ ଦାବି**

ଫଳସ୍ୱରୂପ ସମସ୍ତ ପାଣି ରାସ୍ତା ଉପରେ ଜମା ହୋଇ ରହୁଛି। ଏହା କେବଳ ଯାତାୟାତରେ ବାଧା ସୃଷ୍ଟି କରୁନାହିଁ, ବରଂ ସ୍ଥାନୀୟ ବ୍ୟବସାୟ ଉପରେ ମଧ ପ୍ରତିକୂଳ ପ୍ରଭାବ ପକାଉଛି। ପାଣି ଜମି ରହିବାରୁ ଗ୍ରାହକମାନେ ମାର୍କେଟ କମ୍ପ୍ଲେକ୍ସକୁ ଆସିବାକୁ ଅସୁବିଧା ଅନୁଭବ କରୁଥିବାରୁ ବ୍ୟବସାୟୀମାନେ କ୍ଷତି ସହୁଛନ୍ତି। ସ୍ଥାନୀୟ ବ୍ୟବସାୟୀ ଅଜିତ ସାହୁ, ନନୀଗୋପାଳ ଗିରି, ଶିବଶଙ୍କର ମହାନ୍ତି, ଅଶୋକ ପତି ପ୍ରମୁଖ କହିଛନ୍ତି ଯେ, ଏହି ସମସ୍ୟା ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନି। ସେମାନେ ଦାବି କରିଛନ୍ତି ଯେ, ସମ୍ପୃକ୍ତ ବିଭାଗୀୟ କର୍ମକର୍ତ୍ତାମାନେ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ଡ୍ରେନ୍‌ର ସଫେଇ ଏବଂ ଆଧୁନିକ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହ ସମସ୍ୟାର ସ୍ଥାୟୀ ସମାଧାନ କରନ୍ତୁ। ବର୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ଏହି ସମସ୍ୟା ଆହୁରି ଗୁରୁତର ରୂପ ନେବାର ଆଶଙ୍କା ରହିଛି। ତେଣୁ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଶୀଘ୍ର ପାଣି ନିଷ୍କାସନ ବ୍ୟବସ୍ଥା ସୁଧାର କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଓ ବ୍ୟବସାୟୀମାନେ ପ୍ରଶାସନ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି।

## ନାଟକ 'ଶ୍ରୀମତୀ ସମାର୍ଜନୀ' ପରିବେଷିତ



ବାଲେଶ୍ୱର,୧୯।୬ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ବିଶିଷ୍ଟ ନାଟ୍ୟକାର ଗୋପାଳ ଛୋଟରାୟ ଓ ସଂଗୀତଜ୍ଞ ଅକ୍ଷୟ ମହାନ୍ତଙ୍କ ଦ୍ୱାରା ପ୍ରସ୍ତୁତ ତଥା ଫକୀରମୋହନ ସେନାପତିଙ୍କ ମୂଳରଚନା "ପେଟେଣ୍ଟ ମେଡିସିନ୍'ର ଗୀତିନାଟ୍ୟରୂପ 'ଶ୍ରୀମତୀ ସମାର୍ଜନୀ' ଅନୁଷ୍ଠାନର ମହିଳା ସଦସ୍ୟମାନଙ୍କ ଦ୍ୱାରା ସ୍ଥାନୀୟ ସ୍ରଷ୍ଟା ନାଟ୍ୟାଳୟରେ ପରିବେଷିତ ହୋଇଯାଇଛି। ସଭାରେ ଅଧ୍ୟକ୍ଷତା କରି ଅନୁଷ୍ଠାନ ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ କହିଲେ ଯେ ୧୧୩ ବର୍ଷ ତଳେ ଫକୀରମୋହନ ସେନାପତି ରଚନା କରିଥିବା ପେଟେଣ୍ଟ ମେଡିସିନ୍‌ର ଆଜିବି ପ୍ରାସଙ୍ଗିକତା ରହିଛି। ଏ ସମାଜରେ ମଦ ପ୍ରଚଳନ ଥିବା ଯାଏଁ ତାହା କାଳଜୟୀ ହୋଇ ରହିବ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ନାଟକରେ ଅଭିନୟ କରିଥିବା ସମସ୍ତ କଳାକାରଙ୍କର ନିଖୁଣ ଅଭିନୟକୁ ଉଚ୍ଚ ପ୍ରଶଂସା କରିଥିଲେ। ସେ ଆହୁରି କହିଲେ ଯେ, ଫକୀରମୋହନଙ୍କ ପେଟେଣ୍ଟ ମେଡିସିନ୍ ଆଧାରରେ ଗୋପାଳ ଛୋଟରାୟ ଓ ଅକ୍ଷୟ ମହାନ୍ତି "ଶ୍ରୀମତୀ' ସମାର୍ଜନୀ' ଶୀର୍ଷକରେ ଯେଉଁ ଗୀତିନାଟ୍ୟ ପ୍ରସ୍ତୁତ କରିଛନ୍ତି ତାହା ଲୋକପ୍ରିୟତାର ଏତେ ଶୀର୍ଷକୁ ଛୁଇଁଚି ଯେ ସେହିଭଳି ଦ୍ୱିତୀୟ ନାଟକ ରଚନା କରିବାକୁ ନାଟ୍ୟକାରମାନେ ସାହସ କରିପରୁନାହାନ୍ତି। ସଂଗଠନ ସମ୍ପାଦକ ତପନ ରାୟ ପ୍ରାକ୍ ବକ୍ତବ୍ୟ ରଖିଥିବା ବେଳେ କୋଷାଧ୍ୟକ୍ଷ ଦୀପକ ବୋଷ ଶେଷ କଥା ରଖିଥିଲେ। "ଶ୍ରୀମତୀ ସମାର୍ଜନୀ' ନାଟକର ଚନ୍ଦ୍ରମଣି ଭୂମିକାରେ ସୁବ୍ରତା ମହାନ୍ତି, ସୁଲୋଚନା ଭୂମିକାରେ କଲ୍ୟାଣୀ ନନ୍ଦ, ମକରା ଭୂମିକାରେ କୃଷ୍ଣା ପ୍ରଧାନ ଓ ନୋକା ଭୂମିକାରେ ସଙ୍ଗୀତା ବାରିକ ଚମତ୍କାର ଅଭିନୟ କରିଥିଲେ। ସନ୍ତୋଷ କମିଲା ରୂପସଜ୍ଜା କରିଥିବା ବେଳେ ଚିନ୍ମୟୀ ପ୍ରିୟଦର୍ଶିନୀ ମିଶ୍ର ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

## ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରି ନୂତନ ପାଠ୍ୟପୁସ୍ତକ ପ୍ରଦାନ ଦାବି

ବାଲେଶ୍ୱର,୧୯।୬ (ସମିସ): ଏଆଇଡିଏସଓ ବାଲେଶ୍ୱର ଜିଲ୍ଲା କମିଟି ମିଳିତ ସହଯୋଗରେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରଚଳନ ବିରୁଦ୍ଧରେ ଆଜି ବାଲେଶ୍ୱର ଜିଲ୍ଲାପାଳ ଅଫିସ ସମ୍ମୁଖରେ ପ୍ରତିବାଦ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଚଳିତବର୍ଷ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପାଯାଇଥିବା ସମସ୍ତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଲୋକଲୋଚନକୁ ଆସିଛି। ଏହା ଫଳରେ ରାଜ୍ୟର ଛାତ୍ର, ଶିକ୍ଷକ, ଅଭିଭାବକ ଓ ଶିକ୍ଷାପ୍ରେମୀ ଜନଗଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନୂତନ ଜାତୀୟ ଶିକ୍ଷାନୀତି ପ୍ରଚଳନ କରିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଧ୍ୱଂସମୁଖୀ କରାଯାଇଥିବା ବେଳେ ଅତ୍ୟନ୍ତ ବେପରୁଆ ଭାବେ ଏହି ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଇଛି। କେବଳ ଅଷ୍ଟମ ଶ୍ରେଣୀ ବହିରେ ପ୍ରାୟ ୭୦୦ ରୁ ଉର୍ଦ୍ଧ୍ୱ ଏବଂ ସପ୍ତମ ଶ୍ରେଣୀ ବହିରେ ୩୮୦ ରୁ ଉଦ୍ଧ୍ୱର୍ ଭୁଲ ଥିବା ଦୃଷ୍ଟିଗୋଚର ହୋଇଛି। ମୋଟ ୧୬୭୮ ଟି ଭୁଲ ପରିଲକ୍ଷିତ ହୋଇଥିବା ବେଳେ ନିରିଖେଇ ଦେଖିଲେ ଆହୁରି ଅଧିକ ଭୁଲ ବାହାରି ପାରେ। ଯେଉଁ ୧୬୭୮ଟି ଭୁଲ ବାହାରିଛି ସେଗୁଡ଼ିକ ମୁଖ୍ୟତଃ ତଥ୍ୟ ଭିତ୍ତିକ। ମାତ୍ର ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢ଼ା କାହାଣୀକୁ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି। ଅସଲରେ ଏହି ପାଠ୍ୟ ପୁସ୍ତକ ପରିବର୍ତ୍ତନ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବା ପାଇଁ ଏକ ସୁଦୂର ପ୍ରସାରୀ ଷଡ଼ଯନ୍ତ୍ର ଅଟେ। ତୁରନ୍ତ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦କୁ ସଂପୂର୍ଣ୍ଣ ବାତିଲ କରିବା, ବିଜ୍ଞାନ ସମ୍ମତ ପାଠ୍ୟକ୍ରମ ପ୍ରଚଳନ କରିବା ସହ ଗଣ ଶିକ୍ଷାମନ୍ତ୍ରୀ ସମେତ ପାଠ୍ୟପୁସ୍ତକରେ ଭୁଲ ବିଷୟ ଛାପିବାରେ ସଂପୃକ୍ତ ସମସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ତଥା ସରକାର ଅବିଳମ୍ବେ ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି ଛାତ୍ରଛାତ୍ରୀମାନଙ୍କୁ ନୂତନ ପାଠ୍ୟପୁସ୍ତକ ପ୍ରଦାନ କରିବା ଦାବିରେ ଏଆଇଡିଏସଓ ଜିଲ୍ଲା କମିଟି ସଭାପତି ହରେକୃଷ୍ଣ ଦାସଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଗେଟ ସାମ୍ନାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଜିଲ୍ଲା ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ଉପସଭାପତି କମ୍ରେଡ ମନୋଜ ପାତ୍ର ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ସରକାରଙ୍କ ଶିକ୍ଷା ପଦ୍ଧତିକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସିଂ ହୋ, ଅନିଲ ଘୋରାଇ ସହଯୋଗ କରିଥିଲେ।

### ଛତୁଆ ଶ୍ମଶାନରେ ସ୍ଥାପନ ହେଲା ଆଲୁମିନିୟମ୍ ଚୁଲା

# ଉପକୃତ ହେବେ ୮ ଗ୍ରାମ ସମେତ ସହରାଞ୍ଚଳ ଲୋକ

ବାଲେଶ୍ୱର,୧୯।୬ (ସମିସ)



ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ ପରେ ଶୋକାକୁଳ ପରିବେଶ ମଧ୍ୟରେ ଶବଦାହ ବ୍ୟବସ୍ଥା କରିବା ଅନେକ ସମୟରେ ପରିବାର ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇପଡ଼େ। ବିଶେଷକରି ଆର୍ଥିକ ଭାବେ ଦୁର୍ବଳ ଓ ମଧ୍ୟବିତ୍ତ ପରିବାରଙ୍କ ପାଇଁ ଶବଦାହ ପାଇଁ ଆବଶ୍ୟକ କାଠ ସଂଗ୍ରହ କରିବା ଏବଂ ଅଧିକ ଖର୍ଚ୍ଚ ବହନ କରିବା ଏକ ବଡ଼ ବୋଝ ସାଜିଥାଏ। ଏଭଳି ସମୟରେ ବାଲେଶ୍ୱର ସହର ଉପକଣ୍ଠ ଟୁଲଙ୍ଗ ସ୍ଥିତ ଛତୁଆ ଶ୍ମଶାନରେ ଦୁଇଟି ଆଧୁନିକ ଆଲୁମିନିୟମ୍ ଶବଦାହ ଚୁଲା ସ୍ଥାପନ ହେବା ଅଞ୍ଚଳବାସୀଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଦେଇଛି। ଶୁକ୍ରବାର ସମାଜସେବୀ ମନୋଜ କୁମାର ରାଉତ ଓ ରବିନ୍ଦ୍ର ସାହାଣୀଙ୍କ ଆର୍ଥିକ ସହଯୋଗ ଓ ସୌଜନ୍ୟରେ ଏହି ଦୁଇଟି ଆଲୁମିନିୟମ୍ ଚୁଲା ସ୍ଥାପନ କରାଯାଇଛି। ଅଞ୍ଚଳରେ ଶବଦାହ ସେବାକୁ ଅଧିକ ସୁବିଧାଜନକ, କମ୍ ଖର୍ଚ୍ଚସାଧ୍ୟ ଓ ସମୟୋପଯୋଗୀ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ବେଳେ ଏହାକୁ ସ୍ଥାନୀୟ ଲୋକେ ଏକ ଜନହିତକର କାର୍ଯ୍ୟ ଭାବେ ସ୍ୱାଗତ କରିଛନ୍ତି। ଦୀର୍ଘଦିନ ଧରି ଛତୁଆ ଶ୍ମଶାନ ଆଖପାଖ ଅଞ୍ଚଳର ଲୋକଙ୍କ ପାଇଁ ଅନ୍ତିମ ସଂସ୍କାରର ମୁଖ୍ୟ କେନ୍ଦ୍ର ଭାବେ କାର୍ଯ୍ୟ କରିଆସୁଛି। ମଠସାହି, ଟୁଲଙ୍ଗସାହି, ମଲ୍ଲିକାଶପୁର, ବୈରାମନଗର, ମାକଲପୁର, କାଶୀମାବାଦ, ନଲମଗଞ୍ଜ ଓ ଭୋଇସାହି ସମେତ ଆଖପାଖର ଅନେକ ଗ୍ରାମ ଏବଂ ସହରାଞ୍ଚଳର ଲୋକ ଏହି ଶ୍ମଶାନ ଉପରେ ନିର୍ଭରଶୀଳ। ପ୍ରତିବର୍ଷ ଏଠାରେ ବହୁ ସଂଖ୍ୟକ ଶବଦାହ କାର୍ଯ୍ୟ ସମ୍ପନ୍ନ ହୋଇଥାଏ। କିନ୍ତୁ ପାରମ୍ପରିକ ପଦ୍ଧତିରେ ଶବଦାହ କରିବା ପାଇଁ ବହୁ ପରିମାଣର କାଠ ଆବଶ୍ୟକ ହେବା ସହ ଏଥିରେ ଅଧିକ ଅର୍ଥ ବ୍ୟୟ ହେଉଥିଲା। ବିଶେଷକରି ଗରିବ ପରିବାର ପାଇଁ ଏହା ଏକ ଅତିରିକ୍ତ ଆର୍ଥିକ ବୋଝ ସୃଷ୍ଟି କରୁଥିଲା। ନୂତନ ଭାବେ ସ୍ଥାପିତ ଆଲୁମିନିୟମ୍ ଚୁଲା ଦ୍ୱାରା ଶବଦାହ କରିବା ସମୟରେ ପ୍ରାୟ ୫୦ ପ୍ରତିଶତ କମ୍ କାଠ ଆବଶ୍ୟକ ହେବ। ଏହା ଫଳରେ ଶବଦାହ ପାଇଁ ହେଉଥିବା ଖର୍ଚ୍ଚ ଯଥେଷ୍ଟ କମିଯିବ। ଆଜିକାଲି କାଠର ଦର ବଢ଼ିଥିବା ବେଳେ ଅନ୍ତିମ ସଂସ୍କାର ପାଇଁ ଆବଶ୍ୟକ କାଠ କିଣିବାରେ ଅନେକ ପରିବାର ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବର୍ଷା ଋତୁରେ ଶବଦାହ କାର୍ଯ୍ୟ ଅନେକ ସମୟରେ କଷ୍ଟସାଧ ହୋଇପଡ଼େ। ବର୍ଷାରେ କାଠ ଭିଜିଯିବା, ନିଆଁ ଜଳିବାରେ ବିଳମ୍ବ ହେବା ଏବଂ ଶବଦାହ ସମ୍ପୂର୍ଣ୍ଣ କରିବାକୁ ଅଧିକ ସମୟ ଲାଗିବା ଭଳି ସମସ୍ୟା ଦେଖାଯାଇଥାଏ। କିନ୍ତୁ ଆଲୁମିନିୟମ୍ ଚୁଲା ବ୍ୟବସ୍ଥା ଯୋଗୁଁ ବର୍ଷାଦିନରେ ମଧ ଅନ୍ତିମ ସଂସ୍କାର କାର୍ଯ୍ୟ ଅଧିକ ସହଜ ଓ ସୁବିଧାଜନକ ହେବ। କେବଳ ଆର୍ଥିକ ସୁବିଧା ନୁହେଁ, ପରିବେଶ ସୁରକ୍ଷା ଦିଗରେ ମଧ ଏହି ଚୁଲାର ବିଶେଷ ଗୁରୁତ୍ୱ ରହିଛି। ଶବଦାହ ପାଇଁ କମ୍ କାଠ ବ୍ୟବହାର ହେବା ଫଳରେ ଗଛ କାଟିବାର ଚାହିଦା ମଧ କମିବ। ପରିବେଶବିତଙ୍କ ମତରେ ଏଭଳି ବ୍ୟବସ୍ଥା ପରିବେଶ ସୁରକ୍ଷା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ଦିଗରେ ସକାରାତ୍ମକ ଭୂମିକା ନେଇପାରିବ। ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଛତୁଆ ଶ୍ମଶାନରେ ଆଧୁନିକ ସୁବିଧା ଯୋଡ଼ାଯିବା ଏକ ଦୀର୍ଘଦିନର ଆବଶ୍ୟକତା ଥିଲା। ଜୀବନର ଶେଷ ଯାତ୍ରାକୁ ଅଧିକ ସମ୍ମାନଜନକ ଓ ମାନବିକ କରିବା ପାଇଁ ଏହି ପଦକ୍ଷେପ ଆଗାମୀ ଦିନରେ ଅନ୍ୟ ଅଞ୍ଚଳ ପାଇଁ ମଧ ପ୍ରେରଣା ସାଜିବ ବୋଲି ମତ ପ୍ରକାଶ ପାଇଛି। ଚୁଲା ସ୍ଥାପନ କାର୍ଯ୍ୟକ୍ରମରେ ମାନସ ରଞ୍ଜନ ଭୋଇ, ମହେଶ୍ୱର ତାଲଦୀ, ରବି ନାରାୟଣ ରାଓ, ବୀରେନ୍ଦ୍ର ସେଠୀ, ପ୍ରାଣବନ୍ଧୁ ମହାପାତ୍ର, ଅକ୍ଷୟ ଦାସ, ପର୍ଶୁରାମ ଚାନ୍ଦ, ବିଶ୍ୱନାଥ ସେଠୀ, ସଞ୍ଜୟ ପାହାଡ଼ି, ନବଜୀବନ ଭୋଇ, ହେମନ୍ତ ବେହେରା, ଗିରିଧାରୀ ବେହେରା, ସନ୍ତୋଷ ଭୋଇ, ହରିଶ ବେହେରା, ଶୁଭେନ୍ଦୁ ରାଜ, ସତ୍ୟବ୍ରତ ଦାସ, ରମାକାନ୍ତ ବେହେରା, ବିଶ୍ୱମ୍ବର ଦାସ, ଶୁଭଙ୍କର ଓଝା, ହୃଦାନନ୍ଦ ପାହାଡ଼ି, କରୁଣାକର ବିଶ୍ୱାଳ, କାଳୁ ନାୟକ, ଦୀପକ ବାରିକଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ବେଆଇନ କାଠ ବୋଝେଇ ଗାଡ଼ି ଜବତ

ଜଳେଶ୍ୱର ବ୍ଲକ, ୧୯।୬ (ସମିସ): ଆକ୍ସନ ମୋଡ୍‌ରେ ବରଡ଼ିହା ବନ ବିଭାଗ। ଗତ କିଛି ମାସ ମଧ୍ୟରେ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଲଗାତାର ଭାବରେ ବେଆଇନ ଭାବେ ପରିବହନ କରୁଥିବା କାଠ ବୋଝେଇ ଗାଡି ଜବତ କରିଛି। ରାଇବଣିଆ ବିଟ ହାଉସର ଫରେଷ୍ଟଗାର୍ଡ କବିତା ମହାକୁଡ଼ ପାଟ୍ରୋଲିଂ ସମୟରେ କବାଟଘାଟି ଠାରେ ଏକ ଟାଟାଏସିଇ ଗାଡ଼ିରେ କାଠ ବୋଝେଇ କରି ନେଉଥିବା ସମୟରେ ଜବତ କରିଥିବା ବେଳେ ଡ୍ରାଇଭର ଗାଡି ଛାଡି ସେଠାରୁ ଚମ୍ପଟ ମାରିଥିଲେ। ପରେ ଗାଡିଟିକୁ ବରଡ଼ିହା ବନଖଣ୍ଡ ବନ ପାଳଙ୍କ କାର୍ଯ୍ୟାଳୟକୁ ନେଇ ଆସିଥିଲେ। ଉକ୍ତ କାଠ ମାଫିଆଙ୍କ ଘରେ କୁଆଡେ ବିପୁଳ ପରିମାଣର ବେଆଇନ ଶାଗୁଆନ, ଶାଳ, ପିଆଶାଳ ପରି ଅନେକେ ମୁଲ୍ୟବାନ କାଠ ମହଜୁଦ ହୋଇ ରହିଛି। ଦେଖିବାକୁ ବାକି ରହିଲା ଉକ୍ତ ବେଆଇନ କାଠ କାରବାର କରୁଥିବା ମାଫିଆଙ୍କ ଘରେ ବନ ବିଭାଗ କେବେ ଚଢ଼ଉ କରୁଛି।

## 'ବିକାଶର ଧାରା-ଓଡ଼ିଶା ସାରା' କାର୍ଯ୍ୟକ୍ରମ



ନୀଳଗିରି, ୧୯।୬ (ସମିସ) : ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ନୀଳଗିରି ପଞ୍ଚାୟତ ସମିତି ଆନୁକୂଲ୍ୟରେ ସମିତି ସ୍ତରୀୟ "ବିକାଶର ଧାରା - ଓଡ଼ିଶା ସାରା " କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି କରୁଣାକର ପଣ୍ଡା, ଏନ୍. ଏ. ସି.କାର୍ଯ୍ୟକାରୀ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ଏବିଡିଓ ସୁନନ୍ଦା ସାହୁ, ସିଡିପିଓ ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସମେତ ବରେଣ୍ୟ ଅତିଥି ଗଣ ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଆସିଥିବା ହିତାଧିକାରୀଙ୍କୁ ଶ୍ରମ ବିଭାଗ ପକ୍ଷରୁ ଶ୍ରମିକ ମାନଙ୍କୁ ଜବ୍ କାର୍ଡ, ଖାଉଟି ଯୋଗାଣ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ, ବସୁନ୍ଧରା ଯୋଜନା ଭୁମି ହିନଙ୍କୁ ଜମି ପଟ୍ଟା ପ୍ରଦାନ, ଧୋବଶିଳା ବାବା ରାମେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ କୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ନୀଳଗିରି ଶାଖା ପରିଚାଳକ ମତ୍ସ୍ୟ ଚାଷ ପାଇଁ ୧୦(ଦଶ)ଲକ୍ଷ ଟଙ୍କା ର ଚେକ୍ ପ୍ରଦାନ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଦୁଇଟି ପର୍ଯ୍ୟାୟରେ ୧୨ଯୋଡ଼ା କନ୍ୟା ବିବାହ ବନ୍ଧନରେ ଆବଦ୍ଧ ହୋଇ ବିବାହରେ ୧୫ ହଜାର ଏବଂ କନ୍ୟାର ବ୍ୟାଙ୍କ ଆକାଉଣ୍ଟ କୁ ୪୫ ହଜାର ପାଇଥିବା ବେଳେ ମାନ୍ୟବର ବିଧାୟକ ନିଜ ତରଫରୁ ୫(ପାଞ୍ଚ) ହଜାର ଉପହାର ପ୍ରଦାନ, ପଞ୍ଚାୟତ ସମିତି ଅଧିନସ୍ଥ ସମସ୍ତ ୩୮୯ ଗୋଟି ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ ଫୋନ, ବିଦ୍ୟାଳୟ, ସରକାରୀ ନିଜସ୍ୱ ପଟ୍ଟା ପ୍ରଦାନ ସହ ପୌର ପରିଷଦ ଅଞ୍ଚଳରେ ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ ଫୋନ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲାବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନନ୍ଦା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଷ୍ଟାଫ୍ କ୍ୱାର୍ଟର୍ସ’ ସ୍ଥିତି ସମୀକ୍ଷା

## ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର କମିଟି ବୈଠକ

ବ୍ରହ୍ମପୁର,୧୯।୬(ସମିସ)



- କ୍ୱାର୍ଟର୍ସ ଆବଣ୍ଟନରେ ଅନିୟମିତତା ଅଭିଯୋଗରେ ସତ୍ୟତା ଥିବା ସ୍ପଷ୍ଟ ପ୍ରମାଣିତ
- କ୍ୱାର୍ଟର୍ସରେ ଚାଲିଛି ଛାତ୍ରୀନିବାସ, ଅଣ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ଦଖଲରେ କ୍ୱାର୍ଟର୍ସ !
- ଷ୍ଟାଫ କ୍ୱାର୍ଟର୍ସକୁ ଯଥାଶୀଘ୍ର ମୁକ୍ତ କରି ଯୋଗ୍ୟ କର୍ମଚାରୀଙ୍କ ମଧ୍ୟରେ କରାଯିବ ଆବଣ୍ଟନ
- ଉନ୍ନୟନ ଅଧିକାରୀଙ୍କ ଠାରୁ ମଗାଗଲା ଷ୍ଟାଫ କ୍ୱାର୍ଟର୍ସ ସ୍ଥିତି ସମ୍ପର୍କିତ ବିସ୍ତୃତ ରିପୋର୍ଟ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା ଷ୍ଟାଫ କ୍ୱାର୍ଟର ବା କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ବାସଗୃହ ଆବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ନେଇ ବିଶ୍ୱବିଦ୍ୟାଳୟର କ୍ୱାର୍ଟର ଆଲଟମେଣ୍ଟ କମିଟି ବା କ୍ୱାର୍ଟର୍ସ ଆବଣ୍ଟନ କମିଟିର ସ୍ୱତନ୍ତ୍ର ବୈଠକ ଆହୂତ ହୋଇଥିଲା। ପୁରୁଣା ସିଣ୍ଡିକେଟ ହଲରେ କମିଟିର ଅଧ୍ୟକ୍ଷ ତଥା ଭାରପ୍ରାପ୍ତ କୁଳସଚିବ ଅଶୋକ କୁମାର ଧେଙ୍ଗଡାମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। କ୍ୟାମ୍ପସରେ ଥିବା କର୍ମଚାରୀଙ୍କ କ୍ୱାର୍ଟର୍ସ ଆବଣ୍ଟନରେ ଅନିୟମିତତା ଏପରିକି ଅଣକର୍ମଚାରୀଙ୍କୁ କ୍ୱାର୍ଟର ପ୍ରଦାନ ଏବଂ ଷ୍ଟାଫ କ୍ୱାର୍ଟର୍ସରେ ଛାତ୍ରୀନିବାସ ଚାଲିବା ଭଳି ଅଭିଯୋଗ ଆସିଥିଲା। ଏଭଳି ଅଭିଯୋଗ ସଂକ୍ରାନ୍ତରେ ବୈଠକରେ ବିସ୍ତୃତ ଆଲୋଚନା ପରେ ଅଭିଯୋଗରେ ସତ୍ୟତା ଥିବା ଜଣାପଡିଥିଲା। ବିନା ନିର୍ଦ୍ଦେଶନାମାରେ ଏକାଧିକ ଅଣ କର୍ମଚାରୀ ତଥା ଘରୋଇ ସଂସ୍ଥାର ବ୍ୟକ୍ତିବିଶେଷଙ୍କୁ କ୍ୱାର୍ଟର ବ୍ୟବହାର କରିବାକୁ ମୌଖିକ ଅନୁମତି ଦିଆଯାଇଥିବା ଜଣାପଡିଛି। ଏଭଳି ଘଟଣା ପଦାକୁ ଆସିବା ପରେ ତୁରନ୍ତ କ୍ୟାମ୍ପସରୁ ତଥା ସମ୍ପୃକ୍ତ କ୍ୱାର୍ଟର୍ସ ଗୁଡିକୁ ଖାଲି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ସମସ୍ତଙ୍କୁ ନୋଟିସ ଜାରି କରାଯିବ। ସେପଟେ ବିଶ୍ୱବିଦ୍ୟାଳୟର ଯୋଗ୍ୟ ତଥା ଆବେଦନକାରୀ କର୍ମଚାରୀଙ୍କୁ କ୍ୱାର୍ଟର୍ସ ଆବଣ୍ଟ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଲୋଚନା ବେଳେ କିଛି କ୍ୱାର୍ଟରରେ ଛାତ୍ରମାନେ ରହୁଥିବା ଜଣାପଡିଛି। ସେହିଭଳି ମହେନ୍ଦ୍ରତନୟା ଛାତ୍ରୀନିବାସ ଯାହା ବିପଦଶଙ୍କୁଳ ଅବସ୍ଥାରେ ଥିବାରୁ ଅନ୍ତେବାସୀଙ୍କୁ ସେଠାରୁ ସ୍ଥାନାନ୍ତର କରି ଛାତ୍ରୀମାନଙ୍କୁ ଷ୍ଟାଫ କ୍ୱାର୍ଟରେ ଥଇଥାନ କରାଯାଇଛି। ଅର୍ଥାତ୍ ଷ୍ଟାଫ କ୍ୱାର୍ଟର୍ସରେ ଛାତ୍ରୀନିବାସ ଚାଲିଥିବା କମିଟିର ନଜରକୁ ଆସିଛି। ଛାତ୍ରଛାତ୍ରୀଙ୍କ ଅକ୍ତିଆରରେ ଥିବା ସମସ୍ତ ଷ୍ଟାଫ କ୍ୱାର୍ଟରକୁ ତୁରନ୍ତ ଖାଲି କରିବାକୁ ନୋଟିସ ଜାରି କରିବାକୁ ଉନ୍ନୟନ ଅଧିକାରୀ ବା ବିଶ୍ୱବିଦ୍ୟାଳୟ ଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ବିନା କୌଣସି ନିର୍ଦ୍ଦେଶନାମାରେ ଏହି ସମସ୍ତ ଷ୍ଟାଫ କ୍ୱାର୍ଟର୍ସ ଛାତ୍ରଛାତ୍ରୀ ଓ ଅଣ କର୍ମଚାରୀଙ୍କ ଅକ୍ତିଆରରେ ଥିବାରୁ ସେମାନଙ୍କ ଠାରୁ ଆବଶ୍ୟକ ଦେୟ ଆଦାୟ କରାଯାଉଥିଲା ଅଥବା ବିଶ୍ୱବିଦ୍ୟାଳୟ ଏହି ବାବଦରେ ରାଜସ୍ୱ କ୍ଷତି ସହୁଥିଲା ସେନେଇ ତନାଘନା ଜାରି ରହିଛି। ଏଭଳି ପରିସ୍ଥିତିରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା କେତେକ କ୍ୱାର୍ଟର ବିପଦଶଙ୍କୁଳ ଅବସ୍ଥାରେ ଥିବା ଜଣାପଡିବା ପରେ ସେଗୁଡିକୁ ଉଚ୍ଛେଦ କରାଯିବା ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। କ୍ୟାମ୍ପସରେ ଥିବା ମୋଟ କ୍ୱାର୍ଟର୍ସ ମଧ୍ୟରୁ ସେଗୁଡିକର ସ୍ଥିତି ଓ ଆବଣ୍ଟନ ରିପୋର୍ଟ ସମ୍ପର୍କିତ ବିସ୍ତୃତ ତଥ୍ୟ ପ୍ରଦାନ କରିବାକୁ ଉନ୍ନୟନ ଅଧିକାରୀଙ୍କୁ କୁହାଯାଇଛି।

ପୂର୍ବ କୁଳପତିଙ୍କ ସମୟରେ କ୍ୱାର୍ଟର୍ସ ଆବଣ୍ଟନରେ ବ୍ୟାପକ ଅନିୟମିତତା କରି ବିଶ୍ୱବିଦ୍ୟାଳୟ ଆଇନର ଧାରା ୨୭୪ ଏବଂ ୨୮୧ର ଖୋଲାଖୋଲି ଉଲଂଘନ ହୋଇଥିବା ଅଭିଯୋଗ କରିଥିଲେ ଖୋଦ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ର। କ୍ୱାର୍ଟର ଆବଣ୍ଟନ କ୍ଷେତ୍ରରେ କୁଳପତିଙ୍କର କୌଣସି କ୍ଷମତା ନଥିବା ବେଳେ ତାଙ୍କୁ ଖୁସି କରିବାକୁ ଯାଇ କିଛି କର୍ମଚାରୀ କୁଳପତିଙ୍କ ମୌଖିକ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ଏଭଳି ଅନିୟମିତତାକୁ ପରୋକ୍ଷରେ ସହଯୋଗ କରିଥିବା ପ୍ରଫେସର ମହାପାତ୍ର ଆଶଙ୍କା ପ୍ରକାଶ କରିଛନ୍ତି। ବୈଠକରେ ଅଭିଯୋଗର ସତ୍ୟତା ଜଣାପଡିବା ପରେ ଏହାର ନିରପେକ୍ଷ ତଥା ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପୂର୍ବତନ କୁଳପତି ପ୍ରଫେସର ଜୟନ୍ତ ମହାପାତ୍ର ଦାବି କରିଛନ୍ତି। ବୈଠକରେ କମିଟିର ଅଧ୍ୟକ୍ଷ ତଥା ଭାରପ୍ରାପ୍ତ କୁଳସଚିବ ଅଶୋକ କୁମାର ଧେଙ୍ଗଡାମାଝିଙ୍କ ସମେତ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ ତ୍ରିପାଠୀ, ଉନ୍ନୟନ ଅଧିକାରୀ ଶାରଦା ସାହୁ, ଅଫିସ ସୁପରିଟେଣ୍ଡେଣ୍ଟ ଅଜିତ ବେହେରା ଓ ଯୁଗ୍ମ କୁଳସଚିବ ବାପୁଜୀ ସାବଲଙ୍କ ସମେତ ମୋଟ ୯ଜଣ ସଦସ୍ୟ ଉପସ୍ଥିତ ଥିଲେ।

# ପ୍ରଶାସନିକ ଅପାରଗତା; ‘ଭଞ୍ଜବିହାର’ରେ ‘ଲିଫ୍ଟ’ ଅଚଳ

ବ୍ରହ୍ମପୁର,୧୯।୬(ସମିସ)




- ଉଦ୍‌ଘାଟନ ପୂର୍ବରୁ ଲାଇବ୍ରେରୀ ଲିଫ୍ଟ ଅଚଳ, ପ୍ରଶାସନିକ କୋଠାର ଲିଫ୍ଟରେ ପଡ଼ିଛି ସିଲ୍
- ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନ୍ ଓ ସିପିଡବ୍ଲୁଡି ଜରିଆରେ ପ୍ରତିଷ୍ଠା ହୋଇଛି ‘ଲିଫ୍ଟ’

ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସୁବିଧା ପାଇଁ ଶିକ୍ଷାନୁଷ୍ଠାନ ଗୁଡିକରେ ପାଣି ଭଳି ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା। ତେବେ ପ୍ରଶାସନିକ ଅପାରଗତା ହେଉ ଅଥବା ରକ୍ଷଣାବେକ୍ଷଣରେ ଅବହେଳା ଜନିତ ହେଉ ପ୍ରକଳ୍ପ ଗୁଡିକ ଅଚଳ ପଡିଥିବା ଦେଖିବାକୁ ମିଳୁଛି। ଏଭଳି ବ୍ୟତିକ୍ରମରୁ ବାଦ୍ ପଡିନି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ। ବିଗତ ଦୁଇବର୍ଷ ମଧ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ଓ ନୂତନ ଲାଇବ୍ରେରୀ କୋଠାରେ ପ୍ରାୟ ୮୦ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ଅତ୍ୟାଧୁନିକ ଲିଫ୍ଟ ପ୍ରତିଷ୍ଠା କରାଯାଇଛି। ପ୍ରଶାସନିକ ଭବନରେ ଥିବା ଲିଫ୍ଟର ପ୍ରତିଷ୍ଠା ଓ ନିର୍ମାଣ କାର୍ଯ୍ୟ ସିପିଡବ୍ଲ୍ୟୁ ହାତକୁ ନେଇଥିବା ବେଳେ ଲାଇବ୍ରେରୀରେ ଲିଫ୍ଟ ପ୍ରତିଷ୍ଠା ଦାୟିତ୍ୱ ଓଡିଶା ପୁଲିସ ହାଉସିଂ କର୍ପୋରେସନ ନେଇଥିଲା। ପ୍ରାୟ ୪୦ଲକ୍ଷ ଟଙ୍କା ବ୍ୟୟରେ ପ୍ରଶାସନିକ କୋଠାରେ ଲାଗିଥିବା ଲିଫ୍ଟ ବାବଦ ସମସ୍ତ ଟଙ୍କା ସିପିଡବ୍ଲ୍ୟୁଡିକୁ ପ୍ରଦାନ କରାଯାଇଥିବା ବେଳେ ଏହାର ବର୍ଷିକିଆ ୱାରେଣ୍ଟି ଇତି ମଧ୍ୟରେ ଶେଷ ହୋଇଯାଇଥିବା ଜଣାପଡିଛି। ଏହି ଲିଫ୍ଟରେ କେବଳ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ଅଥବା ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଗତ ଦୁଇ ମାସରୁ ଉଦ୍ଧ୍ୱର୍ କାଳ ଧରି ଲିଫ୍ଟଟି ବନ୍ଦ ଥିବା ଦେଖିବାକୁ ମିଳିଛି। ଫଳରେ କୋଠାର ଉପର ମହଲାରେ କୁଳପତି, କୁଳସଚିବ ଓ ଯୁଗ୍ମ କୁଳସଚିବଙ୍କ ବରିଷ୍ଠ ପଦାଧିକାରୀଙ୍କ ନିକଟରେ କାମ ପାଇଁ ଆସୁଥିବା ଭିନ୍ନକ୍ଷମ ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କ ସମେତ ପୁରାତନ ଛାତ୍ରଛାତ୍ରୀଙ୍କ ପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।

ସେହିଭଳି ଗତ ବର୍ଷ ଅର୍ଥାତ୍ ୨୦୨୫ମସିହାରେ ପ୍ରାୟ ୪୦ଲକ୍ଷ ଟଙ୍କା ବ୍ୟୟରେ ନୂତନ ଲାଇବ୍ରେରୀ କୋଠାରେ ପ୍ରତିଷ୍ଠା ହୋଇଥିବା ଲିଫ୍ଟର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ହେଁ ତାହାକୁ ନିର୍ମାଣ ସଂସ୍ଥା ଓଡିଶା ରାଜ୍ୟ ପୁଲିସ ହାଉସିଂ କର୍ପୋରେସନ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିନଥିବା ଜଣାପଡିଛି। ଫଳରେ ନୂତନ ଲିଫ୍ଟ ଆଜି ପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇନି କି କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏଭଳି ପରିସ୍ଥିତିରେ ଲକ୍ଷାଧିକ ଟଙ୍କା ବ୍ୟୟରେ କ୍ରୟ କରାଯାଇଥିବା ନୂତନ ଲିଫ୍ଟଟି କାର୍ଯ୍ୟକ୍ଷମ ହେବା ପୂର୍ବରୁ ଅଚଳ ହୋଇ ପଡିରହିଥିବା ଦେଖିବାକୁ ମିଳିଛି। ଲିଫ୍ଟ ନଥିବା କାରଣରୁ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଦେଖିବାକୁ ମିଳୁଛି। ସବୁଠାରୁ ବଡକଥା ହେଲା ଲିଫ୍ଟ ଗୁଡିକର ୱାରେଣ୍ଟି ସମୟରେ ରକ୍ଷଣାବେକ୍ଷଣ ଦାୟିତ୍ୱ ସମ୍ପୃକ୍ତ କମ୍ପାନୀର ହୋଇଥାଏ। ତେବେ ନିର୍ଦ୍ଧାରିତ ସମୟରେ ତାହାର ସଠିକ ପରିଚାଳନା ଓ ରକ୍ଷଣାବେକ୍ଷଣା ନକରି ଲିଫ୍ଟ ଗୁଡିକୁ ଜାଣିଶୁଣି ଅଚଳ କରିଦିଆଯାଉଛି। ଏଭଳି ସ୍ଥଳେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଥବା କମ୍ପାନୀ ପକ୍ଷରୁ ଆବଶ୍ୟକ କୌଣସି ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉନାହିଁ।

# ଦୋକାନରେ ଚଢ଼ଉ; ଔଷଧ ଷ୍ଟକ୍ ଯାଞ୍ଚ



ବ୍ରହ୍ମପୁର,୧୯।୬(ସମିସ): ଡ୍ରଗସ୍ କଣ୍ଟ୍ରୋଲରଙ୍କ ନିର୍ଦ୍ଦେଶକ୍ରମେ ଔଷଧ ନିରୀକ୍ଷକଙ୍କ ଟିମ ଆଡପଡ଼ା ଅଞ୍ଚଳର ୫ଟି ଔଷଧ ଦୋକାନ ମାନଙ୍କରେ ଚଢ଼ଉ କରି ଔଷଧ ଗୁଡିକୁ ଯାଞ୍ଚ କରିଛନ୍ତି। ଗଞ୍ଜାମ ସର୍କଲ ଆସିଷ୍ଟାଣ୍ଟ ଡ୍ରଗସ୍ କୋଣ୍ଟ୍ରଲ ଅଧିକାରୀ ଦେବାଶିଷ କାଲୋଙ୍କ ନେତୃତ୍ୱରେ ଡିଆଇ ଛତ୍ରପୁର ପ୍ରକାଶ ସେଠୀ ଓ ଟିମ ସ୍ଥାନୀୟ ଆଡପଡା ସମେତ ବିଭିନ୍ନ ଦୋକାନରେ ରହିଥିବା ଅଞ୍ଚଳରେ ରହିଥିବା ଦୋକାନ ମାନଙ୍କର ଉପଲବ୍ଧ ଥିବା ଗର୍ଭପାତ ଔଷଧର ତଥ୍ୟ ଯୋଗାଣ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିଛନ୍ତି। ଆଗାମୀ ଦିନରେ ରିଟେଲ ସମେତ ହୋଲସଲ୍ ଦୋକାନରେ ଯାଞ୍ଚ ହେବ ବୋଲି ଶ୍ରୀ କାଲୋ ସୂଚନା ଦେଇଛନ୍ତି। ମୁଖ୍ୟତଃ ଋତୁଚକ୍ର ବିଳମ୍ବ କରାଉଥିବା ଔଷଧ, ନାରୋକଟିକ ଡ୍ରଗସ୍ ଓ ଏମଟିପି (ମେଡ଼ିକାଲ ଟେର୍ମିନସେନ୍ ଅଫ୍ ପ୍ରେଗନେନସି) କିଟ୍ ତଥ୍ୟ ଆଜି ସଂଗ୍ରହ କରାଯାଇଛି। ହୋଲସେଲ ଦୋକନରୁ ରିଟେଲ୍ ଦୋକାନକୁ ବିକ୍ରି କରାଯାଇଥିବା ତଥ୍ୟର ଯାଞ୍ଚ କରାଯିବ। ତଥ୍ୟ ମେଳ ନଖାଇଲେ ଦୋକାନୀଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହିପରି ଅସାଧୁ କାର୍ଯ୍ୟରେ ଲିପ୍ତ ରହୁଥିବା ଦୋକାନୀଙ୍କ ଡ୍ରଗ ଲାଇସେନସ୍‌କୁ ରଦ୍ଦ କରାଯିବ ବୋଲି ଅଧିକାରୀ ଶ୍ରୀ କାଲୋ ସୂଚନା ଦେଇଛନ୍ତି।

# ବ୍ରହ୍ମପୁରରେ ଅନ୍ତଃରାଷ୍ଟ୍ରୀୟ ବିମାନ ବନ୍ଦର ପ୍ରତିଷ୍ଠା ଦାବିରେ ଗଣ ଆନ୍ଦୋଳନ

ବ୍ରହ୍ମପୁର,୧୯।୬(ସମିସ): ରଙ୍ଗେଇଲୁଣ୍ଡା ବିମାନବନ୍ଦର କାମକୁ ଶୀଘ୍ର ସମାପ୍ତ କରିବା ସହ ବ୍ରହ୍ମପୁରରେ ପୂର୍ଣ୍ଣାଙ୍ଗ ଗ୍ରୀନଫିଲ୍ଡ ଅର୍ନ୍ତରାଷ୍ଟ୍ରୀୟ ବିମାନବନ୍ଦର ସ୍ଥାପନ ଦାବିରେ ପୁଣିଥରେ ବିରାଟ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ଆଜି ଓଡ଼ିଶା ଡେଭଲପମେଣ୍ଟ ଫୋରମ୍ ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଗଣସଂଗଠନ ପକ୍ଷରୁ ସ୍ଥାନୀୟ ରୁକ୍ମିଣୀ ସିନେମା ହଲ ଠାରୁ ରାମଲିଙ୍ଗମ୍ ପାର୍କ, ଅର୍ବାନ ବ୍ୟାଙ୍କ ରୋଡ, ଫାୟାର ଷ୍ଟେସନ ଦେଇ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ପରେ ଆୟୋଜିତ ସଭାରେ ଏହି ଦାବିକୁ ତୀବ୍ର ଭାବେ ଉଠାଯାଇଥିଲା। ଏହି ଅବସରରେ ଫୋରମ୍ କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ଛକରେ ପଥପ୍ରାନ୍ତ ସଭା କରି ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ରଙ୍ଗେଇଲୁଣ୍ଡା ବିମାନବନ୍ଦର କାମରେ ଆଶାଜନକ ପ୍ରଗତି ଦେଖିବାକୁ ମିଳୁନାହିଁ।




ସ୍ଥାନୀୟ ବିଡିଓଙ୍କ ଅବହେଳା ଓ ଅସହଯୋଗ କାରଣରୁ ବିମାନବନ୍ଦର ଅଞ୍ଚଳରେ ଥିବା ୨୦ଟି ପରିବାରକୁ ଦୁଇ ବର୍ଷ ହେଉଥିଲେ ମଧ୍ୟ ସ୍ଥାନାନ୍ତର କରାଯାଇପାରିନାହିଁ ବୋଲି ଏଠାରେ ଅଭିଯୋଗ ହୋଇଛି। ଫୋରମ୍ ଅଭିଯୋଗ କରିଛି ଯେ, ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କ ଘୋର ଅବହେଳା କାରଣରୁ ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁରରେ ପୂର୍ଣ୍ଣାଙ୍ଗ ବିମାନବନ୍ଦରର ସ୍ୱପ୍ନ ଏପର୍ଯ୍ୟନ୍ତ ସାକାର ହୋଇପାରୁନାହିଁ। ସଭାରେ ବ୍ରହ୍ମପୁରରୁ ତୁରନ୍ତ ନିୟମିତ ସ୍କେଡ୍ୟୁଲ୍ ବିମାନ ସେବା ଆରମ୍ଭ କରିବା, ଅନଲାଇନ୍ ଟିକେଟ ବୁକିଂ ବ୍ୟବସ୍ଥା କରିବା ଏବଂ କଲକାତା, ହାଇଦ୍ରାବାଦ, ବିଶାଖାପାଟଣମ, ଦିଲ୍ଲୀ, ବେଙ୍ଗାଲୁରୁ, ମୁମ୍ବାଇ, ଚେନ୍ନାଇ ଓ ଅହମଦାବାଦ ଭଳି ପ୍ରମୁଖ ସହରକୁ ବିମାନ ସଂଯୋଗ ଦେବାକୁ ଦାବି କରାଯାଇଥିଲା। ସେହିପରି କଲକାତା, ଭୁବନେଶ୍ୱର ଓ ବିଶାଖାପାଟଣମ ମଧ୍ୟରେ ନିୟମିତ ବିମାନ ଚଳାଚଳ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ଡେଭଲପମେଣ୍ଟ ଫୋରମ୍ ସଚିବ ଭି. ସୋମେଶ୍ୱର ରାଓ, ଲକ୍ଷ୍ମୀନାରାୟଣ ପାଢ଼ୀ, ପ୍ରବୀଣ ପଟ୍ଟନାୟକ, ସହ-ସଚିବ ମାନସ ରଞ୍ଜନ ପାତ୍ର, ମଧୁ ସୁଦନ ସାହୁ, ପ୍ରଗତିଶୀଳ ଉତ୍କଳ ସମାଜର ରାଜ୍ୟ ସମ୍ପାଦକ ଓ ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ, ପ୍ରକାଶ ଭଜାନୀ, ଭି. ନେହାଲ, ଆଦିତ୍ୟ ରଥ (ସମାଜସେବୀ), ଲାଫିଙ୍ଗ ଯୋଗ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ।

# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଦାବିରେ ବିକ୍ଷୋଭ




ବ୍ରହ୍ମପୁର,୧୯।୬(ସମିସ): ଅବୈଜ୍ଞାନିକ ପାଠ୍ୟକ୍ରମ ଓ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରିବା ଦାବିରେ ଏଆଇଡିଏସଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଚଳିତ ବର୍ଷ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପାଯାଇଥିବା ସମସ୍ତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଲୋକଲୋଚନକୁ ଆସିଛି। ସେହିପରି ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ ଓ ମନଗଢ଼ା କାହାଣୀକୁ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ କେବଳ ତଥ୍ୟଗତ ଭାବେ ଭୁଲ ଶିକ୍ଷା ପାଇବେ ନାହିଁ ଆହୁରି ମଧ୍ୟ ବିକୃତ ଶିକ୍ଷା ପାଇବେ, ଯଦ୍ୱାରାକି ସେମାନଙ୍କର ଚିନ୍ତା କରିବାର କ୍ଷମତା ମଧ୍ୟ ଭୟଙ୍କର ଭାବେ ବାଧାପ୍ରାପ୍ତ ହେବ ବୋଲି କମିଟି ଦାବି କରିଛି। ଅବିଳମ୍ବେ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦କୁ ସଂପୂର୍ଣ୍ଣ ବାତିଲ କରିବା, ବିଜ୍ଞାନ ସମ୍ମତ ପାଠ୍ୟକ୍ରମ ପ୍ରଚଳନ କରିବା ସହ ଗଣ ଶିକ୍ଷାମନ୍ତ୍ରୀ ସମେତ ପାଠ୍ୟପୁସ୍ତକରେ ଭୁଲ ବିଷୟ ଛାପିବାରେ ସଂପୃକ୍ତ ସମସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ସଂଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭ ପ୍ରଦର୍ଶନରେ ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଶିବାନୀ ଶଙ୍କର ମିଶ୍ର, ଗଞ୍ଜାମ ଜିଲ୍ଲା ସମ୍ପାଦକ ନାରାୟଣ ସାହୁ, ଜିଲ୍ଲା ଅଫିସ ସମ୍ପାଦକ କିସାନ କୁମାର ସାହୁ ସମେତ ଶୁଭସ୍ମିତା ପାଣିଗ୍ରାହୀ, କାମରାଜ ସାହୁ, ଜଗନ୍ନାଥ ବେହେରାଙ୍କ ସହ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ‘କବିତାର ନାଁ ପହିଲି ରଜ’

ବ୍ରହ୍ମପୁର,୧୮।୬(ସମିସ): ସ୍ଥାନୀୟ ଗୋଇଲୁଣ୍ଡି ସ୍ଥିତ ଶ୍ରୀରାମ ମନ୍ଦିର ସମ୍ମିଳନୀ କକ୍ଷରେ ବ୍ରହ୍ମପୁର ସାହିତ୍ୟ ପରିଷଦ ଆନୁକୂଲ୍ୟରେ “କବିତାର ନାଁ ପହିଲି ରଜ” କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କବି ସୁଶାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ପ୍ରଶାନ୍ତ ଦାଶ, ମୁଖ୍ୟବକ୍ତା ଭାବେ ବରିଷ୍ଠ କବି ମନୋରଞ୍ଜନ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ କବି ପ୍ରଶାନ୍ତ ଶତପଥୀ ଯୋଗଦେଇ ରଜପର୍ବକୁ ନେଇ ଆଲୋକପାତ କରିଥିଲେ। ଓଡିଶାର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ଗଞ୍ଜାମ ଜିଲ୍ଲା ସଂଯୋଜକ ଭାବେ କବି ଅଶୋକ କୁମାର ମହାନ୍ତି ମନୋନୀତ ହୋଇଥିବାରୁ ପରିଷଦ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କବି ପ୍ରଶାନ୍ତ କୁମାର ସତପଥୀଙ୍କୁ ଆଜୀବନ ସାହିତ୍ୟ ସେବା ପାଇଁ ପୁରସ୍କୃତ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କବି କିଶୋରୀ ମହାରଣଙ୍କ ରଚିତ ‘ଜଗତ ମଉଡ ମଣୀ’ କବିତା ବହି ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କବି କାର୍ତ୍ତିକ ପାଣିଗ୍ରାହୀ ଓ କବି ମାଧୁସୂଦନ ମିଶ୍ରଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉପସଭାପତି ପ୍ରଫୁଲ୍ଲ ତ୍ରିପାଠୀ କବି ସୀତାରାମ ଆଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସତ୍ୟମ ଆଚାରୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଦୀର୍ଘଦିନ ଧରି ଅନୁପସ୍ଥିତ ଗଞ୍ଜାମରେ ୨୬ ଡାକ୍ତର

- ଅମାନିଆ ଡାକ୍ତରଙ୍କ ତାଲିକା ପ୍ରସ୍ତୁତ

ବ୍ରହ୍ମପୁର,୧୯।୬(ସମିସ): ଗଞ୍ଜାମ ଜିଲ୍ଲାରେ ଦୀର୍ଘଦିନ ଧରି ବିନା ଅନୁମତିରେ ଅନୁପସ୍ଥିତ ରହୁଥିବା ଡାକ୍ତରମାନଙ୍କ ଘଟଣା ସ୍ୱାସ୍ଥ୍ୟବ୍ୟବସ୍ଥା ପାଇଁ ଚିନ୍ତାର କାରଣ ପାଲଟିଛି। ଜିଲ୍ଲାର ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଏମକେସିଜି ମେଡିକାଲରେ ମୋଟ ୨୬ ଜଣ ଡାକ୍ତର ବର୍ଷ ବର୍ଷ ଧରି ବିନା ଅନୁମତିରେ ଛୁଟିରେ ରହିଥିବା ସୂଚନା ମିଳିଛି। ସେଥି ମଧ୍ୟରୁ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୯ ଜଣ ଡାକ୍ତର ଅନୁପସ୍ଥିତ ଥିବାବେଳେ ଏମକେସିଜି ମେଡ଼ିକାଲରେ ୭ ଜଣ ଡାକ୍ତର ଦୀର୍ଘଦିନ ଧରି କାର୍ଯ୍ୟସ୍ଥଳରେ ଯୋଗ ଦେଇନାହାନ୍ତି। ଏହି ଡାକ୍ତରମାନେ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଛୁଟିରେ ରହିଥିବାରୁ ସେମାନଙ୍କ ପଦବୀ ଖାଲି ଥିଲେ ମଧ୍ୟ ନିୟମାନୁସାରେ ସେହି ସ୍ଥାନରେ ଅନ୍ୟ ଡାକ୍ତରଙ୍କୁ ନିଯୁକ୍ତ କରିବା ସମ୍ଭବ ହେଉନାହିଁ। ଫଳରେ ଜିଲ୍ଲାର ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଏମକେସିଜି ମେଡ଼ିକାଲରେ ରୋଗୀ ସେବା ପ୍ରଭାବିତ ହେଉଛି। ଡାକ୍ତର ଅଭାବ ଯୋଗୁଁ ଅବଶିଷ୍ଟ ଚିକିତ୍ସକମାନଙ୍କ ଉପରେ ଅତିରିକ୍ତ କାର୍ଯ୍ୟଭାର ପଡୁଥିବା ବେଳେ ରୋଗୀମାନେ ମଧ୍ୟ ଉନ୍ନତ ଚିକିତ୍ସା ସେବା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ବିଶ୍ୱସ୍ତରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଦୁଇ ପ୍ରଫେସରଙ୍କ କୃତିତ୍ୱ

- ଶ୍ରେଷ୍ଠ ୫ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ‘ମୃତ୍ୟୁଞ୍ଜୟ’ ଓ ‘ତପନ’ ସାମିଲ



ବ୍ରହ୍ମପୁର,୧୯।୬(ସମିସ): ବିଶ୍ୱସ୍ତରରେ ଦୁଇ ଯୁବ ବୈଜ୍ଞାନିକଙ୍କ ସଫଳତାକୁ ଯୋଗୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ମିଳିଛି ସ୍ୱତନ୍ତ୍ର ପରିଚୟ। ଗବେଷଣା ଓ ବୈଜ୍ଞାନିକ ଅବଦାନ ଆଧାରରେ ସାଇନ୍ସ ର୍ୟାଙ୍କ ଗ୍ଲୋବାଲ ରେଜିଷ୍ଟ୍ରି-୨୦୨୫ରେ ବିଶ୍ୱର ଶ୍ରେଷ୍ଠ ୫ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନ ପାଇଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ତପନ ବାରିକ ଓ ମୃତ୍ୟୁଞ୍ଜୟ ଜେନା। ପ୍ରଫେସର ତପନ ବାରିକ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗରେ ଆସୋସିଏଟ ପ୍ରଫେସର ଥିବା ବେଳେ ଆସୋସିଏଟ ପ୍ରଫେସର ମୃତ୍ୟୁଞ୍ଜୟ ଜେନା ଉଦ୍ଭିଦ ବିଜ୍ଞାନ ବିଭାଗରେ କାର୍ଯ୍ୟରତ। ଏକ ବର୍ଷର ଗବେଷଣାକୁ ନେଇ ତର୍ଜମା ପରେ ଏହି ତାଲିକା ପ୍ରକାଶିତ ହୋଇଛି। ପ୍ରଫେସର ତପନ ବାରିକ ବର୍ତ୍ତମାନ ସୁଦ୍ଧା ୭୦ରୁ ଅଧିକ ଆର୍ଟିକେଲ ଲେଖିଥିବା ବେଳେ ଗୋଟିଏ ପୁସ୍ତିକା ଓ ୨୦ଟି ପ୍ରସଙ୍ଗରେ ନିଜର ମତ ରଖିଛନ୍ତି। ସେହିଭଳି ନୀଳରହିତ ଶୈବାଳ ଏବଂ ସାମୁଦ୍ରିକ ଶୈବାଳରୁ ଔଷଧୀୟ ଗୁଣବତ୍ତା ଓ ଜୈବ ବିବିଧତା ଉପରେ ଗବେଷଣା କରି ତାଲିକାଭୁକ୍ତ ହୋଇପାରିଛନ୍ତି ପ୍ରଫେସର ମୃତ୍ୟୁଞ୍ଜୟ ଜେନା। ଉଭୟ ଯୁବ ବୈଜ୍ଞାନିକଙ୍କ ଅଧିନରେ ବର୍ତ୍ତମାନ ୧୦ରୁ ଉଦ୍ଧ୍ୱର୍ ଛାତ୍ରଛାତ୍ରୀ ଗବେଷଣା ଜାରି ରଖିଛନ୍ତି।

## କଳରାପତରିଆ ବାଘ ଚମଡ଼ା ଚୋରାଚାଲାଣ ମାମଲା

# ତଦନ୍ତ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର ପାଇଁ ଡିଜିଙ୍କୁ ଏସ୍‌ପିଙ୍କ ଚିଠି

ବ୍ରହ୍ମପୁର,୧୯।୬(ସମିସ)

ଗଞ୍ଜାମ ଜିଲ୍ଲା ଜରଡ଼ା ଥାନାରେ ରୁଜୁ ହୋଇଥିବା କଳରାପତରିଆ ବାଘ ଚମଡ଼ା ଚୋରାଚାଲାଣ ମାମଲାର ତଦନ୍ତକୁ କ୍ରାଇମବ୍ରାଞ୍ଚର ୱାଇଲ୍ଡ ଲାଇଫ୍ କ୍ରାଇମ ସେଲ୍‌କୁ ହସ୍ତାନ୍ତର କରିବା ପାଇଁ ବ୍ରହ୍ମପୁର ଏସ୍‌ପି ଡ଼. ସର୍ବଣା ବିବେକ ଏମ୍‌ଙ୍କ ପକ୍ଷରୁ କରାଯାଇଥିବା ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଗତ ଜୁନ୍ ୬ ତାରିଖରେ ଜରଡ଼ା ଥାନା ଅଞ୍ଚଳରୁ ଦୁଇଜଣ ଅଭିଯୁକ୍ତଙ୍କ ନିକଟରୁ ଦୁଇଟି କଳରାପତରିଆ ବାଘ ଚମଡ଼ା, ଦୁଇଟି ଜୀବନ୍ତ ବୋମା ଏବଂ ଏକ ଖଣ୍ଡା ଜବତ କରାଯାଇଥିଲା। ଏହି ଘଟଣା କେବଳ ବନ୍ୟଜନ୍ତୁ ଚୋରାଚାଲାଣରେ ସୀମିତ ନ ରହି ବିସ୍ଫୋରକ ଓ ଅସ୍ତ୍ରଶସ୍ତ୍ର ସହ ଜଡିତ ଥିବାରୁ ତଦନ୍ତର ପରିସର ଅଧିକ ବ୍ୟାପକ ହୋଇଛି। ଏହା ପଛରେ କୌଣସି ସଂଗଠିତ ଚୋରାଚାଲାଣ ର୍ୟାକେଟ୍ କାର୍ଯ୍ୟ କରୁଛି କି ନାହିଁ, ତାହା ଖୋଜି ବାହାର କରିବା ଏବେ ତଦନ୍ତକାରୀ ସଂସ୍ଥାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ଏସ୍‌ପି ଡ଼. ସର୍ବଣା ବିବେକ ଏମ୍ କ୍ରାଇମବ୍ରାଞ୍ଚ ଡିଜି ଓ ଆଇଜିଙ୍କୁ ଚିଠି ଲେଖି ମାମଲାଟିକୁ ୱାଇଲ୍ଡ ଲାଇଫ୍ କ୍ରାଇମ ସେଲ୍‌କୁ ହସ୍ତାନ୍ତର କରିବାକୁ ଅନୁରୋଧ କରିଛନ୍ତି। ବିଶେଷଜ୍ଞ ତଦନ୍ତକାରୀ ଦଳ ଦ୍ୱାରା ମାମଲାର ଗଭୀର ତଦନ୍ତ ଏବଂ ଶକ୍ତିଶାଳୀ ପ୍ରସିକ୍ୟୁସନ ପତ୍ର ଦାଖଲ ହେଲେ ଦୋଷୀମାନଙ୍କୁ ଆଇନର କାଠଗଡ଼ାରେ ଠିଆ କରିବା ସହଜ ହେବ ବୋଲି ସେ ମତ ରଖିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଏକ ମାସ ମଧ୍ୟରେ ଜରଡ଼ା ଅଞ୍ଚଳରେ ବାଘ ଚମଡ଼ା ଜବତ ସମ୍ପର୍କିତ ଦୁଇଟି ବଡ଼ ମାମଲା ସାମ୍ନାକୁ ଆସିଛି। ଏହା ସାଧାରଣ ଘଟଣା ନୁହେଁ ବୋଲି ବନ୍ୟଜନ୍ତୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତଙ୍କ ମହଲରୁ ମତ ପ୍ରକାଶ ପାଇଛି। ଲଗାତାର ଏଭଳି ଘଟଣା ଘଟିବା ପଛରେ ଏକ ସକ୍ରିୟ ଅନ୍ତର୍ରାଜ୍ୟ କିମ୍ବା ଆନ୍ତର୍ଜାତୀୟ ଚୋରାଚାଲାଣ ନେଟୱାର୍କ ରହିଥିବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ଏପରି ସ୍ଥିତିରେ ସ୍ଥାନୀୟ ସ୍ତରର ତଦନ୍ତ ସହ ଏକ ବିଶେଷଜ୍ଞ ସଂସ୍ଥାର ସମ୍ପୃକ୍ତି ଅନେକ ଗୁପ୍ତ ତଥ୍ୟ ସାମ୍ନାକୁ ଆଣିପାରିବ। ଏସ୍‌ପି ଡ଼. ସର୍ବଣା ବିବେକ ଏମ୍ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ହେଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବ।

## ‘ବିଭିନ୍ନ ଦିଗରୁ ଅଧିକ ତଦନ୍ତ ହେଲେ ମୂଳପୋଛ ହେବ ର୍ୟାକେଟ୍’



ଏହି ର୍ୟାକେଟ୍ କେତେ ଦୂର ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି, କିଏ କିଏ ଏଥିରେ ସମ୍ପୃକ୍ତ ଅଛନ୍ତି ଏବଂ ଏହାର ମୂଳ ଚେର କେଉଁଠି ରହିଛି, ସେସବୁ ଦିଗ ସ୍ପଷ୍ଟ ହୋଇପାରିବ। ଜନସାଧାରଣ ଏବଂ ପରିବେଶପ୍ରେମୀ କହିଛନ୍ତି ଯେ, ଏହି ମାମଲାକୁ କେବଳ ଏକ ସାଧାରଣ ଜବତ ଘଟଣା ଭାବେ ନ ଦେଖି ବନ୍ୟଜନ୍ତୁ ସୁରକ୍ଷା ଏବଂ ସଂଗଠିତ ଅପରାଧ ବିରୋଧରେ ଏକ ବଡ଼ ଲଢ଼େଇ ଭାବେ ନେବା ଆବଶ୍ୟକ।

# ଶ୍ରୀକ୍ଷେତ୍ର ସିଟି

୧୯/୬/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୩୫,୬୯୩/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୨୦.୩୦୦ ଗ୍ରାମ୍



### ବିକାଶର କଥା କହିବାକୁ ଆସି ଝୁଣ୍ଟିଲେ ମନ୍ତ୍ରୀ

# ସାମ୍ବାଦିକଙ୍କ ପ୍ରଶ୍ନରେ ହଡ଼ବଡ଼େଇ ଉଠି ପଳାଇଲେ

ପୁରୀ,୧୯।୬(ସମିସ)




ରାଜ୍ୟରେ ବିଜେପି ସରକାରକୁ ଦୁଇବର୍ଷ ପୂରିଛି। ଏହି ଦୁଇବର୍ଷର ଉପଲବ୍ଧିକୁ ନେଇ ଏକ ସରକାରୀ କାର୍ଯ୍ୟକ୍ରମ 'ବିକାଶର ଧାରା ଓଡ଼ିଶା ସାରା' ରାଜ୍ୟବ୍ୟାପୀ ଚାଲିଛି। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଶୁକ୍ରବାର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ବାଇଁ ପୁରୀଗସ୍ତରେ ଆସିଥିଲେ। ଅର୍ବାନ ହାଟ ଏବଂ ଟାଉନ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଅପରାହ୍ନରେ ମନ୍ତ୍ରୀ ସର୍କିଟ ହାଉସ୍‌ରେ ସାମ୍ବାଦିକଙ୍କ ସହିତ ଏକ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିରେ ମନ୍ତ୍ରୀ ପ୍ରାୟ ୨୦ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଧରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପଲବ୍ଧି ବଖାଣିଥିଲେ। କେନ୍ଦ୍ରରେ ବିଜେପିର ୧୨ ବର୍ଷ ଏବଂ ରାଜ୍ୟରେ ବିଜେପିର ୨ ବର୍ଷରେ କ'ଣ କ'ଣ ସବୁ କରାଯାଇଛି ତା' ଉପରେ କହିଥିଲେ। ଏହାପରେ ସାମ୍ବାଦିକମାନେ ମନ୍ତ୍ରୀଙ୍କୁ ପୁରୀ ବିକାଶର ପ୍ରଶ୍ନ ପଚାରି ଘେରିଥିଲେ। ପୁରୀ ପାଇଁ ଦୁଇବର୍ଷ ଭିତରେ ବିଜେପି ସରକାର କ'ଣ କରିଛି ବୋଲି ପ୍ରଶ୍ନ ପଚାରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଦୟନୀୟ ଚିକିତ୍ସା ବ୍ୟବସ୍ଥା, ପାଣି ନାହିଁ, ଲିଫ୍ଟ ଅଚଳ, ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳୁନାହିଁ, ପୁରୀ ଭଳି ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସହରର ମୁଖ୍ୟ ଚିକିତ୍ସାଳୟ ଏକ ରେଫେରାଲ୍ ହସ୍ପିଟାଲ ଭାବେ ପରିଚିତ ହେଲାଣି ଏମିତି ମାଳ ମାଳ ଅଭିଯୋଗ ବାଢିଥିଲେ। ପୁରୀ ମେଡିକାଲ କଲେଜ ଏ ପର୍ଯ୍ୟନ୍ତ ଖୋଲିପାରିଲା ନାହିଁ ବୋଲି ପ୍ରଶ୍ନ କରିଥିଲେ। ସେହିପରି ଦୀର୍ଘବର୍ଷ ହେବ ଅର୍ବାନ ହାଟ ବିପର୍ଯ୍ୟସ୍ତ ଅବସ୍ଥାରେ ପଡିଛି। ଏହା ପାଇଁ ସରକାର କ'ଣ କରିଛନ୍ତି ପ୍ରଶ୍ନରେ ନୀରବ ରହିଥିଲେ ମନ୍ତ୍ରୀ। ଏ ବିଷୟରେ ଆଲୋଚନା କରି କହିଥିଲେ, ଅର୍ବାନ ହାଟକୁ କିପରି ଚଳଚଞ୍ଚଳ କରାଯିବ ସେ ନେଇ ଜିଲ୍ଲାପାଳ ସରକାରଙ୍କୁ ଚିଠି ଲେଖିଛନ୍ତି ବୋଲି ଉତ୍ତର ରଖିଥିଲେ। ତେବେ ଜିଲ୍ଲାପାଳ କେବେ ଚିଠି ଲେଖିଛନ୍ତି ଏବଂ ଅର୍ବାନ ହାଟ କେବେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ପ୍ରଶ୍ନ ମନ୍ତ୍ରୀଙ୍କୁ ଅଡୁଆରେ ପକାଇଥିଲା। ଏହାପରେ ସାମ୍ବାଦିକମାନେ କହିଥିଲେ, ଦୁଇବର୍ଷରେ ପୁରୀରେ ମାଟୁ ଗାଣ୍ଡୁଆଟିଏ ପଡିନି। ରାଜ୍ୟ ପାଇଁ ବିଜେପି ସରକାର କ'ଣ କରିଛନ୍ତି କି ନ କରିଛନ୍ତି ଆମେ କହୁନାହୁଁ। କିନ୍ତୁ ପୁରୀ ଭଳି ଏକ ଧାର୍ମିକ ଓ ପର୍ଯ୍ୟଟନ ସହର ପାଇଁ ବିଜେପି ସରକାରର ଅବଦାନ ଶୂନ। ବିଜେଡି ସରକାର ସମୟରେ ଯେଉଁସବୁ ପ୍ରକଳ୍ପ ଯେଉଁଠି ଅଟକିଥିଲା ସେମିତି ରହିଛି। ବରଂ ସେଥିରୁ ଲୁହାଛଡ ଭାଙ୍ଗିରୁଜି ଲୋକେ ନେଇଗଲେଣି ବୋଲି କହିଥିଲେ। ପୁରୀ ହେଉଛି ଏକ ଶିଳ୍ପ ବିହୀନ ଜିଲ୍ଲା। ପୁରୀ ଜିଲ୍ଲା ପାଇଁ ଶିଳ୍ପ ମନ୍ତ୍ରୀ ଭାବେ ଆପଣଙ୍କର କ'ଣ ଭିଜନ ରହିଛି ପ୍ରଶ୍ନରେ ମନ୍ତ୍ରୀ ଶ୍ରୀ ସ୍ବାଇଁ କହିଥିଲେ, ଜିଲ୍ଲାର ଦୁଇଟି ଜାଗା ଡେଲାଙ୍ଗ ଏବଂ ନିମାପଡ଼ାରେ ଏମ୍‌ଏସ୍‌ଏମ୍‌ଇ ପାର୍କ ପାଇଁ ଜମି ଚିହ୍ନଟ ହୋଇଛି। ଏ ଦିଗରେ ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ କରାଯିବ। ମନ୍ତ୍ରୀଙ୍କ ମନ୍ତବ୍ୟ ଶୁଣି ସାମ୍ବାଦିକ କହିଥିଲେ, ପୂର୍ବ ସରକାର ସମୟରେ ଏମ୍‌ଏସ୍‌ଏମ୍‌ଇ ପାର୍କ ନିର୍ମାଣ ନିଷ୍ପତ୍ତି ନିଆଯାଇ ଜମି ଚିହ୍ନଟ ହୋଇଥିଲା। ବିଜେପି ସରକାର କ'ଣ କରିଛି ବୋଲି ପ୍ରଶ୍ନରେ ମନ୍ତ୍ରୀ ହଡବଡେଇ ଯାଇଥିଲେ। ସମାନ ଭାବେ ମନ୍ତ୍ରୀ ପୁରୀ ଜିଲ୍ଲା ପାଇଁ କ'ଣ କରାଯାଇଛି ବୋଲି କାଗଜରେ ଯାହା ଲେଖା ଯାଇଥିଲା ତାହା ପଢିଥିଲେ। ସେଥିରେ ଐତିହ୍ୟ ଗାଁ ରଘୁରାଜପୁର, ଚନ୍ଦ୍ରଭାଗା ବିଚ୍ ବିକାଶ ଏମିତି କିଛି ପ୍ରକଳ୍ପ କଥା କହିଥିଲେ। ମାତ୍ର ଏକାଧିକ ପ୍ରକଳ୍ପ କାମ ଆଦୌ ଆରମ୍ଭ ହୋଇନାହିଁ ବୋଲି ସାମ୍ବାଦିକ କହିବାରୁ ମନ୍ତ୍ରୀ ହଡବଡେଇ ଯାଇ ସାମ୍ବାଦିକ ସମ୍ମିଳନୀରୁ ଉଠି ପଳାଇ ଯାଇଥିଲେ।

## ରଥଖଳାରୁ... ପାରାଭାଡ଼ି ନିର୍ମାଣ ଶେଷ



ପୁରୀ,୧୯।୬(ସମିସ): ଜୁଲାଇ ୧୬ରେ ରଥଯାତ୍ରା। ବଡ଼ଦାଣ୍ଡରେ ଗଡିବ ତିନିରଥ। ଏଥିପାଇଁ ରଥଖଳାରେ ଚାଲିଛି ରଥ ନିର୍ମାଣ। ଚଳିତବର୍ଷ କାମ ବେଶ୍ ଆଗୁଆ ରହିଛି। ତିନିରଥର ୧୩ ପରସ୍ତ ପୋଟଳ ମଧ୍ୟରୁ ଖପୁରି ସମେତ ସମସ୍ତ ପୋଟଳ ନିର୍ମାଣ ଶେଷ ହୋଇଥିବା ବେଳେ ଶୁକ୍ରବାର ୬/୭ ପରସ୍ତ ପାରାଭାଡ଼ି ନିର୍ମାଣ ଶେଷ ହୋଇଛି। ଏଥିରେ ଚିତ୍ରକାରମାନେ ରଙ୍ଗ ଶେଷ କଲା ପରେ ଏକ ନମ୍ବର ପୋଟଳ ଉପରେ ସ୍ଥାପିତ ହେବ ଖପୁରୀ ସମେତ ବାକି ୧୨ ପରସ୍ତ ପୋଟଳ। ଶେଷ ହୋଇଛି ତିନିରଥର ୪ଟି ଲେଖାଏଁ ଚନ୍ଦ୍ର ଶାଳୀର ନିର୍ମାଣ କାର୍ଯ୍ୟ। ଦୁଆର ବେଢ଼ା ଫ୍ରେମ ନିର୍ମାଣ ପୂର୍ବରୁ ଏହାର ଅନ୍ୟ ଅଂଶ ମାନ ଯଥା ୮ଟି ଲେଖାଏଁ ଗାରେଡ଼ି ଓ ମଗର ମୁଖ ଏବଂ ଦୁଆର ବେଢାକୁ ବାନ୍ଧେଣି ଲାଗି ୪ ଟି ଲେଖାଏଁ ଧ୍ଵଜ ବତା ନିର୍ମାଣ ଶେଷ ହୋଇଛି। ଏଥିସହ ତିନି ରଥର ବଡ଼ କଳସ ପେଣ୍ଡିର ନିର୍ମାଣ ସରିଛି। ପ୍ରତ୍ୟେକ ରଥର ଚାରି କୋଣକୁ ଛାଡ଼ି ରଥ ବେଦୀ ଚାରି ପାର୍ଶ୍ୱରେ ପରୁସ ପଟା ବାଡ଼ିଆ କାର୍ଯ୍ୟ ଜାରୀ ରହିଛି। ରୂପକାର ସେବକମାନେ ତିନିରଥର ୨୪ଟି ନାଟ ଗୋଡ଼ରୁ ୧୨ଟିରେ କନ୍ଦର୍ପ ରୂପ ଖୋଦେଇ ଶେଷ କରି ବାକି ୧୨ଟି ନାଟ ଗୋଡରେ କନ୍ଦର୍ପ ରୂପ ଖୋଦେଇ ଜାରି ରଖିଛନ୍ତି। ତିନିରଥର ସମ୍ମୁଖ ଭାଗ ଚକଗୁଡ଼ିକର ସୁରକ୍ଷା ଦୃଷ୍ଟିରୁ ଆରମ୍ଭ ହୋଇଛି ଲୁହା ପ୍ଲେଟ୍ ଫିଟିଙ୍ଗ କାର୍ଯ୍ୟ। ଶୁକ୍ରବାର ତାଳଧ୍ଵଜ ରଥର ସମ୍ମୁଖ ଭାଗ ଚକ ଉଭୟ ପାର୍ଶ୍ୱ ପଇ, ପଇ ସଂଯୋଗ ସ୍ଥାନରେ ଲୁହା ପ୍ଲେଟ୍ ମାନ ନଟ ବୋଲ୍ଟ ରେ ଫିଟିଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି। ଚିତ୍ରକାର ସେବକ ମାନେ ନାଟ ଗୋଡ଼ରେ ପ୍ରାଇମର୍ ଦେବା ପରେ ଏଥିରେ ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥିସହ ପାର୍ଶ୍ୱ ଦେବଦେବୀ ମୂର୍ତ୍ତି ଗୁଡ଼ିକର ରଙ୍ଗ କାର୍ଯ୍ୟ ସହ ହଂସ ପଟା, ଦେବ ଦେବୀ ଆସ୍ଥାନ ଫ୍ରେମ୍, କଳସ, ଓଲଟ ଶୁଆ ସହ ରଥର ବାହ୍ୟ ଅଂଶର ରଙ୍ଗ କାର୍ଯ୍ୟ ପୂର୍ବରୁ ଧଳା ପ୍ରାଇମର୍ ଦେଉଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଦୁଆର ବେଢ଼ା ପାଇଁ ଚଉରସ ଏବଂ ଅଗ ପାତେଳୀ କଣ୍ଟା ନିର୍ମାଣ, ଏଲ୍ କ୍ଲାମ୍ପ୍, ଇଉ କ୍ଲାମ୍ପ୍ ନିର୍ମାଣ ସହ ରଥର ଜଏଣ୍ଟ ସ୍ଥାନଗୁଡ଼ିକରେ ଏଲ୍ କ୍ଲାମ୍ପ୍ ଫିଟିଙ୍ଗ ଜାରି ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣାମାନେ ରଥଯାତ୍ରା ନିମନ୍ତେ ସେବା ପୂଜା ପାଇଁ କାଠ ନିର୍ମିତ ସରଞ୍ଜାମ ତିଆରି କରୁଛନ୍ତି।

### ବିକାଶର ଧାରା ଓଡ଼ିଶା ସାରା ଅଭିଯାନ

# ଡେଲାଙ୍ଗ ଓ ନିମାପଡ଼ାରେ ହେବ ଏମ୍‌ଏସ୍‌ଏମଇ ପାର୍କ

ପୁରୀ,୧୯।୬(ସମିସ)

ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତ ଆନୁକୁଲ୍ୟରେ ଆଜି ପୁରୀ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶର ଧାରା ଓଡ଼ିଶା ସାରା ଅଭିଯାନର ଅଂଶ ବିଶେଷ ଗଣମାଧ୍ୟମ ପ୍ରତିନିଧିମାନ ଙ୍କ ସହ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ବାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ ବିସ୍ତୃତ ସୂଚନା ଦେଇ ଆମ ସରକାର ଲୋକ ଙ୍କ ସରକାର ଓ ସେମାନଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେଇ ଗତ ଦୁଇବର୍ଷ ମଧ୍ୟରେ ୧୪,୬୫୧ ଅଭିଯୋଗ ଗ୍ରହଣ ହୋଇଥିବା ବେଳେ ଶତକଡା ୯୫ ହାରରେ ୧୩,୮୯୭ଟିର ସମାଧାନ ହୋଇଛି ବୋଲି କହିଥିଲେ। ଅଭିଯୋଗ ଶୁଣାଣିରେ ମଧ୍ୟ ୮୬ ଜଣ ହିତାଧିକାରୀଙ୍କୁ ୭୩ଲକ୍ଷ ୮୦ ହଜାର ଟଙ୍କାର ସହାୟତା ଦିଆଯାଇଛି। ପୁରୀ ଜିଲ୍ଲାରେ ଖାଦ୍ୟ ସୁରକ୍ଷା ଯୋଜନାରେ ଜାତୀୟ ଓ ରାଜ୍ୟର ମୋଟ ୧,୨୮,୭୭୬୭ ଜଣ ହିତାଧିକାରୀଙ୍କୁ ମଇ ଓ ଜୁନ୍ ମାସ୍‌ଠାରୁ ମୁଣ୍ଡ ପିଛା ୫ କେଜି ପରିବର୍ତ୍ତେ ୧୦ କେଜି ଲେଖାଏଁ ଚାଉଳ ଦିଆଯାଉଛି। ପୁରୀ ଜିଲ୍ଲାରେ ୨୦୨୪-୨୫ ଖରିଫ ଋତୁରେ ୪୭,୧୦୩ ଜଣ ଚାଷୀଙ୍କଠାରୁ ୨୦୫୩୮୮୪.୨୪ କ୍ୟୁଣ୍ଟାଲ ଓ ରବି ଋତୁରେ ୨୫,୩୨୧ ଜଣଙ୍କଠାରୁ ୬୦୦୪୬୮.୮୨ କ୍ୟୁଣ୍ଟାଲ ଧାନ ସଂଗ୍ରହ ହୋଇଛି। ସେହିପରି ଚଳିତ ବର୍ଷ ଖରିଫ ଋତୁରେ ୫୮,୦୦୫ ଜଣଙ୍କଠାରୁ ୨୦୩୬୪୫୯.୫୬ କ୍ୟୁଣ୍ଟାଲ ଧାନ ସଂଗ୍ରହ ହୋଇଛି। ସୁଭଦ୍ରା ଯୋଜନାରେ ଜିଲ୍ଲାର ୪,୨୦,୦୦୩ ଜଣ ହିତାଧିକାରୀଙ୍କୁ ୮୫୩ କୋଟି ୫୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲାର ୧୭,୬୧୩ ଜଣ ଲକ୍ଷ ପତି ଦିଦି ସୃଷ୍ଟି ହୋଇ ପାରିଛନ୍ତି। ଜିଲ୍ଲାରେ ୭,୧୭,୬୬୨ ଜଣଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଡ ପ୍ରଦାନ କରାଯାଇଥିବା ବେଳେ ପ୍ରାୟ ୫୮ ହଜାର ବ୍ୟକ୍ତି ଉପକୃତ ହୋଇଛନ୍ତି। ଚିକିତ୍ସା ସୁବିଧା ବାବଦରେ ଖର୍ଚ୍ଚ ହୋଇଛି ୩୦୩,୬୩,୯୦,୬୯୨ ଟଙ୍କା। ବୟୋ ବନ୍ଦନା ଯୋଜନାରେ ୩୮,୬୭୦ କାର୍ଡ ବଣ୍ଟନ କରାଯାଇଛି। ଜନଜାତି ବିକାଶ କ୍ଷେତ୍ରରେ ମାଟ୍ରିକ ପୂର୍ବ ଓ ପରବର୍ତ୍ତୀ ଛାତ୍ର ବୃତ୍ତି ପାଇଁ ୧,୧୪,୧୨୦ ବିଦ୍ୟାର୍ଥୀଙ୍କୁ ପ୍ରାୟ ୮୦କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି।

ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ୩୧ଟି ଗ୍ରାମକୁ ୪୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ମଧୁବାବୁ ପେନ୍‌ସନ ଯୋଜନାରେ ୨୦୨୪-୨୫ରେ ୫୪୩୬ ଜଣ ଓ ୨୫-୨୬ରେ ୫୮୫୯ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬,୪୬୩ ଜଣ ଓ ଅନ୍ତୋଦୟ ଗୃହ ଯୋଜନାରେ ୩,୪୯୮ ଜଣ ଉପକୃତ ହୋଇଛନ୍ତି। ପୁରୀ ଆଇଟିଆଇକୁ ୧୦୦ କୋଟି ଟଙ୍କା ବ୍ୟୟରେ ଉତ୍କର୍ଷ ଆଇଟିଆଇ କରାଯିବ। ଡେଲାଙ୍ଗ ଓ ନିମାପଡାରେ ୨ଟି ଏମ୍‌ଏସ୍‌ଏମଇ ପାର୍କ କରାଯିବ। ଓଡିଶାରେ ୨ ଟି ସେମିକଣ୍ଡକ୍ଟର ପ୍ରକଳ୍ପ ଓ ଡିଫେନ୍ସରେ ସହାୟକ ଉପକରଣ ପାଇଁ ପ୍ରକଳ୍ପ ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ବାଇଁ ସୂଚନା ଦେଇଥିଲେ।

ଏଥିରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ନେହା ଅରୁଗୁଳା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ ଓ ବିବିଧ ପ୍ରସ୍ତାବ ଉପସ୍ଥାପନ କରିଥିଲେ।

# ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ମୁକାବିଲା ମକ୍ ଡ୍ରିଲ

ପୁରୀ,୧୯।୬(ସମିସ)




ପ୍ରାକୃତିକ ବିପର୍ଯ୍ୟୟ ଅପ୍ରତ୍ୟାଶିତ। ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇ ପାରିବନାହିଁ। କିନ୍ତୁ ସତର୍କତା, ସଚେତନତା ଓ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନଜୀବନ ଓ କ୍ଷୟକ୍ଷତିକୁ ରୋକିବା ସହ ବିପର୍ଯ୍ୟୟକୁ ପ୍ରଶମିତ କରେ। ଶୁକ୍ରବାର ସର୍କିଟ ହାଉସ୍‌ରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସମ୍ପର୍କରେ ଏକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଜିଲ୍ଲା ଅଗ୍ନିଶମ ବାହିନୀ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୧୭୬ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ହୋଇଥିଲା। ଏନ୍‌ଡିଆରଏଫ୍ ପୁରୀ ସଦର ବ୍ଲକ୍‌ର ବିରହରେକୃଷ୍ଣପୁର ପଞ୍ଚାୟତ ଅଧୀନ ରେଣୁଅ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଏହି ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଓସ୍‌ଡମାର ସହଯୋଗ ଓ ପୁରୀ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ବିପର୍ଯ୍ୟୟ ପରିଚାଳନା ଏକ୍ସରସାଇଜ ଅନୁଷ୍ଠିତ ହୋଇଥିଲା।

# ବର୍ଷାରେ ଭିଜି ପ୍ରତିବାଦ ପଦଯାତ୍ରା



ପୁରୀ,୧୯।୬(ସମିସ): ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି ପୁରୀବାସୀ। ପ୍ରାୟ ବର୍ଷେ ହେବ ଏଭଳି ଦାବି କରୁଥିଲେ ମଧ୍ୟ ପ୍ରଶାସନ ଓ ସରକାର ନିଦାବିଷ୍ଣୁ ସାଜିଛନ୍ତି। ହେଲେ ସମାନଙ୍କ ହକ୍ ହାସଲ ଦିଗରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ଶୁକ୍ରବାର ଏହି ପଦଯାତ୍ରା ୮୦ ଦିନରେ ପହଞ୍ଚିଛି। ସନ୍ଧ୍ୟାରେ ପ୍ରବଳ ବର୍ଷା ସତ୍ତ୍ୱେ ଏହାକୁ ଖାତିର ନକରି ଛତା ଧରି ନିଜ ହକ୍ ପାଇଁ ଦାବି କରିଥିଲେ। ପ୍ରତିଦିନ ଭଳି ବଳଗଣ୍ଡିସ୍ଥିତ ଭକ୍ତସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ଶିବସୁନ୍ଦର ମିଶ୍ର, ମନୋରଞ୍ଜନ ରଣସିଂହ, ମମତା ସ୍ୱାଇଁ, ସରସ୍ୱତୀ ପାତ୍ର, ସନ୍ଧ୍ୟାରାଣୀ ମିଶ୍ର, ବନିତା ଦିକ୍ଷୀତ୍, ବର୍ଷା ଦାସ, ଅରୁଣା ପଟ୍ଟନାୟକ, ନିହାରିକା ତ୍ରିପାଠୀ, ମୀନାକ୍ଷୀ ଦାସ, ଜାଦବା ନନ୍ଦ ରାୟ, କିଶୋର ଚନ୍ଦ୍ର ଦାସ, ନୃସିଂହ ନାଥ ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ଲିଙ୍ଗରାଜ ସାହୁ, ଜଗନ୍ନାଥ ମହାନ୍ତି ପ୍ରମୁଖ ସାମିଲ ଥିଲେ।

## ପଞ୍ଚ ମହାଦେବ ପୀଠରେ ଶିବ ବିବାହ

ପୁରୀ,୧୯।୬(ସମିସ): ପବିତ୍ର ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ଶୁକ୍ରବାର ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀକ୍ଷେତ୍ରର ପଞ୍ଚମହାଦେବ (ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଓ ଶ୍ରୀନୀଳକଣ୍ଠେଶ୍ୱର)ଙ୍କ ବିବାହ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଛି। ଗୁରୁବାର ପଞ୍ଚମହାଦେବ ନିଜ ନିଜ ଶ୍ୱଶୁରାଳୟରୁ ପାର୍ବତୀଙ୍କୁ ଚୋରି କରି ସ୍ୱ ସ୍ୱ ମନ୍ଦିରକୁ ଫେରିଥିଲେ। ଏହାକୁ କନ୍ୟା ଚୋରି ନୀତି କୁହାଯାଏ। ଶୁକ୍ରବାର ପଞ୍ଚମହାଦେବଙ୍କ ମନ୍ଦିରର ଦ୍ୱାରଫିଟି ମଙ୍ଗଳ ଆଳତି, ମଇଲମ, ମହାସ୍ନାନ, ଚନ୍ଦନଲାଗି, ବଲ୍ଲଭ ଓ ସକାଳ ଧୂପ ନୀତି ବଢି ରୋଷଘରେ ବିବାହ ହାଣ୍ଡି ବସିଥିଲା। ଏହାପରେ ମହାଦେବ ଓ ପାର୍ବତୀଙ୍କ ମାଜଣା କରାଯାଇଥିଲା। ଉଭୟେ ବେଶ ହୋଇ ବିବାହ ମଣ୍ଡପକୁ ବିଜେ କରିଥିଲେ। ବିବାହର ପ୍ରଥମ ବରଣ ନିମନ୍ତେ ମହାଦେବ ଓ ମା' ପାର୍ବତୀ ନବବସ୍ତ୍ର ପରିଧାନ କରିଥିଲେ। ପ୍ରଥମ ବରଣ କର୍ମ ପରେ ଉଭୟେ ସ୍ନାନ କରିଥିଲେ। ଏହାପରେ ଦ୍ୱିତୀୟ ବରଣ କର୍ମ ଆରମ୍ଭ ହୋଇଥିଲା। ଏହି କର୍ମରେ ଉଭୟେ ଆଷାଢ ସୂତ୍ର ବାନ୍ଧିଥିଲେ। ଏହାପରେ ଗଇଁଠାଳ ପଡିଥିଲା। ପ୍ରସାଦ ଲାଗି ପରେ ହାତଗଣ୍ଠି ପଡି ବିବାହ ହୋମ ହୋଇଥିଲା। ପରେ ଭୋଗ ଓ ପଣା ପଞ୍ଚୋପଚାରରେ ଅର୍ପଣ ହୋଇ ବନ୍ଦାପନା ନୀତି ବଢିଥିଲା। ଉଭୟ ଦେବ ଦମ୍ପତିଙ୍କୁ ସେବକମାନେ ଜଗମୋହନରେ ଥିବା ବୃଷଭକୁ ଲାଗି କରାଇ ଗର୍ଭଗୃହକୁ ବିଜେ କରାଇଥିଲେ।

## ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀ ଉଦ୍‌ଘାଟିତ

ପୁରୀ,୧୯।୬(ସମିସ): ରାଜ୍ୟ ସରକାରଙ୍କ ଶାସନର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ବିକାଶର ଧାରା ଓଡ଼ିଶା ସାରା ଅଭିଯାନ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା, ପ୍ରଗତି ଓ ସଫଳତା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିବା ପାଇଁ ନୀଳାଞ୍ଚଳ ଅର୍ବାନ୍ ହାଟରେ ଏକ ପ୍ରଦର୍ଶନୀ ଉଦ୍‌ଘାଟନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏକ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀର ଉଦ୍‌ଘାଟନ କରିଛନ୍ତି। ଏଥିରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ପୁରୀ ମହାନଗର ନିଗମର କମିଶନର ଅରୁଗୁଳା ସ୍ନେହା ଉପସ୍ଥିତ ଥିଲେ। ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ତଥା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନା, ଡେଙ୍ଗୁ ଓ ଡାଇରିଆ ନିରାକରଣ, ଟିବି ମୁକ୍ତ ଭାରତ ଅଭିଯାନ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା, ବିପଦ ସଂକୁଳ ଗର୍ଭଧାରଣା ଅବସ୍ଥା ଏବଂ ପରିଚାଳନା ନିମିତ୍ତ ଅନେକ ସୂଚନା ପ୍ରଦର୍ଶିତ ହୋଇଛି। ଏହି ପ୍ରଦର୍ଶନୀ ତିନିଦିନ ବ୍ୟାପି ଅନୁଷ୍ଠିତ ହେବ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅକ୍ଷୟ ଶତପଥୀ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ୟାମ ସୁନ୍ଦର ତ୍ରିପାଠୀ, ବେଣୁଧର ନାୟକ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ସଂଚାର ଅଧିକାରୀ, ଆସିଷ୍ଟାଣ୍ଟ ପ୍ରୋଗ୍ରାମ ମ୍ୟାନେଜର ସନ୍ଦୀପ ଓଝା, ଆସିଷ୍ଟାଣ୍ଟ ମ୍ୟାନେଜର ମନୋଜ କୁମାର ପଣ୍ଡା ତଥା ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମକର୍ତ୍ତା ଓ ସହରାଞ୍ଚଳର ଆଶା କର୍ମୀ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଅସଦାଚରଣ ଉଦ୍ୟମ, ଜଣେ ଗିରଫ

ପୁରୀ,୧୯।୬(ସମିସ): ଜଟିଆବଜୀ ଛକ ନିକଟରେ ପରିବାର ବିକ୍ରି କରୁଥିବା ଜଣେ ମହିଳା ବ୍ୟବସାୟୀଙ୍କୁ ଅସଦାଚରଣ ଲାଗି ଉଦ୍ୟମ ଅଭିଯୋଗରେ କୁମ୍ଭାରପଡ଼ା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଉଛନ୍ତି, ଟାଉନ ଥାନା କୁମୁଟି ସାହିର କାବୁଲି ନାୟକ। ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲା ଚାନ୍ଦପୁର ଥାନା ଜେମାଦେଇପୁରର ଏହି ମହିଳା ଏବେ ପୁରୀ ଖଣ୍ଡିଆବନ୍ଧରେ ରହି ଜଟିଆବାଜୀ ଛକରେ ପରିବାର ଦୋକାନ ଚଳାନ୍ତି। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ସେ ଦୋକାନରେ ବସିଥିବା ବେଳେ ଅଭିଯୁକ୍ତ କାବୁଲି କହଞ୍ଚି ତାଙ୍କୁ ଅସଦାଚରଣ ଉଦ୍ୟମ କରିଥିଲେ। ଘଟଣା ପରେ ଅଭିଯୁକ୍ତ ଫେରାର୍ ହୋଇଯାଇଥିଲେ। ମହିଳା ଜଣଙ୍କ କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଅଭିଯୁକ୍ତ କାବୁଲିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ବ୍ୟାଗ୍ ଝାମ୍ପି ନେବା ଅଭିଯୋଗରେ ଯୁବକ ଗିରଫ

ପୁରୀ,୧୯।୬(ସମିସ): ପୁରୀ ବୁଲିବାକୁ ଆସିଥିବା ଜଣେ ମହିଳାଙ୍କଠାରୁ ଦିନ ଦ୍ୱିପ୍ରହରେ ବ୍ୟାଗ୍ ଝାମ୍ପିନେବା ଅଭିଯୋଗରେ ବଳିଆପଣ୍ଡା ପୋଲିସ ଜଣକୁ ଗିରଫ କରିଛି। ସେ ହେଉଛନ୍ତି ହରଚଣ୍ଡୀ ସାହି ତଲୁଛ ସାହିର ସନ୍ତୋଷ କୁମାର ମହାସୁଆର। ଭଦ୍ରକ ଜିଲ୍ଲା ଚାନ୍ଦବାଲି ସାହାଦେବଦାସ ପାଟଣାର ଜ୍ୟୋତି ପ୍ରକାଶ ରାଉତ ପରିବାର ସହ ଗତ ଶନିବାର ପୁରୀ ବୁଲିବାକୁ ଆସି ବଳିଆପଣ୍ଡାର ଏକ ହୋଟେଲରେ ରହିଥିଲେ। ରବିବାର ମଧ୍ୟାହ୍ନରେ ସେ ତାଙ୍କ ପତ୍ନୀ ଓ ପରିବାର ସହ ହୋଟେଲକୁ ଫେରୁଥିବା ବେଳେ ହୋଟେଲ ଦୀପଗଙ୍ଗା ଇନ୍ ସାମ୍ନାରେ ଅଘଟଣଟି ଘଟିଥିଲା। କଳା ରଙ୍ଗର ୟାମ୍‌ହା ମୋଟର ସାଇକେଲରେ ଆସିଥିବା ଦୁଇ ଦୁର୍ବୃତ୍ତ ସନ୍ତୋଷ କୁମାର ମହାସୁଆର ଓ ଆଶୁତୋଷ ସୁଆର ଜ୍ୟୋତି ପ୍ରକାଶଙ୍କ ପତ୍ନୀଙ୍କ ହାତରୁ ଭ୍ୟାନିଟି ବ୍ୟାଗ୍ ଝାମ୍ପି ଫେରାର୍ ହୋଇଯାଇଥିଲେ। ଅଭିଯୋଗ ଆଧାରରେ ବଳିଆପଣ୍ଡା ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶୁକ୍ରବାର ପୁଲିସ ମୁଖ୍ୟ ଅଭିଯୁକ୍ତ ସନ୍ତୋଷକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଗୋଟିଏ ବାଇକ୍, ତିନୋଟି ମୋବାଇଲ୍ ଫୋନ୍ ଏବଂ ଗୋଟିଏ କଳା ରଙ୍ଗର ସାମସଙ୍ଗ ଟାବଲେଟ୍ ଜବତ କରାଯାଇଛି।

# ଅସରାଏ ବର୍ଷାରେ ବଡଦାଣ୍ଡ ଜଳବନ୍ଦୀ, ରଥଯାତ୍ରା ପୂର୍ବରୁ ପ୍ରଶାସନକୁ ଚେତାବନୀ

ପୁରୀ,୧୯।୬(ସମିସ): ଦୀର୍ଘଦିନ ଧରି ଜାରି ରହିଥିବା ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ପରେ ଶୁକ୍ରବାର ସନ୍ଧ୍ୟାରେ ପୁରୀ ସହରେ ଅସରାଏ ବର୍ଷା ହୋଇଛି। ବର୍ଷା ପୁରୀବାସୀଙ୍କୁ ଆଶ୍ୱସ୍ତି ଦେଇଥିଲେ ମଧ୍ୟ ବଡଦାଣ୍ଡରେ ଦୀର୍ଘ ସମୟ ଧରି ପାଣି ଜମି ରହି ଜନଜୀବନ ଅସ୍ତବ୍ୟସ୍ତ କରିଦେଇଛି। ଶୁକ୍ରବାର ଦିନରେ ଅଧିକାଂଶ ସମୟ ଆକାଶ ମେଘାଚ୍ଛନ୍ନ ରହିଥିଲା। ସନ୍ଧ୍ୟା ୬ଟାରୁ ୭.୩୦ ପର୍ଯ୍ୟନ୍ତ ପ୍ରାୟ ଦେଢ଼ ଘଣ୍ଟା ଧରି ପ୍ରବଳ ବର୍ଷା ହୋଇଥିଲା। ଫଳରେ ବଡଦାଣ୍ଡ, ମେଡିକାଲ ଛକ, ବଳଗଣ୍ଡି, ମାର୍କେଟ ଛକ, ଦତ୍ତତୋଟା, ଭିଆଇପି ରୋଡ୍, ସମୁଦ୍ରକୂଳ ରାସ୍ତା ଆଦି ତଳିଆ ଅଞ୍ଚଳରେ ବର୍ଷା ଜଳ ଜମି ରହିଥିଲା। କେତେକ ସ୍ଥାନରେ ପାଣି ଏତେ ଜମିଥିଲା ଯେ ବଡ଼ଦାଣ୍ଡରେ କୃତ୍ରିମ ବନ୍ୟା ଭ୍ରମ ସୃଷ୍ଟି ହୋଇଥିଲା। ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁ ଯାତାୟାତରେ ଅସୁବିଧା ଭୋଗିଥିଲେ। ତଥାପି ଅନେକ ଶ୍ରଦ୍ଧାଳୁ ବର୍ଷାରେ ଭିଜି ସିଂହଦ୍ୱାର ସମ୍ମୁଖରେ ଠିଆ ହୋଇ ପତିତପାବନଙ୍କ ଦର୍ଶନ କରିଥିଲେ। ଆଗକୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ରହିଛି। କେବଳ ଅସରାଏ ବର୍ଷାରେ ବଡ଼ଦାଣ୍ଡରେ ପାଣି ଜମିରହିବା ଦେଖି ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି ରଥଯାତ୍ରା ଦିନ ଲଗାଣ ବର୍ଷା ହୁଏ ତେବେ ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି। ବଡ଼ଦାଣ୍ଡ ନାଳଗୁଡ଼ିକୁ ସଫା କରି ପାଣି ନିଷ୍କାସନ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏଭଳି ଜଳବନ୍ଦୀ ପରିସ୍ଥିତିକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରଥଯାତ୍ରା ପୂର୍ବରୁ ନିଷ୍କାସନ ବ୍ୟବସ୍ଥାକୁ ଆହୁରି ସୁଦୃଢ କରାଯାଉ ବୋଲି ଦାବି କରିଛନ୍ତି।



## ପୃଥକ୍ ଦୁର୍ଘଟଣାରେ ଦୁଇ ଆହତ

ବାରିକପୁର,୧୯।୬(ସମିସ): ପୃଥକ ସ୍ଥାନରେ ଦୁର୍ଘଟଣା ଘଟି ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର ଦୁଇଜଣ ବ୍ୟକ୍ତି ଆହତ ହୋଇଛନ୍ତି। ବିଜେପି ନେତା ନିର୍ମଳ କର କୌଣସି କାର୍ଯ୍ୟରେ ଆଙ୍କୁଲା ଅଞ୍ଚଳକୁ ଯାଉଥିବା ବେଳେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଏକ ବାଇକ୍ ତାଙ୍କୁ ଧକ୍କା ଦେବା ଫଳରେ ସେ ଗୁରୁତର ହୋଇଥିବା ଜଣାପଡ଼ିଛି। ପ୍ରଥମେ ଯାଜପୁର ମେଡିକାଲ ଓ ପରେ ତାଙ୍କୁ ଭୁବନେଶ୍ୱର ଏମ୍ସ କୁ ସ୍ଥାନାନ୍ତରିତ କରାଯାଇଛି। ତାଙ୍କ ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ସୂଚନା ମିଳିଛି। ସେହିଭଳି ନେରଡା ନିକଟରେ ଏକ ବାଇକ ଗୋଟିଏ ଗାଇକୁ ଧକ୍କା ଦେବାରୁ ଜଣେ ଯୁବକ ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଚିକିତ୍ସା କରାଯାଇଛି। ଦୁର୍ଘଟଣା ଯୋଗୁଁ ଯୁବକଙ୍କ ଗୋଡ଼ ଭାଙ୍ଗିଥିବା କୁହାଯାଇଛି।

## ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ବାରିକପୁର,୧୯।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ତେସିଙ୍ଗା ପଞ୍ଚାୟତ ଗମାରୀଗଡ଼ିଆ ଠାରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ସୁଧାଂଶୁ ସ୍ୱାଇଁଙ୍କ ୪ ବର୍ଷର ପୁଅ ପୋଖରୀରେ ପଡ଼ି ମୃତ୍ୟୁବରଣ କରିଛି। ଶିଶୁ ପୁତ୍ରଟି କୌଣସି କାରଣରୁ ଘର ପାଖ ପୋଖରୀରେ ପଡ଼ି ଯାଇଥିଲା। ପରିବାର ଲୋକେ ଉଦ୍ଧାର କରି ମେଡିକାଲ ଆଣିଥିବା ବେଳେ ଡାକ୍ତର ଶିଶୁ ପୁତ୍ର କୁ ମୃତ ଘୋଷଣା କରିଥିଲେ। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ବନ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ



ବାରିକପୁର,୧୯।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଣିନାଥପୁର ବହୁମୁଖି ବନ୍ୟା ଆଶ୍ରୟସ୍ଥଳୀ ଠାରେ ଆଜି ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଆଶ୍ରୟ ସ୍ଥଳୀ ସମ୍ପାଦକ ନାରାୟଣ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ସମୀର କୁମାର ଚୌଧୁରୀ, ସୂର୍ଯ୍ୟକାନ୍ତ ବରାଳ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଜନୀ କାନ୍ତ ?ରାଳ, ସହକାରୀ ଶିକ୍ଷକ ଶରତ ଥାଟୋଇ ପ୍ରମୁଖ ଯୋଗ ଦେଇଥିଲେ। ବନ୍ୟା ଓ ବାତ୍ୟା ସମୟରେ ଲୋକ ମାନେ କେଉଁ ଭଳି ଆଶ୍ରୟ ସ୍ଥଳୀକୁ ଉପଯୋଗ କରି ପାରିବେ ସେନେଇ ଅତିଥି ମାନେ ସୂଚନା ଦେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ସ୍ୱେଚ୍ଛାସେବୀ ଓ ଜନସାଧାରଣ ଯୋଗଦେଇ ଥିବା ବେଳେ ରାମଚନ୍ଦ୍ର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ଭତ୍ତା ବଣ୍ଟନ



ବରିକପୁର,୧୯।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସଭାଗୃହ ମଧ୍ୟରେ ଆଜି ୬୦ ଜଣ ନୂଆ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣିତିକାନ୍ତ ସାମଲ, ବିଡିଓ ଦେବଦତ୍ତ ଦାଶ, ସାମାଜ ମଙ୍ଗଳ ଅଧିକାରିଣୀ ସାନ୍ତ୍ୱନା ଦାସ, ସୁଧାଂଶୁ ପାଢ଼ୀ, ଶୋଭନ ପାଢ଼ୀ ପ୍ରମୁଖ ଏହି ଭତ୍ତା ବଣ୍ଟନ କରିଥିଲେ। ଏବେ ସୁଦ୍ଧା ବ୍ଲକ୍ ଅଞ୍ଚଳର ପ୍ରାୟ ୨୫୦୦ ହଜାର ହିତାଧିକାରୀ ଭତ୍ତା ପାଇଁ ଆବେଦନ କରିଥିବା ବେଳେ ଟାର୍ଗେଟ ନଥିବା କାରଣରୁ ସେମାନେ ଦୀର୍ଘଦିନ ଧରି ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ସଂପ୍ରତି କେବଳ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ସ୍ଥାନରେ ନୂତନ ହିତାଧିକାରୀ ଚୟନ ହୋଇ ସେମାନଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟତଃ ବିଧବା ଓ ଭିନ୍ନକ୍ଷମ ହିତାଧିକାରୀ ରହିଛନ୍ତି।

## ଯୁବତୀଙ୍କୁ ରାସ୍ତାରେ ଆକ୍ରମଣ କଲେ ପ୍ରେମିକଙ୍କ ସମ୍ପର୍କୀୟ

ଧୂଷୁରୀ,୧୯।୬(ସମିସ): ପ୍ରେମ ନାଁରେ ପ୍ରତାରଣା ପରେ ଜଣେ ଆଦିବାସୀ ଯୁବତୀଙ୍କୁ ସାର୍ବଜନୀନ ଭାବେ ଆକ୍ରମଣ କରାଯାଇଥିବା ଅଭିଯୋଗ ଧୂଷୁରୀ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ନ୍ୟାୟ ଦାବି କରି ଯୁବତୀ ଧୂଷୁରୀ ଥାନାରେ ଅଭିଯୋଗ ଦାଖଲ କରିଥିବା ବେଳେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳର ଜଣେ ୨୫ ବର୍ଷୀୟ ଆଦିବାସୀ ଯୁବତୀଙ୍କ ସହ ବନ୍ତ ଥାନା ଚାଇଁପୁର ଅଞ୍ଚଳର ଜଣେ ଯୁବକଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଯୁବକ ଜଣକ ବିବାହର ପ୍ରତିଶ୍ରୁତି ଦେଇ ଦୀର୍ଘ ୪ ବର୍ଷ ଧରି ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ସେ ଯୁବତୀଙ୍କ ସହ ଯୋଗାଯୋଗ ବନ୍ଦ କରିଦେଇଥିଲେ। ଗୁରୁବାର ଅପରାହ୍ନରେ ଯୁବତୀ ତାଙ୍କ ପ୍ରେମିକଙ୍କୁ ଭେଟିବା ପାଇଁ ଅସୁରାଳି ଆଇଟିଆଇ ନିକଟକୁ ଆସିଥିବା ବେଳେ, ସେଠାରେ ଉପସ୍ଥିତ କେତେକ ସମ୍ପର୍କୀୟ ତାଙ୍କୁ ଘେରି ଅତର୍କିତ ଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏପରିକି ମାଡ଼ ମାରିବା ସହ ତାଙ୍କ ଗଳାର ସୁନା ଚେନ ଓ ପର୍ସ ଛଡ଼ାଇ ନେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାଟି ଜନଗହଳିପୂର୍ଣ୍ଣ ରାସ୍ତା ଉପରେ ଘଟିଥିବାରୁ ଦୀର୍ଘ ସମୟ ଧରି ସେଠାରେ ଭିଡ଼ ଜମିଥିଲା। ଜଣେ ଆଦିବାସୀ ମହିଳାଙ୍କ ସହ ଏଭଳି ବ୍ୟବହାର ଏବଂ ଆକ୍ରମଣ ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି ହେଉଛି। ପୁଲିସ ଅଭିଯୋଗ ଆଧାରରେ କେଶ ନମ୍ବର ୨୭୨/୨୬ ଦାୟର କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଆଖଣ୍ଡଳମଣିଙ୍କ ବିବାହ ଉତ୍ସବରେ ଦୁଲୁକିଲା ଆରଡି

ଭଦ୍ରକ/ଆରଡ଼ି,୧୯।୬(ସମିସ)





**● ୩୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ**
**● ରାଜରାଜେଶ୍ୱର ବେଶରେ ଦର୍ଶନ ଦେଲେ ବାବା**

ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବବିବାହ ପାଇଁ ଶୁକ୍ରବାର ଉତ୍ସବମୁଖର ହୋଇ ଉଠିଥିଲା ଆରଡ଼ି ପୀଠ। ଏହି ବିବାହ ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପାରମ୍ପରିକ ବାଦ୍ୟ ସହ ନୃତ୍ୟଶିଳ୍ପୀ ଯୋଗଦେଇଛନ୍ତି। ସେହିପରି ବାବାଙ୍କ ବିବାହରେ ଦେବଦମ୍ପତିଙ୍କର ଯୁଗଳମୂର୍ତ୍ତି ଦର୍ଶନ ପାଇଁ ୩୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ଭିଡ଼ ଲାଗିଥିଲା ପୀଠରେ। ମଧ୍ୟରାତ୍ରରେ ଦେବଦମ୍ପତି ବିବାହ ବନ୍ଧନରେ ଆବଦ୍ଧ ହେବା ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ମିଳିବ। ବୈଦିକ ରୀତିନୀତି ଓ ଲୋକାଚାରରେ ମାନବୀୟ ଲୀଳା ଭାବେ କନ୍ୟାପିତା ବିଚିତ୍ର ପାଢ଼ୀଙ୍କ ପକ୍ଷରୁ ମଣିବାବାଙ୍କୁ ବରଣ ନିମନ୍ତେ ପାର୍ବତୀଙ୍କ ଭାଇ ଭାବେ ପବନପୁତ୍ର ହନୁମାନ ବରଧରାରେ ବାହାରିଥିଲେ। ବର ଶୋଭାଯାତ୍ରାରେ ବାହାରି ପୀଠ ଓ ମୁଖ୍ୟ ବଜାର ପରିକ୍ରମା କରିବା ପରେ ବରପିତା ଗଦାଧର ପାଢ଼ୀଙ୍କ ଘରେ ପହଞ୍ଚିବା ପରେ ବ୍ରାହ୍ମଣ ଓ ଜ୍ୟୋତିଷଙ୍କ ଦ୍ୱାରା ବରଣ ନୀତି କରାଯାଇଥିଲା। ଏହି ଶୋଭାଯାତ୍ରରେ ଢେଙ୍କାନାଳର ଦୁଲୁଦୁଲି ବାଦ୍ୟ ସାଙ୍ଗକୁ ରାଜସ୍ଥାନ ଅଘୋରୀ ନୃତ୍ୟ, ବ୍ରହ୍ମପୁରର ଯୋଡ଼ିଶଙ୍ଖ, କଙ୍କାଳ ନୃତ୍ୟ, କଲିକତା ମେଦିନପୁରର ମୟୂରଚୂଳିଆ ବାଦ୍ୟ, କେନ୍ଦୁଝରର କଳସ ନୃତ୍ୟ, ଦେବଗଣଙ୍କ ସହ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟବାଦ୍ୟକାର ମାନେ ଯୋଗ ଦେଇଥିଲେ। ଅପରାହ୍ନ ୪ଟାରେ ମଣିବାବା ଓ ମାତା ପାର୍ବତୀଙ୍କୁ ରାଜରାଜେଶ୍ୱର ବେଶରେ ସଜ୍ଜିତ କରାଯିବା ପରେ ବରପିତା ଓ କନ୍ୟାପିତାଙ୍କ ପକ୍ଷରୁ ଦିଅଁ ମଙ୍ଗୁଳା ଓ ହଳଦୀପାଣି ନୀତି କରାଯାଇଥିଲା। ସନ୍ଧ୍ୟା ୭ଟାରେ ଦେବଦେବ ମହାଦେବ ବର ରୂପେ ବିମାନରେ ବିଜେ କରି ବରାନୁଗମନ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରରେ ଭକ୍ତ ଓ ଭଗବାନଙ୍କର ମହାମିଳନ ହୋଇଥିଲା। ରାତ୍ର ୧ଟା ଯାଏଁ ଶୋଭାଯାତ୍ରା ଚାଲିବା ପରେ ମନ୍ଦିର ସମ୍ମୁଖରେ ନିର୍ମିତ ବିବାହ ମଣ୍ଡପରେ ଦେବଦମ୍ପତିଙ୍କର ବିବାହ କାର୍ଯ୍ୟ ଲୋକାଚାରରେ ଅନୁଷ୍ଠିତ ହୋଇଥିଲା। ହଜାରହଜାର ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୁଲିସ ପ୍ରଶାସନ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏଥିସହ ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ବିଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସେବା ଯୋଗାଇଥିବା ବେଳେ ପୀରହାଟର ପ୍ରଦେଶ ସେବା ସଂଗଠନ, ସତ୍ୟସାଇ ସେବା ସଂଗଠନ, ଜିଲ୍ଲା ରକ୍ତ ସଂଗଠନ, ଜଗାଚାକର ସଂଘ ଆଦି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସେବା ଯୋଗାଇ ଦିଆଯାଇଥିଲା।

■ ଧୂଷୁରୀରେ ମଦ ବାର୍ ଖୋଲିବାକୁ ବିରୋଧ

## ନିଶା ନିବାରଣ ସଂଗଠନର ପ୍ରତିବାଦ ସଭା



**ଅବକାରୀ ସୁପରିଟେଣ୍ଡେଣ୍ଟଙ୍କୁ ଦାବିପତ୍ର**

ଅସୁରାଳି,୧୯।୬(ସମିସ): ଧାମନଗର ବ୍ଲକ୍ ଧୂଷୁରୀ ଥାନା ଧୂଷୁରୀ ବିଜ୍ଞାପିତ ଅଞ୍ଚଳରେ ଏକ ନୂତନ ମଦ ବାର୍ ଖୋଲିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରସ୍ତାବିତ ମଦ ବାର୍‌କୁ କୌଣସି ପରିସ୍ଥିତିରେ ଖୋଲିବାକୁ ନ ଦେବା ପାଇଁ ଅଞ୍ଚଳବାସୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ଜୋର୍ ଧରିଛି। ଏହି କ୍ରମରେ ଭଦ୍ରକ ଅବକାରୀ ସୁପରିଟେଣ୍ଡେଣ୍ଟଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମସ୍ୟାକୁ ନେଇ ଧୂଷୁରୀସ୍ଥିତ ହୃଦାନନ୍ଦ ପାଠାଗାର ପରିସରରେ ରାଜ୍ୟ ନିଶା ନିବାରଣ ସଂଗଠନ ତରଫରୁ ଏକ ଜରୁରୀ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ୟବାଦୀ ନେତା ଚନ୍ଦ୍ର ଶେଖର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଓ ସମାଜସେବୀ ଯୋଗଦେଇ ମଦ ବାର୍ ପ୍ରତିଷ୍ଠାକୁ ତୀବ୍ର ବିରୋଧ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶାନ୍ତି, ଶୃଙ୍ଖଳା ଏବଂ ଯୁବପିଢ଼ିଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏଠାରେ ମଦ ବାର୍ ଖୋଲିବା ଅନୁଚିତ ବୋଲି ସଭାରେ ମତପ୍ରକାଶ ପାଇଛି। ରାଜ୍ୟ ନିଶା ନିବାରଣ ସଂଗଠନର ସମ୍ପାଦକ ସନ୍ତୋଷ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ନିଶିକାନ୍ତ ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ରବୀନ୍ଦ୍ର ବେହୁରିଆ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ବିଶ୍ୱାଳ, ନିଶା ନିବାରଣ ସଂଗଠନର ଜିଲ୍ଲା ସଂଯୋଜକ ରତିକାନ୍ତ ନାୟକ, ଜିଲ୍ଲା ଉପ-ସଭାପତି ଲକ୍ଷ୍ମୀନାରାୟଣ ମିଶ୍ର, ରବି ନାୟକ ଏବଂ ସମାଜସେବୀ ହରିହର ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିବା ସହ ପ୍ରଶାସନ ତୁରନ୍ତ ଏହି ପ୍ରସ୍ତାବକୁ ବାତିଲ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ



ଧାମନଗର,୧୯।୬(ସମିଆ): ଧାମନଗର ପଞ୍ଚାୟତ ସମିତି ଆନୁକୂଲ୍ୟରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମୁଦାୟଙ୍କ ସାମାଜିକ, ଆର୍ଥିକ ଏବଂ ଶିକ୍ଷାଗତ ଉନ୍ନତି ସହ ସେମାନଙ୍କ ଆଇନଗତ ସୁରକ୍ଷା ଓ ଅଧିକାରସଶକ୍ତୀକରଣଉପରେଆଲୋଚନା କରାଯାଇଥିଲା। ଏଥିରେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ସାଂସଦଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଧାମନଗର ବିଡିଓ ବନବିହାରୀ ଦିଣ୍ଡାଙ୍କ ସମେତ ପଞ୍ଚାୟତ ସମିତିର ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି ଓ ପୂର୍ବତନ ସରପଞ୍ଚମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ସରକାରଙ୍କ ବିକାଶମୂଳକ ପଦକ୍ଷେପ ଏବଂ ଲୋକ କଲ୍ୟାଣ ମୂଳକ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ ସଫଳ ଭାବେ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗ ଓ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ବ୍ରାଉନ୍‌ସୁଗର ଜବତ, ୩ ଗିରଫ

ଭଦ୍ରକ,୧୯।୬(ସମିସ): ଯାଜିପୁର ଜିଲ୍ଲାର ୩ ଜଣ ଯୁବକ ଏକ ବାଇକ୍ ଯୋଗେ ଭଦ୍ରକ ଚରମ୍ପା ଅଞ୍ଚଳକୁ ବ୍ରାଉନ୍‌ସୁଗର୍ କିଣିବା ପାଇଁ ଆସିଥିଲେ। ଏଠାରୁ ଯାଜପୁର ଜିଲ୍ଲାକୁ ଫେରୁଥିବା ବେଳେ ଭଦ୍ରକ ଟାଉନ ପୁଲିସ ଏହି ତିନି ଜଣ ଯୁବକଙ୍କ ଉପରେ ସନ୍ଦେହ କରି ଅଟକାଇଥିଲେ। ତାଙ୍କୁ ଚେକିଂ କରିବା ବେଳେ ତାଙ୍କ ନିକଟରୁ ୮ ଗ୍ରାମ ବ୍ରାଉନ ସୁଗାର ବାହାରିଥିଲା। ପୁଲିସ ଏହି ୩ ଜଣ ଯୁବକକୁ ଟାଉନ ଥାନାକୁ ଆଣି ପଚରାଉଚରା କରିଥିଲା। ଯାହା ପାଖରୁ ବ୍ରାଉନସୁଗର କିଣିଲେ ତାହା ନାମରେ ପୋଲିସ ଏକ କେଶ ରୁଜୁ କରିଥିବା ନେଇ ପୁଲିସ ସୂଚନା ଦେଇଛି। ଏହି ୩ ଜଣ ଯୁବକ ହେଲେ ଯାଜପୁର ଜିଲ୍ଲାର ଦୀପକ ବିଶ୍ୱାଳ, ପ୍ରସନ୍ନ କୁମାର ମହାନ୍ତି ଓ ଓମପ୍ରକାଶ ସେଠୀ। ତାଙ୍କ ନିକଟରୁ ଜବତ ହୋଇଥିବା ବ୍ରାଉନ୍‌ସୁଗରର ଆନୁମାନିକ ମୁଲ୍ୟ ୫୦ ହଜାର ଟଙ୍କା ହେବ। ତେବେ ଟାଉନ ପୁଲିସ ଏହି ଘଟଣାରେ ୩ ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଟାଉନ ଥାନା ଅଧିକାରୀ ପ୍ରଭାଂଶୁ ମିଶ୍ର ସୂଚନା ଦେଇଛନ୍ତି।

## ଭଦ୍ରକରେ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା




ଭଦ୍ରକ,୧୯।୬(ସମିସ): ଭଦ୍ରକରେ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ରାଣୀତାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କୃଷକ, କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ର ପ୍ରତିନିଧି ଏବଂ କୃଷି କ୍ଷେତ୍ରର ବିଭିନ୍ନ ଅଂଶୀଦାରମାନେ ଯୋଗ ଦେଇଥିଲେ। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୈବିକ ଓ ପ୍ରାକୃତିକ କୃଷିର ପ୍ରସାର ମାଧ୍ୟମରେ କୃଷକଙ୍କ ଆୟ ବୃଦ୍ଧି ସହ ପରିବେଶ ସୁରକ୍ଷା ନିଶ୍ଚିତ ହୋଇପାରିବ ବୋଲି କହିଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଡିଆର୍‌ଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଶୁଭେନ୍ଦ୍ର ସାମଲ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସତ୍ୟନାରାୟଣ କର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସଞ୍ଜୟ କୁମାର ମହାନ୍ତି, କୃଷି ଜିଲ୍ଲା ଅଧିକାରୀ ଶଶୀଭୂଷଣ ମହାପାତ୍ର ଓ ପ୍ରୀତିରେଖା ମହାଳିକ, ଏବଂ ଆର୍‌ଆର୍‌ଟିଟିଏସ୍ ରାଣୀତାଳର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଡ. ବିଶ୍ୱରଞ୍ଜନ ନାୟକ ଉପସ୍ଥିତ ଥିଲେ। ସ୍ୱାଗତ ଭାଷଣରେ ଜିଲ୍ଲାପାଳ ପ୍ରାକୃତିକ କୃଷିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ପ୍ରାକୃତିକ ଓ ଜୈବିକ କୃଷିର ପ୍ରସାର, ମୃତ୍ତିକା ସ୍ୱାସ୍ଥ୍ୟର ସୁରକ୍ଷା, ରାସାୟନିକ ସାରର ସନ୍ତୁଳିତ ବ୍ୟବହାର ଏବଂ ସ୍ଥାୟୀ କୃଷି ବ୍ୟବସ୍ଥାର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କର୍ମଶାଳାର ବିଭିନ୍ନ ଅଧିବେଶନରେ ପ୍ରାକୃତିକ ଓ ଜୈବିକ କୃଷି, ସନ୍ତୁଳିତ ପୋଷକ ପରିଚାଳନା, ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର, କ୍ଷେତ ବଞ୍ଚାଅ ଅଭିଯାନ ଏବଂ ପ୍ରଗତିଶୀଳ କୃଷକଙ୍କ ଅଭିଜ୍ଞତା ବିନିମୟ ଭଳି ବିଷୟ ଉପରେ ବିଶେଷଜ୍ଞମାନେ ମତାମତ ରଖିଥିଲେ। କୃଷି କ୍ଷେତ୍ରରେ ପ୍ରାକୃତିକ ଓ ପରିବେଶ ଅନୁକୂଳ ପଦ୍ଧତିକୁ ଅଧିକ ପ୍ରୋତ୍ସାହନ ଦେବା ଏବଂ କୃଷକମାନଙ୍କୁ ନୂତନ ଜ୍ଞାନ ଓ ପ୍ରଯୁକ୍ତି ସହ ପରିଚିତ କରାଇବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

## ମୁସଲିମ୍ ମହିଳାଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୧୯।୬(ସମିସ): ଭାରତୀୟ ମୁସଲିମ୍ ମହିଳା ଆନ୍ଦୋଳନ, ମୁମ୍ବାଇ ତରଫରୁ ବାଇପାସସ୍ଥିତ ଆଶିଆନା ସଭାଗୃହରେ ଆଶିଆନାର ସମ୍ପାଦିକା ସୋଫିଆ ସେକ୍‌ଙ୍କ ସଭାପତିତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ନୁର୍‌ଯାହାନ ସଫିଆ ନିଆଜ ସଂସ୍ଥାପକ ଭାରତୀୟ ମୁସ୍‌ଲିମ୍ ମହିଳା ଆନ୍ଦୋଳନ, ମୁମ୍ବାଇ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥିଭାବେ ନଜିରିନା ଖାନ୍, ରାଷ୍ଟ୍ରୀୟ ସମିତି ସଦସ୍ୟ ଭାରତୀୟ ମୁସଲିମ୍ ଆନ୍ଦୋଳନ, ପ୍ରଫେସର ଝରଣା ପଟ୍ଟନାୟକ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠା ଓଡ଼ିଶା ସଂଯୋଜକ ବିଶ୍ୱଜିତ୍ ରାୟ, ଆଇନଜୀବୀ ରାଧାରାଣୀ ମହାପାତ୍ର ପ୍ରମୁଖ ଯୋଗଦେଇ ମୁସ୍‌ଲିମ୍ ମହିଳାମାନଙ୍କ ସାମାଜିକ ବଞ୍ଚନାକୁ ବୁଝିବା ଓ ତାର ସୁଧାର ପାଇଁ କାମ କରିବା ସଂଗେ ସଂଗେ ମୁସ୍‌ଲିମ୍ ମହିଳାଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ସାମାଜିକ, ଆର୍ଥିକ, ରାଜନୈତି, ଧାର୍ମିକ ଓ ଆଇନ୍‌ଗତ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ୧୪ ନମ୍ବର ୱାର୍ଡର କାଉନ୍‌ସିଲର, ଅଙ୍ଗନବାଡ଼ି କର୍ମୀ, ଫେଲୋସିପ୍ ଓ ଆସିଆନାର କର୍ମକର୍ତ୍ତା ଓ ଅନ୍ତେବାସୀ, ଅହମଦିଆ ସଂପ୍ରଦାୟର ଲଜନା ଇମାଉଲ୍ଲାର ସଦସ୍ୟା, ଶିକ୍ଷକ, ଶିକ୍ଷୟିତ୍ରୀ, ମିଶନ ଶକ୍ତିର ସଦସ୍ୟା ଓ ସାଧାରଣରେ ମହିଳାମାନେ ଯୋଗଦାନ କରିଥିଲେ ଏବଂ ଆଶିଆନାର ସଂଯୋଜକ ରିଆଜ ଅହମଦ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବାତ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ବାସୁଦେବପୁର,୧୯।୬(ସମିସ)



ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ବାସୁଦେବପୁର ବ୍ଲକ ଓ ପୌରପାଳିକାର ବିଭିନ୍ନ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀର ବିପର୍ଯ୍ୟୟର ପରିଚାଳନା ଅଭ୍ୟାସ- ୨୦୨୬ ଅନୁଷ୍ଠିତ ହୋଇ ଯାଇଅଛି। ସମୁଦ୍ର ଉପକୂଳ ଅଞ୍ଚଳର ବନ୍ୟା ଓ ବାତ୍ୟା ଲାଗି ରହୁଥିବାରୁ ବିପର୍ଯ୍ୟୟ ଋତୁର ଅବ୍ୟାହିତ ପୂର୍ବରୁ ପ୍ରତି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀର ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା ଆଶ୍ରୟସ୍ଥଳୀର ଟାସ୍କଫୋର୍ସ ସଭ୍ୟ ସଭ୍ୟା, ମିଶନ ଶକ୍ତିର ସଦସ୍ୟମାନଙ୍କୁ ନେଇ ବିପର୍ଯ୍ୟୟ ପୂର୍ବରୁ ସୂଚନା, ତଳିଆ ଅଞ୍ଚଳର ପ୍ରଭାବିତ ଲୋକମାନଙ୍କୁ ଉଦ୍ଧାର କରିବା, ଆଶ୍ରୟସ୍ଥଳୀର ଥିବା ଲାଇଟ୍ ଚେକ୍ କରିବା ଓ ନିଜସ୍ୱ ସମ୍ବଳରେ ଘରୋଇ ସାମଗ୍ରୀ ବ୍ୟବହାର କରି ନିଜସ୍ୱ କୌଶଳରେ ଉଦ୍ଧାର କରିବା ପ୍ରଦର୍ଶନ କରିଥିଲେ। ଭଦ୍ରକ ଜିଲ୍ଲାର ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ବାସୁଦେବପୁର ବ୍ଲକର ବିରସ, କସିଆ, ସୁନାମୁହିଁ, ଦିନ୍ଦାଚାନ୍ଦି, ସୁନାମୁହିଁ ରେଡକ୍ରସ ବାତ୍ୟା ଆଶ୍ରୟସ୍ଥଳୀର ଆୟୋଜିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସକୁ ବୁଲି ଦେଖିଥିଲେ। ବାସୁଦେବପୁର ବ୍ଲକର ନୋଡାଲ ଏନ୍‌ଜିର ସମ୍ପାଦକ ରମାକାନ୍ତ ଡାଙ୍ଗୁଆ, କସିଆ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ଶକ୍ତିପଦ ମାଇତି, ବିରସ ନିରଞ୍ଜନ ଦାସ, ସୁନାମୁହିଁ ଅରବିନ୍ଦ ପରିଡ଼ା, ସୁନାମୁହିଁ ରେଡ୍‌କ୍ରସ୍ ବାତ୍ୟା ଆଶ୍ରୟସ୍ଥଳୀର ହାରୁମୋହନ ପରିଡ଼ା, ଦିନ୍ଦାଚାନ୍ଦିର ସମ୍ପାଦକ ସୁମେଇ ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବାସୁଦେବପୁର ବ୍ଲକର ୪୮ଟି ଆଶ୍ରୟସ୍ଥଳୀର ବିପର୍ଯ୍ୟୟ ପରିଚାଳନା ଅଭ୍ୟାସକୁ ଲାଇଫ୍ ଲାଇନ ସାମାଜିକ ସଙ୍ଗଠନ ସଂଯୋଜନା କରିଥିଲେ। ବିଭିନ୍ନ ଆଶ୍ରୟସ୍ଥଳୀରେ ମାନସ ରଞ୍ଜନ ସାହୁ, ଲକ୍ଷ୍ମୀପ୍ରିୟା ଭୋଇ, ସନ୍ଧ୍ୟାରାଣୀ ବାରିକ, ଅହେଶ କୁମାର ସାହୁ ଲିପୁନ୍ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ନବଗଠିତ ଦୁଇ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ



ଭଦ୍ରକ,୧୯।୬(ସମିସ): ଭଦ୍ରକ ବ୍ଲକ୍ ପରସିଙ୍ଗା ଓ ଏରଡ଼ା ପଞ୍ଚାୟତରେ ୨ଟି ନୂତନ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ଉପନିବନ୍ଧକ ଦୁଃଖିଆ ଟୁଡୁ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ସଞ୍ଜୟ ମହାନ୍ତି, ପ୍ରକାଶ ଜ୍ୟୋତି ମହାକୁଡ଼, ନିର୍ଦ୍ଦେଶକ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଓ ରତ୍ନପର୍ଣ୍ଣ ସାହୁ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ସମିତିର ସମ୍ପାଦକ/ସମ୍ପାଦିକା ଏବଂ ହଜାର ହଜାର ଗ୍ରାମବାସୀ ଉପସ୍ଥିତ ଥିଲେ। ଏହା କେବଳ ଦୁଇଟି ସମିତିର ଉଦ୍‌ଘାଟନ ନୁହେଁ, ବରଂ ଗ୍ରାମୀଣ ବିକାଶ, କୃଷକ କଲ୍ୟାଣ ଓ ସମୃଦ୍ଧ ଓଡ଼ିଶା ଗଠନର ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ।

## ଜାତିଆଣ ଆକ୍ଷେପ, ସାମାଜିକ ବାସନ୍ଦ ଅଭିଯୋଗ


ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଜକା ଗ୍ରାମବାସୀ

ଢେଙ୍କାନାଳ,୧୯ ।୬(ସମିସ): ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ଜକା ଗ୍ରାମରେ ଅନୁସୂଚିତ ଜାତିର ୭ ପରିବାରକୁ ଜାତିଆଣ ଆକ୍ଷେପ କରି ଅପମାନିତ କରାଯିବା ସହ ସାମାଜିକ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ଗ୍ରାମବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଅନୁରୋଧ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ଗତ ଏପ୍ରିଲ ୨୮ ତାରିଖ ସନ୍ଧ୍ୟାରେ ଗ୍ରାମରେ ଅନୁଷ୍ଠିତ ଏକ ସଭାରେ କେତେକ ବ୍ୟକ୍ତି ଅନୁସୂଚିତ ଜାତିର ୭ ପରିବାର ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଜାତିଆଣ ଆକ୍ଷେପ କରି ଅପମାନଜନକ ମନ୍ତବ୍ୟ ଦେଇଥିଲେ । ଏଥିସହ ସେମାନଙ୍କୁ ସାମାଜିକ ବାସନ୍ଦ କରି ଗାଈ ଚରାଇବା, ଦୋକାନରୁ ସାମଗ୍ରୀ କ୍ରୟ, ମନ୍ଦିରକୁ ଯିବା ଏବଂ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ବାରଣ କରାଯାଇଛି । ଏ ନେଇ ତୁମୁସିଙ୍ଗା ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଥିବା ବେଳେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ ଗ୍ରାମର ଦଣ୍ଡଧର ନାଏକ, ଅମର ନାଏକ, ଅକ୍ଷୟ ନାଏକ ଓ ସୁବାସ ନାଏକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଅନରୋଧ କରିଛନ୍ତି । ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଜିଲ୍ଲାପାଳ ପାଟିଲ କାମାକ୍ଷାନଗର ଉପଜିଲ୍ଲାପାଳଙ୍କୁ ତଦନ୍ତ ଦାୟିତ୍ୱ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ଦଳିତ ସାହିରେ ସବର୍ଣ୍ଣଙ୍କ ସଂଘବଦ୍ଧ ଆକ୍ରମଣ

ଢେଙ୍କାନାଳ,୧୯ ।୬(ସମିସ)



- ବର୍ତ୍ତିଲେ ନାହିଁ ମହିଳା ଓ ଶିଶୁ
- ଜଣେ ଗୁରୁତର କଟକ ସ୍ଥାନାନ୍ତର
- ଘରୁ ବାହାରିଲେ ହତ୍ୟା ଧମକ

ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଥାନା ମଞ୍ଜିରିପଡ଼ା ଗାଁରେ ଅନୁସୂଚିତ ଜାତି (ପାଣ) ସମ୍ପ୍ରଦାୟ ଉପରେ କେତେକ ସବର୍ଣ୍ଣ ସଙ୍ଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏହି ଆକ୍ରମଣରୁ ମହିଳା ଏବଂ ଶିଶୁ ବି ବାଦ୍ ପଡ଼ିନାହାନ୍ତି । ମହିଳା ଓ ନାବାଳିକାଙ୍କ ପ୍ରତି ଅସଦାଚରଣ ସହ ଘରେ ପଶି ଭଙ୍ଗାରୁଜା ଓ ଲୁଟପାଟ କରାଯାଇଥିବାର ଅଭିଯୋଗରେ ଦର୍ଶାଯାଇଛି । ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଏପରିକି ଘର ବାହାରିଲେ ହତ୍ୟା କରିବାକୁ ଧମକ ମଧ୍ୟ ଦିଆଯାଇଥିବା ଅଭିଯୋଗ ହୋଇଛି ।

ଅଭିଯୋଗ ଅନୁଯାୟୀ, ଗତ ୧୭ ତାରିଖ ସନ୍ଧ୍ୟାରେ କିଛି ବ୍ୟକ୍ତି ସିପୁନ ମଲିକ ଓ ନିତ୍ୟାନନ୍ଦ ମଲିକଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଦେବା ସହ ହାଇକ୍ ଚଢ଼ାଇ ଆହତ କରିଥିଲେ । ଏ ନେଇ ଥାନାରେ ଅଭିଯୋଗ ଦାଖଲ ପରେ ମଧ୍ୟ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅଭିଯୁକ୍ତମାନଙ୍କ ମନୋବଳ ବଢ଼ିଯାଇଛି । ପରଦିନ ୧୮ ତାରିଖ ଶତାଧିକ ଲୋକ ଖଣ୍ଡା, ଭୁଜାଲି, ଲୁହାରଡ୍, ବାଉଁଶ ବାଡ଼ି ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ଦଳିତ ସାହିରେ ଆକ୍ରମଣ କରିଥିଲେ । ଆକ୍ରମଣରେ ପ୍ରକାଶ ମଲିକ, ସଂଗ୍ରାମ ମଲିକ, ପୁରେନ୍ଦ୍ର ମଲିକ, ଅମର ମଲିକ, ଜଗନ୍ନାଥ ମଲିକ, ତପନ କୁମାର ମଲିକ, ନରହରି ମଲିକଙ୍କ ସମେତ ବହୁ ଲୋକ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଆହତଙ୍କ ମଧ୍ୟରେ କେତେଜଣ ମହିଳା ଓ ଶିଶୁ ରହିଛନ୍ତି । ସେହିପରି ବୁଲି ମଲିକ, ପଦ୍ମାବତୀ ମଲିକ, ଲିପା ମଲିକ, ଟିକିଲି ମଲିକ, ଝରଣା ମଲିକଙ୍କ ସମେତ ଅନେକ ମହିଳା ଓ ଦୁଇ ନାବାଳିକାଙ୍କୁ ଅସଦାଚରଣ, ଅପମାନଜନକ ବ୍ୟବହାର କରାଯାଇଛି । ଅଭିଯୁକ୍ତମାନେ ଘରେ ପଶି ଭଙ୍ଗାରୁଜା କରିବା ସହ ଦୁଇଟି ବାଇକ୍ ଭାଙ୍ଗି ଦେଇଛନ୍ତି । ଗ୍ରାଇଣ୍ଡର ଓ ସୁନା ଚେନ ନେଇଯାଇଛନ୍ତି । ଘରୁ ବାହାରିଲେ ହାଣିଦେବୁ ବୋଲି ଧମକ ଦିଆଯାଇଛି । ଦୁର୍ବୃତ୍ତମାନେ ବର୍ତ୍ତମାନ ଦଳିତ ସାହି ଚାରିପାଖରେ ବାଇକ୍ ଧରି ଘୂରି ବୁଲୁଛନ୍ତି । ତେଣୁ ଲୋକମାନେ ଭୟରେ ଘରୁ ବାହାରି ପାରୁନାହାନ୍ତି । ଗାଁରେ ତୁରନ୍ତ ପୁଲିସ ସୁରକ୍ଷା ଦିଆ ନ ଗଲେ ଯେକୌଣସି ସମୟରେ ସାହିକୁ ଜାଳିଦେବା କିମ୍ବା ପୁନର୍ବାର ବଡ଼ ଆକ୍ରମଣ ହେବା ଆଶଙ୍କା ରହିଛି ।

ଏପଟେ ଘଟଣାକୁ ନେଇ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ମହାସଂଘ ଅଧ୍ୟକ୍ଷ ମନୋରଞ୍ଜନ ଜେନା, ଆମ୍ବେଦକର ସେବକ ସଂଘ ରାଜ୍ୟ ମହିଳା ସଭାନେତ୍ରୀ ସୁପ୍ରଭା ମଲ୍ଲିକ, ଦଳିତ ଅଧିକାର ମଞ୍ଚ ସଭାପତି ସୁଶାନ୍ତ ମଲ୍ଲିକ, ସମାଜସେବୀ ଚନ୍ଦନ କାତ୍ର ଏବଂ ସମିତି ସଭାପତି ଅଭିମନ୍ୟୁ ମଲ୍ଲିକ ଏହି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରିଛନ୍ତି । ପୂର୍ବରୁ ନିହଲପ୍ରସାଦ ଥାନାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଅନେକ ଅଭିଯୁକ୍ତ ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି । ନୂତନ ଏତଲାକୁ ତୁରନ୍ତ ପଞ୍ଜୀକରଣ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା, ଏସସି-ଏସଟି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା, ପୀଡ଼ିତ ପରିବାରଙ୍କୁ ସୁରକ୍ଷା ଓ କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି । ତୁରନ୍ତ ପଦକ୍ଷେପ ନିଆ ନ ଗଲେ ରାଜ୍ୟବ୍ୟାପୀ ଆନ୍ଦୋଳନ, ଏସ୍‌ପି କାର୍ଯ୍ୟାଳୟ ଘେରଉ ଏବଂ ବିଭିନ୍ନ ଗଣତାନ୍ତ୍ରିକ ପ୍ରତିବାଦ ଆରମ୍ଭ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି । ଏନେଇ ସବର୍ଣ୍ଣ ସମ୍ପ୍ରଦାୟ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ ।

## ବିବାହ ବେଦିକୁ ଆଗମନ କଲେ ବାବା ସ୍ୱପ୍ନେଶ୍ୱର

ଗଁଦିଆ,୧୯ ।୬(ସମିସ): ଗଁଦିଆ ବ୍ଲକ ବଣିଆପଡ଼ାସ୍ଥିତ ବାବା ସ୍ୱପ୍ନେଶ୍ୱର ମନ୍ଦିରରେ ଶୀତଳଷଷ୍ଠୀ ଅବସରରେ ବାବାଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି । ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱରଜୀଉ ଆଞ୍ଚଳିକ ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଭକ୍ତ ସାମିଲ ହୋଇଥିଲେ । ଗୁରୁବାର ଅପରାହ୍ନରେ ମନ୍ଦିରରୁ ବ୍ରାହ୍ମଣଙ୍କ ଦ୍ୱାରା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ସୁସଜିତ ପାଲିଙ୍କିରେ ଠାକୁରଙ୍କୁ ରଖାଯାଇଥିଲା । ପ୍ରଥମେ ବଣିଆପଡ଼ା ଗ୍ରାମ ପରିକ୍ରମା କରାଯିବା ପରେ ଗଁଦିଆ ଗ୍ରାମ ପରିକ୍ରମା କରି ପାଟଣା ଗ୍ରାମରେ ଥିବା ଗିରିଧାରୀ ଆଶ୍ରମକୁ ଅଣାଯାଇଥିଲା । ସେଠାରେ ସ୍ୱପ୍ନେଶ୍ୱର ଓ ମା' ପାର୍ବତୀଙ୍କର ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବରପିତା ଅଜିତ କୁମାର ରାଉତ ଓ ତାଙ୍କ ପତ୍ନୀ ସୌଜ୍ୟାରାଣୀ ରାଉତ, କନ୍ୟାପିତା ଅମ୍ବୁଜ କୁମାର ସାହୁ ଓ ତାଙ୍କ ପତ୍ନୀ ମମତା ସାହୁ ଦାୟିତ୍ୱ ତୁଲାଉଛନ୍ତି ।



## ଦୌଡ଼େଶ୍ୱର ମହାଦେବଙ୍କ ବିବାହ ଉତ୍ସବ

ଗଁଦିଆ,୧୯ ।୬(ସମିସ): ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ କରମୂଳ ଗ୍ରାମ ପଞ୍ଚାୟତ ଅଧୀନ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ପ୍ରାଚୀନ ଦୌଡେଶ୍ୱର ଶୈବ କ୍ଷେତ୍ରରେ ୧୯ ତମ ଶିବ ପାର୍ବତୀ ବିବାହ ମହୋତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଓଁକାର ବାବା ଭକ୍ତ କମିଟିର ସମସ୍ତ ସଦସ୍ୟ ମାନଙ୍କ ସହଯୋଗରେ ଶିବ ଓ ପାର୍ବତୀଙ୍କ ପିତାଙ୍କ ପ୍ରତିନିଧି ସ୍ୱରୂପ ଆଦୈତ ଚରଣ ନାୟକ ଓ ଅଶ୍ୱିନୀ ମହାପାତ୍ର କାର୍ଯ୍ୟ ଭାର ଗ୍ରହଣ କରି କନ୍ୟା ଦାନ କରୁଥିଲେ । ପଣ୍ଡିତ ଅର୍ଜୁନ କୁମାର ପଣ୍ଡା, ପଣ୍ଡିତ ଶ୍ରୀକାନ୍ତ କୁମାର ପଣ୍ଡା ଓ ପୂଜକ ଅଜୟ କୁମାର ପାଣିଗ୍ରାହୀ ମନ୍ତ୍ର ପାଠ ସହିତ ବିବାହ କାର୍ଯ୍ୟ ସମ୍ପନ୍ନ କରୁଥିଲେ । ପ୍ରାୟ ୬୦୦ ଭକ୍ତ ପ୍ରାସାଦ ସେବନ କରୁଥିଲେ । ଗୁରୁ ମହାରାଜ ରମେଶ ଚନ୍ଦ୍ରଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରା ବାହାରି ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ଦୌଡେଶ୍ୱର ପରିଚାଳନା କମିଟିର ସଦସ୍ୟା ଅନ୍ତର୍ଯ୍ୟାମୀ ମଲ୍ଲିକ ପୂର୍ଣ୍ଣ ସହଯୋଗ କରିଥିଲେ ।

## ଶୈବପୀଠ କପିଳାସରେ ଶୀତଳଷଷ୍ଠୀ

ଗଁଦିଆ,୧୯ ।୬(ସମିସ): ପ୍ରସିଦ୍ଧ ଶୈବପୀଠ କପିଳାସରେ ମହାପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଙ୍କ ବିବାହ ଉତ୍ସବ ଓ ଶୀଳତଷଷ୍ଠୀ ପାଳିତ ହୋଇଛି । ବିଧି ଅନୁଯାୟୀ ପ୍ରଭୁ ଚନ୍ଦ୍ରଶେଖର ଓ ମା' ପାର୍ବତୀଙ୍କ ଦିଅଁମଙ୍ଗୁଳା ହୋଇଥିଲା । ପରେ ସେମାନଙ୍କୁ ଦେଓଗାଁ ବଳଦେବଜୀଉଙ୍କ ମନ୍ଦିରକୁ ନିଆଯାଇଥିଲା । ସେଠାରେ ଠାକୁରଙ୍କ ବଡ଼ସିଂହାର ବେଶ ସହିତ ରାତି ଧୂପ ଅନୁଷ୍ଠି ଷ୍ଠିତ ହୋଇଥିଲା । ଗୁରୁବାର ସକାଳେ ମଙ୍ଗଳଆଳତି, ବଲ୍ଲଭ, ଖେଚୁଡି ଭୋଗ ଭୋଗ ଓ ଦି ପହରେ ମଧ୍ୟାହ୍ନ ଭୋଗ ହୋଇ ହାଇଥିଲା । ଅପରାହ୍ନ ୫ଟା ଠାକୁରଙ୍କୁ ବରବେଶରେ ସଜ୍ଜିତ କରାଯା ରାଯାଇଥିଲା । ଏହାପରେ ବର ଯାତ୍ରୀଙ୍କ ଗହଣରେ ଠାକୁର ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳରେ ବୁଲି ମନ୍ଦିରକୁ ଆସିଥିଲେ । ମା' ପାର୍ବତୀଙ୍କ ସହ ବିଧିବିଧାନ ଅନୁଯାୟୀ ବିବାହ ସମ୍ପନ୍ନ ହୋଇଥିଲା । ପୁରୋଧା ଗଡେଶ୍ୱର ମିଶ୍ର ବିବାହ କରାଇଥିଲେ । ବରପିତା ରମେଶ ପତି ଓ ଗୁରୁ ଚରଣ ମହାପାତ୍ର କନ୍ୟାପିତା ଭାବେ ଏଥିରେ ଦାୟିତ୍ୱ ତୁଲାଇଥିଲେ । ଦେଓଗାଁ ଠାରେ ବିଜେ ପ୍ରତିମା ଚତୁର୍ଥୀ, ଅଷ୍ଟମଙ୍ଗୁଳି ନୀତି ସମ୍ପର୍ନ୍ନହେବାପରେ ହାର ପାର୍ବତୀ କପିଳାସ ପୀଠକୁ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ରହିଛି । ଦେବୋତର ନିର୍ବାହୀ ଅଧିକାରୀ ତଥା ଉପ ଜିଲ୍ଲାପାଳ ପଦ୍ମଚରଣ ସାହୁ, ଦେବୋତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ଓ ବସନ୍ତ ରଥ, ଜମାଦାର ଗୋପନାଥ ପଣ୍ଡା ଓ କର୍ମଚାରୀ ମାନେ ନୀତିକାନ୍ତି ତଦାରଖ କରୁଥିବାବେଳ ସେବାସୀ ମହାସଂଘର କର୍ମକର୍ତା ପରିଚାଳନାରେ ସହଯୋଗ କରିଥିଲେ ।



# ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ




ଢେଙ୍କାନାଳ,୧୯ ।୬(ସମିସ): ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ସମ୍ମିଳନୀ ହଲ୍‌ରେ ସାମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ରାଜ୍ୟ ପର୍ଯ୍ୟବେକ୍ଷକ ପ୍ରାଚୀ ପ୍ରତ୍ୟୁଷ ରାଉତ ଯୋଗଦେଇ ଜିଲ୍ଲାରେ ବନ୍ୟାବାତ୍ୟା ଭଳି ପରିସ୍ଥିତି ମୁକାବିଲା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇଥିଲେ । ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସମନ୍ୱୟ ରକ୍ଷାକରି ସର୍ବଦା ସତର୍କ ଓ ପ୍ରସ୍ତୁତ ରହି ତତ୍କାଳ ସହାୟତା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ । ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବନ୍ୟା ଆଶଙ୍କା ଥିବା ଅଞ୍ଚଳ ଓ ବହୁମୂଖୀ ଆଶ୍ରୟସ୍ଥଳରେ ଅତ୍ୟାବଶ୍ୟକ ଔଷଧ, ସାପ କାମୁଡ଼ା ଇଞ୍ଜେକ୍ସନ, ମୋବାଇଲ ସ୍ୱାସ୍ଥ୍ୟ ସେବା ସୁବିଧା ଓ ମେଡ଼ିକାଲ ରିଲିଫ୍ ସେଣ୍ଟରର କାର୍ଯ୍ୟକାରିତା, ଶିଶୁ, ଗର୍ଭବତୀ ମହିଳା, ବୃଦ୍ଧବୃଦ୍ଧା ଓ ଶାରିରୀକ ବିକଳାଙ୍ଗଙ୍କ ପାଇଁ ଆବଶ୍ୟକ ସେବା, ଆବଶ୍ୟକ ସ୍ଥଳେ ଲୋକଙ୍କୁ ସ୍ଥାନାନ୍ତର କରାଇବା, ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ନିୟମିତ ପାନୀୟ ଜଳ ଯୋଗାଣ, ଆବଶ୍ୟକ ସ୍ଥଳେ ଟ୍ୟାଙ୍କର ଓ ସିନ୍‌ଟେକ୍ସ ଦ୍ୱାରା ପାଣି ଯୋଗାଣ, ଲୋକଙ୍କୁ ଆବଶ୍ୟକ ପଲିଥିନ ଯୋଗାଣ, ସ୍ଥାନୀୟ ସ୍ୱେଚ୍ଛା ସେବୀଙ୍କ ଦ୍ୱାରା ଲୋକଙ୍କୁ ସଚେତନ କରିବା ଓ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବା, ଅଗ୍ନିଶମ ଏବଂ ଓଡ୍ରାଫ ଦ୍ୱାରା ରାସ୍ତା ଅବରୋଧକୁ ହଟାଇବା, ତଳ ସ୍ତର ପର୍ଯ୍ୟନ୍ତ ବର୍ଷା, ବାତ୍ୟାର ପୂର୍ବ ସୂଚନା ପହଞ୍ଚାଇ ସମସ୍ତଙ୍କୁ ସତର୍କ ରହିବାକୁ ପରାମର୍ଶ ଦେବା, ଶୁଖିଲାଖାଦ୍ୟ, ପେଟ୍ରୋଲିୟମ ପଦାର୍ଥ ମହଜୁଦ୍ ରଖାଯିବା, ଗୃହ ପାଳିତ ପଶୁ ପକ୍ଷୀଙ୍କ ପାଇଁ ଔଷଧାଦିର ବ୍ୟବସ୍ଥା, ବିଦ୍ୟୁତ୍ ସରବରାହକୁ ଯଥା ଶୀଘ୍ର ନିୟମିତ କରିବା, ପୁଲିସ ପ୍ରଶାସନର ଭୂମିକା ଆଦି ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମ୍ପୃକ୍ତ ବିଭାଗ ସମନ୍ୱୟ ରକ୍ଷା କରି ପ୍ରସ୍ତୁତ ରହିବା ଦ୍ୱାରା ଆମର ଧନ ଜୀବନ କ୍ଷତିକୁ ରୋକା ଯାଇ ପାରିବ ବୋଲି ଆପାତକାଳୀନ ଅଧିକାରୀ ସୁଦୀପ୍ତ କୁମାର ସାହୁ ପ୍ରକାଶ କରିଛନ୍ତି । ତେବେ ଶୁକ୍ରବାର ଦିନ ବିଭିନ୍ନ ବହୁମୂଖୀ ଆଶ୍ରୟ ସ୍ଥଳରେ ଉଦ୍ଧାର କାର୍ଯ୍ୟର ପ୍ରସ୍ତୁତିର ମକ୍ ଡ୍ରିଲ ଆୟୋଜନ ହେବ ବୋଲି ସେ ସୂଚନା ଦେଇଛନ୍ତି । ଏହି ବୈଠକରେ ଡେପୁଟୀ କଲେକ୍ଟର ପ୍ରିସିୟସ୍ ପ୍ରଧାନ, ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଡ଼ିପିଓ ସଚିଦାନନ୍ଦ ପତି ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ ।

- ବୋମା ଭିଡୁଥିବାବେଳେ ବିସ୍ଫୋରଣ

## ଯୁବକଙ୍କ ଦୁଇ ପାପୁଲି ଛିଣ୍ଡିଗଲା

ପରଜଙ୍ଗ,୧୯ ।୬(ସମିସ): ପରଜଙ୍ଗ ଥାନା କନ୍ଦରସିଂହା ଗ୍ରାମରେ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ଘଟି ଜଣେ ଯୁବକଙ୍କ ଦୁଇ ହାତର ପାପୁଲି ଛିଣ୍ଡିଯାଇଛି । ନିକଟରେ ଥିବା ଅନ୍ୟ ଦୁଇ ଜଣ ମଧ୍ୟ ଏହି ବିସ୍ଫୋରଣରେ ଆହତ ହୋଇଛନ୍ତି । ଗଣ୍ଡତୈଲା ଅନୁସୂଚିତ ସାହିର ବୀରେନ୍ଦ୍ର ନାଏକ ଓ ଦୁଇ ସହଯୋଗୀ କନ୍ଦରସିଂହା ଗ୍ରାମରେ ବୋମା ଭିଡୁଥିବା ବେଳେ ହଠାତ୍ ବିସ୍ଫୋରଣ ଘଟିଥିଲା । ବୀରେନ୍ଦ୍ରଙ୍କ ଦୁଇଟିଯାକ ହାତ ପାପୁଲି ଛିଣ୍ଡିଯିବାରୁ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ସେହିପରି ତାଙ୍କର ଦୁଇ ସହଯୋଗୀ ଭୟରେ ଚିକିତ୍ସାଳୟ ଆସିବା ପରିବର୍ତ୍ତେ କେଉଁଆଡ଼େ ଚାଲିଯାଇଥିବା ଜଣାପଡ଼ିଛି । ବନ୍ୟଜନ୍ତୁ ଶିକାର ପାଇଁ ବୋମା ଭିଡୁଥିବା ଅନୁମାନ କରାଯାଉଛି । ଡିହତୋଳସେକ୍ସନବନପାଳତଦନ୍ତଜାରିରଖିଛନ୍ତି ।

## ହିନ୍ଦୋଳରେ ସରକାରଙ୍କ ବିକାଶର ଧାରା ସଚେତନତା

ଖଜୁରିଆକଟା,୧୯ ।୬(ସମିସ): ହିନ୍ଦୋଳ ବ୍ଲକ ପରିସରରେ ରାଜ୍ୟ ସରକାରଙ୍କ ବିକାଶର ଧାରା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ହିନ୍ଦୋଳ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ କଲ୍ୟାଣସୌରଭ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେପି ସରକାରଙ୍କ ବିକାଶମୂଳକ ଦୁଇବର୍ଷର କାର୍ଯ୍ୟକ୍ରମ ବର୍ଣ୍ଣନା କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରି ହେଉଥିବା ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ବିଧାୟିକା, ବିଡ଼ିଓ ଅବଗତ କରାଇଥିଲେ । କିଛି ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା, ବାର୍ଦ୍ଧକ୍ୟଭତା, ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ଫୋନ ଇତ୍ୟାଦି ବଣ୍ଟନ କରାଯାଇଥିଲା ଅତିଥିମାନଙ୍କ ଦ୍ୱାରା । କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ, ଏବିଡ଼ିଓ, ସରପଞ୍ଚ, ସମିତିସଭ୍ୟ, ମିଶନଶକ୍ତି ମହିଳା, ଅଙ୍ଗନବାଡି କର୍ମୀ ଆଶାକର୍ମୀ ମାନେ ଯୋଗ ଦେଇଥିଲେ । ତେବେ ଏହି ବିକାଶଧାରା ସଚେତନତା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷାଙ୍କୁ ଗୁରୁତ୍ୱ ନଦେବାରୁ ଯୋଗନଦେବା, ବିନା ପ୍ରସ୍ତୁତି ବୈଠକରେ କାର୍ଯ୍ୟକ୍ରମ, ସ୍ଥାନୀୟ କୌଣସି ବିଜେପି କାର୍ଯ୍ୟକର୍ତା, କର୍ମୀ, ନିର୍ବାଚିତ ପ୍ରତିନିଧି ଯୋଗଦାନ ନକରିବା, ଉହଡହ ଖରାରେ ମହିଳାମାନଙ୍କୁ ଧାଡିରେ ଛିଡାକରି ଖାଇବାକୁ ଦିଆଯିବା ଇତ୍ୟାଦି ଅବ୍ୟବସ୍ଥା ହିନ୍ଦୋଳରେ ଆଲୋଚନା ଓ ଅସନ୍ତୋଷର ବିଷୟବସ୍ତୁ ପାଲଟିଥିବା ଦେଖିବାକୁ ମିଳିଛି । ଏବିଡ଼ିଓ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



- ସଡ଼କ ସୁରକ୍ଷା କମିଟି ବୈଠକ

## ଆଲୋକୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ

ଢେଙ୍କାନାଳ,୧୯ ।୬(ସମିସ): ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାର ଅଧିକ ଦୁର୍ଘଟଣାପ୍ରବଣ ସ୍ଥାନ ଓ କଲେଜ ସମ୍ମୁଖ ରାସ୍ତାରେ ସାଇନେଜ ତଥା ବାରିକେଡିଂ ବ୍ୟବସ୍ଥା କରିବା ସହିତ ନିୟମିତ ଚେକିଂ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ୫୫ନଂ ଜାତୀୟ ରାଜପଥ ନକଟସ୍ଥିତ ନବଭାରତ କାରଖାନା ୦ ।ରେ ବର୍ଷାପାଣି ଜମୁଥିବାରୁ ଏହାର ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସ୍ଥାନୀୟ କଲେଜ ବାଇପାସରୁ କୋରିଆଁ ଛକ ପର୍ଯ୍ୟନ୍ତ ରାସ୍ତାର ଆଲୋକୀକରଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନୂତନ ମଞ୍ଜୁର ପ୍ରାପ୍ତ ହେଲେ ଆଲୋକୀକରଣ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି । କ୍ରେନ୍, ଆମ୍ବୁଲାନ୍ସ ଆଦି ସମ୍ପର୍କରେ ସୂଚନା ପାଇଁ ଆସନ୍ତା ସୋମବାର ସୁଦ୍ଧା ରାଜପଥରେ କ୍ୟୁଆର୍ କୋଡ୍ କାର୍ଯ୍ୟକ୍ଷମ ହେବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଅବୈଧ ଭାବେ ନିର୍ମିତ ସମସ୍ତ ହମ୍ପସଗୁଡ଼ିକୁ ରାସ୍ତାରୁ ହଟାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

**ମେ ମାସରେ ୩୨ ଦୁର୍ଘଟଣା ଘଟି ୩୩ ଆହତ, ୧୪ ମୃତ**

ଗତ ମେ ମାସରେ ୩୨ଟି ଦୁର୍ଘଟଣା ଘଟି ମୋଟ ୩୩ ଜଣ ଆହତ ହୋଇଥିବା ବେଳେ ୧୪ ଜଣଙ୍କ ମୃତ୍ୟୁ ଘଟିଛି । ମେ ମାସରେ ଯାଞ୍ଚ କରାଯାଇ ୧୦୬ ମଦ୍ୟପ ଗାଡ଼ି ଚାଳକ, ୨ ଚକିଆ ଯାନରେ ୩ ଜଣ ଯାଉଥିବା ୧୨୧ ଯାନ, ୩୮ ୭ ଜଣ ମୋବାଇଲ ବ୍ୟବହାରକାରୀ, ୨୫୪ ବିନା ସିଟବେଲ୍ଟ ଗାଡ଼ି ଚାଳକ ଏବଂ ୧୨୫୨ ଜଣ ବିନା ହେଲମେଟ ଗାଡ଼ି ଚାଳକଙ୍କୁ ଜରିମାନ କରାଯାଇଛି । ଏଥିସହ ୧୯୪୬ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ ପ୍ରକାଶ କରିଛନ୍ତି । ଏହି ଅବସରରେ ଦୁର୍ଘଟଣାଗ୍ରସ୍ତମାନଙ୍କୁ ଉଦ୍ଧାର କରିଥିବା ୪ ଜଣ ଗୁଡ୍ ସମରିଟାନଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଛନ୍ତି । ସେମାନେ ହେଲେ ଢେଙ୍କାନାଳର ଜଗବନ୍ଧୁ ସାହୁ, ମେରାମଣ୍ଡଳୀର ମହେଶ ଚନ୍ଦ୍ର ନାୟକ, ମୋଟଙ୍ଗାର ସୌମ୍ୟରଞ୍ଜନ ଧୀର ଓ ବାପି ରାଉତ । ପ୍ରାରମ୍ଭରେ ରାସ୍ତା ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ ଜାତୀୟ ରାଜପଥରେ ହେଉଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ବୈଠକରେ ଆଇଏଏସ୍ ପ୍ରୋବେସନର ସୁଧା ଚୌହାନ, ଏମ୍‌ଭିଆଇ ପଦ୍ମଜା ମହାନ୍ତି, ଜୁନିୟର ଏମ୍‌ଭିଆଇ ସୁନିତା ପଣ୍ଡା, ଏଆର୍‌ଟିଓ ସାର୍ଥକ ଦଣ୍ଡଙ୍କ ସମେତ କମିଟି ସମସ୍ତ ସଭ୍ୟ ଓ ସମ୍ପୃକ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ଶ୍ରୀ ଲୋକନାଥଙ୍କ ଶୁଭପରିଣୟ

ଢେଙ୍କାନାଳ,୧୯ ।୬(ସମିସ): ସ୍ଥାନୀୟ ୮ ନଂ ୱାର୍ଡ ଅନ୍ତର୍ଗତ ମହିଷାପାଟସ୍ଥିତ ଶ୍ରୀ ଲୋକନାଥ ମନ୍ଦିର ପରିସରରେ ଶ୍ରୀ ଲୋକନାଥଙ୍କ ଦେବ ବିବାହ ଉତ୍ସବ ମହାସମାରୋହରେ ସମ୍ପନ୍ନ ହୋଇଯାଇଛି । ବରପକ୍ଷ ପିତା ଶରତ ଚନ୍ଦ୍ର ଦାସ ଓ କନ୍ୟାପକ୍ଷ ପିତା ହୃଷିକେଶ ବାରିକଙ୍କ ଉପସ୍ଥିତିରେ ବୈଦିକ ରୀତିନୀତି ଅନୁଯାୟୀ ଏହି ପବିତ୍ର ଦେବ ବିବାହ ସମ୍ପନ୍ନ ହୋଇଥିଲା ।

ପୂର୍ବରୁ ନିର୍ବନ୍ଧ ଉତ୍ସବ ସମ୍ପନ୍ନ ହୋଇଥିବାବେଳେ ଜୁନ୍ ୧୮ ତାରିଖରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପୁରୋହିତ ସୁଧାଂଶୁ ଶତପଥୀ ବୈଦିକ ମନ୍ତ୍ରଉଚାରଣ ମାଧ୍ୟମରେ ବିବାହ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ପୂଜକ ସଞ୍ଜୟ ନନ୍ଦ ଓ ପ୍ରସାଦ ଦାଶ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ । ହାତଗଣ୍ଠି, ମାଳା ବଦଳ, ଲାଜାହୋମ ସମେତ ବିଭିନ୍ନ ପାରମ୍ପରିକ ରୀତିନୀତି ମଧ୍ୟରେ ଦେବଦମ୍ପତିଙ୍କ ପବିତ୍ର ପରିଣୟ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ମନ୍ଦିର ପରିଚାଳନା କମିଟିର ସଭାପତି ନବ କିଶୋର ମିଶ୍ର, ସମ୍ପାଦକ ନୀଳମଣି କର, ଦୀପୁ ସାମନ୍ତ, ବସନ୍ତ ସାହୁ, ଦୁଃଶାସନ ନାୟକ, କୋଷାଧ୍ୟକ୍ଷ ପୀତବାସ ନନ୍ଦ, କୈଳାଶ ଚନ୍ଦ୍ର ବେହେରା, ହିମାଂଶୁ କୁମାର ପରିଜା, ଧୀରେନ୍ଦ୍ର ସାମନ୍ତ, ପାଣ୍ଡବ ଭୋଇ ଓ ସଞ୍ଜୟ ସ୍ୱାଇଁ ଅରବିନ୍ଦ ବଜାର ପୂଜା କମିଟିର ସଭାପତି ଶିଶିର ଶତପଥୀ, ଉପସଭାପତି ବିଜୟ ନାୟକ, ସମ୍ପାଦକ ପ୍ରଭାକର ନାୟକ ପ୍ରମୁଖ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଦେବ ବିବାହକୁ ନେଇ ମନ୍ଦିର ପରିସରରେ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଉପସ୍ଥିତ ରହି ଦେବଦମ୍ପତିଙ୍କ ଆଶୀର୍ବାଦ ଲାଭ କରିଥିଲେ । ଶେଷରେ ପ୍ରସାଦ ସେବନ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା ।

# ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନରେ ବେଆଇନ ନିର୍ମାଣ

ଢେଙ୍କାନାଳ,୧୯ ।୬(ସମିସ)



**ସ୍ଥାନୀୟ ବାସିନ୍ଦାଙ୍କ ତୀବ୍ର ବିରୋଧ**

ସ୍ଥାନୀୟ ୩ନଂ ୱାର୍ଡ କୁଞ୍ଜକାନ୍ତସ୍ଥିତ ନିର୍ମାଣାଧୀନ ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନ ପରିସରରେ ରାତିଅଧିଆ ବେଆଇନ ରାସ୍ତା ନିର୍ମାଣ ଉଦ୍ୟମକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି । ଶିଶୁ ଉଦ୍ୟାନ ପାଚେରି କଡ଼କୁ ଲାଗି ୨ଜଣ ବ୍ୟକ୍ତିଙ୍କ ଜମି ଓ ଆଉ ଦୁଇଗୁଣ୍ଠ ସରକାରୀ ଜମି ରହିଛି । ସରକାରୀ ଜମିକୁ ନିଜ ଅକ୍ତିଆରକୁ ନେଇ ଓ ନିଜ ଜମିରେ ମିଶାଇ ଚଢ଼ାଦରରେ ବିକ୍ରି କରିବା କିମ୍ବା ଆପାର୍ଟମେଣ୍ଟ ନିର୍ମାଣ କରି ବହୁମୂଲ୍ୟରେ ବିକ୍ରି କରି ରାତିଅଧିଆ କୋଟିପତି ହେବାକୁ ମାଫିଆମାନେ ଯୋଜନା କରିଛନ୍ତି । ସେମାନଙ୍କର ଅନ୍ୟ ତିନି ପାର୍ଶ୍ୱରେ ରାସ୍ତା ଥିଲେ ମଧ୍ୟ ନିର୍ମାଣାଧୀନ ପାର୍କ ମଧ୍ୟ ଦେଇ ଜବରଦସ୍ତି ବେଆଇନ ଭାବେ ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି । କୁଞ୍ଜକାନ୍ତ ମଧୁବନ ଅଞ୍ଚଳର ହଜାର ହଜାର ଲୋକ ଏହାକୁ ଘୋର ବିରୋଧ କରିଛନ୍ତି ।

ଗୁରୁବାର ରାତି ପ୍ରାୟ ୩ଟାରେ ୩ଟି ଟ୍ରାକ୍ଟରରେ ପ୍ରାୟ ୨୦ ଟ୍ରିପ ଚୋରା ମୋରମ ପାର୍କରେ ପକାଯାଉଥିଲା । ଟ୍ରାକ୍ଟର ଚଳପ୍ରଚଳ ଶବ୍ଦ ଶୁଣି ସ୍ଥାନୀୟ ବାସିନ୍ଦା ପୁଲିସକୁ ଖବର ଦେଇଥିଲେ । ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ମାଲିକ ପ୍ରଦୀପ ଖଟୁଆଙ୍କୁ ଡାକି ତାଗିଦ କରିଥିଲା । ପାର୍କ ଭିତରେ ମାଟି ମୋରମ ନ ପକାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏ ସମ୍ପର୍କରେ ସକାଳେ ଅଞ୍ଚଳବାସୀ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଓ ସମାଜସେବୀ ରାମଚନ୍ଦ୍ର ପାତ୍ରଙ୍କୁ ଅବଗତ କରିଥିଲେ । ସେମାନଙ୍କ ତାଗିଦ ପରେ ଅବୈଧ ରାସ୍ତା ନିର୍ମାଣ କରୁଥିବା ବ୍ୟକ୍ତି ପାର୍କ ଭିତରୁ ସମସ୍ତ ମୋରମ ମାଟି ଉଠାଇ ନେଇଥିଲେ । ପାର୍କ ଭିତର ଦେଇ ବେଆଇନ ରାସ୍ତା ନ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏ ନେଇ ସମାଜସେବୀ ପାତ୍ର କହିଛନ୍ତି, କାହାକୁ କୌଣସି ଆଉ ରାସ୍ତା ଦେବାର ପ୍ରଶ୍ନ ଉଠୁନାହିଁ । ଯିଏ ଜବରଦସ୍ତି ଚେଷ୍ଟା କରିବ ସେ ଦଣ୍ଡ ପାଇବ । ପାର୍କ ପାଚେରି ପାଇଁ ଆଉ ୧୩ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଆସିଛି । ଖୁବଶୀଘ୍ର ଅସମ୍ପୂର୍ଣ୍ଣ ଥିବା ୧୫ ଫୁଟ ପାଚେରି ପ୍ରଥମେ ନିର୍ମାଣ କରାଯିବ । ଏହି ପାଚେରି ନ ଥିବାରୁ ଜମିମାଫିଆ ବାରମ୍ବାର ଅବୈଧ ରାସ୍ତା ନିର୍ମାଣର ବୃଥା ଚେଷ୍ଟା କରୁଛନ୍ତି । ଚାରିକଡ଼େ ପାଚେରି ନିର୍ମାଣ ସାରିବା ପରେ ପାର୍କ ଆଉ ମନ୍ଦିର କାମ ହେବ । ରାସ୍ତା ତ ଦୂର କଥା କାହାକୁ ଇଞ୍ଚେ ଜମି ମଧ୍ୟ ଦିଆ ଯିବ ନାହିଁ ବୋଲି ସେ କହିଛନ୍ତି । ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଇଥିବାରୁ ଅଞ୍ଚଳବାସୀ ସମାଜସେବୀ ପାତ୍ର, କାଉନସିଲର ଅଭିମନ୍ୟୁ ପଣ୍ଡା ଓ ଟାଉନ ଥାନା କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି ।